ଧରିତ୍ରୀ 50 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଡିସେମ୍ବର ୧୮/୨୦୨୩ (୮+୮=୧୬ ପୃଷ୍ଠା) Bhubaneswar, Monday, December 18/2023 Page 16 ₹ 7.00

୫୦ଶ ଭାଗ ୨୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 25 ମୂଲ୍ୟ₹୭/-



DSPL-466

OMC | ODISHA NEW OPPORTUNITIES Mining Happiness | 5T | Government of Odisha | ଆମ ଓଡ଼ିଶା ନବୀନ ଓଡ଼ିଶା

ଓଡ଼ିଶାବାସୀଙ୍କ ଖୁସିରେ

# ଓଡ଼ିଶା ଖଣି ନିଗମ



ଓଏମ୍‌ସି ର ବିଭିନ୍ନ ପ୍ରକଳ୍ପ
ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
ଦ୍ୱାରା
ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ

୧୮ ଡିସେମ୍ବର ୨୦୨୩ | ସନ୍ଧ୍ୟା ୫ଟା
କନ୍‌ଭେନ୍‌ସନ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର



୫ଟି ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ




୬ଟି ଆରୋଗ୍ୟ ବାହାନି (ଏମ୍ ଏଚ୍ ୟୁ )



୭ଟି ଗୁଣବତ୍ତା ନିୟନ୍ତ୍ରଣ ପରୀକ୍ଷାଗାର



ଓଏମ୍‌ସି ଟାୱାର, ଭୁବନେଶ୍ୱର

## ଅନ୍ୟାନ୍ୟ ପ୍ରକଳ୍ପ:

| | | | | |
|---|---|---|---|---|
| ୧୦ଟି ନମୁନା ପ୍ରକ୍ରିୟାକରଣ କେନ୍ଦ୍ର | ଡ୍ରିଲ୍ କୋର ଲାଇବ୍ରେରୀ, ଭୁବନେଶ୍ୱର | କ୍ରୋମ୍ ଓର୍ ବିଶୋଧନାଗାର, ସାଉଥ୍ କାଳିଆପାଣି | ସାଙ୍ଗାନ୍ନା ଉଚ୍ଚ ବିଦ୍ୟାଳୟ ଲକ୍ଷ୍ମୀପୁର, କୋରାପୁଟ | ହେଲି-ବର୍ଣ୍ଣ ସର୍ଭେ |

Odisha_mining | OmcOdisha | www.omcltd.in

OIPR-30005/13/0210/2324

# ହିନ୍ଦୁମାନେ ହଲାଲ ମାଂସ ଛାଡ଼ିଦିଅନ୍ତୁ: କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ



**ବେଗୁସରାଇ,୧୭।୧୨:** ପ୍ରାଣୀ ହତ୍ୟାର ହିନ୍ଦୁ ଉପାୟ ହେଉଛି ଝଟ୍‌କା। ହିନ୍ଦୁମାନେ ଯେତେବେଳେ ବି ବଳି ଦିଅନ୍ତି ସେମାନେ ଗୋଟିଏ ଷ୍ଟ୍ରୋକ୍‌ରେ କରିଥାଆନ୍ତି। ଏପରି ସ୍ଥଳେ ସେମାନେ ହଲାଲ ମାଂସ ଖାଇ ନିଜକୁ ଅପବିତ୍ର କରିବା ଅନୁଚିତ। ହିନ୍ଦୁମାନେ ହଲାଲ ମାଂସ ଛାଡ଼ିଦେବା ଉଚିତ ବୋଲି ରବିବାର କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ ପରାମର୍ଶ ଦେଇଛନ୍ତି। ଗ୍ରାମାଞ୍ଚଳ ବିକାଶ ମନ୍ତ୍ରୀ ଗିରିରାଜ ବିହାରର ନିଜ ସଂସଦୀୟ କ୍ଷେତ୍ର ବେଗୁସରାଇରେ ନିଜ ସମର୍ଥକମାନଙ୍କୁ ସେ ହଲାଲ ମାଂସ ପରିତ୍ୟାଗ କରିବାକୁ ପ୍ରତିଜ୍ଞା କରାଇଛନ୍ତି। ହଲାଲ ମାଂସ ଖାଇ ଧର୍ମ ନଷ୍ଟ କରନ୍ତୁ ନାହିଁ ବୋଲି ସେ କହିଛନ୍ତି। ଏହି ହିନ୍ଦୁବାଦୀ ଭାଜପା ନେତାଙ୍କ ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଛି।

**ସଂସଦ ବିଭ୍ରାଟ: ମୁହଁ ଖୋଲିଲେ ମୋଦି**

# ବିତର୍କ ନୁହେଁ, ତଦନ୍ତ ହେବ

ନୂଆଦିଲ୍ଲୀ,୧୭।୧୨

ଭାରତର ନୂଆ ସଂସଦ ଭବନରେ ହୋଇଥିବା ସୁରକ୍ଷା ବିଭ୍ରାଟକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି। ବିରୋଧୀ ଏନେଇ ପାର୍ଲାମେଣ୍ଟ ଭିତରେ ବିତର୍କ କରାଯାଉ ବୋଲି ଦାବି କରୁଥିବାବେଳେ ମୋଦି ଏହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହା ଉପରେ ବିତର୍କ ନୁହେଁ, ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀ ନିଜ ଦଳର ଏମ୍‌ପିଙ୍କୁ ଘଣ୍ଟ ଘୋଡ଼ାଇବା ପାଇଁ ବିତର୍କରୁ ପଳାୟନ କରୁଛନ୍ତି ବୋଲି ବିରୋଧୀ କଂଗ୍ରେସ ସମାଲୋଚନା କରିଛି।

ଏକ ହିନ୍ଦୀ ଖବରକାଗଜରେ ରବିବାର ପ୍ରକାଶିତ ସାକ୍ଷାତ୍‌କାରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ବୁଧବାର ଯାହା ଘଟିଲା, ତାହା ଅତ୍ୟନ୍ତ ଗମ୍ଭୀର। ଏହି ପ୍ରସଙ୍ଗରେ ବିତର୍କ ଅନାବଶ୍ୟକ। ଏନେଇ ଏକ ବିସ୍ତୃତ ତଦନ୍ତ କରାଯିବ। ତଦନ୍ତକାରୀ ସଂସ୍ଥାଗୁଡ଼ିକ ଏହା ଉପରେ ତନାଘନା ଚଳାଇବା ସହ କଡ଼ା କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ଏହି ଯନ୍ତ୍ରଣାଦାୟକ ବିଭ୍ରାଟ ପଛରେ ଥିବା ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ଉଦ୍ଦେଶ୍ୟ ଜାଣିବା ମଧ୍ୟ ସମାନ ଭାବେ ଜରୁରୀ। ଏପରି ପ୍ରସଙ୍ଗକୁ ନେଇ ବିବାଦ



ସୃଷ୍ଟି କରିବାରୁ ସମସ୍ତେ କ୍ଷାନ୍ତ ରହିବା ଉଚିତ। ପାର୍ଲାମେଣ୍ଟରେ ଘଟିଥିବା ଘଟଣାକୁ ନ୍ୟୂନ ମନେକରିବା ଉଚିତ ନୁହେଁ। ବାଚସ୍ପତି ମଧ୍ୟ ଗମ୍ଭୀରତା ସହ ସବୁ ପ୍ରକାର ପଦକ୍ଷେପ ନେଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ନେତା ଜୟରାମ ରମେଶ ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ'ରେ ଏକ ପୋଷ୍ଟ କରି ଲେଖିଛନ୍ତି, ଡିସେମ୍ବର ୧୩ରେ ଲୋକ ସଭାରେ ଘଟିଥିବା ଅସ୍ୱାଭାବିକ ଘଟଣା ଉପରେ ଶେଷରେ ପ୍ରଧାନମନ୍ତ୍ରୀ ନୀରବତା ଭଙ୍ଗ କରିଛନ୍ତି। ସେ ବିତର୍କକୁ ଏଡ଼ାଇଦେଇ ତଦନ୍ତ କଥା କହିଛନ୍ତି। କିନ୍ତୁ 'ଇଣ୍ଡିଆ' ବ୍ଲକ୍‌ର ଦଳଗୁଡ଼ିକ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ବିବୃତି ଦାବିରେ ଅଟଳ। ପ୍ରଧାନମନ୍ତ୍ରୀ ବିତର୍କରୁ ପଳାୟନ କରିବା ପଛର କାରଣ ମଧ୍ୟ ସ୍ପଷ୍ଟ। ବିତର୍କ ହେଲେ ଅନୁପ୍ରବେଶକାରୀମାନଙ୍କୁ ସଂସଦରେ ପହଞ୍ଚିବାକୁ ଦେଇଥିବା ମହୀଶୂର ଆସନର ଭାଜପା ଏମ୍‌ପି ପ୍ରତାପ ସିମ୍ହାଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିବ, ଯାହାକି ମୋଦି ଚାହୁଁ ନାହାନ୍ତି। ପ୍ରକାଶ ଯେ, ସଂସଦ ଶୀତ ଅଧିବେଶନର ଅଷ୍ଟମ ଦିନ (୨୦୦୧ ଡିସେମ୍ବର ୧୩ ପାର୍ଲାମେଣ୍ଟ ଆକ୍ରମଣର ବର୍ଷ ପୂର୍ତ୍ତି) ଦୁଇଜଣ ବିକ୍ଷୋଭକାରୀ ଲୋକ ସଭା ଭିଜିଟର୍ସ ଗ୍ୟାଲେରିରୁ ଚାମ୍ବରକୁ ଡେଇଁଥିଲେ। ଏମ୍‌ପିମାନଙ୍କ ଡେସ୍କ ଉପରେ ଧାଇଁବା ସହ ଜୋତାରେ ଲୁଚାଇ ନେଇଥିବା କ୍ୟାନ୍‌ରୁ ହଳଦିଆ ଧୂଆଁ ବାହାରକରି ଆତଙ୍କ ସୃଷ୍ଟି କରିଥିଲେ। ସେମାନେ ସ୍ଲୋଗାନ

**ବିତର୍କରୁ ପଳାୟନ କରୁଛନ୍ତି ପ୍ରଧାନମନ୍ତ୍ରୀ: କଂଗ୍ରେସ**

ଦେଇଥିଲେ, ଏକଚ୍ଛତ୍ରବାଦ ଚାଲିବ ନାହିଁ। ଅନ୍ୟପକ୍ଷେ ବାଚସ୍ପତି ଓମ୍ ବିର୍ଲାଙ୍କ ନିର୍ଦ୍ଦେଶକ୍ରମେ ଦିଲ୍ଲୀ ପୋଲିସ ସମେତ ଏକାଧିକ ସୁରକ୍ଷା ଏଜେନ୍ସି ଏହାର ତଦନ୍ତ ଚଳାଇଛନ୍ତି। ବିରୋଧୀ ଦଳଗୁଡ଼ିକ ସୁରକ୍ଷାରେ ତ୍ରୁଟିକୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବିବୃତି ଓ ଇସ୍ତଫା ଦାବି କରୁଛନ୍ତି। ମୋଦି ଓ ଶାହାଙ୍କ ନୀରବତାକୁ ନେଇ ହଟ୍ଟଗୋଳ କରିଥିବା ୧୪ ଏମ୍‌ପିଙ୍କୁ ନିଲମ୍ବନ କରାଯାଇଛି। ଦିଲ୍ଲୀ ପୋଲିସ ସ୍ପେଶାଲ ସେଲ୍ ଅଦ୍ୟାବଧି ମୁଖ୍ୟ ଅଭିଯୁକ୍ତ ଲଳିତ ଝାଙ୍କ ସମେତ ୬ ଜଣଙ୍କୁ ଗିରଫ କରିଛି। ସହଅଭିଯୁକ୍ତମାନଙ୍କ ମୋବାଇଲକୁ ଲଳିତ ଭାଙ୍ଗିଦେଇଥିବାରୁ ସେଗୁଡ଼ିକର ଭଙ୍ଗାରୁଜା ଯନ୍ତ୍ରପାତିକୁ ଜବତ କରାଯାଇଛି। ଗିରଫ ବ୍ୟକ୍ତିମାନେ ଦେଶରେ ବଢ଼ିଚାଲିଥିବା ବେକାରି ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରିବା ପାଇଁ ଗୃହରେ ବିକ୍ଷୋଭ କରିଥିବା ଜେରାବେଳେ କହିଛନ୍ତି। ତେଣୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏହାକୁ ପ୍ରସଙ୍ଗ କରି ମୋଦିଙ୍କୁ ଘେରିବା ପାଇଁ ଉଦ୍ୟମ କରିଛନ୍ତି।

# ତୃତୀୟ ପାଳିରେ ୩ୟ ବୃହତ୍ ଅର୍ଥନୀତି ହେବ ଭାରତ: ପ୍ରଧାନମନ୍ତ୍ରୀ



**ସୁରଟ ଡାଇମଣ୍ଡ ବୋର୍ସ ଉଦ୍‌ଘାଟିତ**

ସୁରଟ,୧୭।୧୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତୃତୀୟ ପାଳି ସରକାର ଅମଳରେ ଭାରତ ୩ୟ ବୃହତ୍ ଅର୍ଥନୀତି ପାଲଟିବ ବୋଲି ରବିବାର ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଗୁଜରାଟର ସୁରଟ ଡାଇମଣ୍ଡ ବୋର୍ସ ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ଏହାକୁ ନୂଆ ଭାରତର ଶକ୍ତି ଓ ଦୃଢ଼ତାର ପ୍ରତୀକ ଭାବେ ଅଭିହିତ କରିଛନ୍ତି। ସୁରଟ ଡାଇମଣ୍ଡ ବୋର୍ସ (ଏସ୍‌ଡିବି) ବିଲ୍ଡିଂ ହେଉଛି ବିଶ୍ୱର ସର୍ବବୃହତ୍ ଅଫିସ କମ୍ପ୍ଲେକ୍ସ। ସୁରଟ ସହର ନିକଟ ଖଜୋଦ୍ ଗ୍ରାମରେ ଅବସ୍ଥିତ ଏହି କମ୍ପ୍ଲେକ୍ସ ୬୭ ଲକ୍ଷ ବର୍ଗଫୁଟ୍ ଅଞ୍ଚଳରେ ବିସ୍ତୃତ। ପ୍ରଧାନମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିବା ପରେ ସମ୍ବୋଧିତ କରି କହିଛନ୍ତି, ସୁରଟର ଭବ୍ୟତାରେ ଆଉ ଏକ ହୀରା ଯୋଡ଼ିହୋଇଗଲା। ଯେତେବେଳେ ବି କେହି ବିଶ୍ୱର ଡାଇମଣ୍ଡ ବୋର୍ସ ସମ୍ପର୍କରେ କହିବେ ସେ ନିଶ୍ଚିତ ରୂପେ ସୁରଟ ଓ ଭାରତ କଥା ମନେପକାଇବେ। ସୁରଟର ହୀରା ଶିଳ୍ପ ୮ ଲକ୍ଷ ଲୋକଙ୍କୁ ନିଯୁକ୍ତି ଦେଇଛି। ନୂଆ ବୋର୍ସ ଉଦ୍‌ଘାଟନ ପରେ ଏବେ ଆହୁରି ୧.୫ ନିୟୁତ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏସ୍‌ଡିବି ଭାରତୀୟ ଅଳଙ୍କରଣ, ଡିଜାଇନର୍ସ ଓ କନ୍‌ସେପ୍ଟର ସାମର୍ଥ୍ୟକୁ ପ୍ରତିପାଦିତ କରୁଛି। ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ, ଆପଣମାନେ ଜାଣନ୍ତି ଯେ ଭାରତ ଗତ ୧୦ ବର୍ଷ ମଧ୍ୟରେ ବିଶ୍ୱର ୧୦ମ ଅର୍ଥନୀତିରୁ ପଞ୍ଚମ ବୃହତ୍ ଆର୍ଥିକ ଶକ୍ତିରେ ପରିଣତ ହୋଇଛି। ମୋର ତୃତୀୟ ପାଳି ସରକାରରେ ଭାରତ ଶୀର୍ଷ ୩ ଅର୍ଥନୀତି ମଧ୍ୟରେ ସ୍ଥାନିତ ହେବ। ଏହା ହେଉଛି ମୋଦିଙ୍କ ଗ୍ୟାରେଣ୍ଟି। ସେହିପରି ସରକାର ଆଗାମୀ ୨୫ ବର୍ଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଭାରତକୁ ୫-୧୦ ଟ୍ରିଲିୟନ୍ ଅର୍ଥନୀତିରେ ପରିଣତ କରି ରପ୍ତାନୀ କ୍ଷେତ୍ରକୁ ନୂଆ ସଫଳତାରେ ପହଞ୍ଚାଇବା ଦିଗରେ ଆମେ କାର୍ଯ୍ୟ କରୁଛୁ ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି।

# ଜାହାଜ ବୁଡ଼ି ଭାସିଗଲେ ୬୧ ଦେଶାନ୍ତରୀ

କାଏରୋ,୧୭।୧୨

ଭୂମଧ୍ୟସାଗରର ଲିବ୍ୟା ଉପକୂଳରେ ଏକ ଜାହାଜ ବୁଡ଼ିଯିବାରୁ ୬୧ ପ୍ରବାସୀଙ୍କ ମୃତ୍ୟୁ ଘଟିଛି। ଇଣ୍ଟରନ୍ୟାଶନାଲ ଅର୍ଗାନାଇଜେଶନ୍ ଫର୍ ମାଇଗ୍ରେଶନ୍ (ଆଇଓଏମ୍) ପକ୍ଷରୁ ରବିବାର ଏହି ସୂଚନା ଦିଆଯାଇଛି। କେନ୍ଦ୍ରୀୟ ଭୂମଧ୍ୟସାଗର ଏବେ ବି ଦେଶାନ୍ତରୀଙ୍କ ପାଇଁ ବିଶ୍ୱର ଅନ୍ୟତମ ବିପଜ୍ଜନକ ଜଳପଥ ବୋଲି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ ଆଇଓଏମ୍ ପକ୍ଷରୁ ଏକ ପୋଷ୍ଟ କରାଯାଇଛି।

ଏଥିରେ ଉଲ୍ଲେଖ କରାଯାଇଛି ଯେ, ଲିବ୍ୟା ରାଜଧାନୀ ତ୍ରିପୋଲିରୁ ୧୧୦ କି.ମି. ଦୂର ଜ୍ୱାରା ସହରରୁ ୮୬ ଲୋକଙ୍କୁ ନେଇ ଜାହାଜଟି ୟୁରୋପ ଅଭିମୁଖେ ଯାତ୍ରା କରୁଥିଲା। ଏହା ପୂର୍ବରୁ ଗତ ଜୁନ୍‌ରେ ଏକ ମାଛଧରା ବୋଟ୍‌ରେ ଶତାଧିକ ପ୍ରବାସୀ ଲିବ୍ୟାର ତୋବ୍ରୁକ୍‌ରୁ ବୁହାହୋଇ ଇଟାଲୀ ଯାଉଥିବାବେଳେ ଗ୍ରୀସ୍ ନିକଟରେ ବୁଡ଼ିଯାଇଥିଲା। ଏଥିରେ ୭୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୫୧୮ ପ୍ରବାସୀ ନିଖୋଜ ହୋଇଯାଇଥିଲେ।

# ବିସ୍ଫୋରକ ଫ୍ୟାକ୍ଟ୍ରିରେ ବିସ୍ଫୋରଣ: ୯ ମୃତ

ନାଗପୁର,୧୭।୧୨

ମହାରାଷ୍ଟ୍ରର ନାଗପୁରସ୍ଥିତ ଏକ ବିସ୍ଫୋରକ ଫ୍ୟାକ୍ଟ୍ରିରେ ରବିବାର ପୂର୍ବାହ୍ନରେ ବିସ୍ଫୋରଣ ଘଟିଛି। ଏଥିରେ ୯ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଆହତ ହୋଇଛନ୍ତି। ନାଗପୁରରୁ ୪୦ କି.ମି ଦୂର ବାଜାରଗାଓଁ ଅଞ୍ଚଳରେ ଥିବା ସୋଲାର ଇଣ୍ଡଷ୍ଟ୍ରିଜ୍‌ରେ ଡ୍ରୋନ୍ ଏବଂ ସଶସ୍ତ୍ର ବାହିନୀ ପାଇଁ ବିସ୍ଫୋରକ ପ୍ରସ୍ତୁତ କରାଯାଇଥାଏ। ରବିବାର ସକାଳେ ଏହାର କାଷ୍ଟ ବୁଷ୍ଟର ୟୁନିଟ୍‌ରେ ୧୨ ଶ୍ରମିକ ଉତ୍ପାଦଗୁଡ଼ିକୁ ସିଲ୍ କରୁଥିବାବେଳେ ୯ଟାରେ ହଠାତ୍ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ଫ୍ୟାକ୍ଟ୍ରିର କାନ୍ଥଗୁଡ଼ିକ ଭାଙ୍ଗିଯାଇଛି। ଏଥିରେ ୬ ମହିଳାଙ୍କ ସମେତ ୯ ଜଣଙ୍କ ପ୍ରାଣହାନି ଘଟିଛି। ସେମାନେ ହେଲେ ଯୁବରାଜ ଚାରୋଡେ, ଓମେଶ୍ୱର ମାକ୍‌ଚିରେ, ମିତା ଉଇକେ, ଆରତୀ ସାହାରେ, ଶ୍ୱେତାଲି ମାରବଟେ, ପୁଷ୍ପା ମଣପୁରେ, ଭାଗ୍ୟଶ୍ରୀ ଲୋନାରେ, ରୁମିତା ଉଇକେ ଓ ମୌସମ ପାଟଲେ। ସୋଲାର ଇଣ୍ଡଷ୍ଟ୍ରିଜ୍ ବିସ୍ଫୋରଣରେ ମୃତକଙ୍କ ପରିବାରକୁ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ସମବେଦନା ଜଣାଇଛନ୍ତି। ମୃତକମାନଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ନିଷ୍ପତ୍ତି ନେଇଥିବା ଫଡ୍‌ନବିସ୍ ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ଆହତମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ କୋଇଲା ଖଣିଗୁଡ଼ିକରେ ବ୍ଲାଷ୍ଟ ପାଇଁ ଆବଶ୍ୟକ ବିସ୍ଫୋରକ ଏହି ଫ୍ୟାକ୍ଟ୍ରିରେ ପ୍ରସ୍ତୁତ କରାଯାଉଥିଲା ବୋଲି ସୂତ୍ରରୁ ଜଣାପଡ଼ିଛି।

# ୨୧ରେ ସିଡବ୍ଲ୍ୟୁସି ବୈଠକ

**୨୦୨୪ ପାଇଁ ରଣନୀତି ଯୋଜନା**

ନୂଆଦିଲ୍ଲୀ,୧୭।୧୨

୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ହରାଇବା ପାଇଁ ରଣନୀତି ପ୍ରସ୍ତୁତି ଉପରେ ଆଲୋଚନା ଲାଗି କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି)ର ରଣନୀତି ଯୋଜନା ଏହି ବୈଠକରେ କରାଯିବ। ସେହିପରି ଦେଶର ସାମ୍ପ୍ରତିକ ସ୍ଥିତି ଉପରେ ମଧ୍ୟ ଆଲୋଚନା କରାଯିବ ବୋଲି ସୂତ୍ରରୁ ଜଣାପଡ଼ିଛି। ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍‌ର ବୈଠକ ୧୯ରେ ହେବାକୁ ଥିବାବେଳେ ଏହାର ୨ ଦିନ ପରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏଆଇସିସି ମୁଖ୍ୟାଳୟରେ ସିଡବ୍ଲ୍ୟୁସି ବୈଠକ ଡାକିଛନ୍ତି। ଇଣ୍ଡିଆ ବୈଠକରେ ହେବାକୁ ଥିବା ଆସନ ବୁଝାମଣା ସିଡବ୍ଲ୍ୟୁସି ମିଟିଂର ମୁଖ୍ୟ ଏଜେଣ୍ଡା ହେବ।

## ଫୁର୍‌ସତ୍

# ସଂଖ୍ୟାଲଘୁଙ୍କ ସୁରକ୍ଷା ଅପରିହାର୍ଯ୍ୟ

ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ସଦ୍‌ଭାବ ଏବଂ ଭାଇଚାରା ଦ୍ୱାରା ଦେଶର ଏକତା ବୃଦ୍ଧି ହୋଇଥାଏ। ଏହା ଦ୍ୱାରା ଦେଶର ବିକାଶ ଧାରା ଜାରିରହିବା ସହିତ ବହୁବିଧ କ୍ଷେତ୍ରରେ ନାଗରିକଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ପ୍ରତିପାଦିତ ହୋଇପାରିଥାଏ। ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଡିସେମ୍ବର ୧୮ରେ ସଂଖ୍ୟାଲଘୁ ଅଧିକାର ଦିବସ ପାଳନ କରାଯାଇଥାଏ। ବିଶ୍ୱସ୍ତରରେ ବିଭିନ୍ନ ଦେଶରେ ସଂଖ୍ୟାଲଘୁମାନଙ୍କୁ ସୁରକ୍ଷିତ ଭାବେ ବାସକରିବା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ଏହି ଅବସରରେ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥାଏ। ୧୯୯୨ ଡିସେମ୍ବର ୧୮ରେ ମିଳିତ ଜାତିସଂଘ ଦ୍ୱାରା ଏହି ଦିବସ ପାଳନ କରାଯିବା ଲାଗି ଘୋଷଣା କରାଯାଇଥିଲା।

ଭାରତ ହେଉଛି ବିଶ୍ୱର ଏକ ଅନନ୍ୟ ରାଷ୍ଟ୍ର, ଯେଉଁଠାରେ ବିଭିନ୍ନ ସମ୍ପ୍ରଦାୟ, ଜାତି ଏବଂ ଧର୍ମର ଲୋକମାନେ ବାସ କରିଥାନ୍ତି। ବିବିଧତା ମଧ୍ୟରେ ଏକତା ହେଉଛି ଭାରତର ଏକ ସ୍ୱତନ୍ତ୍ର ପରିଚିତି। ଭାରତରେ ଏକତାକୁ ହିଁ ସର୍ବୋପରି ଭାବେ ଗ୍ରହଣ କରାଯାଇଥାଏ। କୌଣସି ରାଷ୍ଟ୍ରରେ ଯେଉଁମାନଙ୍କ ସଂଖ୍ୟା କମ୍ ଓ ସାମାଜିକ, ରାଜନୈତିକ, ଆର୍ଥିକ ରୂପରେ ଦୁର୍ବଳ ତଥା




ଜାତି, ଧର୍ମ ଆଦିରେ ବହୁସଂଖ୍ୟକଠାରୁ ଅଲଗା ରହିଥିବା ସତ୍ତ୍ୱେ ରାଷ୍ଟ୍ର ନିର୍ମାଣ, ବିକାଶ, ଏକତା,ସଂସ୍କୃତି, ପରମ୍ପରା ଓ ରାଷ୍ଟ୍ରୀୟ ଭାଷାକୁ ବଜାୟ ରଖିବା ଲାଗି ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଉଛନ୍ତି ସେମାନେ ହିଁ ସେହି ଦେଶ ବା ରାଜ୍ୟରେ ସଂଖ୍ୟାଲଘୁ ଭାବେ ପରିଗଣିତ। ଭାରତୀୟ ସମ୍ବିଧାନରେ ଧର୍ମ ଓ ଭାଷା ଆଧାରରେ ସଂଖ୍ୟାଲଘୁ ବିବେଚନା କରାଯାଇଥାଏ। ଭାରତରେ ସଂଖ୍ୟାଲଘୁମାନଙ୍କର ଅଧିକାରକୁ ଲୋକଲୋଚନକୁ ଆଣିବା ସହ ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ସଂଖ୍ୟାଲଘୁମାନଙ୍କର ବିଭିନ୍ନ ସମସ୍ୟାକୁ ହୃଦୟଙ୍ଗମ କରିବା ସହ ସେମାନଙ୍କ ସୁରକ୍ଷା ଉପରେ ଦେଶର ସବୁ ରାଜ୍ୟ ଗୁରୁତ୍ୱ ଦେଇଥାନ୍ତି। ଏହି ଦିବସ ଅବସରରେ ଆଲୋଚନାଚକ୍ର, କାର୍ଯ୍ୟକ୍ରମ ତଥା ସଚେତନତା ଅଭିଯାନ ଆୟୋଜନ କରାଯାଇଥାଏ।

ଭାରତରେ ମୁସଲମାନ, ଶିଖ, ଖ୍ରୀଷ୍ଟିଆନ, ବୌଦ୍ଧ, ଜୋରେଷ୍ଟ୍ରିଆନ ଓ ଜୈନମାନେ ସଂଖ୍ୟାଲଘୁ ଭାବେ ରହିଛନ୍ତି। ଏମାନଙ୍କ ସଂଖ୍ୟା ଦେଶର ମୋଟ ଜନସଂଖ୍ୟାର ୧୯ ପ୍ରତିଶତ। ଜମ୍ମୁ-କଶ୍ମୀର, ପଞ୍ଜାବ, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ଲାକ୍ଷାଦ୍ୱୀପ, ଲଦାଖ ଓ ଅରୁଣାଚଳପ୍ରଦେଶରେ ଏମାନଙ୍କ ସଂଖ୍ୟା ଅଧିକ। ସଂଖ୍ୟାଲଘୁମାନଙ୍କ ବିକାଶ ହିଁ ଦେଶର ବିକାଶ। ସଂଖ୍ୟାଲଘୁମାନଙ୍କ ଏକତା ହିଁ ଦେଶର ଶକ୍ତି। ଏମାନଙ୍କର ବିକାଶ,ଆଇନ ତଥା ବିଭିନ୍ନ କଲ୍ୟାଣକାରୀ ଯୋଜନାକୁ କାର୍ଯ୍ୟକାରୀ କରିବାରେ ୨୯ ଜାନୁୟାରୀ ୨୦୦୬ରେ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ପ୍ରତିଷ୍ଠା କରାଯାଇଥିଲା। ଏଥିପାଇଁ ଜାତୀୟ ସଂଖ୍ୟାଲଘୁ ଆୟୋଗ ଅଧିନିୟମ,୧୯୯୨ ଅଧୀନରେ ଗଠନ କରାଯାଇଥିଲା। ଏହି ମନ୍ତ୍ରଣାଳୟ ସଂଖ୍ୟାଲଘୁମାନଙ୍କର ପ୍ରତିଟି ସମସ୍ୟା ସମାଧାନ କରିବା ତଥା ବିକାଶର ଧାରାକୁ ତ୍ୱରାନ୍ୱିତ କରିବାରେ ପ୍ରମୁଖ ଭୂମିକା ନେଇଆସୁଛି। ସଂଖ୍ୟାଲଘୁମାନଙ୍କ ଅଧିକାରର ସୁରକ୍ଷା,ରାଷ୍ଟ୍ର ନିର୍ମାଣରେ ସେମାନଙ୍କ ଯୋଗଦାନକୁ ବିଚାରକୁ ନେଇ ଆଞ୍ଚଳିକ ସ୍ତରରେ ଭାଷା,ଜାତି, ଧର୍ମ, ସଂସ୍କୃତି, ପରମ୍ପରା ଆଦିର ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଏହି ଦିବସରେ ସଚେତନତା ସୃଷ୍ଟି କରାଯାଇଥାଏ।

# ବରୁଣଙ୍କ ସହ ନଜର ଆସିବେ ୱାମିକା



**ମୁମ୍ବାଇ:** ଅଭିନେତ୍ରୀ ୱାମିକା ଗାବିଙ୍କ ପାଇଁ ଚଳିତବର୍ଷ ସଫଳ ପ୍ରମାଣିତ ହୋଇଛି। ସେ ଏ ବର୍ଷ ଏକାଧିକ ପ୍ରୋଜେକ୍ଟରେ ଦେଖିବାକୁ ମିଳିଛନ୍ତି। ଓଟିଟି ବିକ୍ରମାଦିତ୍ୟ ମୋଟୱାନିଙ୍କ 'ଜୁବିଲି' ପାଇଁ ତାଙ୍କୁ ବେଶ୍ ପ୍ରଶଂସା ଓ ଭଲପାଇବା ମିଳିଛି। ଏବେ ସେ ଅଭିନେତା ବରୁଣ ଧାୱନଙ୍କ ସହ ଏକାଠି ନଜର ଆସିବାକୁ ଯାଉଛନ୍ତି। ଗାବି-ବରୁଣଙ୍କ ଆଗାମୀ ଫିଲ୍ମ 'ଭିଡି ୧୮'ର ଶୁଟିଂ ଆରମ୍ଭ ହୋଇଛି। ଏଥିସହ କୀର୍ତ୍ତି ସୁରେଶ ଥିବା ମଧ୍ୟ ଜଣାପଡ଼ିଛି। ଅଟ୍‌ଲି କୁମାର ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ନିର୍ବାହ କରିଛନ୍ତି। ଗାବି ତାଙ୍କର ଏହି ନୂଆ ଯାତ୍ରାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ୨୦୦୭ରେ ଜବ୍ ଉଇ ମେଟ୍ ଜରିଆରେ ଗାବି ଡେବ୍ୟୁ କରିଥିଲେ। ପରେ ସେ ମଝିରେ ଅଭିନୟ ଛାଡିବାକୁ ଚିନ୍ତା କରୁଥିବା ଏକ ଗଣମାଧ୍ୟମ ସାକ୍ଷାତ୍‌କାରରେ କହିଥିଲେ। କାରଣ ତାଙ୍କୁ ସେତେବେଳେ କାମ ମିଳୁ ନ ଥିଲା। ନିର୍ଦ୍ଦେଶକ ବିଶାଲ ଭରଦ୍ୱାଜଙ୍କ ସହ କାମ କରିବା ପରେ ଅଭିନୟର ଅନେକ ଦ୍ୱାର ତାଙ୍କ ପାଇଁ ଖୋଲିଥିଲା ବୋଲି ସେ କହିଛନ୍ତି। ଏବେ ତାଙ୍କ ହାତରେ ୩ଟି ଫିଲ୍ମ ରହିଛି।

# ହସିବାରେ ଆଲର୍ଜି



**ଇଂଲଣ୍ଡ:** ଜଣେ ମହିଳାଙ୍କୁ ଏପରି ଆଲର୍ଜି ହୋଇଛି, ଯାହା ଆମ ଦୈନନ୍ଦିନ ଜୀବନର ଅଂଶ। ଜୀବନରେ ଦୁଃଖ ସୁଖ ତ ଲାଗି ରହିଥାଏ। ହେଲେ ସେହି ମହିଳାଙ୍କୁ ହସିବା ଏବଂ କାନ୍ଦିବା କଷ୍ଟ ଦେଇଥାଏ। ରିପୋର୍ଟ ମୁତାବକ, ଇଂଲଣ୍ଡ କେଣ୍ଟର ବାସିନ୍ଦା ୨୦ ବର୍ଷୀୟା ବେଥ୍ ସାନଗାରିଡେସଙ୍କ ଶରୀରରେ କିଛି ବି ଜିନିଷ ପ୍ରତିକ୍ରିୟା କରିଥାଏ। ସେ ତାଙ୍କ ଭାବନାକୁ କାବୁ ନ କରି ଯଦି ହସନ୍ତି କିମ୍ବା କାନ୍ଦନ୍ତି ତାହାର ପରିଣାମ ତାଙ୍କୁ ଭୋଗିବାକୁ ପଡ଼େ। ସେଥିରେ ତାଙ୍କୁ କଷ୍ଟ ଅନୁଭୂତ ହେବା ସହ ମୁହଁ ନାଲି ପଡ଼ି ଜ୍ୱଳନ ହେବାକୁ ଲାଗେ। ଯେତେବେଳେ ବେଥ୍‌ଙ୍କୁ ୧୫ ବର୍ଷ ହୋଇଥିଲା, ସେତେବେଳେ ପ୍ରଥମ ଥର ଏପରି କଷ୍ଟ ସେ ସହିଥିଲେ। ଏଥିସହ ତାଙ୍କୁ ୧୮ ବର୍ଷ ବୟସରେ ପୋସ୍ଚୁରାଲ ଟାକିକାର୍ଡିଆ ସିଣ୍ଡ୍ରୋମ ହୋଇଯାଇଥିଲା।

ସ୍ମରଣରେ ଆପଣଙ୍କ ସ୍ନେହ ଓ ଭଲପାଇବାର ଅମୃତ ଉଚ୍ଚାରଣ...
ପ୍ରୟାଣର ସପ୍ତମ ବାର୍ଷିକୀରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

DRiEMS UNIVERSITY


୧୯୨୯ - ୨୦୧୬

ସ୍ମୃତିରେ
ଇଚ୍ଛାବତୀ ରଥ

ଆପଣଙ୍କ ଆଶୀର୍ବାଦରେ...
ଡ୍ରିମ୍ସ ବିଶ୍ୱବିଦ୍ୟାଳୟ, ଟାଙ୍ଗୀ, କଟକ

୧୮/୧୨/୨୦୨୩ (ସୋମବାର), ସ୍ମୃତିଚାରଣ କାର୍ଯ୍ୟକ୍ରମ
ସ୍ଥାନ - ପଦ୍ମିନୀ ଅଡ଼ିଟୋରିୟମ୍, ସମୟ - ପୂର୍ବାହ୍ନ ୧୧ଘଟିକା
ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଓ ରଥ ପରିବାର

# ସଜ୍ଜନ ଜିନ୍ଦଲଙ୍କ ବିରୋଧରେ ବଳାତ୍କାର ଅଭିଯୋଗ



**ମୁମ୍ବାଇ,୧୭।୧୨**

ଜେଏସ୍‌ଡବ୍ଲ୍ୟୁ ଏନର୍ଜି ଚେୟାରମ୍ୟାନ୍ ତଥା ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ସଜ୍ଜନ ଜିନ୍ଦଲଙ୍କ ବିରୋଧରେ ଆସିଛି ସାଂଘାତିକ ଅଭିଯୋଗ। ଶିଳ୍ପପତି ଜିନ୍ଦଲ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କୁ ବଳାତ୍କାର କରିଥିବା ଜଣେ ୩୦ ବର୍ଷୀୟା ମହିଳା ରବିବାର ଅଭିଯୋଗ କରିଛନ୍ତି। ତେବେ ଏହି ଅଭିଯୋଗକୁ ୬୪ ବର୍ଷୀୟ ଜିନ୍ଦଲ ଖଣ୍ଡନ କରିଛନ୍ତି। ସୋସିଆଲ ମିଡିଆ ପ୍ରୋଫାଇଲରେ ନିଜକୁ ଜଣେ ଅଭିନେତ୍ରୀ ପରିଚୟ ଦେଇ ମୁମ୍ବାଇର ମହିଳା ଜଣକ ଲେଖିଛନ୍ତି, ୨୩ ବିଲିୟନ୍ ଡଲାର ସାମ୍ରାଜ୍ୟର ଅଧିକାରୀ ତଥା ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ମୁଖ୍ୟ ସଜ୍ଜନ ଜିନ୍ଦଲଙ୍କ ସହ ୨୦୨୧ ଅକ୍ଟୋବରରେ ଦୁବାଇରେ ଆୟୋଜିତ ଏକ ଆଇପିଏଲ୍ କ୍ରିକେଟ ମ୍ୟାଚ ବେଳେ ଷ୍ଟାଡିୟମ୍‌ର ଭିଆଇପି ବକ୍ସରେ ସାକ୍ଷାତ ହୋଇଥିଲା। ଉଭୟଙ୍କ ମଧ୍ୟରେ ବନ୍ଧୁତା ହେବାରୁ ଫୋନ୍ ନମ୍ବର ଆଦାନ ପ୍ରଦାନ ହୋଇଥିଲା। ଶିଳ୍ପପତି ଜିନ୍ଦଲ ☞ପୃଷ୍ଠା–୨

# ମାଗଣା ସିଭିଲ ସର୍ଭିସ କୋଚିଂ ଭେଲିକି

**ଭୁବନେଶ୍ୱର,୧୭।୧୨**
**(ଅସମାପିକା ସାହୁ)**



ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)ପରୀକ୍ଷାରେ ଓଡ଼ିଆ ଛାତ୍ରୀଛାତ୍ରଙ୍କ ହାର କମ୍ ରହୁଛି। ଏଥିରେ କିପରି ଅଧିକରୁ ଅଧିକ କୃତିତ୍ୱ ହାସଲ କରିବେ ସେଥିପାଇଁ ରାଜ୍ୟ ସରକାର କଲେଜରୁ ଆଇଏଏସ୍ କୋଚିଂ ଦେବା ପାଇଁ ଯୋଜନା କରିଛନ୍ତି। ଆସନ୍ତା ଶିକ୍ଷାବର୍ଷରୁ ଡିଗ୍ରୀ କଲେଜରେ ମାଗଣା କୋଚିଂ ବ୍ୟବସ୍ଥା ଆରମ୍ଭ ହେବ। ତେବେ ଏହା କେତେ ଦୂର ସଫଳ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୂର୍ବଥର ଭଳି ମାଗଣା କୋଚିଂ ବ୍ୟବସ୍ଥା ଏଥର ବି ଫେଲ୍ ମାରିଯିବନି ତ ବୋଲି ଆଲୋଚନା ହେଉଛି। ଗୋଟିଏ ପଟେ କଲେଜରେ ଅଧ୍ୟାପକ ପଦବୀ ଖାଲି ପଡ଼ିଥିବାବେଳେ ଛାତ୍ରୀଛାତ୍ରଙ୍କୁ କିପରି କୋଚିଂ ଦିଆଯିବ ତାକୁ ନେଇ ଆଶଙ୍କା ଦେଖାଯାଇଛି।

ସୂଚନାନୁସାରେ, ଡିଗ୍ରୀ କଲେଜ ଓ ବିଶ୍ୱବିଦ୍ୟାଳୟରେ ସିଭିଲ ସର୍ଭିସ୍ କୋଚିଂ ଦିଆଯିବ। ଶିକ୍ଷାନୁଷ୍ଠାନର ନିଜସ୍ୱ ଅର୍ଥରେ କୋଚିଂ ଦିଆଯିବାକୁ ଉଚ୍ଚଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ପାଠ୍ୟ ଖସଡ଼ାରେ ବି ସଂସ୍କାର ଅଣାଯିବ। କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ଏବଂ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଭଳି ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରଣାଳୀକୁ ନଜରରେ ରଖି ସିଲାବସ୍ ପ୍ରସ୍ତୁତ ହେବ। ଗତମାସ ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ବସିଥିବା ସମୀକ୍ଷା ବୈଠକରେ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଏଯାବତ୍ ଏନେଇ କୌଣସି ଗାଇଡ୍‌ଲାଇନ ପ୍ରସ୍ତୁତ ହୋଇ ନାହିଁ। ପ୍ରକାଶ ଯେ, ପୂର୍ବରୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମାଗଣା କୋଚିଂ ବ୍ୟବସ୍ଥା ଜାରି ରହିଛି, ଯେଉଁଥିରେ ପ୍ରାୟ ୨୦୦ ଛାତ୍ରୀଛାତ୍ର ସାମିଲ ଅଛନ୍ତି। ତେବେ କଲେଜସ୍ତରରୁ କୋଚିଂ ସୁବିଧା ପାଇଲେ ପିଲାମାନେ ଅଧିକ ସଫଳ ହେବା ଆଶା ରଖିଛି ବିଭାଗ। ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ଓଡ଼ିଆ ଛାତ୍ରୀଛାତ୍ରଙ୍କ ସଫଳତା ହାର ବୃଦ୍ଧି କରିବା, ବିଶେଷ କରି ଗରିବ ଓ ମେଧାବୀ ଛାତ୍ରୀଛାତ୍ର କିପରି ସୁଫଳ ପାଇବେ ତାହା ଉଦ୍ଦେଶ୍ୟ ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି।

ରାଜ୍ୟ ସରକାର ମାଗଣା ଆଇଏଏସ୍ କୋଚିଂ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। କାରଣ ଭିତ୍ତିଭୂମି ଓ ଶିକ୍ଷକଙ୍କ ଅଭାବ ଏ ଦିଗରେ ବଡ଼ ପ୍ରତିବନ୍ଧକ। ବିଧାନସଭାର ତଥ୍ୟାନୁସାରେ, ରାଜ୍ୟର ସମସ୍ତ ସରକାରୀ ଡିଗ୍ରୀ କଲେଜରେ ୯୦୬ ଟିଚିଂ ଷ୍ଟାଫ୍ ପଦବୀ ଖାଲି ପଡ଼ିଛି। ଏ ସମ୍ପର୍କରେ ୬୬୨ବର୍ଗର ଅଧ୍ୟାପକ ସଂଘର ସଭାପତି ଗୋଲକ ନାୟକ କହିଛନ୍ତି, ରାଜ୍ୟ ସରକାରଙ୍କ ପଦକ୍ଷେପ ଠିକ୍। କିନ୍ତୁ ତାହା କିପରି ଶୀଘ୍ର କାର୍ଯ୍ୟକାରୀ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯିବା ଦରକାର। କୋଚିଂ ଦିଆଯିବ ବୋଲି ଘୋଷଣା କରିଦେଲେ। କିନ୍ତୁ ଏ ପର୍ଯ୍ୟନ୍ତ ଏନେଇ ଗାଇଡ୍‌ଲାଇନ ପ୍ରସ୍ତୁତ କଲେ ନାହିଁ। ବର୍ତ୍ତମାନ ନୂଆ ଓଡ଼ିଶା କାର୍ଯ୍ୟକ୍ରମ ଚାଲୁଛି। ଆଗକୁ ନିର୍ବାଚନ ଅଛି। ସରକାର ସେ ଦିଗରେ ବ୍ୟସ୍ତ ରହିବେ। ତେଣୁ ଆସନ୍ତା ଶିକ୍ଷାବର୍ଷରୁ ଏହି ବ୍ୟବସ୍ଥା ଆରମ୍ଭ ହୋଇପାରିବା ନେଇ ସନ୍ଦେହ ସୃଷ୍ଟି ହେଉଛି। ସବୁଠାରୁ ବଡ଼ କଥା ହେଉଛି ରାଜ୍ୟର ସମସ୍ତ ଡିଗ୍ରୀ କଲେଜ ମଧ୍ୟରୁ ୫୦ପ୍ରତିଶତରେ ଅଧ୍ୟାପକ ପଦବୀ ଖାଲି ପଡ଼ିଛି। ତେଣୁ ତାକୁ ପୂରଣ କରିବା ଦିଗରେ ତୁରନ୍ତ ପଦକ୍ଷେପ ନେବା ଜରୁରୀ ବୋଲି ନାୟକ କହିଛନ୍ତି। ଏନେଇ ଉଚ୍ଚଶିକ୍ଷା ବିଭାଗ ସଚିବଙ୍କୁ ଯୋଗାଯୋଗ କରଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳିନାହିଁ।

ମିଳିଥିବା ତଥ୍ୟାନୁଯାୟୀ, ରାଜ୍ୟର ୮ ୟୁନିଭର୍ସିଟି ଓ ୫୦ରୁ ଅଧିକ ଡିଗ୍ରୀ କଲେଜରେ ମାଗଣା କୋଚିଂ ସେଣ୍ଟର ଖୋଲିଥିଲା। ୨୦୧୬ରୁ ୨୦୧୮ଯାଏ ମାଗଣାରେ ପିଲା ପାଠ ପଢ଼ିବା ସହ ଆଇଏଏସ୍ ପାଇଁ ପ୍ରସ୍ତୁତି କରୁଥିଲେ। ହେଲେ ସଫଳତା ମିଳିଲାନି। ଏଥିଲାଗି ଦ୍ୱିତୀୟ ପର୍ଯ୍ୟାୟରେ ୨୦୧୯–୨୦ରେ ଘରୋଇ ସଂସ୍ଥା ସହ ଚୁକ୍ତି ସ୍ୱାକ୍ଷରିତ କରି ଭୁବନେଶ୍ୱରରେ କୋଚିଂ ହବ୍ ପ୍ରତିଷ୍ଠା କଲେ। ଏଥିରେ ୯୯ ଜଣ ପିଲା ନାମଲେଖାଇ କୋଚିଂ ନେଇଥିଲେ। ହେଲେ ଜଣେ ବି ସଫଳ ହେଲେନି। ତେଣୁ ଏବେ କଲେଜରୁ ଆଇଏଏସ୍ କୋଚିଂ ଦିଆଗଲେ ତା'ର କାର୍ଯ୍ୟକାରିତା ଏବଂ ସଫଳତାକୁ ନେଇ ଅନେକ ପ୍ରଶ୍ନ ଉଠିଲାଣି।




**ଆଜିର ସମ୍ପାଦକୀୟ**
**ଅଳିଆଗଦାରେ ଫିଙ୍ଗା**






**ଆଜିର ମନ୍ତବ୍ୟ**

"ଭାଜପା ପ୍ରତ୍ୟେକ ନିର୍ବାଚନକୁ ନିଜ ଶେଷଯୁଦ୍ଧ ଭାବେ ଲଢ଼ିଥାଏ। ଏହି ଦଳର ଧ୍ରୁବୀକରଣ, ସଂଖ୍ୟାଲଘୁ ବିରୋଧୀ ପ୍ରଚାର ଅଭିଯାନ ଓ ଉଗ୍ର ଜାତୀୟତାବାଦର ମୁହଁତୋଡ଼ ଜବାବ ଦେବା ପାଇଁ କଂଗ୍ରେସ ଉପାୟ ବାହାର କରିବା ଜରୁରୀ। –ପି. ଚିଦାୟରମ୍, ବରିଷ୍ଠ କଂଗ୍ରେସ ନେତା



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୋତେ ଯେ ମାଇଲା**
**ତାକୁ ତୁ ନ ମାର**
**ତାକୁ ମାରୁଥିବ ଆନ**
**ଦେଖୁଥିବ ତୋର, ଦୁଇ ନୟନ**
**ଶୁଣୁଥିବ ତୋର କାନ।**

ଯିଏ ଅନ୍ୟାୟରେ ଆଘାତ ଦିଏ, ତା'ର ପରିଣତି ସେ ଦିନେ ନା ଦିନେ ଭୋଗ କରିଥାଏ।ଭଗବାନ ସବୁ ସହନ୍ତି, କିନ୍ତୁ କାହାର ଅନ୍ୟାୟ ଅନୀତିକୁ ସହିପାରିନଥାନ୍ତି। ଅନ୍ୟାୟ ଅନୀତିର ଫଳ ମଣିଷ ଭୋଗିବାକୁ ବାଧ୍ୟ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତୁ ତ ନୋହୁ,**
**ତୁ କାହିଁ ପାଇଁ ଦିହକୁ ନଉ।**

ଅନ୍ୟକୁ କୁହାଯାଇଥିବା କଥାକୁ କିଛି ଲୋକ ନିଜ ଆଡ଼କୁ ନେଇଥାନ୍ତି। ନିଜକୁ ଅନ୍ୟ ଜାଗାରେ ରଖି ଆକ୍ଷେପଭରା କଥା ଶୁଣି ପ୍ରତିକ୍ରିୟାଶୀଳ ହୋଇଥା'ନ୍ତି। ମନ ଗୁଡୁପୁଡୁ ଲୋକ କୌଣସି ଆପତ୍ତିଜନକ ପ୍ରସଙ୍ଗକୁ ନିଜ ଆଡ଼କୁ ଟାଣୁଥିବା ଉପଲକ୍ଷ୍ୟରେ ଏଭଳି ଉକ୍ତି ପ୍ରୟୋଗ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୧୦ ଡିଗ୍ରୀ ତଳେ ୧୧ ସହର

**ଫୁଲବାଣୀରେ ସବୁଠୁ ଅଧିକ ଥଣ୍ଡା, ପଶ୍ଚିମରେ ଶୀତ ବଢ଼ୁଛି**

ଭୁବନେଶ୍ୱର, ୧୭।୧୨ (ଅନୁରାଧା ମହାରଣା)

ରାଜ୍ୟରେ ଶୀତ ଲହରି ଜାରି ରହିଛି। ଧୀରେ ଧୀରେ ଥଣ୍ଡା ବଢୁଛି। ଗତ ୨୪ ଘଣ୍ଟାରେ ରାଜ୍ୟର ୧୧ ସହରରେ ରାତି ତାପମାତ୍ରା ୧୦ ଡିଗ୍ରୀ ତଳେ ଥିବା ରେକର୍ଡ କରାଯାଇଛି। କନ୍ଧମାଳ ଜିଲାରେ ଥଣ୍ଡାର ସର୍ବାଧିକ ପ୍ରଭାବ ଅନୁଭୂତ ହୋଇଛି। ଗତ ୨୪ ଘଣ୍ଟାରେ ୮ ଡିଗ୍ରୀ ସେଲସିୟସ ତାପମାତ୍ରା ସହ ଫୁଲବାଣୀ ରାଜ୍ୟର ସବୁଠାରୁ ଥଣ୍ଡା ସହର ପାଲଟିଛି। ସେହିପରି ସୁନ୍ଦରଗଡ଼ ଜିଲା କିରେଇରେ ତାପମାତ୍ରା ୮.୨ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। କନ୍ଧମାଳ ଜିଲାର ଜି. ଉଦୟଗିରିରେ ୮.୬, ସୁନ୍ଦରଗଡ଼ ଜିଲାର ରାଉରକେଲାରେ ୮.୮, ଅନୁଗୋଳରେ ୯, ଭଦ୍ରକ ଜିଲା ରାଣୀତାଲରେ ୯.୪, ସୁନ୍ଦରଗଡ଼ ଓ କନ୍ଧମାଳ ଜିଲାର ଦାରିଙ୍ଗବାଡ଼ିରେ ୯.୫, କେନ୍ଦୁଝର ଓ କୋରାପୁଟରେ ୯.୬ ଏବଂ ଝାରସୁଗୁଡ଼ାରେ ୯.୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ଏହାବ୍ୟତୀତ ବାରିପଦାରେ ତାପମାତ୍ରା ୧୧, ସମ୍ବଲପୁର ୧୨.୬, ହୀରାକୁଦ ୧୩.୧, ତାଳଚେର ୧୨.୪, ଭବାନୀପାଟଣା ୧୧, ବଲାଙ୍ଗୀର ୧୨, ସୋନପୁର ୧୦.୯, ବୌଦ୍ଧ ୧୨.୫, ଭଦ୍ରକ ୧୨.୭, ଢେଙ୍କାନାଳ ୧୨.୨, ବରଗଡ଼ ୧୩.୬, ନବରଙ୍ଗପୁର ୧୨.୫, ଜଗତ୍‌ସିଂହପୁର ୧୩.୨ ଓ କେନ୍ଦ୍ରାପଡ଼ାରେ ୧୨.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ସେହିପରି କଟକ ଓ ଭୁବନେଶ୍ୱରରେ ମଧ୍ୟ ରାତି ତାପମାତ୍ରା ଖସିଛି। କଟକର ସର୍ବନିମ୍ନ ତାପମାତ୍ରା ୧୩.୪ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ଭୁବନେଶ୍ୱରରେ ପାରଦ ୧୩.୫ ଡିଗ୍ରୀ ସେଲସିୟସ ରହିଛି। ରାଜ୍ୟରେ ଦିନକୁ ଦିନ ଶୀତ ବଢୁଥିବାବେଳେ ଆସନ୍ତା ୨୦ ତାରିଖରୁ ଶୀତର ମାତ୍ରା ଆହୁରି ବୃଦ୍ଧିପାଇବ। ଏବେ ଉପକୂଳରେ ରାତି ତାପମାତ୍ରା ୧୬ରୁ ୨୦ ଡିଗ୍ରୀ ମଧ୍ୟରେ ରେକର୍ଡ ହେଉଛି। ୧୯ ତାରିଖ ଯାଏ ରାଜ୍ୟରେ ଏଭଳି ସ୍ଥିତି ଲାଗି ରହିବ। ଏବେ ପଶ୍ଚିମ, ଆଭ୍ୟନ୍ତରୀଣ, ଦକ୍ଷିଣ, ସମତଳ ଓ ପାହାଡ଼ିଆ ଅଞ୍ଚଳରେ ଶୀତର ପ୍ରକୋପ ଅଧିକ ରହିଛି। ଆଗକୁ ଏହିସବୁ ଜିଲାରେ ରାତି ତାପମାତ୍ରା ଆହୁରି ୧ରୁ ୨ ଡିଗ୍ରୀ କମିବା ସହ ଉପକୂଳରେ ପାରଦ ୩ ଡିଗ୍ରୀ ସେଲସିୟସ ଯାଏ ଖସିବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

# ଓଡ଼ିଶା–ଆନ୍ଧ୍ର: ଛିଣ୍ଡିଲାନି ୩ ବିବାଦ

ନୂଆଦିଲ୍ଲୀ, ୧୭।୧୨– (କୁଲଦୀପ ସିଂ)

ସୁପ୍ରିମକୋର୍ଟରେ ବିଚାରାଧୀନ ଅନ୍ୟୂନ ୩ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଓଡ଼ିଶା ଓ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ମଧ୍ୟରେ ବିବାଦ ଅମୀମାଂସିତ ରହିଛି। ୨୦୨୩ ବର୍ଷ ବିଦାୟ ନେବାକୁ ବସିଥିବାବେଳେ ଏହି ବିବାଦଗୁଡ଼ିକର ସମାଧାନ ହୋଇପାରି ନାହିଁ। ଆନ୍ଧ୍ର ପକ୍ଷରୁ ପୋଲାଭରମ୍ ପ୍ରକଳ୍ପର ନିର୍ମାଣକୁ ଓଡ଼ିଶା ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିବାବେଳେ ଏହା ବିଚାର ଅପେକ୍ଷାରେ ରହିଛି। ସେହିପରି କୋଟିଆ ସୀମା ବିବାଦ ଏବଂ ବଂଶଧାରା ନଦୀ ବିବାଦର ପିଟିଶନ ସର୍ବୋଚ୍ଚ ଅଦାଲତଙ୍କ କୋର୍ଟରୁମ୍‌ରେ ବିନା କୌଣସି ନିଷ୍କର୍ଷରେ ପଡ଼ିରହିଛି।

କୋରାପୁଟ ଜିଲାର କୋଟିଆ ଗ୍ରାମକୁ ନେଇ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ରହିଆସିଥିବା ବିବାଦକୁ ନେଇ ୨୦୦୬ରେ ସୁପ୍ରିମକୋର୍ଟ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ଉଭୟ ପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆନ୍ଧ୍ର ଏହି ରାୟକୁ ଉଲ୍ଲଂଘନ କରିଚାଲିଥିବାରୁ ଓଡ଼ିଶା ସରକାର ୨୦୨୧ ଫେବୃୟାରୀରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋଟିଆର ୩ ଗ୍ରାମ ପଞ୍ଚାୟତରେ ଆନ୍ଧ୍ର ପକ୍ଷରୁ କରାଯାଉଥିବା ନିର୍ବାଚନ ଉପରେ ସ୍ଥଗିତାଦେଶ ଜାରି ପାଇଁ ଓଡ଼ିଶା ଉକ୍ତ ଅବମାନନା ଆବେଦନରେ ନିବେଦନ କରିଥିଲା। ୨୦୨୨ରେ କୋଟିଆ ଗ୍ରାମ ସମୂହକୁ ଓଡ଼ିଶା ଭୂଖଣ୍ଡର ଅଂଶ ରୂପେ ଘୋଷଣା ପାଇଁ ରାଜ୍ୟ ସରକାର ପୁଣି ଅନୁରୋଧ କରିଥିଲେ। ଏହି ପ୍ରସଙ୍ଗରେ ସର୍ବୋଚ୍ଚ ଅଦାଲତ ଗତ ନଭେମ୍ବରରେ ଶେଷ ଥର ପାଇଁ ଶୁଣାଣି କରିଥିଲେ। ସୁଟ୍‌ରେ ଥିବା ତ୍ରୁଟି ସୁଧାରିବା ଲାଗି ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଆଇନଜୀବୀ ସୁପ୍ରିମକୋର୍ଟଙ୍କୁ ସମୟ ମାଗିଥିଲେ।


କୋରାପୁଟର କୋଟିଆସ୍ଥିତ ଏକ ଗାଁ

**କୋଟିଆ, ପୋଲାଭରମ୍ ଓ ବଂଶଧାରାକୁ ନେଇ ଆନ୍ତଃ ରାଜ୍ୟ ବିବାଦ ସୁପ୍ରିମକୋର୍ଟରେ ବିଚାରାଧୀନ**

ଗୋଦାବରୀ ନଦୀରେ ଆନ୍ଧ୍ର ନିର୍ମାଣ କରୁଥିବା ପୋଲାଭରମ୍ ପ୍ରକଳ୍ପ ବିରୋଧରେ ଓଡ଼ିଶାର ଆବେଦନ ସୁପ୍ରିମକୋର୍ଟରେ ୨୦୦୭ରୁ ବିଚାରାଧୀନ ରହିଛି। ୨୦୨୩ରେ ଏହାର ଶୁଣାଣି ପାଇଁ ୨ ଥର ତାଲିକାଭୁକ୍ତ ହୋଇଥିଲା। କିନ୍ତୁ ହୋଇପାରିଲା ନାହିଁ। ୨୦୨୨ରେ କୋର୍ଟ ଏହାର ଶୁଣାଣି କରି କେନ୍ଦ୍ର ସରକାରଙ୍କୁ ପଥପ୍ରଦର୍ଶକ ଭୂମିକା ନେବାକୁ ପରାମର୍ଶ ଦେଇଥିଲେ। ୨ ରାଜ୍ୟକୁ ଡାକି ଆପୋସ ଆଲୋଚନା ଜରିଆରେ ସମାଧାନ କରିବାକୁ କହିଥିଲେ। ଓଡ଼ିଶା ଓ ଆନ୍ଧ୍ରର ଅଧିକାରୀମାନଙ୍କୁ ନେଇ କେନ୍ଦ୍ର ମଧ୍ୟ ଅନେକ ଥର ବୈଠକ କରିଥିଲା। କିନ୍ତୁ ସମାଧାନ ବାହାରିପାରିଲା ନାହିଁ। ଏହି ପ୍ରକଳ୍ପ ବିରୋଧରେ ଓଡ଼ିଶା, ଛତିଶଗଡ଼ ଓ ତେଲଙ୍ଗାନା ପକ୍ଷରୁ ୩ଟି ଲେଖାଏ ପିଟିଶନ ଦାଖଲ ହୋଇଛି। ପ୍ରକଳ୍ପ ନିର୍ମାଣ ଯୋଗୁ ଓଡ଼ିଶା ଉପରେ ପରିବେଶଗତ କୁପ୍ରଭାବ ପଡ଼ିବ ବୋଲି ୨୦୧୮ରେ ରାଜ୍ୟ ସରକାର ନିଜ ଆବେଦନରେ ଜଣାଇଥିଲେ।

ଓଡ଼ିଶା–ଆନ୍ଧ୍ର ବଂଶଧାରା ନଦୀ ଜଳ ବିବାଦ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବିଚାରାଧୀନ ଅଛି। ଏହା ମଧ୍ୟ ବର୍ଷକ ଭିତରେ ଗତ ଅଗଷ୍ଟ ଓ ନଭେମ୍ବରରେ ମାତ୍ର ୨ ଥର ଶୁଣାଣି ପାଇଁ ତାଲିକାଭୁକ୍ତ ହୋଇଥିଲା। କିନ୍ତୁ ସୁପ୍ରିମକୋର୍ଟ ସମୟ ଅଭାବରୁ ଏହାର ବିଚାର ନ କରି ତାରିଖ ଦେଇଥିଲେ। ୨୦୨୪ ଜାନୁୟାରୀ ୨୩ରେ ଏହାର ଶୁଣାଣି ହେବ।

# ଶ୍ରମିକ, ଚାଷୀଙ୍କୁ ଦଳିଦେଲା ଦନ୍ତା

ଭେଡ଼େନ, ୧୭।୧୨ (ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ଥାନା ଅଞ୍ଚଳରେ ହାତୀ ଆତଙ୍କ ଦେଖାଦେଇଛି । ରବିବାର ଦନ୍ତା ହାତୀ ଆକ୍ରମଣରେ ଏହି ଅଞ୍ଚଳର ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗାଇସିଲେଟ ଥାନା କଠଉମାଳ ଗ୍ରାମର ଶ୍ରମିକ ସେବଲାଲ ସୁନା(୫୦) ଏବଂ ଭେଡ଼େନ ଥାନା ଦେଶଭଟଲି ପଞ୍ଚାୟତ ବିଶିପାଲି ଗ୍ରାମର ଚାଷୀ ବଳରାମ ସାହୁ(୨୫)। ବନ ବିଭାଗ ଉପସ୍ଥିତିରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନାକୁ ପଠାଇଛି। ପ୍ରକାଶ ଯେ, ଅତାବିରା ବ୍ଲକ ସୋର୍ଣ୍ଣା ମାଇନର ମରାମତି କାମ ଚାଲିଛି। ଏଥିପାଇଁ ଗାଇସିଲେଟ ଥାନା କଠଉମାଳ ଗ୍ରାମର ୧୬ଜଣ ଏବଂ କନ୍ଧମୁଣ୍ଡା ଗ୍ରାମର ୫ଜଣ ଶ୍ରମିକ ଭେଡ଼େନ ଥାନା ସଂକ୍ରୀଡ଼ା ପଞ୍ଚାୟତ ଝର୍ନିଆଟିକ୍ରାରେ ରହି ଜଣେ ଠିକାଦାରଙ୍କ ଅଧୀନରେ କାମ କରୁଥିଲେ। ସେମାନଙ୍କ ମଧ୍ୟରୁ ସେବଲାଲ ଏବଂ ଅନ୍ୟ ୩ ଜଣ ରବିବାର ଭୋର୍ ସମୟରେ ଶୌଚ ପାଇଁ ବାହାରକୁ ଯାଇଥିଲେ। ନିକଟସ୍ଥ ଢୁଙ୍ଗୁରୀରେ ଦନ୍ତା ହାତୀ ବୁଲୁଥିବା ଦେଖି ଅନ୍ୟ ୩ଜଣ ସେଠାରୁ ଦୌଡ଼ି ପଳାଇ ଆସିଥିବାବେଳେ ସେବଲାଲ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ ଏବଂ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ବନ ବିଭାଗ କର୍ମଚାରୀ ଏବଂ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

ସେହିପରି ପୂର୍ବାହ୍ନ ପ୍ରାୟ ୧୦ଟାରେ ବିଶିପାଲି ଗ୍ରାମର ବଳରାମ ନିଜ କ୍ଷେତରେ ଧାନ କାଟୁଥିବା ବେଳେ ସେହି ଦନ୍ତା ହାତୀ ତାଙ୍କୁ କଚାଡ଼ି ଦଳି ଦେଇଥିଲା। ଭେଡ଼େନ ଅଞ୍ଚଳକୁ ଏକ ହାତୀପଲ ଆସି ଧାନ ନଷ୍ଟ କରୁଥିବାବେଳେ ନରହନ୍ତା ଦନ୍ତା ହାତୀଟି ସେମାନଙ୍କଠାରୁ ଅଲଗା ହୋଇଯାଇଥିବା ଅନୁମାନ କରାଯାଉଛି। ତେବେ ସମ୍ପୃକ୍ତ ହାତୀଟି ମହାନଦୀରୁ ଉଦେପୁର ଫେରିଘାଟ ନେଇ ସୋନପୁର ଜିଲା ଚାଲିଯାଇଥିବା ଫରେଷ୍ଟର ଲୋକେଶ କୁମାର ଭୋଇ କହିଛନ୍ତି। ଭେଡ଼େନ ଅଞ୍ଚଳରେ ଆହୁରି ହାତୀ ରହିଥିବା ଆଶଙ୍କା କରି ବନ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ଗ୍ରାମବାସୀଙ୍କୁ ସତର୍କ କରାଯାଇଛି।

# ଯୁବକଙ୍କୁ କଚାଡ଼ି ଦେଲା ଦନ୍ତା

ବୈଶିଙ୍ଗା, ୧୭।୧୨ (ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ତଥା ବେତନଟୀ ବନ ବିଭାଗ ରେଞ୍ଜ୍ ଅନ୍ତର୍ଗତ ପୁରୁଣିଆ ଗ୍ରାମରେ ରବିବାର ହାତୀ ଆକ୍ରମଣରେ କେଶୁରା ଗ୍ରାମର ମିଲକା ସିଂଙ୍କ ପୁଅ କୃଷ୍ଣ(୩୨)ଙ୍କ ମୃତ୍ୟୁ ଘଟିଛି। ସେ ସକାଳେ ପୁରୁଣିଆ ଗ୍ରାମ ଜଙ୍ଗଲକୁ ଯାଇଥିବା ବେଳେ ଏକ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ଜୀବନ ବଞ୍ଚାଇବାକୁ ଦୌଡ଼ି ପଳାଉଥିବା ବେଳେ ହାତୀଟି ଶୁଣ୍ଢରେ ଧରି କଚାଡ଼ି ଦେଇଥିଲା। କୃଷ୍ଣଙ୍କୁ ଗୁରୁତର ଅବସ୍ଥାରେ ବୈଶିଙ୍ଗା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବେତନଟୀ ରେଞ୍ଜ୍ ଅଧିକାରୀ ମନଓର ଖାଁ ଓ ବୈଶିଙ୍ଗା ପୋଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। ତେବେ କୃଷ୍ଣଙ୍କ ରୋଜଗାର ଉପରେ ସମଗ୍ର ପରିବାର ନିର୍ଭରଶୀଳ ଥିଲା। ତାଙ୍କ ପରିବାରକୁ ତୁରନ୍ତ ଜରୁରିକାଳୀନ କ୍ଷତିପୂରଣ ରାଶି ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ବୈଶିଙ୍ଗା ଫରେଷ୍ଟର ପ୍ରଶାନ୍ତ ସିଂସାମନ୍ତ କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କ୍ଷତିପୂରଣ ପ୍ରଦାନ କରାଯିବ।

# ଶିମିଳିପାଳରୁ ମାଈହାତୀର ମୃତଦେହ ଜବତ

**ବର୍ଷକରେ ମଲେଣି ୫**

ବାରିପଦା, ୧୭।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ବନ୍ୟପ୍ରାଣୀ ଅସୁରକ୍ଷିତ ହୋଇପଡ଼ିଛନ୍ତି। ବର୍ଷକ ମଧ୍ୟରେ ୫ଟି ହାତୀର ମୃତଦେହ ଜବତ ହେଲାଣି। ରବିବାର ଏକ ମାଈହାତୀର ମୃତଦେହ ବନ ବିଭାଗ ଜବତ କରିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ବ୍ୟବଚ୍ଛେଦ ଓ ନମୁନାର ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଶିମିଳିପାଳ ମୁଖ୍ୟ ବନ୍ୟ ସଂରକ୍ଷକ ଡା. ପ୍ରକାଶ ଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଅଧୀନ କବାଟଘାଇ–୧ ବିଟ୍ ଜଡ଼ିଦାର ଜଙ୍ଗଲରୁ ଏକ ମାଈହାତୀର ମୃତଦେହକୁ ବନବିଭାଗର କର୍ମଚାରୀମାନେ ଠାବ କରିବା ପରେ ଏକ ସ୍ୱତନ୍ତ୍ର ଦଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତ ହାତୀର ବୟସ ୧୨ବର୍ଷ ହୋଇଥିବା ବେଳେ ଶନିବାର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ପ୍ରାଣୀ ଚିକିତ୍ସକ ହାତୀର ବ୍ୟବଚ୍ଛେଦ କରି ନମୁନା ସଂଗ୍ରହ କରିଛନ୍ତି। ତେବେ ଗଜରାଜ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ ବନ ବିଭାଗ ଫେଲ୍ ମାରିଥିବା ପ୍ରାକ୍ତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ପ୍ରକାଶ କରିଛନ୍ତି।



ସୂଚନାଯୋଗ୍ୟ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଓ ବନଖଣ୍ଡ ଅଞ୍ଚଳରୁ ୨୦୨୩ ବର୍ଷରେ ମୋଟ ୪ଟି ଦନ୍ତାହାତୀର ଗଳିତ ମୃତଦେହ ବନ ବିଭାଗ ଜବତ କରିଛି। ତାଳବନ୍ଧ ରେଞ୍ଜ ବାଙ୍କଡ଼ିହୀ, ପିଠାବଟା ରେଞ୍ଜ ବାଲିଖାଲ ସେକ୍ସନ ଗୋପୀନାଥପୁର ବିଟ୍, କପ୍ତିପଦା ରେଞ୍ଜ ରାଇପାଲ ବିଟ୍ ଶାରୀଶୁଆ ସେକ୍ସନ ପଦ୍ମପୋଖରୀ ଅଞ୍ଚଳ, ନ୍ୟାଶନାଲ ପାର୍କ କବାଟଘାଇ ସେକ୍ସନ କାଣ୍ଡିହାର ବିଟ୍ ବକୁଆ ପାହାଡ଼ ନିକଟରୁ ସମସ୍ତ ଦନ୍ତାହାତୀର ମୃତଦେହ ଠାବ କରାଯାଇଥିଲା। ଏପରିକି ଦନ୍ତାହାତୀକୁ ଶିକାର କରିବାରେ ବନବିଭାଗ କର୍ମଚାରୀ ସାମିଲ ରହିବା ଘଟଣା ରାଜ୍ୟବାସୀଙ୍କୁ ମର୍ମାହତ କରିଥିଲା। ସେହିପରି ଚଳିତବର୍ଷ ଜିଲାର ବିଭିନ୍ନ ଅଞ୍ଚଳରୁ ମୋଟ ୭ କଲରାପତରିଆ ବାଘ ଚମଡ଼ା ଜବତ କରାଯାଇଛି।

# ରାଉରକେଲାରେ ଝାଡ଼ାବାନ୍ତି: ମୃତ୍ୟୁସଂଖ୍ୟା ୭କୁ ବୃଦ୍ଧି

ରାଉରକେଲା, ୧୭।୧୨ (ସଙ୍ଗୀତା ଜେନା)

ରାଉରକେଲାରେ ଝାଡ଼ାବାନ୍ତି ପ୍ରକୋପ କ୍ରମଶଃ ବଢ଼ିବାରେ ଲାଗିଛି। ଝାଡ଼ାବାନ୍ତିରେ ପୂର୍ବରୁ ୪ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଶନିବାର ପୁଣି ୩ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ହୋଟେଲ ବ୍ୟବସାୟୀ ପ୍ରଣବ ସ୍ୱାଇଁ, ଏମ୍‌ଡି. ଅସଲମ୍ ଏବଂ ଗାନ୍ଧୀରୋଡ୍‌ର ଅତୁଲ କିଷାନ। ଫଳରେ ଝାଡ଼ାବାନ୍ତି ମୃତ୍ୟୁସଂଖ୍ୟା ୭କୁ ବୃଦ୍ଧି ପାଇଛି। ଆର୍‌ଜିଏଚ୍‌ରେ ରବିବାର ସକାଳ ସୁଦ୍ଧା ୧୫ ରୋଗୀ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ୧୧୮ଜଣ ଚିକିତ୍ସିତ ହେଉଛନ୍ତି। ସେହିପରି ରାଉରକେଲାର କିଛି ଘରୋଇ ହସ୍ପିଟାଲରେ ଝାଡ଼ାବାନ୍ତି ରୋଗୀ ଚିକିତ୍ସିତ ହେଉଥିବାରୁ ସହରରେ ରୋଗୀସଂଖ୍ୟା ୨ଶହରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ଅନ୍ୟପକ୍ଷେ ଭୁବନେଶ୍ୱର ଓ ସୁନ୍ଦରଗଡ଼ରୁ ୮ଜଣିଆ ଡାକ୍ତରୀ ଟିମ୍ ରବିବାର ଆର୍‌ଜିଏଚ୍‌ରେ ପହଞ୍ଚି ରୋଗୀ ଚିକିତ୍ସା କରିବା ସହ ଅନୁସନ୍ଧାନ ଆରମ୍ଭ କରିଛନ୍ତି। ଏହି ଟିମ୍‌ରେ ରାଜ୍ୟ ଆଇଡିଏସ୍‌ପି ଯୁଗ୍ମ ନିର୍ଦ୍ଦେଶକ ଡା. ଅଶୋକ ପାଇକରାୟ, ଆର୍‌ଆର୍‌ଟି ସଦସ୍ୟ ଡ. ସୁରଜିତ୍ ଗରାବଡୁ, ସହାୟକ ପ୍ରଫେସର ଡ. ନଳିନୀକାନ୍ତ ତ୍ରିପାଠୀ, ଡ. ଆଶିଷ ବିଶ୍ୱାଳ, ଶିଶୁ ବିଶେଷଜ୍ଞ ଡ. ବିବେକାନନ୍ଦ ସିଂହ, ମାଇକ୍ରୋବାୟୋଲୋଜିଷ୍ଟ ଡ. ରଞ୍ଜନ ସାମଲ, ସୁନ୍ଦରଗଡ଼ ଡିଏଚ୍‌ଏଚ୍ ଜିଡିଏମ୍‌ଓ ଡ. ସୋମ ଶୁଭଙ୍କର ଏବଂ ଡ. ସାଗର ଦଳେଇ ପ୍ରମୁଖ ସାମିଲ ହୋଇଛନ୍ତି। ସୁନ୍ଦରଗଡ଼ ଜିଲାପାଳ ପରାଗ ହର୍ଷଦ ଗାଭାଲି ମଧ୍ୟ ଆର୍‌ଜିଏଚ୍‌ରେ ପହଞ୍ଚି ଘଟଣାର ଅନୁସନ୍ଧାନ କରୁଛନ୍ତି।

**ଚିକିତ୍ସା ଓ ଅନୁସନ୍ଧାନ ପାଇଁ ପହଞ୍ଚିଲେ ଡାକ୍ତରୀ ଟିମ୍**

ସେହିପରି ଜିଲା ପ୍ରଶାସନ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଡାକବାଜି ଯନ୍ତ୍ର ଯୋଗେ ଲୋକଙ୍କୁ ସଚେତନ କରାଯିବା ସହ ସ୍ୱଚ୍ଛ, ଶିଝାପାଣି ପିଇବା ଓ ଦୂଷିତ ଖାଦ୍ୟ ନ ଖାଇବାକୁ ପରାମର୍ଶ ଦିଆଯାଉଛି। ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବାରୁ ସରକାରୀ ଓ ଘରୋଇ ହସ୍ପିଟାଲଗୁଡ଼ିକରେ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଆର୍‌ଏମ୍‌ସି ଅଞ୍ଚଳରେ ରୋଗୀସଂଖ୍ୟା ଅଧିକ ଥିବାରୁ ପ୍ରତିଷେଧକମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଡାକ୍ତରୀ ଟିମ୍ କହିଛନ୍ତି। ଅନ୍ୟପକ୍ଷେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଏବଂ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ମଧ୍ୟ ଆର୍‌ଜିଏଚ୍‌କୁ ଯାଇ ରୋଗୀମାନଙ୍କ ଅବସ୍ଥା ପଚାରି ବୁଝିବା ସହ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଭେଟି ଆଲୋଚନା କରିଛନ୍ତି।

# ସଜ୍ଜନ ଜିନ୍ଦଲଙ୍କ ବିରୋଧରେ ...

ପ୍ରଥମ ପୃଷ୍ଠାରୁ...

ତାଙ୍କ ଆଡ଼କୁ ଆକୃଷ୍ଟ ହୋଇଥିଲେ। ଗତ ଜାନୁୟାରୀ ୨୩ରେ ଉଭୟେ ବାନ୍ଦ୍ରାସ୍ଥିତ ଏକ ହୋଟେଲରେ ମିଶିଥିଲେ। କମ୍ପାନୀର ବାନ୍ଦ୍ରା–କୁର୍ଲା ମୁଖ୍ୟାଳୟରେ ଜିନ୍ଦଲ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ଫେବୃୟାରୀ ୧୬ରେ ମୁମ୍ବାଇର କେବିସି ଥାନାରେ ଏନେଇ ମହିଳା ଏତଲା ଦେଇଥିଲେ। ଜିନ୍ଦଲଙ୍କ ବିରୋଧରେ ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି) ଦଫା ୩୭୬ (ବଳାତ୍କାର), ୩୫୪ (ମହିଳାଙ୍କ ମର୍ଯ୍ୟାଦାହାନି) ଓ ୫୦୬ (ଆପରାଧିକ ଧମକ) ବଳରେ ମାମଲା ରୁଜୁ ହୋଇଛି। କିନ୍ତୁ ପୋଲିସ ଜିନ୍ଦଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଅନ୍ୟପକ୍ଷେ ରବିବାର ସନ୍ଧ୍ୟାରେ ଜିନ୍ଦଲ ଏକ ବିବୃତିରେ କହିଛନ୍ତି, ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ମିଥ୍ୟା ଓ ଅମୂଳକ। ତଦନ୍ତ ବେଳେ ସେ ପୂର୍ଣ୍ଣ ସହଯୋଗ କରିବାକୁ ପ୍ରତିଶ୍ରୁତିବଦ୍ଧ। ତଦନ୍ତ ଜାରି ରହିଥିବାରୁ ବର୍ତ୍ତମାନ ସ୍ଥିତିରେ ଅଧିକ ପ୍ରତିକ୍ରିୟା ଦେବାରୁ ସେ କ୍ଷାନ୍ତ ରହିବେ। ତେଣୁ ତାଙ୍କ ପରିବାରର ପ୍ରିଭେସିକୁ ସମ୍ମାନ ଦିଆଯାଉ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଅଶ୍ୱିନୀ ନକ୍ଷତ୍ର ବିବାଦୀୟ ପରିସ୍ଥିତିରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତବିବ୍ରତ ହୋଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବା ଅନୁଭବ କରିବେ।

**ବୃଷ** – କର୍ମକ୍ଷେତ୍ରରେ ବନ୍ଧୁଙ୍କ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ଅନ୍ୟମାନଙ୍କ ଚାପରେ ପଡି ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା ହେତୁ ଟେନ୍ସନ ବୃଦ୍ଧି ପାଇପାରେ। ରୋହିଣୀ ନକ୍ଷତ୍ର କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ।

**ମିଥୁନ** – ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢିପାରେ। ପୁନର୍ବସୁ ନକ୍ଷତ୍ରର ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ଆଶଙ୍କା ରହିଛି। ଅନ୍ୟମାନଙ୍କ କାନକୁହା କଥା ଶୁଣି ଉପର ଅଧିକାରୀ ଆପଣଙ୍କ ଉପରେ ଖପ୍ପା ହୋଇପାରନ୍ତି। ମନ ଭିତର ଗୋପନ କଥାକୁ ଅନ୍ୟକୁ କହି ସମାଲୋଚିତ ହେବେ।

**କର୍କଟ** – ଆଜି ଅଶ୍ଳେଷା ନକ୍ଷତ୍ର ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ ନତୁବା କଳହର ସମ୍ମୁଖୀନ ହେବାକୁ ପଡିପାରେ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ଆନୁଷ୍ଠାନିକ କାମ ଓ ସଭାସମିତିରେ ସଫଳତା ହାସଲ କରିବେ। ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ସିଂହ** – ଆପଣଙ୍କ ଯୁକ୍ତିଯୁକ୍ତ କଥାକୁ ବନ୍ଧୁମାନେ ପସନ୍ଦ କରିବା ସହ ସହମତି ପ୍ରକାଶ କରିବେ। ମଘା ନକ୍ଷତ୍ରର ପରିବାରରେ ପିଲାମାନଙ୍କ ସମସ୍ୟା ଭିତରେ ନିଜେ ବାନ୍ଧିହୋଇ ଯାଇ ପାରନ୍ତି। ଦୀର୍ଘ ଦିନରୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। କର୍ମକ୍ଷେତ୍ରରେ ମିତ୍ର, ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ।

**କନ୍ୟା** – ସମସ୍ୟା ରହିଥିଲେ ମଧ୍ୟ ବିଶେଷ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ ନାହିଁ। ସହକର୍ମୀଙ୍କ ସାହାଯ୍ୟରେ ଦୀର୍ଘଦିନର ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ହସ୍ତା ନକ୍ଷତ୍ର କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିବେ।

**ତୁଳା** – ଆନୁଷଙ୍ଗିକ ସୁବିଧା ସୁଯୋଗ ପାଇ ଖୁସି ରହିବେ ଏବଂ କାବ୍ୟ, ସାହିତ୍ୟ, କଳା, କାରିଗରି ପ୍ରତି ରୁଚି ବଳିବ। ସ୍ୱାତୀ ନକ୍ଷତ୍ର ବିଭିନ୍ନ ସୂତ୍ରରୁ ରୋଜଗାର କରିବେ କିନ୍ତୁ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢିପାରେ। ବାଣିଜ୍ୟ, ନିର୍ମାଣାଦି କ୍ଷେତ୍ରରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବେ। ବିବାଦୀୟ ପରିସରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ।

**ବିଛା** – କୌଶଳ ମାଧ୍ୟମରେ କାମ ହାସଲ କରିପାରିବେ। ସଭାସମିତି କିମ୍ବା ପ୍ରଶାସନିକ ସ୍ତରରେ ସମସ୍ୟାର ସରଳ ସମାଧାନ ହୋଇଯିବ। ଅନୁରାଧା ନକ୍ଷତ୍ର ଶିଳ୍ପ, ବ୍ୟବସାୟ ଓ ପରିବହନରେ ଲାଭବାନ ହେବେ। କ୍ରୀଡ଼ା, ଚଳଚ୍ଚିତ୍ର ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହେବାର କ୍ଷୀଣ ଆଶା ମନରେ ଉଙ୍କି ମାରିବ।

**ଧନୁ** – ଆଜି ପୂର୍ବାଷାଢା ନକ୍ଷତ୍ରର କର୍ମକ୍ଷେତ୍ର, ପ୍ରକାଶନ, ପ୍ରଶାସନିକ ଏବଂ ନିର୍ମାଣ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପ୍ରିୟ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେବା ସାଙ୍ଗକୁ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ପିଲାମାନଙ୍କ କଳହକୁ କେନ୍ଦ୍ରକରି ପଡୋଶୀ କ୍ରୋଧ ପ୍ରକାଶ କରିପାରନ୍ତି।

**ମକର** – ଆଜି ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବା ଆଶାରେ ବନ୍ଧୁଙ୍କୁ ବିନୟପୂର୍ଣ୍ଣ କଥା କହିବେ। ଶ୍ରବଣାର ପାରିବାରିକ ସ୍ତରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ। ସବୁକିଛି ଜାଣିଥିଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରିବେ। ନିଜର ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର କରିବା ସକାଶେ ଆପ୍ରାଣ ଚେଷ୍ଟା କରିବେ।

**କୁମ୍ଭ** – ଶତଭିଷା ନକ୍ଷତ୍ର ବିଭିନ୍ନ କଥା ଚିନ୍ତା କରି ମାନସିକ ସ୍ଥିତି ଭଲ ରହି ନ ପାରେ। ଅଫିସିଆଲି କାମ ହାସଲ କରିବା ସକାଶେ ଆଗନ୍ତୁକଟି ପ୍ରଶଂସାରେ ଶତମୁଖ ହୋଇ ଉଠିବ। ପରିବାରରେ ଭାବୁଥିବା କଥାଟି ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ। ନିକଟ ସମ୍ପର୍କୀୟମାନଙ୍କ ପକ୍ଷପାତିତାକୁ ନାପସନ୍ଦ କରିବେ, କିନ୍ତୁ କିଛି କହିପାରିବେ ନାହିଁ।

**ମୀନ** – କର୍ମକ୍ଷେତ୍ରରେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରି ଏକପ୍ରକାର ଆଶ୍ୱସ୍ତି ଲାଭ କରିବେ। ପରିବାରରେ ଶୁଣାକଥାକୁ ବିଶ୍ୱାସ କରି କୌଣସି କାମ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଉତ୍ତରଭାଦ୍ରବ ନକ୍ଷତ୍ର ବିଭିନ୍ନ କ୍ଷେତ୍ରରେ ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ। ଆତ୍ମନିର୍ଭରଶୀଳ ହୋଇ ମନକୁ ବୁଝାଇ ଆଗାମୀ ଭବିଷ୍ୟତର ପରିକଳ୍ପନା କରିବେ।

ଆଜି ମାର୍ଗଶିର ଶୁକ୍ଳପକ୍ଷର ଓଢଣଷଷ୍ଠୀ ସୋମବାର, ଶ୍ରୀମନ୍ଦିରରେ ଘୋଡଲାଗି ବେଶ ଆରମ୍ଭ, ଡିସେମ୍ବର ୧୮ ତାରିଖ, ରାଶି ନକ୍ଷତ୍ର–ଶତଭିଷା/କୁମ୍ଭ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୧୮ମି. ଗତେ ଘ.୦୭।୩୯ମି. ମଧ୍ୟେ, ଘ.୦୯।୧୧ମି. ଗତେ ଘ.୧୧।୨୧ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭।୩୯ମି. ଗତେ ଘ.୦୯।୦୦ମି. ମଧ୍ୟେ ରାହୁକାଳ।

**ହମାସ୍‌ର ୪ କି.ମି. ଦୀର୍ଘ ସୁଡ଼ଙ୍ଗ ଠାବ**

ଗାଜା ସିଟି,୧୭।୧୨: ଗାଜାରେ ହମାସ୍ ପକ୍ଷରୁ ନିର୍ମିତ ୪ କି.ମି. ଲମ୍ବର ଏକ ସୁଡ଼ଙ୍ଗକୁ ଇସ୍ରାଏଲୀ ସେନା ଠାବ କରିଛି। ଏହାକୁ ସଶସ୍ତ୍ର ବାହିନୀ ହମାସ୍‌ର ସବୁଠୁ ଦୀର୍ଘ ଟନେଲ ବୋଲି କୁହାଯାଉଛି। ଅସ୍ତ୍ରବିରତି ପାଇଁ ଅନ୍ତର୍ଜାତୀୟ ଚାପ ସତ୍ତ୍ୱେ ଇସ୍ରାଏଲ ସେନା ଗାଜା ଉପରେ ଆକ୍ରମଣ ଜାରି ରଖିଥିବାବେଳେ ଏରେଜ୍ ସୀମା ନିକଟରେ ଏହି ସୁଡ଼ଙ୍ଗ ଠାବ କରାଯାଇଛି। ଏହି ଟନେଲ ଦେଇ ଯାନବାହନ ଯାତାୟାତ କରିପାରିବ। ବର୍ଷ ବର୍ଷ ଧରି ଅନେକ ନିୟୁତ ଡଲାର ଖର୍ଚ୍ଚକରି ଏହାକୁ ନିର୍ମାଣ କରାଯାଇଛି। ସୁଡ଼ଙ୍ଗରେ ବିଦ୍ୟୁତ୍, ନିଷ୍କାସନ ଓ ଯୋଗାଯୋଗ ବ୍ୟବସ୍ଥା ମଧ ରହିଛି। ହମାସ୍ ନେତା ୟାହ୍ୟା ସିନ୍‌ୱରଙ୍କ ଭାଇ ମୋହମଦ ସିନ୍‌ୱରଙ୍କ ନେତୃତ୍ୱରେ ଏହାର ନିର୍ମାଣ କରାଯାଇଥିବା ଇସ୍ରାଏଲ ପକ୍ଷରୁ କୁହାଯାଇଛି।




# ଏସ୍‌ଟିଏଫ୍ ଦ୍ୱାରା ଲୁହାପଥର ଟ୍ରକ୍ ଯାଞ୍ଚ

**ଯୋଡ଼ା,୧୭।୧୨(ମାନସ ମହାନ୍ତି)**

ଭଦ୍ରକ ଜିଲା ଧାମରା ବନ୍ଦରରେ ଏସ୍‌ଟିଏଫ୍ (ସ୍ପେଶାଲ ଟାସ୍କ ଫୋର୍ସ) ଦ୍ୱାରା ଲୁହାପଥର ପରିବହନ ହେଉଥିବା ଟ୍ରକ୍ ଯାଞ୍ଚ କରାଯାଇଛି। ଯୋଡ଼ା ଖଣି ମଣ୍ଡଳର ଏକ ଖଣିରୁ ରପ୍ତାନି ପାଇଁ ଧାମରା ବନ୍ଦରକୁ ଆସିଥିବା ଲୁହାପଥରର ଗ୍ରେଡ୍(ମାନ) ହେରଫେର ହୋଇଥିବା ସୂଚନା ମିଳିଥିଲା। ପରେ ଏସ୍‌ଟିଏଫ୍ ଗାଡ଼ିଗୁଡ଼ିକୁ ଅଟକ ରଖି ଏଥିରେ ପରିବହନ ହେଉଥିବା ଲୁହା ପଥରର ଗ୍ରେଡ୍ ଯାଞ୍ଚ କରିଥିଲା। ଏଥିସହ ନମୁନା ସଂଗ୍ରହ କରି ବାରିପଦାସ୍ଥିତ ଖଣି କାର୍ଯ୍ୟାଳୟର ଡେପୁଟି ଡାଇରେକ୍ଟର ଆନାଲିସିସ୍‌କୁ ପଠାଇଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ଖଣିରୁ ଧାମରା ବନ୍ଦରକୁ ଆସିଥିବା ଲୁହାପଥରର ଗ୍ରେଡ୍(ମାନ) ଉଚ୍ଚମାନର ହୋଇଥିବା ବେଳେ ଏହାକୁ ନିମ୍ନମାନର ଦର୍ଶାଇ ରପ୍ତାନି କରାଯାଉଥିଲା। ଏ ନେଇ ଖବର ପାଇବା ପରେ ଏସ୍‌ଟିଏଫ୍ ଟ୍ରକ୍‌ଗୁଡ଼ିକୁ ଅଟକ ରଖି ଯାଞ୍ଚ କରିଥିଲା। ଏଣେ ଯୋଡ଼ା ଖଣି ଉପ ନିର୍ଦ୍ଦେଶାଳୟ ପକ୍ଷରୁ ଖଣି ବିଭାଗ ଦ୍ୱାରା ଦିଆଯାଇଥିବା ଅନୁମୋଦନ ଅନୁଯାୟୀ ଠିକ୍ ଷ୍ଟକ୍‌ରୁ ଲୁହାପଥର ଉଠିଛି ନା ଚଞ୍ଚକତା କରି ଅନ୍ୟଷ୍ଟକ୍‌ରୁ ଲୋ ଗ୍ରେଡ୍ ଅନୁମୋଦନ କରି ଉଚ୍ଚମାନର ଲୁହାପଥର ଉଠିଛି ତାହାର ତଦନ୍ତ ଆରମ୍ଭ କରିଛି। ଏ ନେଇ କୌଣସି ବିଭାଗୀୟ ମତାମତ ମିଳିପାରିନାହିଁ।

# ବିଦେଶୀ ମଦ ବଟ୍‌ଲିଂ ଫ୍ୟାକ୍ଟ୍ରିରେ ସରିନି ଚଢ଼ାଉ

## କହିଲେ ବୌଦ୍ଧ ଡିଷ୍ଟିଲାରି ସହିତ ଲିଙ୍କ୍ ନାହିଁ

**କାମାକ୍ଷାନଗର,୧୭।୧୨ (ଅମଜାଦ ଖାନ)**

ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ମଛିଆ ସ୍ଥିତ ବିଦେଶୀ ମଦ ବଟ୍‌ଲିଂ ଫ୍ୟାକ୍ଟ୍ରି ଶକ୍ତି ମଲ୍ଟ ଏୟାର ଆଣ୍ଡ ଲିମୋନେଡ ପ୍ରାଇଭେଟ ଲିମିଟେଡରେ ଆୟକର ବିଭାଗର ଚଢ଼ାଉ ଶେଷ ହୋଇନାହିଁ। ରବିବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ସେଠାରେ ଯାଞ୍ଚ ଜାରି ରହିଛି। ହେଲେ ୨ ଦିନ ଧରି ଗଣମାଧ୍ୟମକୁ କୌଣସି ସୂଚନା ଦିଆଯାଉ ନ ଥିବା ବେଳେ ରବିବାର ଫ୍ୟାକ୍ଟ୍ରି ଭିତରୁ ଜଣେ ଅଧିକାରୀ ନାମ ପ୍ରକାଶ ନ କରି ସାମାନ୍ୟ ସୂଚନା ପ୍ରଦାନ କରିଛନ୍ତି। ତେବେ ଏହା ପୂର୍ବରୁ ଅଧିକାରୀ ଜଣକ ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। କେଉଁ ଗଣମାଧ୍ୟମରୁ କିଏ ଉପସ୍ଥିତ ଅଛନ୍ତି ତାହା ଜାଣିବା ପରେ ଚଢ଼ାଉ ସମ୍ପର୍କରେ ଧାଡ଼ିଟିଏ ତଥ୍ୟ ଦେଇଥିଲେ। ସମ୍ପୃକ୍ତ ଅଧିକାରୀ କହିଥିଲେ, ବୌଦ୍ଧ ଡିଷ୍ଟିଲାରି ପ୍ରାଇଭେଟ ଲିମିଟେଡ୍ ସହିତ ଶକ୍ତି ମଲ୍ଟ ଏୟାର ଆଣ୍ଡ ଲିମୋନେଡ ପ୍ରାଇଭେଟ ଲିମିଟେଡରେ ଚଢ଼ାଉର କୌଣସି ଲିଙ୍କ୍ ନାହିଁ। ତେବେ ଅଧିକ ତଥ୍ୟ ଦେବାକୁ ମୁମ୍ବାଇ ଅଫିସରୁ ବାରଣ କରାଯାଇଥିବା ଅଧିକାରୀ ଜଣକ ପ୍ରକାଶ କରିଥିଲେ। ଏ ସଂକ୍ରାନ୍ତରେ ଫ୍ୟାକ୍ଟ୍ରି ପରିଚାଳନା ନିର୍ଦ୍ଦେଶକ ବିକ୍ରମ ସାହୁଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ହେଁ ସେ ବର୍ତ୍ତମାନ କିଛି କହିପାରିବେ ନାହିଁ ବୋଲି କହି ଫୋନ କାଟିଦେଇଥିଲେ।

# ଆଖି ଖୋଲି ରାଜ୍ୟ ସରକାରଙ୍କ ବିକାଶ କାର୍ଯ୍ୟକୁ ଦେଖ



ଗଞ୍ଜାମ ଜିଲା ଗସ୍ତ ଅବସରରେ ପୋଲସରାଠାରେ ରବିବାର ୫-ଟି ଓ ନବୀନ ଓଡ଼ିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ମହିଳାମାନେ ସ୍ୱାଗତ କରୁଛନ୍ତି।

## ଗଞ୍ଜାମ ଗସ୍ତବେଳେ ବିରୋଧୀଙ୍କୁ ଟାର୍ଗେଟ୍ କଲେ କାର୍ତ୍ତିକ ପାଣ୍ଡିଆନ

**ଭୁବନେଶ୍ୱର, ୧୭।୧୨(ସୁନିତ୍ ମିଶ୍ର)**

ଗଞ୍ଜାମ ଜିଲା ଗସ୍ତ ବେଳେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବିରୋଧୀଙ୍କୁ କଡ଼ା ଜବାବ ଦେଇଛନ୍ତି। ବିଜେଡିରେ ଯୋଗଦେବା ପରେ ଗଞ୍ଜାମ ଜିଲାକୁ ପ୍ରଥମ ଗସ୍ତ କରିବା ଅବସରରେ ପାଣ୍ଡିଆନ୍ କହିଛନ୍ତି, କିଛି ଲୋକଙ୍କୁ ବିକାଶ ଦେଖାଯାଉନାହିଁ। ସେମାନେ ରୂପାନ୍ତରଣକୁ ଗ୍ରହଣ କରିପାରୁନାହାନ୍ତି। ରୂପାନ୍ତରଣ କଥା ଆସିଲା ବେଳକୁ ସେମାନେ ଅନ୍ଧ ହୋଇଯାଉଛନ୍ତି। ଆଖି ଖୋଲିଲେ ଓଡ଼ିଶାର ସବୁଠି ବିକାଶ ଓ ରୂପାନ୍ତରଣ ଜଳଜଳ ହୋଇ ଦେଖାଯିବ। ଓଡ଼ିଶା ବିକାଶର ନୂଆ ଅଧ୍ୟାୟ ଲେଖୁଛି। ଐତିହାସିକ ରୂପାନ୍ତରଣ ଦେଖି ବି କିଛି ଲୋକ ବାରମ୍ବାର ଅପପ୍ରଚାର କରୁଥିବା ସେ କହିଛନ୍ତି।

ପାଣ୍ଡିଆନ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାରା ରାଜ୍ୟରେ ରୂପାନ୍ତରଣ କରୁଛନ୍ତି। ସ୍ମାର୍ଟ କ୍ଲାସରୁମ୍, ଇ-ଲାଇବ୍ରେରୀ ସାଙ୍ଗକୁ ବିଭିନ୍ନ ସୁବିଧା ସହ ସ୍କୁଲ ରୂପାନ୍ତରଣ ହୋଇଛି। ରାଜ୍ୟରେ ସବୁ କଲେଜର ରୂପରେଖ ବଦଳୁଛି। ବଡ଼ ସ୍ୱପ୍ନ ଦେଖିବାକୁ ଗରିବଙ୍କୁ ମୁଖ୍ୟମନ୍ତ୍ରୀ ଆଜି ସଶକ୍ତ କରିଛନ୍ତି। ଗରିବରୁ ଗରିବ ଲୋକ ମଧ୍ୟ ନିଜ ସନ୍ତାନକୁ ଡାକ୍ତର, ଇଞ୍ଜିନିୟର, ଆଇଏଏସ୍ ଅଫିସର କରିବାର ସ୍ୱପ୍ନ ଦେଖୁଛି ଓ ତାହାକୁ ସାକାର କରିବାର ସାମର୍ଥ୍ୟ ମଧ୍ୟ ରଖୁଛି। କେବଳ ସେତିକି ନୁହେଁ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଦ୍ୱାରା ବଡ଼ ହସ୍ପିଟାଲରେ ଗରିବଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ମିଳିପାରୁଛି। ରାଜ୍ୟରେ ଆମ ହସ୍ପିଟାଲ ଯୋଜନା କାର୍ଯ୍ୟକାରୀ ହୋଇଛି। ମେଡିକାଲ କଲେଜ ସଂଖ୍ୟା ବଢ଼ିଛି। ଓଡ଼ିଶା ଏବେ ଡାକ୍ତର ବଳକା ରାଜ୍ୟ ହୋଇଛି। ପୁରୀ ଶ୍ରୀମନ୍ଦିରରୁ ସମଲେଇ ମନ୍ଦିର, ଗୁପ୍ତେଶ୍ୱରରୁ ଆଖଣ୍ଡଳମଣି ରାଜ୍ୟର ସବୁ ଐତିହ୍ୟସ୍ଥଳୀର ରୂପାନ୍ତରୀକରଣ କରାଯାଇଛି। ସବୁ ପଞ୍ଚାୟତରେ ଥିବା ମନ୍ଦିରର ସୌନ୍ଦର୍ଯ୍ୟକରଣ ହେଉଛି। ମିଶନ ଶକ୍ତି, ଆମ ବ୍ୟାଙ୍କ ଭଳି ଅର୍ଥନୈତିକ ଅଭିଯାନ ଦ୍ୱାରା ଲୋକଙ୍କ ଜୀବନଧାରା ବଦଳିଛି। ଲକ୍ଷ୍ମୀ ବସ୍ ଯୋଜନା, ରାସ୍ତା ଓ ସେତୁ ନିର୍ମାଣ ଦ୍ୱାରା ଗମନାଗମନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଛି। ଯଦି ଏସବୁ ରୂପାନ୍ତରଣ କିଛି ଲୋକଙ୍କୁ ଦିଶୁନି, ତେବେ ସେମାନେ ଆଖି ଖୋଲିବା ଦରକାର ବୋଲି ରବିବାର ଛତ୍ରପୁର ସୁନ୍ଦରେଶ୍ୱର ମନ୍ଦିରର ରୂପାନ୍ତରଣ କାର୍ଯ୍ୟ ସମୀକ୍ଷା ବେଳେ ସେ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୧୬ ତାରିଖରୁ ପାଣ୍ଡିଆନ ୨ ଦିନିଆ ଗଞ୍ଜାମ ଜିଲା ଗସ୍ତ କରିଥିଲେ। ପ୍ରଥମ ଦିନରେ ହିଞ୍ଜିଳିକାଟୁ ନିକଟ କୋଚିଳିମାଠାରେ ଥିବା ଖମ୍ବେୟାଦୋରା ଜୁନିୟର କଲେଜରେ ଛାତ୍ରୀଛାତ୍ରମାନଙ୍କ ସହ ଆଲୋଚନା କରି ସେମାନଙ୍କୁ ବଡ଼ ସ୍ୱପ୍ନ ଦେଖିବାକୁ ଉତ୍ସାହିତ କରିଥିଲେ। ହିଞ୍ଜିଳିକାଟୁ ମିନି ଷ୍ଟାଡିୟମଠାରେ ନୂଆ-ଓ କାର୍ଯ୍ୟକ୍ରମରେ ମଧ୍ୟ ଛାତ୍ରୀଛାତ୍ରମାନଙ୍କ ସହ ଭାବ ଆଦାନପ୍ରଦାନ କରିଥିଲେ। ଏହାପରେ ଶେରଗଡ଼ ଯାଇ ମିଶନ ଶକ୍ତି ମହିଳା ଓ ଚାଷୀଙ୍କ ସହ ପୃଥକ୍ ପୃଥକ୍ ଆଲୋଚନା କରିଥିଲେ। ସନ୍ଧ୍ୟାରେ ବ୍ରହ୍ମପୁରର ଇଷ୍ଟଦେବୀ ମା' ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର ରୂପାନ୍ତରଣ କାର୍ଯ୍ୟର ସମୀକ୍ଷା କରିଥିଲେ। ରବିବାର ଭୋର୍‌ରୁ ପ୍ରଥମେ ଏମ୍‌କେସିଜି ମେଡିକାଲ କଲେଜ ଯାଇ ସେଠାରେ ଡାକ୍ତରୀ ଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଭୋର ୫ଟା ୪୫ରେ ପହଞ୍ଚିଥିବାରୁ ସମସ୍ତଙ୍କୁ କ୍ଷମା ପ୍ରାର୍ଥନା କରିଥିଲେ। ଏହାସହ ମେଡିକାଲର ବିଭିନ୍ନ ୱାର୍ଡ ବୁଲିବା ସହିତ ଏମ୍‌କେସିଜିରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ ସମେତ ୭୬ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ କ୍ୟାନ୍‌ସର କେୟାର ସେଣ୍ଟରର ସମୀକ୍ଷା କରିଥିଲେ। ବ୍ରହ୍ମପୁର ଉପକଣ୍ଠ କୁକୁଡ଼ାଖଣ୍ଡୀର କୁସୁମୀଠାରେ ୨୨୦ କୋଟି ଟଙ୍କା ବ୍ୟୟରେ ତିଆରି ହେଉଥିବା ରିଂ ରୋଡ୍ କାର୍ଯ୍ୟର ଅଗ୍ରଗତି ବିଷୟରେ ବୁଝିଥିଲେ। ଗୋପାଳପୁର ମାର୍କଣ୍ଡିଠାରେ ୯୩ କୋଟି ଓ ହରିପୁରଠାରେ ୮୪ କୋଟି ବ୍ୟୟରେ ନିର୍ମାଣାଧୀନ ପ୍ରକଳ୍ପ ଏବଂ ୧୫୭୨ କୋଟି ଟଙ୍କା ବ୍ୟୟରେ ପୋଲସରା ଓ କବିସୂର୍ଯ୍ୟନଗରରେ ନିର୍ମାଣାଧୀନ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଭଞ୍ଜନଗରଠାରେ ୧୯୧୩ କୋଟିର ନିର୍ମାଣାଧୀନ ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ, ୧୨୦ କୋଟି ବ୍ୟୟରେ ନୂଆଗାଁଠାରେ ଋଷିକୁଲ୍ୟା ନଦୀର ଜଳସେଚନ ଯୋଜନା, ଢୋଲପିଟା ବଡ଼ନଦୀରେ ଇନ୍‌ଷ୍ଟ୍ରିମ ଷ୍ଟୋରେଜ ଷ୍ଟ୍ରକ୍ଚର ନିର୍ମାଣ ସମ୍ପର୍କରେ ସ୍ଥାନୀୟ ବିଧାୟକ ବିକ୍ରମ କେଶରୀ ଆରୁଖଙ୍କ ସହ ସେ ଆଲୋଚନା କରିଥିଲେ। ପାଣ୍ଡିଆନଙ୍କ ଗସ୍ତ ଅବସରରେ ପ୍ରତ୍ୟେକ ସ୍ଥାନରେ ହଜାର ହଜାର ଲୋକ ଉପସ୍ଥିତ ରହି ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏହି ଗସ୍ତ ସମୟରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ବିଜେଡି ପର୍ଯ୍ୟବେକ୍ଷକ ମାନସ ରଞ୍ଜନ ମଙ୍ଗରାଜ ଓ ବିଭିନ୍ନ ନିର୍ବାଚନମଣ୍ଡଳୀର ବିଧାୟକ, ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ସିଏଚ୍‌ଏସ୍‌ଏଲ୍ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି

**ଭୁବନେଶ୍ୱର,୧୭।୧୨ (ଅସମାପିକା ସାହୁ)**

ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ପକ୍ଷରୁ ରବିବାର ଅନୁଷ୍ଠିତ ସିଏଚ୍‌ଏସ୍‌ଏଲ୍ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ଦେଖିବାକୁ ମିଳିଛି। ସେଟ୍ 'ଏ' ଓ 'ବି' ଛାପାରେ ଭୁଲ୍ ଥିବା ଅଭିଯୋଗ ହୋଇଛି। ସେଟ୍ 'ବି'ର ପ୍ରଶ୍ନ ସଂଖ୍ୟା ୧୩୧ରୁ ୧୩୫ ପର୍ଯ୍ୟନ୍ତ ପାଇ ଚାର୍ଟ ନେଇ ପ୍ରଶ୍ନ ପଚରାଯାଇଥିଲା। ହେଲେ ପାଇଚାର୍ଟ ନ ଥିବାରୁ ପରୀକ୍ଷାର୍ଥୀମାନେ ଦ୍ୱନ୍ଦ୍ୱରେ ପଡ଼ିଥିଲେ। ଅନୁରୂପ ଭାବେ ସେଟ୍ 'ଏ'ର ପ୍ରଶ୍ନ ସଂଖ୍ୟା ୨୬ରେ ତ୍ରୁଟି ଥିବା ଜଣାପଡ଼ିଛି। ପରୀକ୍ଷା ପରେ ବହୁ ଛାତ୍ରୀଛାତ୍ର ଏନେଇ ଆୟୋଗକୁ ଅଭିଯୋଗ କରିଛନ୍ତି। ପ୍ରଶ୍ନପତ୍ର ଛାପାରେ ଭୁଲ୍ ଥିବା ଓଏସ୍‌ଏସ୍‌ସି ସ୍ୱୀକାର କରି ଏକ ବିଜ୍ଞପ୍ତି ପ୍ରକାଶ କରିଛି। ସମସ୍ତ ଛାତ୍ରୀଛାତ୍ରଙ୍କ ନ୍ୟାୟସଙ୍ଗତ ମୂଲ୍ୟାଙ୍କନ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆୟୋଗ ପକ୍ଷରୁ ସୂଚନା ଦିଆଯାଇଛି।

# ଏମ୍‌ଆର୍‌ଆଇ, ସିଟି ସ୍କାନ୍ ପାଇଁ ଏବେ ପ୍ରେସ୍‌କ୍ରିପଶନ ଯାଞ୍ଚ ହେବ

**ଭୁବନେଶ୍ୱର, ୧୭।୧୨(ସୁନିତ୍ ମିଶ୍ର)**

**କ୍ୟାପିଟାଲ ହସ୍ପିଟାଲ**



ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଏମ୍‌ଆର୍‌ଆଇ ଏବଂ ସିଟି ସ୍କାନ ପାଇଁ ନିୟମ କଡ଼ାକଡ଼ି କରାଯାଇଛି। ଏଣିକି ଏମ୍‌ଆର୍‌ଆଇ ଏବଂ ସିଟି ସ୍କାନ୍ ପାଇଁ ରୋଗୀଙ୍କ ପ୍ରେସ୍‌କ୍ରିପଶନ ଯାଞ୍ଚ ହେବ। ଆଗଭଳି ଆଉ ବିନା ଅନୁସନ୍ଧାନରେ ଏମ୍‌ଆର୍‌ଆଇ ଏବଂ ସିଟି ସ୍କାନ୍ ରିପୋର୍ଟ ଡାକ୍ତରମାନେ ଲେଖିପାରିବେ ନାହିଁ। ଏନେଇ ଏସ୍‌ଓପି(ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର) ଜାରି କରାଯାଇଛି। କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ କହିବାନୁଯାୟୀ, ଘରୋଇ ସ୍ତରରେ ଏମ୍‌ଆର୍‌ଆଇ/ସିଟି ସ୍କାନ୍ ବ୍ୟୟବହୁଳ ହୋଇଥିବା ବେଳେ କ୍ୟାପିଟାଲ ହସ୍ପିଟାଲରେ ମାଗଣାରେ ଏହାକୁ କରିବା ପାଇଁ ରୋଗୀମାନେ ନକଲି ପ୍ରେସ୍‌କ୍ରିପଶନ ବ୍ୟବହାର କରୁଛନ୍ତି। ଏମିତି କି ଏହାକୁ ନେଇ ଦଲାଲ ମାତିଥିବା ଜଣାପଡ଼ିଛି।

ତେଣୁ କେବଳ କ୍ୟାପିଟାଲ୍ ହସ୍ପିଟାଲର ସହକାରୀ ପ୍ରଫେସର କିମ୍ବା ପିଜିଆଇଏମ୍‌ଇଆର୍ ଡାକ୍ତରମାନେ ଏମ୍‌ଆର୍‌ଆଇ/ସିଟି ସ୍କାନ୍ ପାଇଁ ପରାମର୍ଶ ଦେଇପାରିବେ। ଏମ୍‌ଆର୍‌ଆଇ/ସିଟିସ୍କାନ୍ ପାଇଁ ଲେଖାଯାଇଥିବା ସମସ୍ତ ପ୍ରେସ୍‌କ୍ରିପଶନ ରେଫେରାଲର ଯାଞ୍ଚ କରାଯିବ। ସେଥିରେ ସମ୍ପୃକ୍ତ ଡାକ୍ତରଙ୍କ ଦସ୍ତଖତ ସମେତ ତାରିଖ ରହିଥିବା ଆବଶ୍ୟକ। ଅନ୍ୟପଟେ ଡାକ୍ତରମାନେ ଉକ୍ତ ପରୀକ୍ଷା ପାଇଁ ନିଜ ବିଭାଗ ସହିତ ଜଡ଼ିତ ଏମ୍‌ଆର୍‌ଆଇ/ସିଟି ସ୍କାନ ପାଇଁ ପରାମର୍ଶ ଦେଇପାରିବେ। ସେହିପରି ଅନେକ ସମୟରେ ଦେଖାଯାଇଛି ଯେ, ଅନେକ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀମାନେ ଏମ୍‌ଆର୍‌ଆଇ ଓ ସିଟିସ୍କାନ ରୁମ୍‌ରେ ପ୍ରବେଶ କରୁଛନ୍ତି। ନିଜ ଇଚ୍ଛା ଅନୁଯାୟୀ ଏମ୍‌ଆର୍‌ଆଇ ଏବଂ ସିଟି ସ୍କାନ କରିବା ପାଇଁ ଟେକ୍ନିସିଆନଙ୍କ ଉପରେ ଚାପ ପକାଉଛନ୍ତି। ସେମାନଙ୍କ ଉପରେ କଡ଼ା ନଜର ରଖାଯିବ। ଏମ୍‌ଆର୍‌ଆଇ ଏବଂ ସିଟି ସ୍କାନ ପାଇଁ ଯଦି କୌଣସି ସନ୍ଦେହଜନକ ପରିସ୍ଥିତି ଦେଖାଦିଏ, ତେବେ ଉକ୍ତ ଡାକ୍ତର କିମ୍ବା କର୍ତ୍ତୃପକ୍ଷଙ୍କ ଯାଞ୍ଚ ପରେ ଏମ୍‌ଆର୍‌ଆଇ/ସିଟି ସ୍କାନ୍ କରାଯିବ। ଯଦି କୌଣସି ସ୍ୱାସ୍ଥ୍ୟକର୍ମୀ କିମ୍ବା ଡାକ୍ତର ବିଶୃଙ୍ଖଳା କରନ୍ତି, ତା'ହେଲେ ସେମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କ୍ୟାପିଟାଲ ହସ୍ପିଟାଲ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# 'ସାହିତ୍ୟର ମୌଳିକତା ଫେସ୍‌ବୁକ୍ ନଷ୍ଟ ନ କରୁ'

**ଧରିତ୍ରୀ ଆଳାପ**

**କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପାଇଁ କବି ଡିଲେଶ୍ୱର ରଣା ମନୋନୀତ ହୋଇଛନ୍ତି। କଳାହାଣ୍ଡି ଜିଲା ଧଅଁରାମାଲ ଗ୍ରାମରେ ଜନ୍ମିତ ଡିଲେଶ୍ୱର ସ୍ୱରଚିତ ପୁସ୍ତକ 'ସେଁର୍‌ରା' ନିମନ୍ତେ ଏହି ପୁରସ୍କାର ପାଇବେ। ସମ୍ପ୍ରତି ସେ ଭବାନୀପାଟଣାସ୍ଥିତ କୁଟେନପଦର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି। ସେ ଗପ, କବିତା, ଫିଚର, ଓ ନାଟକ ରଚନା ସହ ମଞ୍ଚରେ ଅଭିନୟ ମଧ କରନ୍ତି। ତାଙ୍କର ପ୍ରଥମ ଗଳ୍ପ ସଙ୍କଳନ ହେଉଛି 'ସେଁର୍‌ରା'। ଟାଇମପାସ୍ ପୁସ୍ତକ ପ୍ରକାଶନୀ ସଂସ୍ଥା ଦ୍ୱାରା ଏହା ୨୦୨୧ରେ ପ୍ରକାଶ ପାଇଥିଲା। ଏହାପରେ ୨୦୨୨ରେ ତାଙ୍କର 'ମେଲିଭୂଇଁ' ଉପନ୍ୟାସ ପ୍ରକାଶିତ ହୋଇଥିଲା। ଏନ୍‌ସିଇଆର୍‌ଟିର ଆଦିବାସୀ ଭାଷା ପାଠ୍ୟପୁସ୍ତକ ପ୍ରସ୍ତୁତି କମିଟିରେ ସେ ଏକ୍ସପର୍ଟ ସଦସ୍ୟ ରହିଛନ୍ତି। ଜଣେ ଯୁବକବି ଭାବେ ନିଜର ପ୍ରଥମ ସଙ୍କଳନ ପାଇଁ ଯୁବ ପୁରସ୍କାର ହାତେଇଥିବା ଡିଲେଶ୍ୱରଙ୍କ ସହ ଏଥରର ଧରିତ୍ରୀ ଆଳାପ।**

**– ସାକ୍ଷାତ୍: ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର**



ଡିଲେଶ୍ୱର ରଣା

**ଆପଣଙ୍କୁ ଶୁଭେଚ୍ଛା। ପୁରସ୍କାର ପାଇଁ ମନୋନୀତ ହେବା ନେଇ ଆପଣଙ୍କ ପ୍ରତିକ୍ରିୟା?**

ଧନ୍ୟବାଦ। ନିଶ୍ଚିତ ଭାବେ ଖବରଟି ବହୁତ ଆନନ୍ଦ ଆଣିଦେଇଥିଲା। ମୋ ଲେଖାକୁ ସ୍ୱୀକୃତି ମିଳିବା ସହ ମୋ ପାଠକଙ୍କୁ ସମ୍ମାନ ମିଳିଛି। ଯେତିକି ଉତ୍ସାହିତ ଅଛି, ଆଗକୁ ସେମିତି ଦାୟିତ୍ୱ ମଧ୍ୟ ବଢ଼ିଯାଇଛି ବୋଲି ମୁଁ ଭାବୁଛି।

**ଗଳ୍ପ ସଙ୍କଳନ 'ସେଁର୍‌ରା' ସମ୍ପର୍କରେ କ'ଣ କହିବେ?**

ସମୁଦାୟ ୧୦ଟି ଗଳ୍ପକୁ ନେଇ ଏହି ପୁସ୍ତକ ରଚିତ। କଳାହାଣ୍ଡି ଜିଲାର ସଂସ୍କୃତି ଓ ପରମ୍ପରା ସହିତ ବିଶେଷକରି ବିସ୍ଥାପନ ପ୍ରସଙ୍ଗ, ନିୟମଗିରି ଆଦିବାସୀ ଏବଂ ଯେଉଁମାନେ ସଂଘର୍ଷପୂର୍ଣ୍ଣ ଜୀବନ ଜିଉଛନ୍ତି, ସେମାନଙ୍କ କଥା ଏହି ଗଳ୍ପରେ ରହିଛି। ସେମାନଙ୍କ ଚଳଣି, ପରମ୍ପରା, ସଂସ୍କୃତି ଉକ୍ତ ଗଳ୍ପଗୁଡ଼ିକରେ ସ୍ଥାନ ପାଇଛି। ଓଡ଼ିଆ ଗଳ୍ପରେ ଯେଉଁ ଲୋକକଥା, ଲୋକଗାଥା, ଲୋକଗୀତ ସବୁ ସ୍ଥାନିତ ହୋଇପାରିନାହିଁ ସେଗୁଡ଼ିକୁ ମୁଁ ଗପ ମାଧ୍ୟମରେ ପ୍ରୟୋଗ କରିବାର ଚେଷ୍ଟା କରୁଛି।

**ଲେଖାଲେଖି କେବେଠୁ ଆରମ୍ଭ କଲେ?**

୨୦୧୨ରେ ସିଟି ଟ୍ରେନିଂ ସମୟରୁ ଲେଖାଲେଖି ଆରମ୍ଭ କଲି। ପ୍ରଥମେ କବିତା ଲେଖୁଥିଲି। ପରବର୍ତ୍ତୀ ସମୟରେ ଗଳ୍ପ, ଉପନ୍ୟାସ ଓ ନାଟକ ମଧ୍ୟ ଲେଖିଲି। ଜୀବନରେ ସାମ୍ନା କରୁଥିବା ସମସ୍ୟା ଓ ସଂଘର୍ଷକୁ ସେହି ସମୟରେ ସମାଧାନ କିମ୍ବା ମୁକାବିଲା ନ କରିପାରିଲେ ସେଗୁଡ଼ିକ ମୋ ଲେଖାରେ ଉତୁରି ଆସେ। ପରିସ୍ଥିତି ମୋତେ ଲେଖିବାକୁ ବାଧ୍ୟ କରିଥିଲା। ସମସାମୟିକ ଲେଖକମାନଙ୍କ ଲେଖା ଦେଖି ଭାବୁଥିଲି, ମୁଁ ବୋଧେ ସେମିତି ଲେଖିପାରିବିନି। ମାତ୍ର ସମୟକ୍ରମେ ପାଠକମାନଙ୍କ ଭଲପାଇବା ଓ ବରିଷ୍ଠ ଲେଖକଙ୍କ ଲେଖା ଅଧ୍ୟୟନ ଦ୍ୱାରା ମୁଁ ଲେଖିବା ପାଇଁ ଅଭିପ୍ରେରିତ ହେଲି।

**ପୁସ୍ତକ ପଠନ ପ୍ରତି ଆଗ୍ରହ କମିଯାଉଛି କି?**

ହଁ ଟିକେ କମିଯାଇଛି, ମାତ୍ର ବେଶି ନୁହେଁ। ସାହିତ୍ୟରେ ଆମେ ଯଦି ରୁଚିପୂର୍ଣ୍ଣ ସହ ସମୟ, ପ୍ରସଙ୍ଗ ଓ ବର୍ତ୍ତମାନର ଚଳଣିକୁ ସ୍ଥାନ ଦେବା ତା'ହେଲେ କେବଳ ଯୁବପିଢ଼ି ନୁହେଁ, ସମସ୍ତ ବର୍ଗର ପାଠକ ଏହାକୁ ପଢ଼ିବେ। ଆମେ ବର୍ତ୍ତମାନ ଯେଉଁ ସମୟ ଜିଉଛୁ ସେ ସବୁର ପ୍ରତିନିଧିତ୍ୱ ଯୁବପିଢି ସାହିତ୍ୟ ମାଧ୍ୟମରେ ହିଁ କରିପାରିବେ।

**ଆପଣ ଲେଖିବା ପାଇଁ ଉପାଦାନ କେଉଁଠୁ ପାଆନ୍ତି?**

ମୁଁ ଭ୍ରମଣପ୍ରିୟ। କୁଆଡ଼େ ବୁଲିଗଲେ ସେଠାକାର ତୃଣମୂଳ ସ୍ତରର ଲୋକଙ୍କ ସଂଘର୍ଷ, ଜୀବନଯାପନ, ଆତ୍ମୀୟପଣକୁ ମୁଁ ମୋ ଲେଖା ମାଧ୍ୟମରେ ଉପସ୍ଥାପନ କରିଥାଏ। ଯେତେବେଳ ପର୍ଯ୍ୟନ୍ତ ମୋ ସାମ୍ନାରେ ପରିସ୍ଥିତି ବା ଘଟଣା ଘଟି ନ ଥାଏ କିମ୍ବା ସଂସ୍ପର୍ଶରେ ଆସି ନ ଥାଏ, ସେତେବେଳ ପର୍ଯ୍ୟନ୍ତ ମୁଁ ଲେଖିପାରେନାହିଁ।

**କିଛି ପାଠକୀୟ ଅନୁଭୂତି ବାଣ୍ଟିବାକୁ ଚାହିଁବେ?**

ଶରତ ପାଢ଼ୀ ବୋଲି ଜଣେ ପାଠକ ମୋତେ ନିୟମିତ ଫୋନ କରନ୍ତି। ଲେଖା ଆରମ୍ଭରୁ ସେ ଆଜିପର୍ଯ୍ୟନ୍ତ ମୋର ସବୁ ଲେଖା ପଢ଼ି ଫୋନ୍ ମାଧ୍ୟମରେ ମତାମତ ଦିଅନ୍ତି। ତାଙ୍କ ଫୋନକଲ୍ ହିଁ ମୋତେ ଲେଖିବାକୁ ମନୋବଳ ଦେଇଥାଏ।

**ସାମାଜିକ ଗଣମାଧ୍ୟମରେ ସାହିତ୍ୟ ସର୍ଜନା ପ୍ରକ୍ରିୟାକୁ କିଭଳି ଦେଖୁଛନ୍ତି?**

ଫେସବୁକ୍ ପୃଥିବୀର ସର୍ବବୃହତ ରଫ୍‌ଖାତା, ଯିଏ ଚାହିଁବ ସେ ଲେଖିପାରିବ। ସେଥିରେ ଲେଖା ହେଉଥିବା ସବୁ ସାହିତ୍ୟ ଯେ ସାହିତ୍ୟ ପଦବାଚ୍ୟ, ତାହା ମୁଁ ଗ୍ରହଣ କରିପାରୁନାହିଁ। ମାତ୍ର ଫେସବୁକ୍ ଅନେକଙ୍କୁ ଲେଖିବାର ସୁଯୋଗ ଦେଇଛି। ଫେସ୍‌ବୁକ୍‌ରେ ଲେଖିବା ପୂର୍ବରୁ ତାହାକୁ ପରିମାର୍ଜିତ କରିବାର ଆବଶ୍ୟକତା ରହିଛି, ଯେପରି ତାହା ସାହିତ୍ୟର ମୌଳିକତାକୁ ନଷ୍ଟ ନ କରୁ।

**ଯୁବଲେଖକ ଭାବେ କିଛି ବାର୍ତ୍ତା ଦେବାକୁ ଚାହିଁବେ?**

ପାଠକଙ୍କ ରୁଚିକୁ ଦେଖିବା ସହ ନିଜ ଭାବନାକୁ ବିକୃତ ନ କରି ଲେଖିବା ଆବଶ୍ୟକ। ଅଧିକ ଲେଖିବା ମୋହରେ ନ ରହି କମ୍ ଓ ଭଲ ଲେଖିବାକୁ ଚେଷ୍ଟା କରିବା ଉଚିତ୍।

“ମଣିଷ ପ୍ରକୃତିର ଦିବ୍ୟରୂପାନ୍ତର ହେବ ବୋଲି ଆମେ ଯାହା କହୁଛୁ- ତାହା ହେଲା ତା'ପ୍ରକୃତିର ଏକ ସମ୍ପୂର୍ଣ୍ଣ ଓ ସମାଗ୍ରିକ ପରିବର୍ତ୍ତନ । କେହି ଭାବିବା ଉଚିତ ନୁହେଁ ଯେ, ଏହା କେବଳ ଏକପ୍ରକାର ଉଚ୍ଚସ୍ତରୀୟ ମାନବିକତା ମାତ୍ର । ଦିବ୍ୟରୂପାନ୍ତର ହେଲା ଆମ ଅଜ୍ଞାନ ପ୍ରକୃତିର ମିଥ୍ୟାରୁ ମୁକ୍ତ ହୋଇ ଦିବ୍ୟ- ପ୍ରକୃତିର ସତ୍ୟ ସହିତ ଏକାତ୍ମ ହେବା । -ଶ୍ରୀଅରବିନ୍ଦ

# ଅଳିଆଗଦାରେ ଫିଙ୍ଗା

୫ ରାଜ୍ୟ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ଅନେକ ଦିନ ଗଡ଼ିଗଲାଣି । ଏବେ ପଛକୁ ଦେଖି ମତ ଦେବା ସହଜ ହୋଇପାରେ । ପ୍ରଥମ ଉଦାହରଣ ଭାବେ ମଧ୍ୟପ୍ରଦେଶକୁ ନିଆଯାଇପାରେ । ସେହି ରାଜ୍ୟ ପ୍ରମାଣ କରିଦେଇଛି, ବ୍ୟାପମ୍ ଭଳି ଅନେକ ବିରାଟକାୟ ଦୁର୍ନୀତିର ଅଭିଯୋଗ ଥିବା ସତ୍ତ୍ୱେ ଭାଜପାର ଶିବରାଜ ସିଂ ଚୌହାନଙ୍କ ମୁଖ୍ୟମନ୍ତ୍ରିତ୍ୱ ଫଳରେ ଲାଗ ଲାଗ ଭାଜପା ପଞ୍ଚମ ଥର ପାଇଁ ଜିତିପାରିଛି । ଅବଶ୍ୟ ୨୦୧୮ ଶେଷଆଡ଼କୁ ଅନୁଷ୍ଠିତ ନିର୍ବାଚନରେ ସେଠାରେ କଂଗ୍ରେସ ଜିତିଥିଲା । ଘୋଡ଼ାବେପାର ହେବା ଯୋଗୁ ୨୦୨୦ ମାର୍ଚ୍ଚ ସୁଦ୍ଧା ସେହି ସରକାର ସଂଖ୍ୟାଗରିଷ୍ଠତା ହରାଇଲା ଓ ଭାଜପା ପୁନର୍ବାର କ୍ଷମତାକୁ ଫେରିଲା । ଏଥିରୁ ବୁଝିବାକୁ ହେବ ଯେ, ସରକାର ବିରୋଧୀ ହାୱା (ଆଣ୍ଟି ଇନ୍‌କମ୍ବେନ୍ସି)ର ଭାରତରେ କୌଣସି ଅର୍ଥ ନାହିଁ । ୨୦୧୮ ନିର୍ବାଚନକୁ ଦେଖିଲେ ମଧ୍ୟପ୍ରଦେଶରେ ଜ୍ୟୋତିରାଦିତ୍ୟ ସିନ୍ଧିଆ ଓ ରାଜସ୍ଥାନରେ ସଚିନ ପାଇଲଟ୍‌ଙ୍କୁ ଅଣଦେଖା କରି ଯଥାକ୍ରମେ କମଲ ନାଥ ଓ ଅଶୋକ ଗେହଲଟଙ୍କ ଉପରେ ଦଳ ଭରସା କରିବାରୁ ସମ୍ପୃକ୍ତ ରାଜ୍ୟରେ ଯୁବବର୍ଗ କଂଗ୍ରେସ ନେତୃତ୍ୱକୁ ସେତେବେଳେ ସମାଲୋଚନା କରିଥିଲେ । ମତଦାତା ଗୋଟେ ପରିବର୍ତ୍ତନକୁ ଅନିଷା କରି ଭୋଟ ଦେଇଥିବା ବେଳେ ପୁରୁଣା ଚିନ୍ତାଧାରାରେ ବୁଡ଼ି ରହିଥିବା କଂଗ୍ରେସର ବରିଷ୍ଠ ନେତାମାନେ ତାହାକୁ ବୁଝିବାରେ ଅକ୍ଷମ ହୋଇଥିଲେ । ସମ୍ଭବତଃ ସେହି ଅସନ୍ତୋଷ ୨୦୨୩ରେ ପ୍ରତିଫଳିତ ହେବାରୁ କଂଗ୍ରେସ ଡ୍ରାଇଭର ସିଟ୍‌ରେ ବସିବାର ସୁଯୋଗ ଥିଲେ ମଧ୍ୟ ତାହା ହାତେଇପାରିଲା ନାହିଁ । ଏବେ କଂଗ୍ରେସ କେନ୍ଦ୍ରୀୟ ନେତୃତ୍ୱ ତ୍ରୁଟି ସଜାଡ଼ିବାକୁ ଯାଇ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୬ ଡିସେମ୍ବରରେ ମଧ୍ୟପ୍ରଦେଶର ରାଜ୍ୟ କଂଗ୍ରେସ ମୁଖ୍ୟ ଥିବା କମଲ ନାଥଙ୍କ ସ୍ଥାନରେ ଜିତୁ ପଟ୍ଟୱାରିଙ୍କୁ ଅବସ୍ଥାପିତ କରିଛନ୍ତି । ଉଲ୍ଲେଖଯୋଗ୍ୟ, ୫୦ ବର୍ଷୀୟ ଜିତୁ ଡିସେମ୍ବର ୨୦୧୮ରୁ ମାର୍ଚ୍ଚ ୨୦୨୦ କମଲ ନାଥ ସରକାରରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଥିଲେ । ସ୍ୱାଧୀନତା ସଂଗ୍ରାମୀ କୋଡାରଲାଲ ପଟ୍ଟୱାରୀ ତାଙ୍କ ଜେଜେ ହୋଇଥିବା ବେଳେ ପିତା ରମେଶ ଚନ୍ଦ୍ର ପଟ୍ଟୱାରୀ ଭାରତୀୟ ଜାତୀୟ କଂଗ୍ରେସରେ ସକ୍ରିୟ ଅଛନ୍ତି । ଯଦିଓ ଜିତୁ ନିକଟରେ ଶେଷ ହୋଇଥିବା ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନରେ ପରାଜିତ ହୋଇଥିଲେ, ତଥାପି ଦଳକୁ ସେହି ରାଜ୍ୟରେ ନେତୃତ୍ୱ ଦେଇପାରିବେ ବୋଲି କଂଗ୍ରେସ ହାଇକମାଣ୍ଡ ଭାବୁଥିବାର ପ୍ରମାଣ ଏହି ନିଯୁକ୍ତିରୁ ମିଳୁଛି ।

ଏଠାରେ ଉଲ୍ଲେଖଯୋଗ୍ୟ, ତେଲଙ୍ଗାନାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିବା ପ୍ରଦେଶ କଂଗ୍ରେସର ମୁଖ୍ୟ ଏ. ରେଭାନ୍ଥ ରେଡ୍ଡୀ ନିକଟରେ ହୋଇଥିବା ବିଧାନସଭା ନିର୍ବାଚନରେ ନିଜ ନିର୍ବାଚନମଣ୍ଡଳୀରୁ ମଧ୍ୟ ହାରିଯାଇଥିଲେ । ତଥାପି ତାଙ୍କର ନେତୃତ୍ୱ ଦଳକୁ ତେଲଙ୍ଗାନାରେ ପୁନର୍ଜୀବିତ କରାଇପାରିଛି ବୋଲି କଂଗ୍ରେସ ହାଇକମାଣ୍ଡ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦବୀରେ ବସାଇ ଏକ ସ୍ୱାଗତଯୋଗ୍ୟ ଉଦାହରଣ ସୃଷ୍ଟି କରିଛନ୍ତି । ତେଲଙ୍ଗାନାରେ କଂଗ୍ରେସର ସ୍ଥିତି ଆନ୍ଧ୍ରପ୍ରଦେଶ ବିଭାଜନ ପରେ ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଥିଲା । ଚିନ୍ତା କରାଯାଉଥିଲା କଂଗ୍ରେସ ପରିବର୍ତ୍ତେ ଭାଜପାର ସଙ୍ଗଠନ ଅଧିକ ଚେର ଧରିପାରିବ । ୨୦୨୩ ନିର୍ବାଚନ ପ୍ରମାଣ କରିଦେଉଛି ଯେ, ଅଣହିନ୍ଦୀଭାଷୀ ରାଜ୍ୟଗୁଡ଼ିକରେ ଭାଜପାର ଶକ୍ତି ବୃଦ୍ଧିପାଇବା ସମ୍ଭବପର ହେଉନାହିଁ । ତେଲଙ୍ଗାନାର ଏହି ଫଳାଫଳ ଏହା ମଧ୍ୟ ଦର୍ଶାଉଛି ଯେ ଭାରତର ରାଜନୈତିକ ବିଭାଜନ ଭାଷା ଆଧାରିତ ହେବାର ସବୁ ଲକ୍ଷଣ ରଖୁଛି । ସେଥିପାଇଁ କେନ୍ଦ୍ରରେ ଶାସନ କରୁଥିବା ଭାଜପା ଯେତେ ଅଧିକ ହିନ୍ଦୀ ଶବ୍ଦ ବ୍ୟବହାର କରି କାର୍ଯ୍ୟକ୍ରମ, ଆଇନ ଏବଂ ନୀତି ସୃଷ୍ଟି କରିବ, ସେତିକି ଅଧିକ ପରିମାଣରେ ଦେଶର ରାଜନୈତିକ ବିଭାଜନ ଗଭୀରତର ହେବ । ଅପରପକ୍ଷରେ କଂଗ୍ରେସର ଏହି ହିନ୍ଦୀ ଲଦିବା ମନୋଭାବ ନ ଥିବା ହେତୁ ଅଣହିନ୍ଦୀଭାଷୀ ରାଜ୍ୟରେ ପୁନର୍ଜୀବିତ ହେବାର ସମ୍ଭାବନା ବୃଦ୍ଧି ପାଉଛି ।

ରାଜସ୍ଥାନ ଓ ଛତିଶଗଡ଼ ଭଳି ଉଭୟ ରାଜ୍ୟରେ ପୁରୁଖା ଓ ବୟୋଜ୍ୟେଷ୍ଠ ନେତାଙ୍କୁ ଦାୟିତ୍ୱ ଦେଇଥିବାରୁ ସେଠାକାର ଯୁବପିଢ଼ିଙ୍କୁ ସାଥିରେ ନେବାରେ କଂଗ୍ରେସ ବିଫଳ ହେଉଥିବାର ସବୁ ଲକ୍ଷଣ ଦେଖିବାକୁ ମିଳୁଛି । କମଲ ନାଥଙ୍କ ଭଳି ଅଶୋକ ଗେହଲଟ ଓ ଭୂପେଶ ବଘେଲ ତାଙ୍କର ଅନିଚ୍ଛା ସତ୍ତ୍ୱେ ନିଜର ରାଜନୈତିକ ଜୀବନ ଶେଷ କରିସାରିଲେଣି । ଛତିଶଗଡ଼ ଭଳି ରାଜ୍ୟରେ ଅଧିକାଂଶ ପୁରୁଖା ବିଧାୟକଙ୍କୁ ପୁନର୍ବାର ନିର୍ବାଚନ ଲଢ଼ାଇଥିବା ହେତୁ କଂଗ୍ରେସର ପରାଜୟ ଘଟିଥାଇପାରେ ବୋଲି ପର୍ଯ୍ୟବେକ୍ଷକମାନେ ମତ ଦେଉଛନ୍ତି । ଏଥିସହିତ କଂଗ୍ରେସର ନିର୍ବାଚନୀ ପ୍ରଚାରରେ ନରମପନ୍ଥୀ ହିନ୍ଦୁତ୍ୱ ଚିନ୍ତାଧାରା ପ୍ରବଳମାତ୍ରାରେ ପରିଲକ୍ଷିତ ହେଉଥିଲା । ସେହି ଖେଳରେ ଭାଜପା ତାହାର ଆଧିପତ୍ୟ ଜାହିର କରିସାରିଲାଣି । ଅପରପକ୍ଷରେ ରାଜ୍ୟର ଅର୍ଥନୈତିକ ଉନ୍ନତି ଏବଂ ନୂତନ ବିକାଶର ଧ୍ୱନି ଦେଇପାରିଥିଲେ କଂଗ୍ରେସ ପାଇଁ ଫଳାଫଳ ଭିନ୍ନ ହୋଇଥାନ୍ତା ।

ସାଧାରଣ ଭୋଟରଙ୍କୁ ତାଙ୍କର ଅର୍ଥନୈତିକ ଦୁରବସ୍ଥା ସମ୍ପର୍କରେ ଚିନ୍ତା କରିବା ସକାଶେ ବାତାବରଣ ସୃଷ୍ଟି କରିପାରିଥିଲେ କଂଗ୍ରେସର ରାଜନୈତିକ ଶକ୍ତି ବୃଦ୍ଧି ପାଇଥାନ୍ତା । ସାଧାରଣ ନାଗରିକର ପେଟ ଧର୍ମରେ ପୂରିବ ନାହିଁ । ଏହି ବିଷୟକୁ ନେଇ ଏବେଠାରୁ କଂଗ୍ରେସ ଏବଂ ଅଣଭାଜପା ଦଳଗୁଡ଼ିକ ଯଦି ଲୋକଙ୍କ ପାଖକୁ ଯାଇପାରିବେ, ତେବେ ଏକ ନୂତନ ମନ୍ଦିର ଗଢ଼ି ଦେଶସାରା ଭୋଟ ପାଇବାର ଯଥାର୍ଥତା ଲୋକଙ୍କ ମନରେ ସୃଷ୍ଟି ହେବ ନାହିଁ । ସେଥିପାଇଁ ଯୁବ ଏବଂ ନୂଆ ମୁହଁର ନେତୃତ୍ୱ ଆଣିପାରିଲେ ଆସନ୍ତା କିଛିମାସ ପରେ ହେବାକୁଥିବା ଲୋକ ସଭା ନିର୍ବାଚନରେ ପ୍ରଭାବ ପଡ଼ିପାରନ୍ତା । ନଚେତ୍ କଂଗ୍ରେସ ଓ ଅଣଭାଜପା ଦଳଗୁଡ଼ିକ ଅଳିଆଗଦାରେ ଫିଙ୍ଗାହେବେ ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 7 | | | 9 | | |
| | | 6 | 1 | 9 | | | 4 | |
| | | | 8 | | 2 | | | |
| | | 7 | | | | 8 | | |
| | 4 | 5 | | 2 | 7 | | | 9 |
| 1 | | 2 | | | | | | |
| 7 | | | 2 | | 8 | | 6 | 4 |
| 3 | | | | | 6 | 2 | | |
| | | | | | 9 | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 2 | 3 | 9 | 4 | 7 | 6 | 8 |
| 9 | 7 | 8 | 6 | 2 | 5 | 4 | 3 | 1 |
| 6 | 3 | 4 | 7 | 1 | 8 | 2 | 9 | 5 |
| 2 | 1 | 9 | 8 | 6 | 3 | 5 | 7 | 4 |
| 7 | 4 | 6 | 9 | 5 | 2 | 8 | 1 | 3 |
| 5 | 8 | 3 | 4 | 7 | 1 | 9 | 2 | 6 |
| 4 | 2 | 5 | 1 | 3 | 9 | 6 | 8 | 7 |
| 3 | 9 | 7 | 5 | 8 | 6 | 1 | 4 | 2 |
| 8 | 6 | 1 | 2 | 4 | 7 | 3 | 5 | 9 |

ଗତକାଲିର ଉତ୍ତର

# ଯୁଦ୍ଧରହିତ ଜଗତ ଜରୁରୀ



ମାୟାଧର ନାୟକ

ସାରା ବିଶ୍ୱ ଚାହିଁରହିଛି ଯୁଦ୍ଧରେ ବିଜୟ କାହାର ହେବ! ଶାନ୍ତି କେବେ ପ୍ରତିଷ୍ଠା ହେବ! ୨୦୨୨ ଫେବୃୟାରୀ ୨୪ରୁ ରୁଷିଆ-ୟୁକ୍ରେନ୍ ଘମାଘୋଟ ଯୁଦ୍ଧ ଚାଲିଛି । ଥମିବାର ନାଁ ଧରୁନି । ୨୦୨୩ ଅକ୍ଟୋବର ୭ରୁ ଆରମ୍ଭ ହୋଇଥିବା ଇସ୍ରାଏଲ-ପାଲେଷ୍ଟାଇନ୍ ଯୁଦ୍ଧ ରକ୍ତତାଣ୍ଡବର ସୀମା ଟପିଗଲାଣି । ବିଶ୍ୱର ବର୍ତ୍ତମାନ କୌଣସି ନେତା କି ଦେଶ କିମ୍ବା ସଂସ୍ଥା ନାହିଁ ଯୁଦ୍ଧର ମୂଳ କାରଣକୁ ବିଶ୍ୱବାସୀଙ୍କ ପାଖରେ ଖୋଲାଖୋଲି ସତ୍ୟ ପ୍ରକାଶ କରିବାକୁ । କାରଣ ଏ ଯୁଦ୍ଧ ଯୋଜନାବଦ୍ଧ । ଆମେରିକା ଇସ୍ରାଏଲ ନିଆଁରେ ଘିଅ ଢାଳିବାରେ ଲାଗିଛି । ଯୁଦ୍ଧାସ୍ତ୍ର, ଅର୍ଥ ଇସ୍ରାଏଲ ମୁଣିରେ ଓଜାଡି ଦେଉଛି । ପାଲେଷ୍ଟାଇନ୍-ଗାଜା ସପକ୍ଷରେ ଆରବଦେଶ ସମୂହ ସମର୍ଥନ କରୁଛନ୍ତି । ବିଶ୍ୱର ଶକ୍ତିଶାଳୀ ହିଜବୁଲ୍ଲା, ହାଇଥି ବିଦ୍ରୋହୀ ଗୋଷ୍ଠୀ ଗାଜା ସପକ୍ଷରେ ରହି ଇସ୍ରାଏଲ ସୀମାରେ ଆକ୍ରମଣ କରିଦେଇଛନ୍ତି । ଲୋହିତ ସାଗରରେ ଆମେରିକାର ଅସ୍ତ୍ର ଓ ଅନ୍ୟାନ୍ୟ ପଦାର୍ଥ ବୋଝେଇ ୩ଟି ଜଳ ଜାହାଜକୁ 'ହାଇଥି'ମାନେ ଅପହରଣ କରିନେଇଛନ୍ତି । ଚାଇନା, ଉତ୍ତରକୋରିଆ, ରୁଷିଆ, ରୁଷିଆର ଭଡାଟିଆ ସୈନ୍ୟ ୱାଗନର୍ ଗ୍ରୁପ୍ ଗାଜା ସପକ୍ଷରେ । ଏବେ ଇସ୍ରାଏଲ ଅର୍ଥନୀତି ଧ୍ୱଂସମୁଖୀ । ପ୍ରତିଦିନ ଯୁଦ୍ଧରେ ୨୬୦ ମିଲିୟନ ଡଲାର ଖର୍ଚ୍ଚ କରୁଛି । ତା'ର ରିଜର୍ଭ ୩ଲକ୍ଷ ୫୦ହଜାର ସୈନ୍ୟରୁ ଯୁଦ୍ଧକ୍ଷେତ୍ରକୁ ୨ଲକ୍ଷ ୩୦ହଜାର ଛାଡ଼ିଛି । ଯାହାଫଳରେ ଇସ୍ରାଏଲର ଅର୍ଥଭଣ୍ଡାର ଯୁଦ୍ଧାସ୍ତ୍ର ସରିସରି ଆସୁଛି । ରାଜନୈତିକ ଉଦ୍ଦେଶ୍ୟ ରଖି ନେତାନ୍ୟାହୁ ଯୁଦ୍ଧ ଚଳାଇଛନ୍ତି । ସଫଳ ହେବ କି ନ ହେବ ତାହା ଇତିହାସ କହିବ । ଯୁଦ୍ଧରହିତ ଜଗତ ଜରୁରୀ ବୋଲି କେବେ ଏମାନେ ବୁଝିବେ ?

ୟୁକ୍ରେନ୍ ଗାଜାକୁ ନେଇ ସମଗ୍ର ବିଶ୍ୱରେ ଦ୍ୱନ୍ଦ୍ୱ ବଢିଚାଲିଛି । ଇସ୍ରାଏଲ ପାଲେଷ୍ଟାଇନ୍ ମାଟିରୁ ଗାଜାର ଚିହ୍ନବର୍ଣ୍ଣ ଲୋପ କରିଦେବାକୁ ବସିଛି । ରୁଷିଆ ମାଡିବସିଥିବା ୟୁକ୍ରେନ୍ ଭୂଖଣ୍ଡକୁ ନେଇ ଯୁଦ୍ଧ ଚାଲିଛି । ରୁଷିଆ ଅନ୍ୟାୟରେ ୟୁକ୍ରେନ୍‌କୁ ଆକ୍ରମଣ କରୁଛି । ହମାସ୍ ନେତାଙ୍କୁ, ପାଲେଷ୍ଟାଇନ୍ ଜନଗଣଙ୍କୁ ଯେତେ ଗଣହତ୍ୟା କଲେ ବି ଭବିଷ୍ୟତରେ ଦ୍ୱନ୍ଦ୍ୱ ଲାଗିରହିବ । ସମସ୍ତେ ବର୍ତ୍ତମାନ ଆମେରିକା ଉପରେ ଦୋଷ ଲଦୁଛନ୍ତି । ଆମେରିକା ବି ଇସ୍ରାଏଲ ପାଇଁ ହତାଶ ହୋଇଗଲାଣି । ତେଣୁ ଆମେରିକା, ଇସ୍ରାଏଲ, ୟୁକ୍ରେନ୍ ଏବଂ ରୁଷିଆ ଏ ଭୟଙ୍କର ବିପଦରୁ ବର୍ତ୍ତିବା ପାଇଁ ରାସ୍ତା ବାହାର କରନ୍ତୁ ।

ଭୋକରେ ଛଟପଟ ହେଉଛନ୍ତି ଗାଜାର ଜନସାଧାରଣ । ପ୍ରବଳ ବର୍ଷାରେ ଆଶ୍ରିତଙ୍କ ଦୁଃଖ କହିଲେ ନ ସରେ । ଏକପ୍ରକାର ଦୁର୍ଭିକ୍ଷ ପରିସ୍ଥିତି ସୃଷ୍ଟି ହୋଇଛି । ପାତାଳ ଭିତରୁ 'ହମାସ୍'ମାନଙ୍କୁ ଠାବ କରି ନ ପାରି ପାଲେଷ୍ଟାଇନ୍-ଗାଜାବାସୀଙ୍କ ଉପରେ ରାଗ ଶୁଝାଇ ଇସ୍ରାଏଲ ନିରୀହ ଶିଶୁ, ମହିଳା, ସାଧାରଣ



ଲୋକଙ୍କୁ ବୋମାପକାଇ ମାରୁଛି । ଘରଦ୍ୱାର, ଡାକ୍ତରଖାନା, ସ୍କୁଲ କଲେଜ, ରିଫ୍ୟୁଜି କ୍ୟାମ୍ପ, ମସ୍‌ଜିଦକୁ ଧ୍ୱଂସସ୍ତୂପରେ ପରିଣତ କରିସାରିଲାଣି । ତାଙ୍କ ଦୋମୁହାଁ ନୀତିକୁ କେହି ବିରୋଧ କରିବାକୁ ନାହିଁ । ଗଣମାଧ୍ୟମ ତାଙ୍କର କୋଳାଶ୍ରିତ ।

ପାଖାପାଖି ଗାଜାରେ କାର୍ଯ୍ୟରତ ୧୦୦ ସାମ୍ବାଦିକଙ୍କୁ ଇସ୍ରାଏଲ ସୈନ୍ୟ ହତ୍ୟା କଲେଣି । ଯେଉଁ ସାମ୍ବାଦିକମାନଙ୍କୁ ପାଉନାହାନ୍ତି ତାଙ୍କ ପରିବାରକୁ ଅତ୍ୟନ୍ତ ଜଘନ୍ୟ ଭାବେ ହତ୍ୟା କରୁଛନ୍ତି । ଏବେ ସୁଡଙ୍ଗରେ ସମୁଦ୍ରପାଣି ଭର୍ତ୍ତି କରୁଛି । ଏ ପର୍ଯ୍ୟନ୍ତ ୪୦ହଜାର ଟନ୍ ବାରୁଦ ଫିଙ୍ଗିଲାଣି । ଏଣେ 'ହମାସ୍' ଚେତାବନୀ ଦେଇଛି - ଆମ ଗାଜା ନାଗରିକଙ୍କୁ ଗିରଫକରି ଜେଲ୍‌ରେ ରଖିଛ- ଶୀଘ୍ର ଛାଡ । ଆମେ ତମ ପଣବନ୍ଦୀଙ୍କୁ ଛାଡିବୁ । ଆଲୋଚନାକୁ ଆସ । ନଚେତ୍ ପଣବନ୍ଦୀଙ୍କୁ ହତ୍ୟା କରିବୁ ।

ପାଶ୍ଚାତ୍ୟ ଗଣତନ୍ତ୍ର ଏବେ ସମ୍ପୂର୍ଣ୍ଣ ଛଳନାପୂର୍ଣ୍ଣ । କେବଳ ସାଇନ୍‌ବୋର୍ଡ- ଆମେରିକା, ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନୀ, ଇଟାଲି, ଇସ୍ରାଏଲ ପ୍ରମୁଖ ଆପଣାକୁ ଗଣତାନ୍ତ୍ରିକ ରାଷ୍ଟ୍ର ଡିଣ୍ଡିମ ପିଟୁଥିଲାବେଳେ ଗାଜାରେ ଗଣହତ୍ୟା ଜାରିରଖିବାକୁ ଜାତିସଂଘରେ ଆମେରିକା 'ଭିଟୋ' ପ୍ରୟୋଗକରି ଇସ୍ରାଏଲକୁ ଯୁଦ୍ଧାସ୍ତ୍ର, ସବୁ ଆବଶ୍ୟକ ପଦାର୍ଥ ଯୋଗାଉଛି । ଏମାନେ ସବୁ ଗଣତନ୍ତ୍ରର ଖୋଳପା ପିନ୍ଧି ସାରା ଦୁନିଆକୁ ଚକ୍‌ମା ଦେଖାଉଛନ୍ତି । ସେଠାକାର ଶାସକମାନେ ଗଣତନ୍ତ୍ର ନାଁରେ ଏକଚ୍ଛତ୍ରବାଦୀ ଶାସନ ଚଳାଇଛନ୍ତି ।

ଯୁଦ୍ଧର ୬୪ ଦିନ ପରେ ବିଶ୍ୱର ୪୦ଟି ଦେଶର ପଦାର୍ଥବିଜ୍ଞାନୀ, ଗଣିତଜ୍ଞ, ଜୀବବିଜ୍ଞାନୀ, ରସାୟନବିତ୍, ଚିକିତ୍ସକ, ଶିକ୍ଷା ଓ ଶିଳ୍ପ ପ୍ରତିଷ୍ଠାନ ସହ ଯୁକ୍ତ ୧୩୦୦ରୁ ବେଶି ଅନ୍ତର୍ଜାତୀୟ ବିଜ୍ଞାନୀ ଓ ବିଶିଷ୍ଟ ଜନ ଭର୍ଚୁଆଲ ମାଧ୍ୟମରେ ଏକ ବୈଠକରେ ମିଳିତ ହୋଇ ପ୍ରସ୍ତାବ ଗ୍ରହଣ କରିଛନ୍ତି ଯେ ଗାଜାରେ ଅବିଳମ୍ବେ ଯୁଦ୍ଧବିରତି ଓ ଗଣହତ୍ୟା ବନ୍ଦ କରାଯାଉ । ନିର୍ବିଚାରରେ ଗଣହତ୍ୟା ସଙ୍ଗେ ସଙ୍ଗେ ଗାଜା ଭୂଖଣ୍ଡକୁ ଅବୈଧ ଭାବେ ଇସ୍ରାଏଲ ଦଖଲ କରୁଛି । ଏହି ପ୍ରସ୍ତାବ ସପକ୍ଷରେ ୯୭ ପର୍ସେଣ୍ଟ ଭୋଟ ମିଳିଛି । ସମୟ ବଦଳିଯାଇଛି - ଯେଉଁ ବୈଜ୍ଞାନିକମାନଙ୍କ ବୁଦ୍ଧିକୁ କ୍ରୟକରି ପରମାଣୁ ବୋମା ପର୍ଯ୍ୟନ୍ତ ନିର୍ମାଣ କରାଯାଇଛି । ଯେଉଁ ଅସ୍ତ୍ର ସବୁ ମଣିଷମାରଣ ପାଇଁ ପ୍ରସ୍ତୁତ କରିଥିଲେ- ଏବେ ଗଣହତ୍ୟା ବନ୍ଦ କରିବାକୁ ରଡି ଛାଡୁଛନ୍ତି । ତାଙ୍କ କଥା କେହି ଶୁଣିବାକୁ ନାହିଁ ।

ଏ ଯୁଦ୍ଧ ଯୋଜନାବଦ୍ଧ । ଜୀବ-ଯୁଦ୍ଧରୁ ଜୀବାଣୁ-ଯୁଦ୍ଧ ଯାଏ ଏ ଜଗତ ଓ ଜୀବନ ଜର୍ଜରିତ । ରାଶିରାଶି ରୋଗ ସୃଷ୍ଟିକାରୀ ରାସାୟନିକ ସମରାଭ୍ୟାସର ସଙ୍କଟପର୍ବ ସମ୍ପ୍ରତି ସାବ୍ୟସ୍ତ କରୁଛି ମଣିଷ ଉପରେ ଅମଣିଷର ଭୂତ ସବାର ହେବାର ସଙ୍ଗିନ ସତ୍ୟ । ବଡ ସାଂଘାତିକ ଏ ଶୋଚନୀୟ ସାମରିକତା - ଯାହା ଆମର ଏ ଜୀବନ୍ତ ଗ୍ରହର ଭବିଷ୍ୟତକୁ ଗୋଟାଏ ପାଉଁଶ ପିଣ୍ଡୁଳାର ପରିଣତି ପ୍ରଦାନ ନିମନ୍ତେ ନିତ୍ୟନିୟତ ଷଡଯନ୍ତ୍ରରତ ! ତଥାପି ଚେତୁନି ଆମର ବୁଦ୍ଧି-ବିଚାର-ବିବେକ । ପ୍ରତିବାଦର ପ୍ରଖରତା କାମ୍ୟ । ଏ ସୁନ୍ଦର ସଂସାରକୁ ନିଜ ଶାଗୁଣାଡେଣାର ଛାଇତଳେ ଛାରଖାର କରିଦେବାର ଯୋଜନା ଜାଲ ବିଛାଇ ବସୁଛନ୍ତି କେଉଁ କୁଳପାଂଶୁଳ କୁଚକ୍ରୀଏ ? ହଁ, ମଣିଷ ହାଡର ହିଡ ଉପରେ ବସି, ନିଜ ମାରଣାସ୍ତ୍ର ବଜାରର ମୁନାଫା ମାହୋଲକୁ ମତୁଆଲା କରିବାର ଅଭିସନ୍ଧି କରିଚାଲିଥିବା ସେଇ ଜନତନ୍ତ୍ରର ଜଘନ୍ୟ ଜହ୍ଲାଦଗଣ ସେମାନେ- ମାନବିକତାର ମୃତ୍ୟୁଦୂତ, ସାମରିକ ଅସ୍ତ୍ରବିକ୍ରେତା ବୀଭତ୍ସ ବଣିକତନ୍ତ୍ରର କୁତ୍ସିତ କରାଳ କୀଟବର୍ଗ! ପୃଥିବୀରେ ଆଜି ଅଶାନ୍ତ ଅଶୁଭ ଝଡ ସବୁଠି । ବିକଳ ବିବ୍ରତ ଆଜିର ମଣିଷ ମହାବିପ୍ଳାତର ବିଷାକ୍ତ ବ୍ୟୂହବଳୟରେ!

ପୃଥିବୀ ଧ୍ୱଂସଆଡକୁ ଅଗ୍ରସର ହେବାକୁ ଯାଉଛି । ପ୍ରାକୃତିକ, ମନୁଷ୍ୟକୃତ ବିପଦ ଏକାକାର ହୋଇଗଲାଣି । ଯୁଦ୍ଧ ଯୋଗୁ ଜଗତରେ ଜଘନ୍ୟ ଘଟଣାମାନ ଘଟିଚାଲିଛି । ଯୁଦ୍ଧ, ଭୋକ-ରୋଗରେ ସାରାସଂସାର ଜୀବଜଗତ ଛଟପଟ ହେଉଛନ୍ତି । ଯେଉଁମାନଙ୍କ ପାଖରେ ପରମାଣୁ ବୋମା ଅଛି ସେମାନେ ଯଦି ରାଗରେ ବଟନ୍ ଦବେଇ ଦିଅନ୍ତି - ତା'ହେଲେ ସମଗ୍ର ବିଶ୍ୱରେ ଘୋର ବିପର୍ଯ୍ୟୟ ଘଟିବ । ବିଶ୍ୱ ଧ୍ୱଂସର କାରଣ ହେବ ।

ଆମର ଏ ବିଶ୍ୱ ଏବେ ଏକ ବିୟୋଗାତ୍ମକ ବିଶ୍ୱ, ଯାହା ଦିନ ଦିନ, ମାସ ମାସ, ମସିହା ମସିହା ଧରି ଲଗାତର ଲହୁଲୁହାଣ, ମଣିଷମରା ଯୁଦ୍ଧ-ମହାଯୁଦ୍ଧର ଜଘନ୍ୟତମ ହିଂସ୍ରହୁଙ୍କାରମୟ ଅବଦାନ- ଏ ମୁମୂର୍ଷୁ ମଣିଷଜାତିକୁ । ଯୋଜନାବଦ୍ଧ ଏ ବର୍ବର ଯୁଦ୍ଧପର୍ବର ଧୂସର ଦସ୍ତାବିଜ ତିଆରି କରିଛି ସେହି ଅତନ୍ଦ୍ର ଅମାନୁଷିକ ଦର୍ଶନ - ଯାହାର ପାପପ୍ରେରଣାରେ କରୋନାର କୃତାନ୍ତ କାଳ କବଳିତ କଲା ଆମର ଏ ଫୁଲଫସଲର ଦରଫୁଟା ପୃଥିବୀ ଗ୍ରହକୁ । ରାଜନୀତି-ଅର୍ଥନୀତି-ସମାଜନୀତିକୁ ପଙ୍ଗୁକରି ବ୍ୟକ୍ତିବାଦର ଏକ ବିପ୍ଳାତକାରୀ ବ୍ୟଭିଚାରୀ ବିକୃତବିଳାସୀ ବଣିକତନ୍ତ୍ର ନିଜ ମୁଣାଗୁଡାକରେ ମାଣିକ ଭରିବା ପାଇଁ ଆମ ସୁନାକୁ ଭେଣ୍ଡି କଲା ଆଉ ତମାମ ମଣିଷର ମଇଦାନରେ ଖେଳାଇ ଦେଲା ଘୃଣା, ସଂଶୟ, ସଙ୍କଟର ବିକଟ ଜୀବାଣୁ- ପରସ୍ପର ପ୍ରତି ସଦ୍ୟସନ୍ଦିଗ୍ଧ ପରସ୍ପରର ପୀଡିତ ମାନସଜଗତରେ ! ଯୋଜନାବଦ୍ଧ ଏପରି ଅଭାବନୀୟ ଅବିଶ୍ୱାସ୍ୟ ଯୁଦ୍ଧମହାଯୁଦ୍ଧର ଭିତ୍ତିପ୍ରସ୍ତର ସ୍ଥାପକବର୍ଗ ହୁସିଆର । ବନ୍ଦ କର ଏ ଉଭୟ ଯୁଦ୍ଧ ।

**ଯାଜପୁର ରୋଡ୍, ଯାଜପୁର**
**ମୋ : ୯୮୬୧୦୩୪୧୬୩**

# ବିରାଟ ଆହ୍ୱାନ



ଉପେନ୍ଦ୍ର ବିଶ୍ୱାଳ

ପ୍ରେମ କରୁଥିବା ପୁରୁଷ ବନ୍ଧୁ ସହିତ ମୁମ୍ବାଇରେ ଲିଭ୍ ଇନ୍ ରିଲେଶନଶିପରେ ରହୁଥିଲା ସୁନ୍ଦରଗଡ଼ର ଜଣେ ଯୁବତୀ । ଦୁର୍ଭାଗ୍ୟବଶତଃ ବୀଭତ୍ସ ହତ୍ୟାର ଶିକାର ହୁଏ ପୁରୁଷ ବନ୍ଧୁ ଦ୍ୱାରା । ଗିରଫ ଯୁବକର ସ୍ୱୀକାରୋକ୍ତି ଅନୁଯାୟୀ ଅନ୍ୟମାନଙ୍କ ସହିତ ସମ୍ପର୍କକୁ ସନ୍ଦେହ କରି ହତ୍ୟା କରିବାକୁ ନିଷ୍ପତ୍ତି ନେଲା ସେ । ମୃତ ଶରୀରକୁ ଖଣ୍ଡ ଖଣ୍ଡ କରି କାଟି ସୁଟକେସ୍ ଭିତରେ ଭର୍ତ୍ତିକରି ଫିଙ୍ଗି ଦେଇଥିଲା ମୁମ୍ବାଇର କୁର୍ଲା ରେଳ ଷ୍ଟେଶନ ରୋଡ଼ର ଏକ ଗଳିରେ । ଏହା ହିଁ ହେଉଛି ଆଜିର ଲିଭ୍ ଇନ୍ ରିଲେଶନଶିପର କରୁଣ ପରିସ୍ଥିତି । ଲିଭ୍ ଇନ୍ ରିଲେଶନଶିପରେ ରହୁଥିବା ଅନେକ ଯୁବତୀ କେତେବେଳେ ଏହିଭଳି ନୃଶଂସ ହତ୍ୟାର ଶିକାର ହେଲେଣି ତ ଆଉ କେବେ ଭିଡିଓ ଭାଇରାଲ, ଶାରୀରିକ ନିର୍ଯ୍ୟାତନା ଓ ଆର୍ଥିକ ଶୋଷଣ ଆଦି ଶଠତାର ଶିକାର ହେଲେଣି । ତଥାପି ଚେତା ପଶୁନାହିଁ । ଆଜି ଲିଭ୍ ଇନ୍ ରିଲେଶନଶିପ ମାମୁଲି ଘଟଣା । ପ୍ରେମ ବିବାହ ତ ଅତି ସାଧାରଣ କଥା ଆଜି । ତଥ୍ୟାନୁଯାୟୀ ସହରାଞ୍ଚଳରେ ପ୍ରେମ ବିବାହ ଶତକଡ଼ା ୮୦ ଭାଗରୁ ଅଧିକ ହେଉଥିବା ବେଳେ ବ୍ୟବସ୍ଥିତ (ଆରେଞ୍ଜଡ଼) ବିବାହର ପରିମାଣ ମାତ୍ର ୨୦ ଭାଗ । କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି ଯେଉଁ ହାରରେ ବଢୁଛି ପ୍ରେମ ବିବାହ, ସେହି ହାରରେ ବି ବଢ଼ି ବଢ଼ି ଚାଲିଛି ଦାମ୍ପତ୍ୟ କଳହ, ଅଶାନ୍ତି ଓ ଛାଡ଼ପତ୍ର ସଂଖ୍ୟା । ବିବାହ ବିଚ୍ଛେଦ ବି ହେଲାଣି ସାମାନ୍ୟ ଘଟଣା । ଜୀବନରେ ପ୍ରେମ କରିବା ସତେଯେମିତି ବଡ଼ ବାହାଦୁରି, ବୀରତ୍ୱର ବିରାଟପଣ, ଜୀବନର ସବୁଠୁ କୃତିତ୍ୱର ପାଠ! ସ୍କୁଲ, କଲେଜରୁ ଆରମ୍ଭ ହେଲା ଡେଟିଂ । ଡେଟିଂ ପରେ ଅନ୍ଧମୁହାଁଣୀ ହୁଏ ଦାମ୍ପତ୍ୟ ଜୀବନ, ଯାହାକି ସମାଜ ପାଇଁ ବ୍ୟଥା, ବେଦନାର କାରଣ ସାଜେ । ଏଭଳିସ୍ଥଳେ ବିବାହର ସ୍ଥାୟିତ୍ୱ ଆମ ପାଇଁ ଆଜି ଏକ ବିରାଟ ଆହ୍ୱାନ । ବିବାହର ସ୍ଥାୟିତ୍ୱ ଉପରେ ନିର୍ଭର କରେ ପାରିବାରିକ ସୁଖ, ଶାନ୍ତି, ଶୃଙ୍ଖଳା, ସ୍ୱାସ୍ଥ୍ୟ । ନିର୍ଭର କରେ ଭବିଷ୍ୟତ ବଂଶଧରଙ୍କ ଭାଗ୍ୟ । ଶୃଙ୍ଖଳିତ ପରିବାର, ସୁସ୍ଥ ଓ ସୁନ୍ଦର ସମାଜ ଉପରେ ନିର୍ଭର କରେ ଗୋଟେ ଦେଶର ଭାଗ୍ୟ ଓ ଭବିଷ୍ୟତ ।

ବଢୁଥିବା ବିବାହ ବିଚ୍ଛେଦ ଓ ଲିଭ୍ ଇନ୍ ରିଲେଶନଶିପ ଘଟଣା ଯୋଗୁ ଭାରତର ଭବିଷ୍ୟତ ବି ଅନ୍ଧକାରମୁହାଁ । ଲିଭ୍ ଇନ୍ ରିଲେଶନଶିପ, ବିବାହ ବିଚ୍ଛେଦ ଏବଂ ପିଲା ଜନ୍ମ କରିବାକୁ ଝିଅଙ୍କ ଅମଙ୍ଗ ଆଦି କାରଣ ଯୋଗୁ ଦ୍ରୁତ ଗତିରେ ହ୍ରାସ ପାଇଚାଲିଛି ଜନ୍ମହାର । ପରିଣତିରେ ଆଜିର 'ଯୁବା ଦେଶ' ପରିଣତ ହେବାକୁ ଯାଉଛି 'ବୟସ୍କଙ୍କ ଦେଶ'ରେ । ଉପଯୁକ୍ତ କାରଣ ଯୋଗୁ ତ ଭୀଷଣ ସମସ୍ୟାରେ ସୋଭିଏତ୍ ରୁଷ୍, ଚାଇନା, ଜାପାନ, ଦକ୍ଷିଣ କୋରିଆ ଆଦି ଅନ୍ୟାନ୍ୟ ଦେଶ ସମେତ ସମଗ୍ର ୟୁରୋପ ଜଗତ । ୧୯୯୦ରୁ କ୍ରମାଗତ ଭାବେ ଲୋକସଂଖ୍ୟା ହ୍ରାସ ପାଇ ଚାଲିଥିବାରୁ ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଆବେଗିକ ଭାବେ ଯୁବସମାଜକୁ ନିବେଦନ କରିଛନ୍ତି ଅନ୍ୟୂନ ୫/୬ ଟିରୁ ଅଧିକ ସନ୍ତାନ ଜନ୍ମ କରିବାକୁ । ଏପରିକି ଯେଉଁ ଦମ୍ପତି ଦେଶ ପାଇଁ ୮ଟିରୁ ଅଧିକ ପିଲା ଜନ୍ମଦେବେ ସେମାନଙ୍କୁ 'ଦେଶପ୍ରେମୀ ଦମ୍ପତି' ଭାବେ ସମ୍ବର୍ଦ୍ଧିତ କରାଯିବ ବୋଲି ନିକଟରେ ଘୋଷଣା କରିଛନ୍ତି । ଏହିସବୁ ଦୃଷ୍ଟିକୋଣରୁ ଏକାଠି ସହାବସ୍ଥାନ ସମ୍ପର୍କକୁ ଛି କରି



ଯୁବାବର୍ଗଙ୍କ ପାଇଁ ବିବାହ କରିବା ଅପରିହାର୍ଯ୍ୟ ଆଜି । ଅନ୍ୟଥା ଅନେକ ଦୁର୍ଦ୍ଦଶା ଭୋଗିବାକୁ ପଡ଼ିବ ଆମକୁ ।

ଜନ୍ମହାର ହ୍ରାସ ଯୋଗୁ ଆଗାମୀ ଦିନରେ ଯୁବାବର୍ଗଙ୍କ ସଂଖ୍ୟା ହ୍ରାସ ପାଇବା ସହିତ ବୃଦ୍ଧାବୃଦ୍ଧଙ୍କ ସଂଖ୍ୟା ଖୁବ୍ ବୃଦ୍ଧି ପାଇବ । ଯୁବସଂଖ୍ୟାର ହ୍ରାସ ଫଳରେ ଶ୍ରମଶକ୍ତିର ହ୍ରାସ ଘଟିବ । ଯା'ଫଳରେ ଦେଶର ଆର୍ଥିକ ସ୍ଥିତି ଉପରେ କୁପ୍ରଭାବ ପଡ଼ିବ । ଆହୁରି ବି ବିସ୍ଫୋରକ ସଂଖ୍ୟାରେ ଥିବା ବୃଦ୍ଧାବୃଦ୍ଧଙ୍କ ସେବା ପାଇଁ ଲୋକଶକ୍ତିର ଘୋର ଅଭାବ ଦେଖାଦେବ । ସେ ତ ଦୂରର କଥା, ସେମାନଙ୍କ ଡାକହାକ ଶୁଣିବାକୁ ବି ତାଙ୍କ ପାଖରେ ହୁଏତ କେହି ନ ଥିବେ । ରାଷ୍ଟ୍ରର ଆବଶ୍ୟକତାକୁ ହୃଦୟଙ୍ଗମ କରି ସେଦିନ ଜର୍ମାନୀ ଯୁବକମାନେ ଯେମିତି ଆଗେଇ ଆସିଥିଲେ, ଠିକ୍ ସେମିତି ଭାରତୀୟ ଯୁବସମାଜ ମଧ୍ୟ ଦାୟିତ୍ୱକୁ ହୃଦୟଙ୍ଗମ କରି ଦେଶଭକ୍ତିର ପରିଚୟ ଦେବା ଉଚିତ । ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ଜର୍ମାନୀର ଲକ୍ଷ ଲକ୍ଷ ଯୁବକ ଦେଶ ପାଇଁ ଲଢ଼ି ପ୍ରାଣବଳି ଦେଇଥିଲେ । ସଭିଙ୍କୁ ଘାରିଲା ଆଗାମୀ ପିଢ଼ି ପାଇଁ ଚିନ୍ତା । ଏଣୁ ରାଷ୍ଟ୍ରପତି ହିଟ୍‌ଲରଙ୍କ କଡ଼ା ନିର୍ଦ୍ଦେଶ ଥିଲା- ଜର୍ମାନୀର ପ୍ରତ୍ୟେକ ଯୁବକ ଜଣେ ଯୁବତୀ ପାଇଁ ଉଦ୍ଦିଷ୍ଟ । ଜନସଂଖ୍ୟା ହ୍ରାସ ଜନିତ ସମସ୍ୟା ଦୂରୀକରଣ ମଧ୍ୟ ପ୍ରତିଟି ଯୁବାପ୍ରାଣର ଦାୟିତ୍ୱ । ଦେଶର କୌଣସି ଯୁବତୀଯୁବକ ଯେମିତି ଅବିବାହିତ ନ ରହିବେ, ସେଥିପାଇଁ କଡ଼ା ନିର୍ଦ୍ଦେଶ ଥିଲା ହିଟ୍‌ଲରଙ୍କର । ଜର୍ମାନୀର ଯୁବକମାନେ ସେତେବେଳେ ଏହି ଆହ୍ୱାନକୁ ଗ୍ରହଣ କରିଥିଲେ ବୋଲି ୟୁରୋପର ସର୍ବାଧିକ ଦ୍ୱିତୀୟ ବୃହତ୍ତମ ଜନସଂଖ୍ୟାର ଦେଶ ଏବଂ ବିଶ୍ୱର ଅନ୍ୟ ଏକ ବିକଶିତ ଭୂଖଣ୍ଡ ସେ ଦେଶ ଆଜି ।

ଦାମ୍ପତ୍ୟ ଜୀବନରେ ଉଭୟ ପକ୍ଷ ମାତାପିତାଙ୍କ ମାତ୍ରାଧିକ ହସ୍ତକ୍ଷେପ ଆଜି । ନବ ଦମ୍ପତିଙ୍କ କଳହକୁ ପ୍ରଶମିତ କରିବା ବଦଳରେ ଏମାନେ ଆହୁରି ଜଟିଳ କରିଥାନ୍ତି । କନ୍ୟା ପାଇଁ ଶ୍ୱଶୁରାଳୟ ହେଉଛି ବାସ୍ତବରେ ବିଶ୍ୱବିଦ୍ୟାଳୟ ସମ । ପିଣ୍ଡଦାନ କରି ପିତ୍ରାଳୟକୁ ପଛ କରି ଆସିଥିବା କନ୍ୟା ପାଇଁ ଶ୍ୱଶୁରାଳୟ ହେଉଛି ବୈକୁଣ୍ଠପୁର ଭଳି । ମାତାପିତା ଯେମିତି ତାଙ୍କ ଦାମ୍ପତ୍ୟ ଜୀବନରେ ହସ୍ତକ୍ଷେପ କରିବାକୁ ସୁଯୋଗ ନ ପାଆନ୍ତି, ସେଥିପ୍ରତି କନ୍ୟାମାନେ ଯତ୍ନବାନ ହେବା ଉଚିତ । ସେମିତି ବି ଘର, ଗୋଷ୍ଠୀ, ଆତ୍ମୀୟସ୍ୱଜନ, ଜନ୍ମକଲା ମାଆବାପାଙ୍କୁ ଛାଡ଼ି ସ୍ୱାମୀଙ୍କ ଉପରେ ବହୁ ଆଶା ଭରସା ରଖି ନୂଆ ଘରକୁ ଆପଣାଇ ନେଇଥିବା କନ୍ୟାରତ୍ନଟିକୁ ଆତ୍ମୀୟ ପଣରେ ଆଦରି ନେବାରେ କୁଣ୍ଠାବୋଧ କାହିଁକି? ନିଜର ବଡ଼ିମାପଣ ଅବା କର୍ତ୍ତୃତ୍ୱ ଜାହିର କରିବାର ମାନସିକତା ପାଇଁ ଦୁଇଟି ଅମୂଲ୍ୟ ଜୀବନକୁ ବିପର୍ଯ୍ୟସ୍ତ କରିବା ଉଚିତ କି? ଏହି ପରିପ୍ରେକ୍ଷୀରେ ଏପ୍ରିଲ ୨୦୧୮ରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ପ୍ରଦତ୍ତ ପରାମର୍ଶ ମଧ୍ୟ ବେଶ୍ ପ୍ରଣିଧାନଯୋଗ୍ୟ । ବିବାହ ପରେ ନବ ଦମ୍ପତିଙ୍କୁ କଦାପି ବାଧ୍ୟ କରନ୍ତୁ ନାହିଁ ପରିବାରର ସମସ୍ତଙ୍କ ସହିତ ଏକାଠି ରହିବାକୁ । ଅନ୍ତତଃ କିଛିଦିନ ପାଇଁ ସେମାନେ ସ୍ୱାଧୀନ ଭାବେ ଏକାଠି ଯେମିତି ରହିବେ ସେଥିପାଇଁ ତାଙ୍କୁ ପ୍ରୋତ୍ସାହିତ କରିବା ଉଚିତ । ଫଳରେ ସୁଦୃଢ଼ ହେବ ସେମାନଙ୍କ ବନ୍ଧନ । ବନ୍ଧନ ଯେତେ ଦୃଢ଼ ରହିବ, ସେତେ ସୁଖମୟ ହେବ ତାଙ୍କ ଦାମ୍ପତ୍ୟ ଜୀବନ । ନବ ବିବାହିତା ବୋହୂଟିର ମନ ଭିତରେ ଥାଏ ଅନେକ ଶଙ୍କା ଓ ସଂଶୟ । ତା'କୁ ଦୂରକରିବା ଆମ ଦାୟିତ୍ୱ ।

**ମୋ:୯୪୩୭୪୩୬୦୭୩**

## ଏଇ ଭାରତରେ

ଅନେକଙ୍କର ଜୀବନ ଜୀବିକା ସଂଘର୍ଷର କାହାଣୀ ପ୍ରେରଣାଦାୟୀ ହୋଇଥାଏ, ଯାହା ଘଟିଛି ଗାଜିଆବାଦର ବାଇକ୍ ମେକାନିକ୍ ପୁନମ୍ ଦେବୀଙ୍କ ଜୀବନରେ । ପୁନମ୍‌ଙ୍କ ସ୍ୱାମୀ ପେସାରେ ଜଣେ ମେକାନିକ୍ । କିନ୍ତୁ ଏକ ଦୁର୍ଘଟଣା ପରେ ସେ ପକ୍ଷାଘାତର ଶିକାର ହୋଇଥିଲେ । ପରିବାରର ରୋଜଗାର ଶୂନ ହୋଇଯିବାରୁ ଦାୟିତ୍ୱ ପୁନମଙ୍କ ଉପରକୁ ଆସିଲା । ସେ ପତିଙ୍କ ଭଳି ମେକାନିକ୍ କାମ କରିବାକୁ ଆଗେଇ ଆସିଲେ । ପୁରୁଷକେନ୍ଦ୍ରିକ କାର୍ଯ୍ୟକୁ ସଫଳତାର ସହ ନିର୍ବାହ କରିପାରିବେ ନାହିଁ ବୋଲି ଅନେକ ଆରମ୍ଭରୁ ମନେ କରିଥିଲେ । କିନ୍ତୁ ଏବେ ପୁନମ୍ ତାଙ୍କ ଦକ୍ଷତା ପ୍ରତିପାଦିତ କରି ଅନ୍ୟ ଅସହାୟା ମହିଳାଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟି ଯାଇଛନ୍ତି । ଆରମ୍ଭରୁ ସେ ଏହି କାର୍ଯ୍ୟରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ ବି ତାହାକୁ ଅତିକ୍ରମ କରିଯାଇଛନ୍ତି । ସେ ନିୟମିତ ସକାଳୁ ଘରକାମ ସାରି ଗ୍ୟାରେଜ ଯାଉଛନ୍ତି । ସେଠାରେ ବିଳମ୍ବିତ ରାତିଯାଏ କାମ କରୁଛନ୍ତି । ଏହି ରୋଜଗାରରେ ଏବେ ତାଙ୍କ ପରିବାର ଭଲରେ ଚଳୁଛି ଓ ପିଲାମାନେ ବି ପଢ଼ିପାରୁଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

୧୮ ଡିସେମ୍ବର ୧୯୭୪

- ମୁଦ୍ରାସ୍ଫୀତି ଓ ଡଲାର ମୂଲ୍ୟ ହ୍ରାସର ପ୍ରଭାବକୁ ମୁଖ୍ୟତଃ ଦୂର କରିବା ଉଦ୍ଦେଶ୍ୟରେ ଜାତିସଂଘର ବଜେଟ ସହିତ ଅଧିକ ୪୪,୩୫୮, ୦୦୦ ଡଲାର ଅର୍ଥକୁ ସାଧାରଣ ଆସେମ୍ବ୍ଲିର ବଜେଟ କମିଟି ମଞ୍ଜୁର କରିଛି ।
- ଭାରତ ଓ ବାଂଲାଦେଶ ମଧ୍ୟରେ କଟକଣାମୁକ୍ତ ମୁଦ୍ରା ବିନିମୟ ଭିତ୍ତିରେ ବାଣିଜ୍ୟ କାରବାର କରାଯିବା ନେଇ ଏକ ନୂତନ ଚୁକ୍ତି ସ୍ୱାକ୍ଷରିତ ।
- ନେପାଳର ଜନୈକ ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ଋଷିକେଶ ଶାହା ନିରାପତ୍ତା ଆଇନରେ ଗିରଫ ।

## ଚିରନ୍ତନୀ

କହ କହ ଆଉଥରେ ଶୁଣିବାକୁ ଉତ୍କର୍ଣ୍ଣା ଧରଣୀ
ଜ୍ୱଳନ୍ତ ତା' କ୍ଷତ ପରେ ଲାଗୁ ତବ ବିଷଲ୍ୟକରଣୀ
ଶୁଣାଅ ଶୁଣାଅ ପୁଣି କିଏ ମିଥ୍ୟା କିଏ ପଥଭ୍ରାନ୍ତ
ହେ ଅଟଳ ସତ୍ୟସନ୍ଧ ! ହେ କଠୋର ସାଧକ ଅଶାନ୍ତ ।
-(ଜାଗ ଜାଗ ଗାନ୍ଧୀ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅଳିଆର ପାହାଡ଼

ମହାଶୟ,

ଦୀର୍ଘଦିନ ଧରି ସୈନିକ ସ୍କୁଲ ପାଖ ଡମ୍ପିଂୟାର୍ଡ ପାହାଡ଼ ସଦୃଶରେ ରୂପାନ୍ତରିତ ହେଲାଣି । ରାଜଧାନୀର ବିଭିନ୍ନ ସ୍ଥାନରୁ ନିର୍ଗତ ଅଳିଆ, ଆବର୍ଜନା ଏଠି ସାଧାରଣ ଜନଜୀବନକୁ ରୁଗ୍ଣ କରିଦେଲାଣି । ସମସ୍ତେ ଚର୍ମ ରୋଗରେ ଆକ୍ରାନ୍ତ ହେଲେଣି । ଦୁର୍ଗନ୍ଧ ଏତେ ଯେ ଆଖପାଖରେ ରହିବା ସମ୍ଭବ ହେଉନାହିଁ । ବିଶେଷକରି ଏହି ଅଞ୍ଚଳରେ ଥିବା ସ୍କୁଲ, କଲେଜରେ ପାଠ ପଢ଼ିବା ମଧ୍ୟ ସମ୍ଭବ ହେଉନାହିଁ । ରାଜଧାନୀରେ ପ୍ରତିଦିନ ଶହ ଶହ ଗାଡ଼ି ଅଳିଆ ଆବର୍ଜନା କାର୍ଯ୍ୟରେ ନିୟୋଜିତ ଥିଲେ ମଧ୍ୟ ପୃଥକୀକରଣ ଜରିଆରେ ମାତ୍ରାକୁ କମାଇବାକୁ ଚେଷ୍ଟା କରାଯାଉଥିଲେ ବି ତାହା ସମ୍ଭବପର ହେଉନାହିଁ । ଏଥିପାଇଁ ବିଏମ୍‌ସିକୁ ଟିକିଏ ଆମ ତରଫରୁ ସହଯୋଗ କରିବାକୁ ପଡ଼ିବ ।

**-ସତ୍ୟସିଂହ ଶତପଥୀ, ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଫ୍ୟାଟ୍ ଜାତୀୟ ଖାଦ୍ୟ ଅଧିକ ଖାଉଥିଲେ...



ଆଜିକାଲି ଅନେକ ଲୋକ ନିଜର ଅସନ୍ତୁଳିତ ଖାଦ୍ୟ ଶୈଳୀ ପାଇଁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ ପାଇଁ ହେଉ ଅବା ଫ୍ୟାଟ୍ ଜାତୀୟ ଖାଦ୍ୟ, ଏଗୁଡ଼ିକୁ ଖାଇବା ଦ୍ୱାରା ଷ୍ଟ୍ରୋକ୍ ଭଳି ମାରାତ୍ମକ ରୋଗର ଶିକାର ହେବାର ଆଶଙ୍କା ରହିଛି। 'ଫ୍ୟାଟ୍‌ଜାତୀୟ ଖାଦ୍ୟ ଏବଂ ଷ୍ଟ୍ରୋକ୍ ଆଶଙ୍କା' ଶୀର୍ଷକ ବିଷୟକୁ ନେଇ ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନଙ୍କ ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଏକଥା ଜଣାପଡ଼ିଛି । ଅଧିକାଂଶ ସମୟ ଅଧିକ ଫ୍ୟାଟ୍‌ଜାତୀୟ ଖାଦ୍ୟ ଖାଇଲେ ତାହାର ଖରାପ ପ୍ରଭାବ ରକ୍ତ ସଞ୍ଚାଳନ ଉପରେ ପଡିଥାଏ। ଫଳରେ ଷ୍ଟ୍ରୋକ୍ କିମ୍ବା ହୃଦ୍‌ଜନିତ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି। ଏଭଳି ଖାଦ୍ୟ ଅଧିକ ପରିମାଣରେ ଖାଉଥିବା କିଛି ବ୍ୟକ୍ତିଙ୍କ ଠାରେ ଏଭଳି ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅନ୍ୟପକ୍ଷରେ ସବୁଜ ପନିପରିବା, କ୍ଷୀର, ମାଛ, ସୋୟାବିନ୍ ଆଦି ଖାଦ୍ୟ ଖାଇବା ଦ୍ୱାରା ଷ୍ଟ୍ରୋକ୍ କେତେକାଂଶରେ କମିଯାଇଥାଏ ବିଶେଷଜ୍ଞମାନେ ମତ ଦେଇଛନ୍ତି।

## ଭିଟାମିନ୍-ଡି ଓ ହୃଦ୍‌ଘାତ



ହର୍‌ମୋନ୍‌ର ପ୍ରାକୃତିକ ଉପାଦାନ ହେଉଛି ଭିଟାମିନ୍-ଡି। ଏହା ଶରୀରରେ ହାଡ଼ ଓ ମାଂସପେଶୀକୁ ମଜଭୁତ ରଖିବାରେ ସାହାଯ୍ୟ କରେ। ହେଲେ ଶରୀରରେ ଯେତେବେଳେ ଏହାର ଅଭାବ ଘଟେ ସେତେବେଳେ ଏହା ଆଣ୍ଠୁଗଣ୍ଠିକୁ ଦୁର୍ବଳ କରିବା ସହ ହାର୍ଟକୁ ଏହା ଗଭୀର କ୍ଷତି ପହଞ୍ଚାଏ ବୋଲି ୟୁନିଭର୍‌ସିଟି ଅଫ୍ ସାଉଥ୍ ଅଷ୍ଟ୍ରେଲିଆ ଷ୍ଟେଟ୍ ତରଫରୁ ପ୍ରକାଶିତ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଜଣେ ବ୍ୟକ୍ତି ଶରୀରରେ ଏହାର ପରିମାଣ କମିଲେ ବ୍ୟକ୍ତି ହୃଦ୍‌ଘାତର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ତା'ସହ ରକ୍ତଚାପ ବହୁ ମାତ୍ରାରେ ବଢ଼ିଯାଏ। ଏଥିସହ ବ୍ୟକ୍ତିଜଣଙ୍କ ଜିନ୍ ଜନିତ ରୋଗରେ ମଧ୍ୟ ପୀଡ଼ିତ ହେବାର ଆଶଙ୍କା ରହିଛି । ସ୍ନାୟୁଗୁଡ଼ିକ ଦୁର୍ବଳ ହୋଇପଡ଼େ ଓ ବ୍ୟକ୍ତିଟି ଅନେକ ରୋଗରେ ଆକ୍ରାନ୍ତ ହୁଏ। ତେଣୁ ଏଥିରୁ ରକ୍ଷା ପାଇବା ପାଇଁ ଭିଟାମିନ୍-ଡି ଯୁକ୍ତ ଖାଦ୍ୟ ଯଥା-କଦଳୀ, କମଳା, ଆଲମଣ୍ଡ, ଛତୁ, ଅଣ୍ଡା କେଶର, କ୍ଷୀର, ଜୁସ୍ ଆଦିକୁ ଖାଇବା ନିହାତି ଆବଶ୍ୟକ। ଆଉ ଯଦି ହୃଦ୍‌ଘାତର ଅଧିକ ଲକ୍ଷଣ ଦେଖାଯାଏ, ତେବେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରାନ୍ତୁ।

# ଚନ୍ଦ୍ରପୃଷ୍ଠରେ ପର୍ଯ୍ୟବେକ୍ଷଣାଗାର



ଇଂ. ମାୟାଧର ସ୍ୱାଇଁ

ବହୁ ପୁରାତନ କାଳରୁ ମନୁଷ୍ୟ ଖାଲି ଆଖିରେ ଆକାଶକୁ ପର୍ଯ୍ୟବେକ୍ଷଣ କରି ଅନେକ ଗ୍ରହ ଓ ନକ୍ଷତ୍ରର ଗତିବିଧି ଜାଣିପାରିଥିଲା। ସପ୍ତଦଶ ଶତାବ୍ଦୀର ଆରମ୍ଭରେ ଦୂରବୀକ୍ଷଣ ଯନ୍ତ୍ରର ଉଦ୍ଭାବନ ପରେ ଏହା ସାହାଯ୍ୟରେ ଗଭୀର ମହାକାଶର ଅନେକ ଦୂରରେ ଥିବା ଜ୍ୟୋତିର୍ବିଦ୍ୟୀୟ ପିଣ୍ଡଗୁଡିକୁ ଦେଖିହେଲା। ଇଟାଲୀ ବୈଜ୍ଞାନିକ ଗାଲିଲିଓ ୧୬୦୯ରେ ପ୍ରଥମେ ଦୂରବୀକ୍ଷଣ ଯନ୍ତ୍ର ବ୍ୟବହାର କରି ସୌରଜଗତର ଅନେକ ଅଜଣା ତଥ୍ୟକୁ ଆବିଷ୍କାର କରିଥିଲେ। ଗାଲିଲିଓଙ୍କ ଦୂରବୀକ୍ଷଣ ଯନ୍ତ୍ରର ବ୍ୟାସ ମାତ୍ର ୨.୫ ସେମି ଥିଲା। ଏହାପରେ ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ର ପ୍ରତିଷ୍ଠା କରାଯାଇ ସୌରଜଗତ ବାହାରେ ଅନେକ ଜୋତିର୍ବିଦ୍ୟୀୟ ପିଣ୍ଡକୁ ପର୍ଯ୍ୟବେକ୍ଷଣ କରାଯାଇଛି। ପ୍ରଥମେ କେବଳ ଦୃଶ୍ୟମାନ ଆଲୋକକୁ ଦୂରବୀକ୍ଷଣ ଯନ୍ତ୍ରରେ ଦେଖି ହେଉଥିଲା। ମାତ୍ର ଅନେକ ଦୂରରେ ଥିବା ଜ୍ୟୋତିର୍ବିଦ୍ୟୀୟ ପିଣ୍ଡଗୁଡ଼ିକୁ ବିଦ୍ୟୁତ-ଚୁମ୍ବକୀୟ ବର୍ଣ୍ଣାଳିର ଅନ୍ୟ କିଛି ରଶ୍ମି ଯଥା-ରେଡିଓ, ଅବଲୋହିତ, ଗାମା ରଶ୍ମି, ଏକ୍ସ-ରଶ୍ମି ଆଦି ନିର୍ଗତ ହେଉଛି। ଏଣୁ ସେଗୁଡିକୁ ଅଧ୍ୟୟନ କରିବା ପାଇଁ ବିଶେଷ ଧରଣର ଦୂରବୀକ୍ଷଣ ଯନ୍ତ୍ରମାନ ନିର୍ମିତ ହେଲା। ବିଶେଷ ଭାବେ ପୃଥିବୀ ପୃଷ୍ଠରେ କେତୋଟି ବଡ଼ ରେଡିଓ ଦୂରବୀକ୍ଷଣ ଯନ୍ତ୍ର ସ୍ଥାପିତ ହୋଇଛି। ମହାକାଶରୁ ଆସୁଥିବା ଗାମା ରଶ୍ମି, ଏକ୍ସ ରଶ୍ମି ଓ ଅବଲୋହିତ ରଶ୍ମିର ଅଧିକାଂଶ ଭାଗ ପୃଥିବୀର ବାୟୁମଣ୍ଡଳ ଦ୍ୱାରା ଶୋଷିତ ହୋଇ ଯାଉଥିବାରୁ ସେଗୁଡିକ ଭୂପୃଷ୍ଠରେ ପହଞ୍ଚି ପାରେ ନାହିଁ ଏବଂ ଫଳରେ ଏହାର ଅଧ୍ୟୟନ ପାଇଁ ପୃଥିବୀରେ କୌଣସି ଦୂରବୀକ୍ଷଣ ଯନ୍ତ୍ର ସ୍ଥାପିତ ହୋଇନାହିଁ।

ପୃଥିବୀ ପୃଷ୍ଠରେ ଦୂରବୀକ୍ଷଣ ଯନ୍ତ୍ର ଅବସ୍ଥାପନର ଗୋଟିଏ ସୁବିଧା ହେଉଛିଯେ ଆମେ ଏହାର ଆକାର ବଡ଼ କରିପାରିବା ଏବଂ ଏହାର ନିର୍ମାଣ ସହଜ ହୋଇଥାଏ। କିନ୍ତୁ ପୃଥିବୀର ବାୟୁମଣ୍ଡଳରେ ମେଘ, ବାଦଲ, ଝଡ଼ ଆଦି ଯୋଗୁ ଦୂରବୀକ୍ଷଣ ଯନ୍ତ୍ରଗୁଡ଼ିକ ଦକ୍ଷତା ଅନୁସାରେ କାର୍ଯ୍ୟ କରିପାରେ ନାହିଁ। ପୁନଶ୍ଚ ବାୟୁ ପ୍ରଦୂଷଣ ଓ ଆଲୋକ ପ୍ରଦୂଷଣ ଏହାର କାର୍ଯ୍ୟରେ ବ୍ୟାଘାତ ଆଣିଥାଏ।

ଏହାର ପ୍ରତିକାର ପାଇଁ ବୈଜ୍ଞାନିକମାନେ ମହାକାଶରେ ଭୂକକ୍ଷରେ ଦୂରବୀକ୍ଷଣ ଯନ୍ତ୍ର ସ୍ଥାପନ କରିଛନ୍ତି। ଏହାର ସଦ୍ୟତମ ଉଦାହରଣ ହେଉଛି 'ଜେମ୍‌ସ ୱେବ୍ ମହାକାଶ ଦୂରବୀକ୍ଷଣ ଯନ୍ତ୍ର'। ଅନ୍ୟ କେତୋଟିର ନାମ ହେଉଛି-ଉବଲ୍ ଦୂରବୀକ୍ଷଣ ଯନ୍ତ୍ର, କେପଲର ଦୂରବୀକ୍ଷଣ ଯନ୍ତ୍ର, ଚନ୍ଦ୍ରା ଏକ୍ସ ରଶ୍ମି ଦୂରବୀକ୍ଷଣ ଯନ୍ତ୍ର ଏବଂ ସ୍ୱାଇଜର ଦୂରବୀକ୍ଷଣ ଯନ୍ତ୍ର। ଏଗୁଡ଼ିକ ସାହାଯ୍ୟରେ ସୌରଜଗତ ବାହାରେ ଅନେକ ଗ୍ରହ ସମେତ ଅନେକ ଗାଲାକ୍ସିକୁ ଆବିଷ୍କାର କରାଯାଇଛି। କିନ୍ତୁ ଏଗୁଡ଼ିକର ମଧ୍ୟ କିଛି ସୀମିତତା ଅଛି। ଏଗୁଡିକୁ ପେଲୋଡ୍ ଭାବେ ରକେଟ୍ ସାହାଯ୍ୟରେ ଉତ୍‌କ୍ଷେପଣ କରାଯାଏ ଏବଂ ରକେଟ୍‌ର କ୍ଷମତା ଅନୁସାରେ ପେଲୋଡ୍ ସ୍ଥିର କରାଯାଏ। ଫଳରେ ମହାକାଶ ଦୂରବୀକ୍ଷଣର ଆକାର ଛୋଟ ହୋଇଥାଏ। କେତେକ ଦୂରବୀକ୍ଷଣ ଯନ୍ତ୍ର ଅବଲୋହିତ ରଶ୍ମିକୁ ପର୍ଯ୍ୟବେକ୍ଷଣ କରିଥାଏ ଏବଂ ଫଳରେ ଏହା ଶୀତଳକ ତରଳ ପଦାର୍ଥ ଆବଶ୍ୟକ କରିଥାଏ। ଅତି ଗରମ ହେଲେ ଏହା ବାଷ୍ପୀକରଣ ହୋଇଯାଏ। ପୁନଶ୍ଚ ଯଦି ମରାମତି କରିବା ଆବଶ୍ୟକ ହୁଏ, ତାହାହେଲେ ମହାକାଶରେ ଏହା କରିବା ଅତି କଷ୍ଟକର।

ବର୍ତ୍ତମାନ ଗବେଷକମାନେ ଚନ୍ଦ୍ର ପୃଷ୍ଠରେ ଆଗାମୀ ପିଢ଼ିର ଦୂରବୀକ୍ଷଣ ଯନ୍ତ୍ର ସ୍ଥାପନ କରିବାର ଧାରଣା ପ୍ରକାଶ କରିଛନ୍ତି। ଚନ୍ଦ୍ରରେ ମେଘ, ବାଦଲ, ଝଡ଼ ଆଦି ନାହିଁ ଏବଂ ଏଠାରେ ମଧ୍ୟ ଆଲୋକ ପ୍ରଦୂଷଣ କିମ୍ବା ବାୟୁ ପ୍ରଦୂଷଣ ନାହିଁ। ପ୍ୟାରିସସ୍ଥିତ ଜ୍ୟୋତିଃ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ଜ୍ୟୋତିର୍ବିଦ ଜିନ୍-ପିଏରେ ମେଲାର୍ଡ ଏହା ଉପରେ ଅଧ୍ୟୟନ କରି ପ୍ରକାଶ କରିଛନ୍ତି ଯେ ଚନ୍ଦ୍ରପୃଷ୍ଠରେ ୧୩ ମିଟର ବ୍ୟାସର ଗୋଟିଏ ଦୂରବୀକ୍ଷଣ ଯନ୍ତ୍ର ସ୍ଥାପନ କରି ଅବଲୋହିତ ରଶ୍ମି ଅଧ୍ୟୟନ କରାଯାଇପାରିବ। ଏହାର ବ୍ୟାସ ଜେମ୍‌ସ ୱେବ୍ ମହାକାଶ ଦୂରବୀକ୍ଷଣ ଯନ୍ତ୍ରର ବ୍ୟାସର ଚାରିଗୁଣ ହେବ ଏବଂ ଏହାର ସମ୍ବେଦନତା ଦୁଇଗୁଣ ଅଧିକ ହେବ। ଫଳରେ ଏହାର ଚିତ୍ରର ବିଭେଦନ ଅତି ଉତ୍ତମ ହେବ।

> "ବର୍ତ୍ତମାନ ଗବେଷକମାନେ ଚନ୍ଦ୍ରପୃଷ୍ଠରେ ଆଗାମୀ ପିଢ଼ିର ଦୂରବୀକ୍ଷଣ ଯନ୍ତ୍ର ସ୍ଥାପନ କରିବାର ଧାରଣା ପ୍ରକାଶ କରିଛନ୍ତି । ଚନ୍ଦ୍ରରେ ମେଘ, ବାଦଲ, ଝଡ଼ ଆଦି ନାହିଁ ଏବଂ ଏଠାରେ ମଧ୍ୟ ଆଲୋକ ପ୍ରଦୂଷଣ କିମ୍ବା ବାୟୁ ପ୍ରଦୂଷଣ ନାହିଁ। ପ୍ୟାରିସସ୍ଥିତ ଜ୍ୟୋତି ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ଜ୍ୟୋତିର୍ବିଦ୍ ଜିନ୍-ପିଏରେ ମେଲାର୍ଡ ଏହା ଉପରେ ଅଧ୍ୟୟନ କରି ପ୍ରକାଶ କରିଛନ୍ତି ଯେ, ଚନ୍ଦ୍ରପୃଷ୍ଠରେ ୧୩ ମିଟର ବ୍ୟାସର ଗୋଟିଏ ଦୂରବୀକ୍ଷଣ ଯନ୍ତ୍ର ସ୍ଥାପନ କରି ଅବଲୋହିତ ରଶ୍ମି ଅଧ୍ୟୟନ କରାଯାଇପାରିବ। ଏହାର ବ୍ୟାସ ଜେମ୍‌ସ ୱେବ୍ ମହାକାଶ ଦୂରବୀକ୍ଷଣ ଯନ୍ତ୍ରର ବ୍ୟାସର ଚାରିଗୁଣ ହେବ ଏବଂ ଏହା ସମ୍ବେଦନତା ଦୁଇଗୁଣ ଅଧିକ ହେବ। ଫଳରେ ଏହାର ଚିତ୍ରର ବିଭେଦନ ଅତି ଉତ୍ତମ ହେବ।"



ଅବଲୋହିତ ରଶ୍ମି ଅଧ୍ୟୟନ ଦ୍ୱାରା ଗାଲାକ୍ସି ସୃଷ୍ଟିର ପ୍ରାରମ୍ଭିକ ଅବସ୍ଥାକୁ ଜାଣିହେବ ଏବଂ ଜ୍ୟୋତିର୍ବିଦ୍‌ମାନେ ଏଥିପ୍ରତି ଆଗ୍ରହୀ ଅଛନ୍ତି। ଗାଲାକ୍ସିଗୁଡିକ ଆମଠାରୁ ବହୁ ଦୂରରେ ଅଛନ୍ତି ଏବଂ କୃଷ୍ଣ ଶକ୍ତି ଯୋଗୁ ବିଶ୍ୱର ପ୍ରସାରଣ ହେଉଛି, ଯାହା ଫଳରେ ଏଥିରୁ ନିର୍ଗତ ବିଦ୍ୟୁତ-ଚୁମ୍ବକୀୟ ବର୍ଣ୍ଣାଳି ଅବଲୋହିତ ଅଞ୍ଚଳ ଆଡକୁ ବିସ୍ଥାପିତ ହେଉଛି। ଏଣୁ ଏହି ପର୍ଯ୍ୟବେକ୍ଷଣ ଓ ଅଧ୍ୟୟନ କରିପାରିଲେ ଆଦ୍ୟ ଗାଲାକ୍ସି ଓ ନକ୍ଷତ୍ରଗୁଡ଼ିକ କିପରି ସୃଷ୍ଟି ହେଲା, ତାହା ବ୍ରହ୍ମାଣ୍ଡ ବିଜ୍ଞାନୀମାନେ ଜାଣିପାରିବେ।

ଚନ୍ଦ୍ରର ମେରୁ ଅଞ୍ଚଳରେ ସଂଘାତଜନିତ ଅନେକ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି ଏବଂ ଏଗୁଡ଼ିକ ସର୍ବଦା ଅନ୍ଧାରରେ ରହିଥାଏ। ଏହାର ତାପମାତ୍ରା ୧୮ କେଲଭିନ୍ (ପ୍ରାୟ ବିୟୁକ୍ତ ୪୨୭ ଡିଗ୍ରୀ ଫାରେନହାଇଟ) ପର୍ଯ୍ୟନ୍ତ ଥାଏ। ଏଣୁ ଏହି ଗର୍ତ୍ତ ମାଧ୍ୟମରେ ଅବଲୋହିତ ଦୂରବୀକ୍ଷଣ ଯନ୍ତ୍ରକୁ ସ୍ଥାପନ କଲେ ଏଥିପାଇଁ ଆଉ ସ୍ୱତନ୍ତ୍ର ଭାବରେ ଶୀତଳନ ବ୍ୟବସ୍ଥାର ଆବଶ୍ୟକ ନାହିଁ।

ତାତ୍ତ୍ୱିକ ଭାବେ ଚନ୍ଦ୍ରପୃଷ୍ଠରେ ପୃଥିବୀରେ ଥିବା ଦୂରବୀକ୍ଷଣ ଯନ୍ତ୍ର ଭଳି ବଡ଼ ଦୂରବୀକ୍ଷଣ ଯନ୍ତ୍ର ସ୍ଥାପନ କରିହେବ। କିନ୍ତୁ ଏହାର ଏକ ସୀମା ଅଛି। ଏହାକୁ ପୃଥିବୀ ପୃଷ୍ଠରେ ନିର୍ମାଣ କରି ଚନ୍ଦ୍ରପୃଷ୍ଠରେ ଅବତରଣ କରାଯିବ। ଅବତରଣ ସ୍ଥଳରୁ ରୋବୋଟ ସାହାଯ୍ୟରେ ଏହାକୁ ନିର୍ଦ୍ଧାରିତ ସ୍ଥାନକୁ ନିଆଯିବ। ଯଦି ଦୂରବୀକ୍ଷଣ ଯନ୍ତ୍ରର ଆକାର ବଡ଼ ହୁଏ, ତାହାହେଲେ ସେହି ଅନୁଯାୟୀ ରୋବୋଟ୍‌କୁ ଅଧିକ ଶକ୍ତିଶାଳୀ କରିବାକୁ ପଡ଼ିବ। ପୁନଶ୍ଚ ଦୂରବୀକ୍ଷଣ ଯନ୍ତ୍ରକୁ ଚଳାଇବା ପାଇଁ ଦରକାର ହେବାକୁ ଥିବା ସ୍ଥାୟୀ ଶକ୍ତି ଉତ୍ସ ମଧ୍ୟ ବୃହତ ହେବ। ଏହିସବୁ ଅସୁବିଧାକୁ ଲକ୍ଷ୍ୟକରି ମେଲାର୍ଡ ୧୩ ମିଟର ବ୍ୟାସର ଦୂରବୀକ୍ଷଣ ଯନ୍ତ୍ରର ପ୍ରସ୍ତାବ ଦେଇଛନ୍ତି। ବର୍ତ୍ତମାନ ପାଇଁ 'ନାସା', ୟୁରୋପୀୟ ମହାକାଶ ସଂସ୍ଥା କିମ୍ବା କୌଣସି ଦେଶର ମହାକାଶ କାର୍ଯ୍ୟକ୍ରମରେ ଚନ୍ଦ୍ରପୃଷ୍ଠରେ ଦୂରବୀକ୍ଷଣ ଯନ୍ତ୍ର ସ୍ଥାପନ ପାଇଁ ଚିନ୍ତା କରାଯାଇପାରିବ ନାହିଁ। କିନ୍ତୁ ଗବେଷକ ଓ ଜ୍ୟୋତିର୍ବିଦ୍‌ମାନଙ୍କର ଆଗ୍ରହକୁ ଦେଖି ସେମାନେ କିଛି ନିଷ୍ପତ୍ତି ନେଇପାରନ୍ତି। ଚନ୍ଦ୍ରପୃଷ୍ଠରେ ମନୁଷ୍ୟର ଉପସ୍ଥିତି ବଢ଼ିଲେ ଏଥିପାଇଁ ନିଶ୍ଚୟ ଆଗ୍ରହ ବଢ଼ିବ। ଆମେରିକା ଆର୍ଟେମିସ୍ କାର୍ଯ୍ୟକ୍ରମରେ ୨୦୨୫ ମସିହାରେ ପୁଣି ମହାକାଶଚାରୀଙ୍କୁ ପଠାଇବ ବୋଲି ଠିକ୍ କରିଛି। ଏହାବ୍ୟତୀତ ଚାଇନା ୨୦୩୦ ମସିହା ଏବଂ ଭାରତ ୨୦୪୦ ମସିହା ସୁଦ୍ଧା ଚନ୍ଦ୍ରପୃଷ୍ଠକୁ ନିଜର ମହାକାଶଚାରୀ ପଠାଇବା ପାଇଁ ଘୋଷଣା କରିଛନ୍ତି। ଏହାପରେ ଚନ୍ଦ୍ରପୃଷ୍ଠରେ ଦୂରବୀକ୍ଷଣ ଯନ୍ତ୍ର ସ୍ଥାପନ ଆଉ କଳ୍ପନା ନ ହୋଇ ବାସ୍ତବ ହୋଇପାରିବ।

-୭୦, ଲକ୍ଷ୍ମୀବିହାର, ଫେଜ୍-୧,
ଭୁବନେଶ୍ୱର-୧୮
ମୋ : ୯୪୩୮୬୯୩୭୨୪

## ଶୀତଦିନିଆ ଖାଦ୍ୟ



ସାଧାରଣତଃ ଶୀତ ଦିନେ ପାଳଙ୍ଗ ଶାଗ, ମେଥିଶାଗ, ସୋରିଷ ଶାଗ ଓ ମୂଳା ଶାଗ ଅଧିକ ପରିମାଣରେ ମିଳିଥାଏ। ଏଥିରେ ଭିଟାମିନ୍-ଏ, ଭିଟାମିନ୍ 'ସି', ଭିଟାମିନ୍ 'ଇ', ଫଲିକ୍ ଏସିଡ୍, ଲୌହ, କ୍ୟାଲ୍‌ସିୟମ୍, ପୋଟାସିୟମ୍ ଓ ମ୍ୟାଗ୍ନେସିୟମ୍ ଇତ୍ୟାଦି ଉପାଦାନ ଭରି ରହିଛି। ଅନ୍ୟପକ୍ଷରେ ଶାଗରେ ତନ୍ତୁଜାତୀୟ ଉପାଦାନର ପରିମାଣ ବେଶୀ। ହେଲେ କ୍ୟାଲୋରିର ପରିମାଣ କମ୍। ଶାଗରୁ ମଧ୍ୟ ଅତି ଉପକାରୀ ଓମେଗା ଥ୍ରୀ ନାମକ ସ୍ନେହସାର ମିଳିଥାଏ। ତେଣୁ ନିୟମିତ ଶାଗ ଖାଇଲେ ରକ୍ତହୀନତା, ହୃଦ୍‌ରକ୍ତନଳୀ ରୋଗ, ଡାଇବେଟିସ୍, କାଟାରାକ୍ଟ, ପୃଥୁଳତା, କୋଷ୍ଠକାଠିନ୍ୟ ଆଶଙ୍କା କେତେକାଂଶରେ ହ୍ରାସ ପାଏ। ଶୀତ ଦିନେ ତଟକା ଗାଜର, ବିଟ୍ ଓ କନ୍ଦମୂଳ ପ୍ରଚୁର ପରିମାଣରେ ମିଳେ। ଗାଜରରେ ବିଟା କାରୋଟିନ୍, ଭିଟାମିନ୍ 'ସି' ବିଟରେ ଭିଟାମିନ୍-ଏ, ବି,ସି,କେ ଭରି ରହିଛି। ଜୁସ୍ ହିସାବରେ ଏହା ଖୁବ୍ ଉପଯୋଗୀ। କନ୍ଦମୂଳ ଆଳୁଠାରୁ ମିଠା। କିନ୍ତୁ ଏହାର ଗ୍ଲାଇସିମିକ୍ ଇଣ୍ଡେକ୍ସ କମ୍ ହୋଇଥିବାରୁ ଏହାକୁ ଖାଇଲେ ରକ୍ତରେ ଗ୍ଲୁକୋଜ୍‌ର ମାତ୍ରା ବିଶେଷ ବଢ଼ି ନଥାଏ। ମୂଳା ଓ କୋବି ହେଉଛନ୍ତି ବ୍ରାସିକା ପରିବାରର। ମୂଳା ଏକ ମୂଳଜାତୀୟ ପରିବା ଓ ଏହାକୁ ଶୀତ ଦିନେ ଖାଇବାକୁ ଭଲ ଲାଗେ। ମୂଳାରେ ଭିଟାମିନ୍, ଖଣିଜ ଲବଣ ଆଦି ରହିଛି। ଏଥିରେ କ୍ୟାଲୋରି, ଶ୍ୱେତସାର ଏବଂ ସ୍ନେହସାର ମାତ୍ରା କମ୍। ତେଣୁ ଡାଇବେଟିସ୍ ଓ ପୃଥୁଳ ରୋଗୀମାନେ ଏହାକୁ ନିରାପଦରେ ଖାଇପାରିବେ। ଉଚ୍ଚ ରକ୍ତଚାପରୋଗୀ ଓ ହୃଦରୋଗୀମାନଙ୍କ ପାଇଁ ଏହା ଉପକାରୀ ଏବଂ ସାଲାଡ୍ ପାଇଁ ଉପଯୋଗୀ।

## କଥାବାର୍ତ୍ତା ଶୈଳୀ ମାର୍ଜିତ ହେଲେ...



ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖିବା ସହଜ ନୁହେଁ। ତଥାପି କେତେକ ଏ କ୍ଷେତ୍ରରେ ସଫଳ ହୋଇଥାଆନ୍ତି । ଏ ନେଇ ଆମକୁ କେତୋଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଅନ୍ୟପକ୍ଷରେ ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ ଯଦି ଜଣେ ବ୍ୟକ୍ତି ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖେ ତେବେ ସେ ନିଜକୁ କେତେକ ରୋଗଠାରୁ ଅନେକାଂଶରେ ଦୂରେଇ ରଖିପାରିବ। ଏହାର ଏକ ସରଳ ଉପାୟ ସମ୍ପର୍କରେ ମଧ୍ୟ ସୂଚିତ କରାଯାଇଛି । ଏ ସମ୍ପର୍କିତ ବିଷୟକୁ ନେଇ ନିକଟରେ ୱାଶିଂଟନ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ଗବେଷଣା କରିଥିଲେ। ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କୁ ନିଜର କଥାବାର୍ତ୍ତା ଶୈଳୀ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଥିଲା। କାରଣ ଏହାଦ୍ୱାରା ସେମାନଙ୍କ ମାନସିକତା ସକାରାତ୍ମକ ରହିବା ସହ କାର୍ଯ୍ୟକରିବା ପାଇଁ ସେମାନଙ୍କଠାରେ ଆଗ୍ରହ ପ୍ରକାଶ ପାଇବ ବୋଲି ସେମାନଙ୍କର ହୃଦବୋଧ ହୋଇଥିଲା। ତେଣୁ ଯେଉଁମାନଙ୍କ କଥାବାର୍ତ୍ତା ଶୈଳୀରେ ନମ୍ରତା ଦେଖିବାକୁ ମିଳିଥିଲା ସେମାନଙ୍କର ମାନସିକତା ସକାରାତ୍ମକ ରହିଥିଲା ।

## କୋଲେଷ୍ଟରଲକୁ ସନ୍ତୁଳିତ ରଖେ ଆଖୁ ରସ



ଶରୀର ପାଇଁ ବେଶ୍ ଉପକାରୀ ହେଉଛି ଆଖୁରସ। ଏଥିରେ ଭିଟାମିନ୍ ଏବଂ ନ୍ୟୁଟ୍ରିଶନ୍ ଯଥା ପଟାସିୟମ୍, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, ଆଇରନ୍, ମାଙ୍ଗାନିଜ୍, ରିବୋଫ୍ଲାବିନ୍ ଓ ଆମିନୋ ଏସିଡ୍ ଅଧିକ ପରିମାଣରେ ରହିଛି। ତେବେ ଏହାକୁ ପିଇଲେ ତାହା ଶରୀରରେ କୋଲେଷ୍ଟରଲ ପରିମାଣକୁ ସନ୍ତୁଳିତ ରଖିଥାଏ। ଆଖୁରସ ପିଇବା ଦ୍ୱାରା ଶରୀରରେ ଶର୍କରାର ପରିମାଣ ଠିକ୍ ରହିଥାଏ। ଏଥିରେ ପଟାସିୟମ୍ ଓ କ୍ୟାଲ୍‌ସିୟମ୍ ଥିବାରୁ ଦାନ୍ତ ଓ ଦାନ୍ତର ମାଢ଼ି କ୍ଷୟରୁ ରକ୍ଷା କରିଥାଏ। ଏଥିରେ ମଧ୍ୟ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ରହିଛି। ଆଖୁରସ ପିଇବା ଦ୍ୱାରା ଖାଦ୍ୟ ହଜମ ଠିକ୍ ଭାବେ ହୋଇଥାଏ। ହାଡ଼ ଏବଂ ମାଂସପେଶୀକୁ ମଜଭୁତ କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ଆଖୁରସରେ ଭିଟାମିନ୍-ସି ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ। ଡାଇବେଟିସ୍ ରୋଗୀଙ୍କ ପାଇଁ ଏହା ବେଶ୍ ଉପକାରୀ। ଏଥିରେ ଗ୍ଲାଇକୋ ଏସିଡ୍ ଥିବାରୁ ଏହା ଚର୍ମରେ ଥିବା କୋଷକୁ କ୍ଷୟ ହେବାକୁ ଦେଇ ନ ଥାଏ।

## ସ୍ୱାସ୍ଥ୍ୟ ସୂଚନା



- ଯଦି ଆପଣଙ୍କ ଚର୍ମ ଶୁଖିଯାଉଛି, ତେବେ ପ୍ରତିଦିନ ସକାଳୁ କିଛି କିଛି ସମୟ ବାହାରେ ସୂର୍ଯ୍ୟାଲୋକରେ ଛିଡ଼ା ହୁଅନ୍ତୁ।
- ଖାଉଥିବା ଖାଦ୍ୟରେ ସବୁବେଳେ ଶାଗ ଜାତୀୟ ଖାଦ୍ୟ ଏବଂ ଫଳ ସାମିଲ୍ କରନ୍ତୁ, ଯାହା ଶରୀରକୁ ସତେଜ ରଖିବା ସହ ଶକ୍ତି ଯୋଗାଇବ।
- ନିଜକୁ ଅବସାଦଠାରୁ ଦୂରେଇ ରଖିବାକୁ ହେଲେ, ସାଙ୍ଗମାନଙ୍କ ସହ କିମ୍ବା ପରିବାର ସଦସ୍ୟଙ୍କ ସହ କିଛି ସମୟ ବିତାନ୍ତୁ। ଏହା ଆପଣଙ୍କୁ କେତେକାଂଶରେ ମାନସିକ ଶାନ୍ତି ଦେଇଥାଏ।
- ଉଚ୍ଚ ରକ୍ତଚାପ କମାଇବାକୁ ଚାହୁଁଥିଲେ ନିଜର ଦୈନନ୍ଦିନ ଜୀବନ ତାଲିକାରେ ଯୋଗ, ପ୍ରାଣାୟାମ, ବ୍ୟାୟାମ ସାମିଲ କରନ୍ତୁ।
- କୌଣସି କାର୍ଯ୍ୟକୁ ଅଧିକ ସମୟ ଧରି କରିବାକୁ ଥିଲେ ତା' ମଧ୍ୟରେ କିଛି ସମୟ ବିଶ୍ରାମ ନିଅନ୍ତୁ। ଏଥିଯୋଗୁ ମାନସିକ ଶାନ୍ତି ମିଳିବା ସହ ଅଧିକ କାମ କରିବାକୁ ଆଗ୍ରହ ସୃଷ୍ଟି ହେବ।
- ବାହାର ଜିନିଷ କେବେ ବି ଖାଆନ୍ତୁ ନାହିଁ। ଏହା ଶରୀରରେ ଏସିଡିଟି ସୃଷ୍ଟି କରିପାରେ। ତେଣୁ ଯଥାସମ୍ଭବ ଏହାଠାରୁ ଦୂରେଇ ରୁହନ୍ତୁ।

## ସୁଡ଼ଙ୍ଗ ଉଦ୍ଧାର ଅଭିଯାନରେ ଟେକ୍ନୋଲୋଜିର ପ୍ରୟୋଗ



(ଶେଷ ଭାଗ)

**ଏଣ୍ଡୋସ୍କୋପିକ କ୍ୟାମେରା ଜରିଆରେ ଛବି ଉତ୍ତୋଳନ :** ସୁଡ଼ଙ୍ଗ ମଧ୍ୟରେ ଫସି ରହିଥିବା ଶ୍ରମିକମାନଙ୍କ ଛବି ଦୀର୍ଘ ୧୦ ଦିନ ପରେ ନଭେମ୍ବର ୨୧ ତାରିଖ ଦିନ ସାରା ଦୁନିଆ ପ୍ରଥମକରି ଏକ ଏଣ୍ଡୋସ୍କୋପିକ ବ୍ୟବସ୍ଥା ଜରିଆରେ ଦେଖିଥିଲା । ଏହି ବ୍ୟବସ୍ଥା ପ୍ରୟୋଗ କରି ସଧାରଣତଃ ଜଣେ ଡାକ୍ତର ରୋଗୀ ଶରୀର ମଧ୍ୟରେ ଏକ ନରମ ନଳୀ ପୂରାଇ ଆଭ୍ୟନ୍ତରୀଣ ଅଙ୍ଗପ୍ରତ୍ୟଙ୍ଗକୁ ଦେଖି ଯାଞ୍ଚ କରିଥାନ୍ତି। ନଳୀର ଅଗ୍ରଭାଗରେ ଏକ କ୍ୟାମେରା ଖଞ୍ଜାଯାଇଥାଏ, ଯାହା ସମ୍ମୁଖସ୍ଥ ବସ୍ତୁର ଫଟୋ ଗ୍ରହଣ କରି ଆଲୋକରଶ୍ମିକୁ ନଳୀ ଦେଇ ଡାକ୍ତରଙ୍କ ନିକଟକୁ ପ୍ରେରଣ କରେ। ନଳୀ ମଧ୍ୟରେ ଆଲୋକରଶ୍ମିର ସମ୍ପୂର୍ଣ୍ଣ ପ୍ରତିଫଳନ ଧର୍ମ ହେତୁ ନଳୀଟି ଆକୃତିରେ ବଙ୍କାଟଙ୍କା ହୋଇଥିଲେ ସୁଦ୍ଧା ଆଲୋକରଶ୍ମି ସର୍ବଦା ନଳୀ ମଧ୍ୟରେ ଗତିକରି ଡାକ୍ତରଙ୍କ ନିକଟରେ ପହଞ୍ଚିବାକୁ ସକ୍ଷମ ହୁଏ ଏବଂ ଡାକ୍ତର ପଦାରେ ଥାଇ ରୋଗୀ ଶରୀରର ଆଭ୍ୟନ୍ତରୀଣ ଅଙ୍ଗପ୍ରତ୍ୟଙ୍ଗ ସ୍ପଷ୍ଟ ଦେଖିପାରନ୍ତି। ଏହି ନଳୀ ଅଗ୍ରଭାଗରେ ଏକ ଏଲ୍‌ଇଡି ବତି ସଂଲଗ୍ନ ଥାଏ; ଫଳରେ ଏହି ଉପକରଣ ଜରିଆରେ ଅନ୍ଧାରରେ ମଧ୍ୟ ଫଟୋ ଗ୍ରହଣ କରିହୁଏ। ଉତ୍ତରକାଶୀଠାରେ ଏହିପରି ଏକ ଏଣ୍ଡୋସ୍କୋପିକ ନଳୀକୁ ଖାଦ୍ୟପଦାର୍ଥ ପଠାଯିବା ପାଇଁ ଉଦ୍ଦିଷ୍ଟ ୬ ଇଞ୍ଚ ବ୍ୟାସର ପାଇପ ମଧ୍ୟରେ ପୂରାଯାଇ ଅଟକି ଥିବା ଶ୍ରମିକମାନଙ୍କର ଫଟୋ ଦେଖି ହେଉଥିଲା ।

**ରୋବଟର ସର୍ବେକ୍ଷଣ :** ଏହି ଉଦ୍ଧାର ଅଭିଯାନରେ ରାଷ୍ଟ୍ରୀୟ ପ୍ରତିରକ୍ଷା ଗବେଷଣା ପ୍ରତିଷ୍ଠାନ (ଡି.ଆର୍.ଡି.ଓ.)ଙ୍କ ତରଫରୁ ଦୁଇଟି ରୋବଟକୁ ମଧ୍ୟ ଖୋଲା ଯାଉଥିବା ୮୦୦ ମି.ମି. ପାଇପ ମଧ୍ୟରେ କାର୍ଯ୍ୟରେ ଲଗା ଯାଇଥିଲା। ମନୁଷ୍ୟର ପହଞ୍ଚ ବାହାରେ ଥିବା ବିପଦସଙ୍କୁଳ ସ୍ଥାନରେ ପ୍ରବେଶ କରି ଆବଶ୍ୟକ କାର୍ଯ୍ୟ ସମ୍ପାଦନ କରିବା କୌଣସି ରୋବଟ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ଏହି ଦୁଇଟି ରୋବଟ ପାଇପ ମଧ୍ୟରେ ପ୍ରବେଶ କରି ନିଜର ସେନ୍‌ସର୍ ଓ କ୍ୟାମେରା ଜରିଆରେ ସୁଡ଼ଙ୍ଗ ମଧ୍ୟସ୍ଥ ଭୂମିରୂପର ସୂଚନା ପ୍ରଦାନ ତଥା ଖୋଳାଯିବା ସ୍ଥାନର ଚୟନ ଇତ୍ୟାଦି ସମ୍ପର୍କୀୟ ସମସ୍ତ ତଥ୍ୟ ଓ ଫଟୋଚିତ୍ର ସଂଗ୍ରହ ପୂର୍ବକ ବାହାରେ ଥିବା ବିଶେଷଜ୍ଞମାନଙ୍କ ନିକଟକୁ ନିୟମିତ ପ୍ରେରଣ କରୁଥିଲେ। ଫଳରେ ଉଦ୍ଧାରକାରୀ ଦଳକୁ ନିଜର ଆଗାମୀ କର୍ମପନ୍ଥା ନିରୂପଣ କରିବା ବେଶ୍ ସହଜସାଧ୍ୟ ହେଉଥିଲା ।

**ଡ୍ରୋନର ଉଡ୍ଡାଣ :** ଖୋଲା ଯାଉଥିବା ସୁଡ଼ଙ୍ଗ ମଧ୍ୟରେ ଘଟୁଥିବା କାର୍ଯ୍ୟକଳାପ ଉପରେ ନିରନ୍ତର ନଜର ରଖିବା ପାଇଁ ବେଙ୍ଗାଲୁରୁସ୍ଥିତ ସ୍କ୍ୱାର୍ଡନ ଇନଫ୍ରା ମାଇନିଙ୍ଗ ପ୍ରାଇଭେଟ ଲିମିଟେଡ କମ୍ପାନୀଙ୍କ ତରଫରୁ ଏକ ଡ୍ରୋନର ପ୍ରୟୋଗ କରାଯାଇଥଲା । ଏହି ଡ୍ରୋନ ଖୋଳାଯାଉଥିବା ପାଇପ ମଧ୍ୟରେ ଉଡି ଉଡି ନିଜର ସେନସର୍ ଓ କ୍ୟାମେରା ଜରିଆରେ ପାଇପ ତଥା ମାଟି ଭିତରର ପରିସ୍ଥିତି ସମ୍ପର୍କରେ ବିଶେଷଜ୍ଞମାନଙ୍କୁ ଅବଗତ କରାଉଥିଲା । ଫଳରେ ଉଦ୍ଧାରକାରୀ ଦଳକୁ ନିଜର ଆଗାମୀ କର୍ମପନ୍ଥା ନିରୂପଣ କରିବା ସହଜସାଧ୍ୟ ହୋଇଥିଲା । ସାରା ଉଦ୍ଧାର କାର୍ଯ୍ୟରେ ଟେକ୍‌ନୋଲୋଜିର ଭରପୂର ପ୍ରୟୋଗ ହୋଇଥିଲେ ସୁଦ୍ଧା ଶେଷ ଚଉଦ, ପନ୍ଦର ମିଟର ଗର୍ତ୍ତ ମୂଷା ଗାତିଆମାନେ (Rat Miners) ହାତରେ ପାରମ୍ପରିକ ଉପକରଣ ଦ୍ୱାରା ଖୋଳି ଦୁର୍ଗତ ଶ୍ରମିକମାନଙ୍କ ପାଖରେ ପହଞ୍ଚି ଥିବାରୁ ଏ ମହା ଅଭିଯାନରେ ସେମାନଙ୍କ ଭୂମିକାକୁ ମଧ୍ୟ ଅସ୍ୱୀକାର କରାଯାଇ ନ ପାରେ ।

-ନିକୁଞ୍ଜ ବିହାରୀ ସାହୁ,
ଏଜୁକେଶନ ଅଫିସର୍, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ

# ଭାରତର ସହଜ ବିଜୟ

**ଜୋହାନ୍ସବର୍ଗ, ୧୭।୧୨**

## ପ୍ରଥମ ଦିନିକିଆ

- ଅର୍ଶଦୀପ ସିଂଙ୍କୁ ୫ ଉଇକେଟ
- ପଦାର୍ପଣରେ ସାଇ ସୁଦର୍ଶନଙ୍କ ଅର୍ଦ୍ଧଶତକ



ଅର୍ଶଦୀପ ସିଂ

ଅର୍ଶଦୀପ ସିଂଙ୍କ ୫ ଉଇକେଟ ସଫଳତା ଏବଂ ସାଇ ସୁଦର୍ଶନଙ୍କ ପ୍ରଥମ ପଦାର୍ପଣରେ ଅର୍ଦ୍ଧଶତକ ବଳରେ ଭାରତ ୱାଣ୍ଡରର୍ସ ଷ୍ଟାଡିୟମରେ ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଦିନିକିଆରେ ସହଜ ବିଜୟ ହାସଲ କରିଛି। ରବିବାର ଅନୁଷ୍ଠିତ ମ୍ୟାଚରେ ଭାରତ ୨୦୦ ବଲ୍ ବାକିଥାଇ ଘରୋଇ ଦଳକୁ ୮ ଉଇକେଟରେ ପରାସ୍ତ କରିଛି। ଅର୍ଶଦୀପ ଓ ଆଭେଶ ଖାଁଙ୍କ ଘାତକ ବୋଲିଂର ମୁକାବିଲା କରି ନ ପାରି ଦକ୍ଷିଣ ଆଫ୍ରିକା ୨୭.୩ ଓଭରରେ ମାତ୍ର ୧୧୬ ରନକରି ଅଲ୍ଆଉଟ ହୋଇଯାଇଥିଲା। ୧୧୭ ରନର ବିଜୟ ଲକ୍ଷ୍ୟକୁ ଭାରତ ୧୬.୪ ଓଭରରେ ମାତ୍ର ୨ ଉଇକେଟ ହରାଇ ହାସଲ କରି ନେଇଥିଲା। କ୍ୟାରିୟରରେ ପ୍ରଥମ ୫ ଉଇକେଟ ସଫଳତା ପାଇଥିବା ଅର୍ଶଦୀପ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏଠାରେ ବିଜୟ ଫଳରେ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି।

ଟସ୍ ଜିତି ଦକ୍ଷିଣ ଆଫ୍ରିକା ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ମାତ୍ର ଦଳ ସପକ୍ଷରେ କିଛି ବି ଠିକ୍‌ରେ ଯାଇ ନ ଥିଲା। ପ୍ରଥମ ଓଭରରେ ହିଁ ରିଜା ହେଣ୍ଡ୍ରିକ୍ସ (୦) ଓ ଭାନ୍ ଡର୍ ଡୁସେନ (୦)ଙ୍କୁ ଆଉଟ କରି ଅର୍ଶଦୀପ ହ୍ୟାଟ୍ରିକ ସୁଯୋଗ ସୃଷ୍ଟି କରିବା ସହ ଦକ୍ଷିଣ ଆଫ୍ରିକାକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। କେବଳ ସେତିକି ନୁହେଁ ଅର୍ଶଦୀପ ଓ ଆଭେସଙ୍କ କ୍ରମାଗତ ଚମତ୍କାର ବୋଲିଂ ଯୋଗୁ ଘରୋଇ ଦଳ କୌଣସି ଉଇକେଟରେ ମଧ୍ୟ ଭଲ ପାର୍ଟନରଶିପ୍ ଗଢ଼ିପାରି ନ ଥିଲା। ଫଳରେ ୨୭.୩ ଓଭରରେ ଦଳର ଇନିଂସ ସୀମିତ ରହି ଯାଇଥିଲା। ଅର୍ଶଦୀପ ୧୦ ଓଭରରେ ୩୭ ରନଦେଇ ୫ ଉଇକେଟ ଅକ୍ତିଆର କରିଥିବାବେଳେ ଆଭେଶ ୮ ଓଭର ବୋଲିଂ କରି ୩ଟି ମେଡେନ ନେବାସହ ୨୭ ରନ ଦେଇ ୪ ଉଇକେଟ ହାସଲ କରିଥିଲେ। ଅବଶିଷ୍ଟ ଉଇକେଟର୍ଟି କୁଲଦୀପ ଯାଦବଙ୍କୁ ମିଳିଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ଆଡିଲେ ଫେଲୁକ୍ୱାୟୋ ସର୍ବାଧିକ ୩୩ ରନ କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବେ ଭାରତୀୟ ବୋଲରଙ୍କ ଭଳି ଦକ୍ଷିଣ ଆଫ୍ରିକା ବୋଲର ପିଚ୍‌ରୁ ଫାଇଦା ଉଠାଇପାରି ନ ଥିଲେ। ୱିଆନ ମୁଲ୍ଡର ଯଦିଓ ଓପନର ଋତୁରାଜ ଗାଏକ୍ୱାଡ୍ (୫)ଙ୍କୁ ଶୀଘ୍ର ଆଉଟ କରିବାରେ ସକ୍ଷମ ହୋଇଥିଲେ ତେବେ ପଦାର୍ପଣକାରୀ ସାଇ ସୁଦର୍ଶନ ଓ ଶ୍ରେୟସ ଆୟର ଦ୍ୱିତୀୟ ଉଇକେଟରେ ୮୮ ରନ ଯୋଗକରି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ଆୟର ୫୨ (୪୫ ବଲ୍, ୬ ଚୌକା, ୧ ଛକା) ରନକରି ଆଉଟ ହୋଇଥିବାବେଳେ ସୁଦର୍ଶନ ୫୫ (୪୩ ବଲ, ୯ ଚୌକା) ରନରେ ଅପରାଜିତ ରହିଥିଲେ। ଘରୋଇ ବୋଲରଙ୍କ ମଧ୍ୟରେ ୱିଆନ ମୁଲ୍ଡର ଓ ଆଡିଲେ ଫେଲିକ୍ୱାୟୋ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ବଲ୍ ବଳକା ଦୃଷ୍ଟିରୁ ଭାରତର ଏହା ୪ର୍ଥ ସର୍ବାଧିକ ବିଜୟ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ୨୭.୩ ଓଭରରେ ୧୧୬/ଅଲ୍ଆଉଟ (ଆଡିଲେ ଫେଲୁକ୍ୱାୟୋ-୩୩, ଅର୍ଶଦୀପ ସିଂ-୫/୩୭, ଆଭେଶ ଖାଁ-୪/୨୭, କୁଲଦୀପ ଯାଦବ-୧/୩)। ଭାରତ ୧୬.୪ ଓଭରରେ ୧୧୭/୨ (ସାଇ ସୁଦର୍ଶନ-୫୫*, ଶ୍ରେୟସ ଆୟର-୫୨, ୱିଆନ ମୁଲ୍ଡର-୧/୨୬, ଆଡିଲେ ଫେଲୁକ୍ୱାୟୋ-୧/୧୫)।

# ଅନିକେତ୍ ମୁମ୍ବାଇ ଅଧିନାୟକ

**ଭୁବନେଶ୍ୱର, ୧୭।୧୨**
**(ତପନ ସ୍ୱାଇଁ)**

## ଅଲ୍ଟିମେଟ୍ ଖୋଖୋ ସିଜନ-୨

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚଳିତ ମାସ ୨୪ରୁ ଜାନୁୟାରୀ ୧୪ ପର୍ଯ୍ୟନ୍ତ ହେବାକୁ ଯାଉଥିବା ଅଲ୍‌ଟିମେଟ୍ ଖୋଖୋ ସିଜନ-୨ ପାଇଁ ଅନିକେତ ପୋଟେଙ୍କୁ ମୁମ୍ବାଇ ଖିଲାଡିଜ୍ ଅଧିନାୟକ ମନୋନୀତ କରାଯାଇଛି। ଏହି ୨୬ ବର୍ଷୀୟ ଅଲରାଉଣ୍ଡର/ଆଟାକର ଖୋ ଖୋ ସର୍କିଟରେ ଜଣେ ଚର୍ଚ୍ଚିତ ଖେଳାଳି। ସେ ଏସିଆନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ଦଳର ସଦସ୍ୟ ଥିଲେ। ସିଜନ-୧ ଅଲ୍‌ଟିମେଟ୍ ଖୋଖୋ ଡ୍ରିମ୍ ଟିମ୍‌ରେ ତାଙ୍କୁ ସ୍ଥାନ ମିଳିଥିଲା। "ଅନିକେତ ଙ୍କୁ ନିର୍ବିବାଦୀୟ ଭାବେ ଦଳର ଅଧିନାୟକ ଚୟନ କରାଯାଇଛି। ପ୍ରଥମ ସଂସ୍କରଣରେ ତାଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ଥିଲା ଏବଂ ନିଜ ନେତୃତ୍ୱ ଦକ୍ଷତାକୁ ସେ ସୁଚାରୁରୂପେ ସମ୍ପାଦନ କରିଥିବାରୁ ଏହି ପଦ ଲାଗି ସେ ଥିଲେ ସ୍ୱାଭାବିକ ପସନ୍ଦ ହୋଇ ଯାଇଥିଲେ। ମୁମ୍ବାଇର ସ୍ଥାନୀୟ ଖେଳାଳିଭାବେ ସେ ଦଳର ଆବଶ୍ୟକତାକୁ ଭଲଭାବେ ବୁଝିଛନ୍ତି। ଆଗାମୀ ପ୍ରତିଯୋଗିତାରେ ସେ ଦଳକୁ ସଫଳତା ପ୍ରଦାନ କରିପାରିବାନେଇ ଆଶା ରହିଛି" ବୋଲି ଦଳର ମାଲିକ ପୁନିତ ବାଲାନ ପ୍ରକାଶ କରିଛନ୍ତି। ୨୭ ବର୍ଷୀୟ ଡିଫେଣ୍ଡର ମହେଶ ସିନ୍ଦେଙ୍କୁ ମୁମ୍ବାଇ ଖିଲାଡିଜ୍ ଦଳର ଉପ-ଅଧିନାୟକ ଘୋଷଣା କରିଛି। ଗତ ସିଜନରେ ସେ ଥିଲେ ଶ୍ରେଷ୍ଠ ଡିଫେଣ୍ଡରଙ୍କ ମଧ୍ୟରୁ ଅନ୍ୟତମ।

# ପାର୍ବତୀଙ୍କୁ ସ୍ୱର୍ଣ୍ଣ, ରୌପ୍ୟ


ପାର୍ବତୀ ସେଠୀ

**ଭୁବନେଶ୍ୱର, ୧୭।୧୨ (ତପନ ସ୍ୱାଇଁ)**

ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଆଥଲେଟ୍ ପାର୍ବତୀ ସେଠୀ ବର୍ଷ ଶେଷରେ ପୁଣି ନିଜ ଚମକ ଦେଖାଇଛନ୍ତି। ନୂଆଦିଲ୍ଲୀର ଅକ୍ଷରଧାମ କମନ୍‌ୱେଲ୍‌ଥ ଗେମ୍ସ ଭିଲେଜ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ୩ୟ ଜାତୀୟ ଖେଲୋ ମାଷ୍ଟର ଗେମ୍ସରେ ସେ ଡିସ୍‌କସ୍ ଥ୍ରୋରେ ସ୍ୱର୍ଣ୍ଣ ଏବଂ ଶଟ୍‌ପୁଟ୍ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ପାର୍ବତୀ ଦୀର୍ଘ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ରାଜ୍ୟଠାରୁ ଆରମ୍ଭ କରି ଜାତୀୟ, ଅନ୍ତର୍ଜାତୀୟ ଓ ମାଷ୍ଟର୍ସ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରି ଆସୁଛନ୍ତି। ନିଜର ପ୍ରଦର୍ଶନରେ ସନ୍ତୋଷ ପ୍ରକାଶ କରିଛନ୍ତି ପାର୍ବତୀ। ଓଡ଼ିଶା ସରକାର ସୁଯୋଗ ଦେଲେ ସେ ରାଜ୍ୟପାଇଁ ଭଲ ଡିସ୍‌କସ୍ ଖେଳାଳି ସୃଷ୍ଟି କରିବାରେ ସହଯୋଗ କରିବେ ବୋଲି ସେ ପ୍ରକାଶ କରିଛନ୍ତି।



ଗୋଲ ପରେ ରୟ କ୍ରିଷ୍ଣା ଓ ମୌର୍ତାଦା ଫଲ୍ ସାଥୀ ଖେଳାଳିଙ୍କ ସହ ଖୁସି ମନାଉଛନ୍ତି। (ଫଟୋ: ବିକାଶ ନାୟକ)

# କ୍ରିଷ୍ଣାଙ୍କ ଡବଲରେ ଓଡ଼ିଶା ଏଫ୍‌ସି ବିଜୟୀ

**ଭୁବନେଶ୍ୱର, ୧୭।୧୨**
**(ତପନ ସ୍ୱାଇଁ)**

ରୟ କ୍ରିଷ୍ଣାଙ୍କ ଡବଲ ଓ ମୌର୍ତାଦା ଫଲ୍‌ଙ୍କ ଗୋଲ ବଳରେ ଓଡ଼ିଶା ଏଫ୍‌ସି ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ର ରବିବାର ଅନୁଷ୍ଠିତ ମ୍ୟାଚରେ ହାଇଦ୍ରାବାଦ ଏଫ୍‌ସିକୁ ୩-୦ ଗୋଲରେ ପରାସ୍ତ କରିଛି। କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ମ୍ୟାଚରେ ଓଡ଼ିଶା ଏଫ୍‌ସି ପକ୍ଷରୁ ରୟ କ୍ରିଷ୍ଣା ୩୫ ଓ ୯୦+୫ ଏବଂ ମୌର୍ତାଦା ଫଲ୍ ୪୦ତମ ମିନିଟରେ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଦଳକୁ ୨-୦ରେ ଅଗ୍ରଣୀ କରିଥିଲେ। ଦ୍ୱିତୀୟାର୍ଦ୍ଧ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ କୌଣସି ଦଳ ଗୋଲ ସ୍କୋର କରିପାରି ନ ଥିଲା। ଚଳିତ ସିଜନରେ ଚମତ୍କାର ପ୍ରଦର୍ଶନ କରି ଆସିଥିବା ଓଡ଼ିଶା ଏଫ୍‌ସିର ୯ ମ୍ୟାଚରୁ ଏହା ୫ମ ବିଜୟ। ଦଳ ୨ଟି ମ୍ୟାଚ ହାରିଥିବାବେଳେ ଅବଶିଷ୍ଟ ୨ଟି ମ୍ୟାଚ ଡ୍ର ରଖିଛି।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
ଧରିତ୍ରୀ 50 Years





**୧୯ରେ ନୂଆଦିଲ୍ଲୀ ଯିବେ ଭାଜପାର ସବୁ ବିଧାୟକ**

ଭୁବନେଶ୍ୱର (ସୁନିତ୍ ମିଶ୍ର): ଭାଜପାର ସବୁ ବିଧାୟକ ଆସନ୍ତା ୧୯ ତାରିଖରେ ନୂଆଦିଲ୍ଲୀ ଗସ୍ତ କରିବେ। ପାର୍ଲାମେଣ୍ଟ ଚାଲିଥିବାରୁ ଦଳର ଏମ୍‌ପିମାନେ ଏବେ ସେଠାରେ ଆଗରୁ ଅଛନ୍ତି। ତେଣୁ ସବୁ ବିଧାୟକ ଏବଂ ଏମ୍‌ପିମାନେ ଏକାଠି ହୋଇ ଆସନ୍ତା ୨୦, ୨୧ ଏବଂ ୨୨ ତାରିଖରେ ଦଳର କେନ୍ଦ୍ରୀୟ ନେତୃତ୍ୱଙ୍କୁ ଭେଟି ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ଦଳର ରଣନୀତି କ'ଣ ରହିବ ସେନେଇ ସ୍ଥିର କରିବେ ବୋଲି ଜଣାପଡ଼ିଛି। ଏହି ଅବସରରେ ସେମାନେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି।

# ପ୍ରଶିକ୍ଷଣ ଶିବିର: ଅଧା ଆସିଲେ, ଅଧା ନାହିଁ

## କୋରେଇ ବିଜେଡିରେ ଗୋଷ୍ଠୀ କନ୍ଦଳ

ରସୁଲପୁର,୧୭।୧୨ (ରଞ୍ଜିତ ରାଉତ)

ଯାଜପୁର ଜିଲାର ୭ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ କୋରେଇରେ ସମ୍ପ୍ରତି ବିଜେଡି ରାଜନୀତି ଚର୍ଚ୍ଚାରେ ରହିଆସୁଛି। ୨୦୦୯ଠାରୁ ଏଠାରେ ଦଳ ପ୍ରତି ନିର୍ବାଚନରେ ଜିତି ଆସୁଥିଲେ ମଧ୍ୟ ପ୍ରାର୍ଥୀ ବଦଳାଇ ଚାଲିଛି। ୨୦୨୪ରେ ଏହି ଧାରା ରହିବା ଅନୁମାନ ଲଗାଇ ଜିଲାର ବରିଷ୍ଠ ଏବଂ ପୂର୍ବତନ ବିଧାୟକମାନେ ଟିକେଟ୍ ଆଶାରେ ସକ୍ରିୟ ହୋଇଉଠିଛନ୍ତି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇଙ୍କ ନାମ ଏହି ଦୌଡ଼ରେ ଚର୍ଚ୍ଚାକୁ ଆସିଛି। କାରଣ ସେ ଗତ ୫ ତାରିଖରେ ତାଙ୍କର ୮୪ତମ ଜନ୍ମଦିନ ଉତ୍ସବ ସୁକିନ୍ଦା ପରିବର୍ତ୍ତେ କୋରେଇ ନିର୍ବାଚନମଣ୍ଡଳୀରେ ପାଳନ କରିଥିଲେ। ଏଠାରେ ବିଜେଡିର କେତେଜଣ ପ୍ରମୁଖ ନେତାଙ୍କ ପତିଆରା ଦେଖିବାକୁ ମିଳୁଥିବାବେଳେ ସେମାନଙ୍କ ସମର୍ଥକ ଗୋଷ୍ଠୀ ମଧ୍ୟ ବେଶ୍ ସକ୍ରିୟ। ଏଥିରୁ ଦଳୀୟ ଗୋଷ୍ଠୀ କନ୍ଦଳ ହେବା ସ୍ୱାଭାବିକ ମନେ ହେଉଥିବାବେଳେ ଗତ ନଭେମ୍ବର ଶେଷ ସପ୍ତାହରେ ଆୟୋଜିତ ପ୍ରଶିକ୍ଷଣ ଶିବିର ତାହାକୁ ପଦାରେ ପକାଇଛି।

ଦଳୀୟ ସଂଗଠନକୁ ମଜଭୁତ କରିବା ପାଇଁ ବିଜେଡି ପକ୍ଷରୁ ପ୍ରଥମ ଦଫାରେ ଶଙ୍ଖ ଭବନ ଏବଂ ପରେ ନିର୍ବାଚନମଣ୍ଡଳୀ ସ୍ତରରେ ପଞ୍ଚାୟତ ଓ ଜିଲା ପରିଷଦ ଜୋନରେ ନିର୍ବାଚିତ ପ୍ରତିନିଧି, ସଭାପତି, ସଂଗଠକ ଏବଂ ଦଳର ସକ୍ରିୟ କର୍ମୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଏହି କ୍ରମରେ କୋରେଇ ନିର୍ବାଚନମଣ୍ଡଳୀ ଅଧୀନ ୩୭ ପଞ୍ଚାୟତ ଓ ବ୍ୟାସନଗର ପୌରାଞ୍ଚଳକୁ ନେଇ ବ୍ୟାସନଗରଠାରେ ୩ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କୋରେଇ ବିଧାନସଭା ଆସନ ଅଧୀନ ରସୁଲପୁର ବ୍ଲକର ୯ ପଞ୍ଚାୟତ ମଧ୍ୟରୁ ଏକାଧିକ ସରପଞ୍ଚ, ପଞ୍ଚାୟତ ସଭାପତି, ସଂଗଠକ ଯୋଗଦେଇ ନ ଥିଲେ। ଏପରି କି ୩୩ନଂ. ଜୋନ ବିଜେଡି ଜିଲାପରିଷଦ ସଦସ୍ୟ ଶିଶିର ମହାନ୍ତିଙ୍କୁ ପ୍ରଶିକ୍ଷଣ ଶିବିରକୁ ଡକାଯାଇ ନ ଥିଲା। ସେହିପରି କୋରେଇ ନିର୍ବାଚନମଣ୍ଡଳୀରେ ଆୟୋଜିତ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିରକୁ ରସୁଲପୁର ବ୍ଲକରୁ ନରସିଂହପୁର, ମୁଗୁପାଳ, ବାହାଦଲାପୁର, ଭୋଟକା ଆଦି ୪ ପଞ୍ଚାୟତର ଦଳୀୟ ନେତା ଓ କର୍ମୀ ଯୋଗଦେଇଥିଲେ। କିନ୍ତୁ ଏ ସବୁ ପଞ୍ଚାୟତରୁ ୨ଜଣ ଲେଖାଏ ସରପଞ୍ଚ ଓ ସମିତିସଭ୍ୟ, ପଞ୍ଚାୟତର ସଭାପତି ଓ ଛାମୁଆ ସଂଗଠକ ଯୋଗଦେଇ ନ ଥିଲେ। ଏଥିରୁ ଗୋଷ୍ଠୀକନ୍ଦଳ ସ୍ପଷ୍ଟ ହେଉଥିବା କୁହାଯାଉଛି। ଏ ନେଇ ଜିଲା ପରିଷଦ ସଦସ୍ୟ ଶିଶିର କୁମାର ମହାନ୍ତିଙ୍କୁ ପଚାରିବାରୁ ତାଙ୍କୁ ପ୍ରଶିକ୍ଷଣ ଶିବିରରେ ଯୋଗଦେବାକୁ ସୁଯୋଗ ମିଳି ନ ଥିବା କହିଛନ୍ତି। ତାଙ୍କ ଛଡ଼ା ଦଳର ବହୁ ଛାମୁଆ ସଂଗଠକ ଏବେ ଅଲୋଡ଼ା ହୋଇଯାଇଛନ୍ତି, ଯାହା ଦଳୀୟ ସଂଗଠନ ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ସେ ମତ ଦେଇଛନ୍ତି। ଏ ସମ୍ପର୍କରେ ଶିବିର ପରିଚାଳନାର ପ୍ରମୁଖ ତଥା ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସମଙ୍ଗରାଜଙ୍କୁ ପଚାରିବାରୁ ସେ କହିଛନ୍ତି, ଶିବିରରେ କେଉଁମାନେ ଯୋଗଦେବେ ତାହା ବିଧାୟକମାନେ ନିଷ୍ପତ୍ତି ନେଉଛନ୍ତି। ଏହା ଦଳର ଆଭ୍ୟନ୍ତରଣ ମାମଲା ହୋଇଥିବାରୁ ଶିବିରକୁ ନେଇ ସେ ବିଶେଷ କିଛି ସୂଚନା ଦେଇପାରିବେ ନାହିଁ ବୋଲି କହିଛନ୍ତି। ଏହାଛଡ଼ା ଶିବିରରେ ଯାହାସବୁ ଘଟିଛି, ସେ ସମ୍ପର୍କରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ରିପୋର୍ଟ ଦିଆଯିବ ବୋଲି ଶୁଭେନ୍ଦୁ ସୂଚନା ଦେଇଛନ୍ତି।

ତୃଣମୂଳସ୍ତରରେ ସଂଗଠନକୁ ମଜଭୁତ କରି ୨୦୨୪ ସାଧାରଣ ନିର୍ବାଚନରେ ବିଜେଡିର ଭୋଟହାର ବୃଦ୍ଧି ଘଟାଇବା ଦଳର ପ୍ରମୁଖ ଲକ୍ଷ୍ୟ। ଜଣେ ତାଲିମପ୍ରାପ୍ତ କାର୍ଯ୍ୟକର୍ତ୍ତା ଓ ସଂଗଠକଙ୍କ ଉପରେ ୨୦ ପରିବାରର ଦାୟିତ୍ୱ ନ୍ୟସ୍ତ କରାଯାଉଛି। ସେମାନେ ସମ୍ପୃକ୍ତ ପରିବାରକୁ ସରକାରଙ୍କ ସଫଳତା ସମ୍ପର୍କରେ ବୁଝାଇବେ ବୋଲି କୁହାଯାଉଛି। ଏଭଳି ସ୍ଥଳେ ତୃଣମୂଳସ୍ତରରେ ଗୋଷ୍ଠୀ କନ୍ଦଳ ସବୁ ବିଗାଡ଼ି ଦେଇପାରେ ବୋଲି ଚର୍ଚ୍ଚା ହେଉଛି।

# ବନ୍ଧୁ ମିଳନ ନାମରେ ଶକ୍ତି ପ୍ରଦର୍ଶନ



ଅନୁଗୋଳ,୧୭।୧୨ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା କଂଗ୍ରେସର ପୂର୍ବତନ ସଭାପତି ବିପ୍ଳବ ଜେନା କରତପଟା ଠାରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜନ କରିଥିବା ବେଳେ ଏଥିରେ ୫ ହଜାରରୁ ଅଧିକ ସମର୍ଥକ ଯୋଗଦେବା ଚର୍ଚ୍ଚାର ବିଷୟ ହୋଇଛି। ଆଗକୁ ସାଧାରଣ ନିର୍ବାଚନ ଥିବାବେଳେ ବନ୍ଧୁ ମିଳନ ନାମରେ ବିପ୍ଳବଙ୍କ ଏହା ଶକ୍ତି ପ୍ରଦର୍ଶନ ବୋଲି ସାଧାରଣରେ ଆଲୋଚନା ହେଉଛି। ଏହି କାର୍ଯ୍ୟକ୍ରମରେ ବିପ୍ଳବ ଜିଲାର ବିଭିନ୍ନ ସମସ୍ୟା ଉତ୍ଥାପନ କରିଥିଲେ। ଜିଲା ଶିଳ୍ପ ସମୃଦ୍ଧ ହୋଇଥିଲେ ମଧ୍ୟ ତଦନୁଯାୟୀ ବିକାଶ ହୋଇପାରି ନାହିଁ। ଖଣିଖାଦାନ ଭରା ଏହି ଜିଲାରୁ ଅନେକ ଯୁବକ ଦାଦନ ଖଟିବାକୁ ଯାଉଛନ୍ତି। ସ୍ଥାନୀୟ ଶିଳ୍ପରେ ଏଠାକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ଦିଆଯିବାରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି। ୫୫ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଅଧାରେ ଲଟକିଛି। ହାତୀ ଉପଦ୍ରବ ଯୋଗୁ ଜୀବନ ଜୀବିକା କ୍ଷତିଗ୍ରସ୍ତ ହେଉଛି। ଲୋକଙ୍କ ସହିତ ରହି ଆଗାମୀ ଦିନରେ ଏସବୁ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ବିପ୍ଳବ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଅଭିରାମ ପଟ୍ଟନାୟକ, ରତିକାନ୍ତ ଗଡ଼ନାୟକ ପ୍ରମୁଖ ଯୋଗଦାନ କରିଥିଲେ।

# କ୍ଷମତାକୁ ଆସିଲେ ଚିଟ୍‌ଫଣ୍ଡ ଟଙ୍କା ଫେରସ୍ତ କରିବୁ: ମନମୋହନ




ସମ୍ମିଳନୀରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହିତ ଅନ୍ୟ ଅତିଥିବୃନ୍ଦ।

ନିମାପଡ଼ା, ୧୭।୧୨ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ାଠାରେ ରବିବାର ଭାରତୀୟ ଜନତା ପାର୍ଟି ପକ୍ଷରୁ ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀସ୍ତରୀୟ ବୁଥ୍ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଦେବୀ ମଣ୍ଡପ ସମ୍ମୁଖରେ ଅନୁଷ୍ଠିତ ଏହି ସମ୍ମିଳନୀରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଯୋଗଦେଇ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ସାମଲ କହିଥିଲେ, ରାଜ୍ୟରେ ରାଜନୀତି ଓ ଗଣତନ୍ତ୍ର ଆଜି ବିପଦରେ। ୧୨ବର୍ଷ ବିତିଲା, ଚିଟ୍‌ଫଣ୍ଡ ଜମାକାରୀଙ୍କ ସମସ୍ୟା ସମାଧାନ ଦିଗରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ରାଜ୍ୟରେ ଭାଜପା କ୍ଷମତାକୁ ଆସିଲେ ଗୋଟିଏ ଦିନରେ ଏ ନେଇ ଅଧ୍ୟାଦେଶ ଆଣିବା ସହିତ ୩୦ ଦିନରେ ଚିଟ୍‌ଫଣ୍ଡ ଜମାକାରୀଙ୍କ ଟଙ୍କା ଫେରସ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାକୁ ଘରେ ଘରେ ପହଞ୍ଚାଇବାକୁ ଉପସ୍ଥିତ କାର୍ଯ୍ୟକର୍ତ୍ତାମାନଙ୍କୁ ସେ ପରାମର୍ଶ ଦେଇଥିଲେ। ସେହିପରି ଗୋଷ୍ଠୀ କନ୍ଦଳରୁ ଊର୍ଦ୍ଧ୍ୱରେ ରହି କାର୍ଯ୍ୟ କରିବା ପାଇଁ ସେ କର୍ମୀମାନଙ୍କୁ କହିଥିଲେ। ନିର୍ଦ୍ଧାରିତ ସମୟର ୩ଘଣ୍ଟା ବିଳମ୍ବରେ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଆରମ୍ଭ ହୋଇଥିବାରୁ ସାମଲ କ୍ଷମା ମାଗିଥିଲେ। ସମ୍ମିଳନୀରେ ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ଶତପଥୀ, ସମ୍ପାଦକ ସରୋଜ କୁମାର କର, ପୁରୀ ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, ପୂର୍ବତନ ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା, ପୂର୍ବତନ ଏମ୍‌ପି ବିଭୁପ୍ରସାଦ ତରାଇ, ଜିଲା ପରିଷଦ ସଭ୍ୟ ପ୍ରମୋଦ ରାୟ, ପୂର୍ବତନ ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଓଝା, ଯୁବନେତା ଦିଲୀପ ନାୟକ, ପୁରୀ ଜିଲା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ମିନଲତା ମହାନ୍ତି, ସମିତିସଭ୍ୟା ତିଲୋତ୍ତମା ବାରିକ, ସନ୍ଧ୍ୟାରାଣୀ ରଥ, ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ ଏବଂ ନିମାପଡ଼ା ସଂଯୋଜକ ପ୍ରଦୀପ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ୨୦୨୪ ନିର୍ବାଚନରେ ନିମାପଡାରେ ଭାଜପାକୁ ଜିତାଇବା ପାଇଁ ନେତୃବୃନ୍ଦ ଆହ୍ୱାନ ଦେଇଥିଲେ। ସଭାପତି ସାମଲ ଚାରିଛକଠାରୁ ଏକ ବାଇକ ରାଲିରେ ନିମାପଡ଼ାରେ ପହଞ୍ଚିଥିଲେ। ଦୋଳବେଦି ଛକ ନିକଟରେ କର୍ମୀମାନେ ବରିଷ୍ଠ ନେତୃବୃନ୍ଦଙ୍କୁ ବିରାଟ ପଟୁଆରରେ ସଭାସ୍ଥଳକୁ ପାଛୋଟି ନେଇଥିଲେ। ସମ୍ମିଳନୀରେ ୨ହଜାରରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

## କେନ୍ଦ୍ରାପଡ଼ାର ୯ ନେତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ

ଭୁବନେଶ୍ୱର, ୧୭।୧୨(ସୁନିତ୍ ମିଶ୍ର)

ବିଜେଡିରୁ ନିଲମ୍ବିତ ହୋଇଥିବା କେନ୍ଦ୍ରାପଡ଼ା ଜିଲାର ୯ ଜଣ ନେତାଙ୍କୁ ପୁଣିଥରେ ଦଳରେ ସାମିଲ କରାଯାଇଛି। ଏନେଇ ବିଜେଡି ପକ୍ଷରୁ ରବିବାର ଏକ ଚିଠି ମାଧ୍ୟମରେ ସୂଚନା ଦିଆଯାଇଛି। କେନ୍ଦ୍ରାପଡ଼ା ଜିଲା ୱାର୍ଡ ନମ୍ବର-୨ର କାଳୀ ପ୍ରସାଦ ମିଶ୍ର, ୱାର୍ଡ ନମ୍ବର-୪ର ଦେବେନ୍ଦ୍ର ରାଉତ, ସୁଶ୍ରୀ ନିବେଦିତା ସ୍ୱାଇଁ, ୱାର୍ଡ ନମ୍ବର-୬ର ଗୌତମ ସ୍ୱାଇଁ, ୱାର୍ଡ ନମ୍ବର-୧୦ର ରଶ୍ମିତା ସିଂ ଏବଂ ପ୍ରଶାନ୍ତ ସିଂ, ୱାର୍ଡ ୧୩ର ଏସ୍‌କେ ଅସଲମ, ୱାର୍ଡ ୧୯ର ଶଶିକାନ୍ତ ବଳଙ୍କ ଉପରୁ ବିଜେଡି ନିଲମ୍ବନ ଆଦେଶ ପ୍ରତ୍ୟାହାର କରିନେଇଛି। ସେହିପରି କେନ୍ଦ୍ରାପଡ଼ା ବ୍ଲକର ରାଜେଶ ପଣ୍ଡାଙ୍କ ଉପରୁ ମଧ୍ୟ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଛି। ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତ ସମ୍ବଳିତ ଏକ ଚିଠି ମାଧ୍ୟମରେ ଏ ସମ୍ବନ୍ଧିତ ସୂଚନା ଦିଆଯାଇଛି।

# 'ନିଯୁକ୍ତି କ୍ରାନ୍ତି' ଆନ୍ଦୋଳନ କରିବ ଛାତ୍ର କଂଗ୍ରେସ

ଭୁବନେଶ୍ୱର, ୧୭।୧୨(ସୁନିତ୍ ମିଶ୍ର)

ରାଜ୍ୟରେ ଖାଲିପଡ଼ିଥିବା ୨ଲକ୍ଷ ୨୬ହଜାର ସରକାରୀ ପଦବୀ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପୂରଣ କରାଯାଉ। ସମସ୍ତ ଘରୋଇ ଶିଳ୍ପ ଓ ବ୍ୟବସାୟ ପ୍ରତିଷ୍ଠାନରେ ୮୦% ଓଡ଼ିଆ ଲୋକଙ୍କୁ ନିଯୁକ୍ତି ଦିଆଯାଉ। ସରକାରୀ ଚାକିରିରେ ଚୁକ୍ତିଭିତ୍ତିକ ଓ ଠିକା ନିଯୁକ୍ତି ବାତିଲ କରାଯାଉ। ଯେଉଁ ପ୍ରବାସୀ ଓଡ଼ିଶାକୁ ଫେରି ରାଜ୍ୟରେ ଜୀବିକା ନିର୍ବାହ କରିବାକୁ ଚାହୁଁଛନ୍ତି ସେମାନଙ୍କ ପାଇଁ ସରକାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରନ୍ତୁ। ବେକାରି ଭତ୍ତା ୫ ହଜାର ଟଙ୍କା ଦିଆଯାଉ। ଓଡ଼ିଶାର ଠିକାଦାରଙ୍କ ପ୍ରତି ଅବହେଳା କରି ରାଜ୍ୟ ବାହାର ଠିକାଦାରଙ୍କୁ ସରକାର ଅଧିକ ପ୍ରାଧାନ୍ୟ ଦେଉଛନ୍ତି। ଓଡ଼ିଶାରେ ଓଡ଼ିଆ ଠିକାଦାରଙ୍କୁ ସରକାର ବିଭିନ୍ନ ନିର୍ମାଣ କାର୍ଯ୍ୟରେ ଗୁରୁତ୍ୱ ଦିଅନ୍ତୁ ବୋଲି ଛାତ୍ର କଂଗ୍ରେସ ଦାବି କରିଛି। ଅନ୍ୟପଟେ ରାଜ୍ୟର ବେକାର ଯୁବପିଢ଼ିଙ୍କ ସହଯୋଗରେ କର୍ମସଂସ୍ଥାନ ପାଇଁ ଦୁର୍ବାର ଆନ୍ଦୋଳନ କରାଯିବ। ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଏପରି କି ଶିଳ୍ପସଂସ୍ଥା ଏବଂ ଶିଳ୍ପସଂସ୍ଥାର ମୁଖ୍ୟ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯିବ। ଏହି ବିକ୍ଷୋଭର ନାମ 'ନିଯୁକ୍ତି କ୍ରାନ୍ତି' ରଖାଯାଇଥିବା ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି।

ପ୍ରଦେଶ ଛାତ୍ର କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ ରବିବାର କଂଗ୍ରେସ ଭବନଠାରେ ଆୟୋଜିତ ହୋଇଛି। ନୱାଜଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ଦଳର କର୍ମକର୍ତ୍ତା ଏବଂ ଜିଲା ଛାତ୍ର ସଭାପତିମାନେ ଯୋଗଦେଇଛନ୍ତି। ଏହି ଅବସରରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହୋଇଛି। ଛାତ୍ର କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ରାଜ୍ୟ ଏବଂ କେନ୍ଦ୍ର ସରକାର ନିଯୁକ୍ତିର ମିଥ୍ୟା ପ୍ରତିଶ୍ରୁତି ଦେଇ ଯୁବତୀ, ଯୁବକମାନଙ୍କ ଭୋଟ୍ ଲୁଟି ନେଲେ। ରାଜ୍ୟ ସରକାର ବର୍ଷକୁ ୨ ଲକ୍ଷ ନିଯୁକ୍ତି ଦେବେ ବୋଲି କହିଥିଲେ। ସେହିପରି ବର୍ଷକୁ ୨ କୋଟି ନିଯୁକ୍ତି ଦେବେ ବୋଲି କେନ୍ଦ୍ର ସରକାର କହିଥିଲେ। ହେଲେ ନିର୍ବାଚନ ପରେ ଉଭୟ ସରକାର ସେମାନଙ୍କ ପ୍ରତିଶ୍ରୁତି ପାସୋରି ଯାଇଛନ୍ତି। ରାଜ୍ୟରେ ସରକାରୀ ଚାକିରି ପାଇଁ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ହୋଇଯାଉଛି। ଓଡ଼ିଶାର ବେକାର ଯୁବତୀ, ଯୁବକଙ୍କ ପାଇଁ ଏହାଠୁ ଦୁର୍ଭାଗ୍ୟଜନକ କଥା କ'ଣ ଥାଇପାରେ ବୋଲି ସେ କହିଛନ୍ତି।

# କାଶୀ-ତାମିଲ ସଙ୍ଗମମ୍ ଜ୍ଞାନର ଅମୂଲ୍ୟ ଭଣ୍ଡାର ତିଆରି କରିବ: ଧର୍ମେନ୍ଦ୍ର



ଭୁବନେଶ୍ୱର, ୧୭।୧୨(ସୁନିତ୍ ମିଶ୍ର)

କାଶୀ-ତାମିଲ ସଙ୍ଗମମ୍' ବାରାଣସୀ ଓ ତାମିଲନାଡୁ ମଧ୍ୟରେ ଥିବା ସମ୍ପର୍କ ଏବଂ ପ୍ରାଚୀନ ଜ୍ଞାନର ଅନ୍ୱେଷଣ କରିବା ସହ ଆଧୁନିକ ବିଚାର, ଦର୍ଶନ, ଶିକ୍ଷା, ପ୍ରଯୁକ୍ତିବିଦ୍ୟା ଓ ଉଦ୍ୟମିତାକୁ ଏକାଠି କରି ଜ୍ଞାନର ଏକ ଅମୂଲ୍ୟ ଭଣ୍ଡାର ପ୍ରସ୍ତୁତ କରିବାରେ ସହାୟକ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ରବିବାର ଉତ୍ତରପ୍ରଦେଶର ବାରାଣସୀସ୍ଥିତ ମନୋଘାଟ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାଶୀ-ତାମିଲ ସଙ୍ଗମମ୍‌ର ୨ୟ ପର୍ଯ୍ୟାୟ ଶୁଭାରମ୍ଭ କରିଛନ୍ତି। ଆଇଆଇଟି ମାଡ୍ରାସ ଓ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଆମ ଦେଶର ସାଂସ୍କୃତିକ ଐତିହ୍ୟ ଏବଂ ଧାର୍ମିକ ସ୍ଥଳଗୁଡ଼ିକର ପୁନରୁଦ୍ଧାର କରିବା ସହ ସମସ୍ତଙ୍କ ଆକାଂକ୍ଷାକୁ ଉଜ୍ଜୀବିତ କରିଛନ୍ତି। ୨୦୧୪ ପରଠାରୁ ଭାରତର ଐତିହ୍ୟକୁ ପ୍ରଭାବଶାଳୀ ଆକାରରେ ପୁନର୍ଜୀବିତ କରାଯାଇଛି। କାଶୀ ବିଶ୍ୱନାଥ ଧାମରୁ ଆରମ୍ଭ କରି ଉଜ୍ଜୟିନୀର ମହାକାଳେଶ୍ୱର ଜ୍ୟୋତିର୍ଲିଙ୍ଗ ମନ୍ଦିର ପର୍ଯ୍ୟନ୍ତ, ଯମୁନା, ଗଙ୍ଗୋତ୍ରୀ, କେଦାରନାଥ ଓ ବଦ୍ରିନାଥ ସହ ସମସ୍ତ ତୀର୍ଥ ସ୍ଥଳକୁ ଯୋଡାଯାଇଛି। କୋଏମ୍ବାଟୋରରେ ୪ ଧାମ ପରିଯୋଜନା ଆଦିଯୋଗୀ ପ୍ରତିମା, ସୋମନାଥ ମନ୍ଦିରରୁ ଆରମ୍ଭ କରି ଆସାମର କାମାକ୍ଷୀ ମନ୍ଦିର ଭଳି ପ୍ରାଚୀନ ତୀର୍ଥସ୍ଥଳୀ ପର୍ଯ୍ୟନ୍ତ ନୂଆ ନୂଆ ରୂପ ଆମ ସାମ୍ନାକୁ ଆସୁଛି। କାଶୀ ତାମିଲ ସଙ୍ଗମମ୍ ଏକ ଭାରତ-ଶ୍ରେଷ୍ଠ ଭାରତର ବିଚାରକୁ ଆଗକୁ ନେଇଛି। ବାରାଣସୀ, ଇତିହାସରୁ ମଧ୍ୟ ବହୁତ ପୁରୁଣା। ବାରାଣସୀ ସଭ୍ୟତା ଓ ସାଂସ୍କୃତିକ ସମୃଦ୍ଧ ଦୃଷ୍ଟିରୁ ଐତିହ୍ୟ। ମାତୃଭାଷାରେ ଶିକ୍ଷାଦାନ ଓ ଶିକ୍ଷା ଆହରଣକୁ ନୂଆ ଶିକ୍ଷା ନୀତି ପ୍ରୋତ୍ସାହନ ଦେଉଛି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଏକବିଂଶ ଶତାବ୍ଦୀରେ ବିକଶିତ ଭାରତର ସଂକଳ୍ପକୁ ଆଗେଇ ନେବା ପାଇଁ ଆହ୍ୱାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଯୋଗଦେଇଥିଲେ।





















ଧରିତ୍ରୀ 50 Years
ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ଡିସେମ୍ବର ୧୮/୨୦୨୩ | Bhubaneswar, Monday, December 18/2023


## ଫସଲହାନିରୁ ଚାଷୀଙ୍କ ଆତ୍ମହତ୍ୟା



ମୃତଚାଷୀ ଚମରୁ ବାଗ

**ବଲାଙ୍ଗୀର/ଟିଟିଲାଗଡ, ୧୭।୧୨**
**(ବୀରେନ୍ଦ୍ର କୁମାର ଝାଙ୍କର/ଶରତ ମିଶ୍ର)**

ଫସଲହାନି ଓ ଦାରିଦ୍ର୍ୟ ପୁଣି ଥରେ ବଲାଙ୍ଗୀର ଜିଲାର ଜଣେ ଚାଷୀଙ୍କୁ ଆତ୍ମହତ୍ୟା କରିବାକୁ ବାଧ କରିଛି। ଦୁଇପୁଅ ରାଜ୍ୟ ବାହାରେ ଦାଦନ ଖଟୁଥିବାବେଳେ ବିଷପାନ କରି ଚାଷୀଙ୍କ ଆତ୍ମହତ୍ୟା ଚର୍ଚ୍ଚାର ବିଷୟ ପାଲଟିଛି।

ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ବିନେକେଲା ଗ୍ରାମର ଚମରୁ ବାଗ (୪୯) କୀଟନାଶକ ପାନ କରି ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଫସଲହାନୀ ଯୋଗୁ ମ୍ରିୟମାଣ ହୋଇ ଶନିବାର ଅପରାହ୍ନରେ ସେ କୀଟନାଶକ ପିଇ ଦେଇଥିଲେ। ଏହା ଜଣାପଡିବା ପରେ ପରିବାର ଲୋକେ ତାଙ୍କୁ ଟିଟିଲାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ସ୍ଥାନାନ୍ତରଣ କରାଯାଇଥିଲା। ସେଠାରେ ଚିକିତ୍ସା ଚାଲିଥିବାବେଳେ ☞ପୃଷ୍ଠା-୪

# ହାଇୱା ତଳେ ଚାପି ହୋଇଗଲା ୫ ଜୀବନ

**ସୁନ୍ଦରଗଡ଼, ୧୭।୧୨**
**(ଜୟ ନାରାୟଣ ମେଣ୍ଡୁଲି)**



ରବିବାର ଥିଲା। ହସ ଖୁସିରେ ଭୋଜି କରିବାକୁ ଯାଇଥିଲେ। ଭୋଜି ସାରି ଫେରୁଥିବାବେଳେ ଅଧା ବାଟରେ ଛକି ରହିଥିଲା ମୃତ୍ୟୁ। ଅଟୋ ଯୋଗେ ଫେରୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ହାଇୱା ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ହାଇୱା ତଳେ ଚାପି ହୋଇଯାଇଥିଲା ଅଟୋ। ଆଉ ଅଟୋରେ ଯାଉଥିବା ୫ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ୨ଜଣ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏଭଳି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ତେଲେନଡିହି ଛକଠାରୁ ଅଳ୍ପ ଦୂରରେ। ମୃତକ ହେଲେ ମୁନସନ ଖାତୁନ(୪୮), ଇନାୟତ ଖାତୁନ(୪), ଇସ୍‌ରତ ଖାତୁନ (୪୨), ମୁସ୍କାନ ଖାତୁନ(୧୯), ମହମ୍ମଦ ସଜାଦ। ଏଥିସହ ୨ ଗୁରୁତରଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ ସୋନି ଖାତୁନ(୧୪) ଏବଂ ଅନ୍ୟ ଜଣଙ୍କ ପରିଚୟ ମିଳିପାରି ନାହିଁ। ମୃତାହତମାନେ ସୁନ୍ଦରଗଡ଼ ବଗିଚାପଡ଼ାର ବୋଲି ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ବଗିଚାପଡାର ୭ ଜଣ ଏକ ଅଟୋ ଯୋଗେ କିଞ୍ଜିରିକେଲା ସରସ୍ୱତୀ ନାଳକୁ ଭୋଜି କରିବାକୁ ଯାଇଥିଲେ। ଭୋଜି ସାରି ଅପରାହ୍ନରେ ଫେରୁଥିବାବେଳେ ତେଲେନଡିହି ଛକର କିଛି ଦୂରରେ ଅଟୋକୁ ଏକ ବାଲି ବୋଝେଇ ହାଇୱା ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଅଟୋ ଓ ହାଇୱା ପ୍ରାୟ ୧୫ଫୁଟ ତଳ ଧାନ ବିଲକୁ ଖସି ପଡ଼ିଥିଲା। ହାଇୱା ତଳେ ଅଟୋଟି ସମ୍ପୂର୍ଣ୍ଣ ଚାପି ହୋଇଯାଇଥିଲା। ଫଳରେ ୨ଟି ପରିବାରର ଜଣେ ଶିଶୁଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଥିଲା। ପରେ ଜେସିବି ସାହାଯ୍ୟରେ ଉଦ୍ଧାର କାର୍ଯ୍ୟ ହୋଇଥିଲା। ମୃତକ ଏବଂ ଆହତଙ୍କ ପରିବାରକୁ କ୍ଷତିପୂରଣ ଏବଂ ବାଲି ପରିବହନ ହେଉଥିବା ଯାନବାହନର ଦ୍ରୁତ ଗତି ଉପରେ ରୋକ୍ ଲଗାଇବା ପାଇଁ ସ୍ଥାନୀୟ ଗ୍ରାମବାସୀ ଓ ମୃତକଙ୍କ

- ଭୋଜି କରି ଅଟୋରେ ଫେରୁଥିବାବେଳେ ଦୁର୍ଘଟଣା
- ମୃତକଙ୍କ ପରିବାରକୁ ୩ଲକ୍ଷ ୩୦ହଜାର ସହାୟତା
- ମୁଖ୍ୟମନ୍ତ୍ରୀଙ୍କ ଶୋକ ପ୍ରକାଶ

ପରିବାର ରାସ୍ତାରୋକୋ କରିଥିଲେ। ଫଳରେ ସୁନ୍ଦରଗଡ଼- କିଞ୍ଜିରକେଲା ପୂର୍ତ୍ତ ବିଭାଗ ରାସ୍ତାରେ ଗାଡି ଚଳାଚଳ ବନ୍ଦ ରହିଥିଲା। ସଦର ବିଧାୟିକା କୁସୁମ ଟେଟେ, ଉପଜିଲାପାଳ ଦାଶରଥି ସରାବୁ, ଏସ୍‌ଡିପିଓ ହିମାଂଶୁ ବେହେରା, ଟାଙ୍ଗରପାଲି ତହସିଲଦାର ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ମିଳିବା ନେଇ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୩ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଘୋଷଣା କରିଛନ୍ତି। ଏଥିସହ ଜିଲା ରେଡକ୍ରସ୍ ପାଣ୍ଠିରୁ ୩୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବାକୁ ମଧ୍ୟ ଘୋଷଣା କରାଯାଇଛି।

# ବୁଖାରୀଙ୍କ ଗୁମର ଫିଟୁଛି

## ଆର୍ଥିକ ଗୋଇନ୍ଦା ୟୁନିଟ୍‌କୁ ଚିଠି ଲେଖିଲା ଏସ୍‌ଟିଏଫ୍

**ଭୁବନେଶ୍ୱର, ୧୭।୧୨**
**(ସତ୍ୟଜିତ୍ ରାଉତ)**

ସନ୍ଦିଗ୍ଧ ଆତଙ୍କବାଦୀ ତଥା କଶ୍ମୀର ପୋଲିସ ପାଇଁ ୱାଣ୍ଟେଡ୍ ଥିବା ସୟଦ ଇଶାନ ବୁଖାରୀଙ୍କ ଗୁମର ଫିଟିବାରେ ଲାଗିଛି। ସେ ସନ୍ଦିଗ୍ଧ ଆଇଏସ୍‌ଆଇ ଏଜେଣ୍ଟଙ୍କ ସହ ଲିଙ୍କ୍‌ରେ ଥିବା ପ୍ରମାଣ ମିଳିବା ପରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଏହି ମାମଲାକୁ ଗୁରୁତ୍ୱର ସହ ନେଇ ଛାନ୍‌ଭିନ୍ ଚଳାଇଛି। ବୁଖାରୀ ପାକିସ୍ତାନୀଙ୍କ ସହ ନିୟମିତ ଯୋଗାଯୋଗରେ ଥିଲେ। ଏପରିକି ବହୁ ଯୁବତୀଙ୍କୁ ପ୍ରେମଜାଲରେ ଫସାଇବାକୁ ଜାଲ ବିଛାଇଥିଲେ। ତେବେ ବୁଖାରୀଙ୍କ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ବହୁ ସନ୍ଦେହଜନକ ଆର୍ଥିକ କାରବାର ହୋଇଛି। ଆଇଏସ୍‌ଆଇ ଏଜେଣ୍ଟଙ୍କ ସହ ସେ ପୂର୍ବରୁ ଚାଟ୍ କରିଥିବାବେଳେ ଏହି ଚାଟ୍ ହିଷ୍ଟ୍ରିକୁ ଡିଲିଟ୍ କରିଦେଇଛନ୍ତି। ତେଣୁ ଏହି ମେସେଜ୍ ଜରିଆରେ ସେ ଆଇଏସ୍‌ଆଇ ଏଜେଣ୍ଟଙ୍କୁ ଦେଶର ସୁରକ୍ଷା ସମ୍ପର୍କିତ ତଥ୍ୟ ଦେଇଥିବା ସନ୍ଦେହ କରାଯାଉଛି। ଏସବୁ ଜାଣିବାକୁ ତାଙ୍କଠାରୁ ଜବତ ହୋଇଥିବା ମୋବାଇଲ ଫୋନ୍‌ଗୁଡ଼ିକୁ ଷ୍ଟେଟ୍ ଫୋରେନ୍‌ସିକ୍ ଲ୍ୟାବକୁ ପଠାଯାଇଛି। ଏଥିସହ ବିଭିନ୍ନ ଟେଲିଫୋନିକ୍ କମ୍ପାନୀରୁ ତାଙ୍କ କଲ୍ ଡିଟେଲ୍ସ ରିପୋର୍ଟ (ସିଡିଆର୍) ମଗାଯାଇଛି। ସିଡିଆର୍‌କୁ ଯାଞ୍ଚ କରାଯିବା ପରେ କିଛି ବଡ଼ ତଥ୍ୟ ମିଳିବ ବୋଲି ଏସ୍‌ଟିଏଫ୍ ଆଶା ରଖିଛି।

ଏବେସୁଦ୍ଧା ବୁଖାରୀଙ୍କ ୬ଟି ବ୍ୟାଙ୍କ

- ସିଡିଆର୍‌କୁ ଅପେକ୍ଷା, ଆଜି ୭ଦିନିଆ ରିମାଣ୍ଡ ଆବେଦନ
- ଜେଲ ବାହାରେ ସୁରକ୍ଷା ବଢ଼ାଇବାକୁ ଏସ୍‌ପିଙ୍କୁ ଚିଠି

ଆକାଉଣ୍ଟ ମିଳିଥିବାବେଳେ ସେଥିରେ ବହୁଥର ଟଙ୍କା କାରବାର ମଧ୍ୟ ହୋଇଛି। ଏହି ଟଙ୍କା ଆତଙ୍କୀ ସଙ୍ଗଠନଠାରୁ ଆସିଥିବା ସନ୍ଦେହ କରାଯାଉଛି। ଟଙ୍କା କିଏ ଦେଇଛନ୍ତି ଏବଂ ବୁଖାରୀଙ୍କ ଅନ୍ୟ ବ୍ୟାଙ୍କ ଆକାଉଣ୍ଟ ବାବଦରେ ଜାଣିବାକୁ ଏସ୍‌ଟିଏଫ୍ ପକ୍ଷରୁ ଅର୍ଥ ମନ୍ତ୍ରଣାଳୟର ଫାଇନାନ୍ସିଆଲ ଇଣ୍ଟେଲିଜେନ୍ସ ୟୁନିଟ୍ ବା ଆର୍ଥିକ ଗୋଇନ୍ଦା ୟୁନିଟ୍ (ଏଫ୍‌ଆଇୟୁ)କୁ ଚିଠି ଲେଖାଯାଇଛି। ଏନେଇ ଏସ୍‌ଟିଏଫ୍ ଏସ୍‌ପି କେ.କେ. ପାଣିଗ୍ରାହୀ ରବିବାର ସୂଚନା ଦେବା ସହ ବୁଖାରୀଙ୍କୁ ୭ ଦିନିଆ ରିମାଣ୍ଡରେ ଆଣିବାକୁ ସୋମବାର ଆବେଦନ କରାଯିବ ବୋଲି କହିଛନ୍ତି। ତେବେ ଆବଶ୍ୟକ ପଡ଼ିଲେ ନ୍ୟାଶନାଲ୍ ଇନ୍‌ଭେଷ୍ଟିଗେଶନ ଏଜେନ୍‌ସି (ଏନ୍‌ଆଇଏ) ଏବଂ ଇଣ୍ଟେଲିଜେନ୍‌ସ ବ୍ୟୁରୋ (ଆଇବି) ଟିମ୍ ଜେରା କରିବାକୁ ଓଡ଼ିଶା ଆସିବେ ବୋଲି ସୂଚନା ଦିଆଯାଇଛି। ତାଙ୍କୁ ରିମାଣ୍ଡରେ ନିଆଯିବା ପରେ ଦେଶ ବିରୋଧୀ ତତ୍ତ୍ୱ, ଠକେଇ, ଜାଲିଆତି ସମ୍ପର୍କରେ ଅଧିକ ☞ପୃଷ୍ଠା-୪



**ସିରିଜ ଦୁର୍ଘଟଣାରେ ୪ ଆହତ**

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା) ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନାଳାଦ୍ରିବିହାର ପେଟ୍ରୋଲପମ୍ପ ନିକଟରେ ଶନିବାର ବିଳମ୍ବିତ ରାତିରେ ସିରିଜ ଦୁର୍ଘଟଣା ଘଟିଛି। ଜଣେ ନିଶାଶକ୍ତ କାର ଚାଳକ ନାଳକୋ ଛକରୁ ଦ୍ରୁତଗତିରେ ଆସୁଥିଲା ବେଳେ ପେଟ୍ରୋଲପମ୍ପ ଛକରେ ଜଣେ ବାଇକ ଚାଳକଙ୍କୁ ଧକ୍କାଦେବା ପରେ ଛିଡା ହୋଇଥିବା ଏକ କାରକୁ ଧକ୍କା ଦେଇଥିଲେ। ପରେ ଏକ ମାଲବାହୀ ଟ୍ରକକୁ ଧକ୍କା ଦେଇ ଫୁଟପାଥରେ ପିଟି ହୋଇ ଯାଇଥିଲେ। ଏହି ଘଟଣାରେ ବାଇକ ଚାଳକଙ୍କ ସମେତ ୪ ଜଣ ଆହତ ହୋଇଛନ୍ତି।

## ସଂକ୍ଷେପରେ

### ଉତ୍ତରାଖଣ୍ଡରେ ହିମାଳୟ ଏୟାର ସଫାରି

ଭୁବନେଶ୍ୱର, ୧୭।୧୨(ଅନୁରାଧା ମହାରଣା)

ଜାଇରୋକପ୍ଟର ଦ୍ୱାରା ଭାରତର ପ୍ରଥମ ହିମାଳୟ ଏୟାର ସଫାରି ଲଞ୍ଚ୍ ହୋଇଛି। ପର୍ଯ୍ୟଟନରେ ଉତ୍ତରାଖଣ୍ଡର ଏହା ଏକ ନୂତନ ପଦକ୍ଷେପ। ଏହା ଲୋକଙ୍କୁ ହିମାଳୟର ଚମତ୍କାର ଦୃଶ୍ୟ ସହ ରୋମାଞ୍ଚଭରା ଅନୁଭୂତି ଦେବ। ରଜସ ଏରୋସ୍ପେସ୍ ଆଣ୍ଡ୍ ଆଡ୍‌ଭେଞ୍ଚର୍ସ ପ୍ରାଇଭେଟ ଲିମିଟେଡ୍ ସହଯୋଗରେ ଉତ୍ତରାଖଣ୍ଡ ପର୍ଯ୍ୟଟନ ବିକାଶ ବୋର୍ଡ ଉତ୍ତରାଖଣ୍ଡର ବିଭିନ୍ନ ଗନ୍ତବ୍ୟସ୍ଥଳକୁ ସଂଯୋଗ କରିବା ସହ ଲୋକଙ୍କୁ ନିଆରା ଅନୁଭୂତି ଦେବ। ଶନିବାର ହରିଦ୍ୱାର ବୈରାଗୀରୁ ଜାଇରୋକପ୍ଟର ପ୍ରଥମଥର ପରୀକ୍ଷାମୂଳକ ଭାବେ ଉଡ଼ିଛି। ଉତ୍ତରାଖଣ୍ଡ ପର୍ଯ୍ୟଟନ ବିକାଶ ବୋର୍ଡର ଅତିରିକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କର୍ନେଲ ଅଶ୍ୱିନୀ ପୁଣ୍ଡିର କହିଛନ୍ତି, ଖୁବଶୀଘ୍ର ଜାଇରୋକପ୍ଟର ମାଧ୍ୟମରେ ରାଜ୍ୟର ବିଭିନ୍ନ ପର୍ଯ୍ୟଟନ ସ୍ଥାନ ପରିଦର୍ଶନ ପାଇଁ ହିମାଳୟ ଏୟାର ସଫାରି ଯୋଜନା ଆରମ୍ଭ ହେବ। ବ୍ରେକଫାଷ୍ଟ ଟୁରିଜମ୍ ଯୋଜନା ଅଧୀନରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟକମାନେ ହିମାଳୟ ପର୍ବତଶୃଙ୍ଖଳା ଏବଂ ଶାନ୍ତ ନଦୀଗୁଡିକର ଦୃଶ୍ୟ ଉପଭୋଗ କରିପାରିବେ।

### ଘରୋଇ ଜମିରୁ ମାଟି ଉଠାଣକୁ ନେଇ ଥାନାରେ ଅଭିଯୋଗ

ବାରଙ୍ଗ,୧୭।୧୨(ଲିଙ୍ଗରାଜ ରାଉତ)

ଚନ୍ଦକା ଥାନା ଅଧୀନ ଗୋଠପାଟଣା ମୌଜାରେ ଥିବା ଘରୋଇ ଜମିରୁ ଏକ ନିର୍ମାଣକାରୀ ସଂସ୍ଥା ଜବରଦସ୍ତ ମାଟି ଉଠାଇବାକୁ ନେଇ ଗ୍ରାମବାସୀ ବିରୋଧ କରିଛନ୍ତି। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ଗ୍ରାମବାସୀ ଘଟଣାସ୍ଥଳରୁ ୩ଟି ଗାଡ଼ିକୁ ପୋଲିସକୁ ହସ୍ତାନ୍ତର କରିବା ସହ ମାଟି ଉଠାଉଥିବା ସଂସ୍ଥା ନାମରେ ଲିଖିତ ଅଭିଯୋଗ କରିଛନ୍ତି। ପରେ ପୋଲିସ ଉଭୟ ପକ୍ଷଙ୍କୁ ଡାକି ସମାଧାନ ପାଇଁ ଉଦ୍ୟମ କରୁଥିବାର ଜଣାପଡ଼ିଛି। ପ୍ରକାଶ ଯେ, ରବିବାର ସକାଳେ ରାସ୍ତାକାମ କରୁଥିବା ଏକ ଠିକା ସଂସ୍ଥାର ଗୋଟିଏ ଜେସିବି ଓ ଅନ୍ୟ ୨ଟି ଗାଡ଼ି ଗୋଠପାଟଣା ମୌଜାର ମହେନ୍ଦ୍ର ମଙ୍ଗରାଜଙ୍କ ଜମିରୁ ମାଟି ଉଠାଉଥିଲା। ମଙ୍ଗରାଜ କୌଣସିମତେ ଖବରପାଇ ସେଠାରେ ପହଞ୍ଚି ମାଟି ଉଠାଇବାକୁ ବାରଣ କରିବାରୁ ଉକ୍ତ ସଂସ୍ଥାର କର୍ମଚାରୀ ତାଙ୍କୁ ଖରାପ ବ୍ୟବହାର କରିବା ସହ ମାରି ଦେବାକୁ ଧମକ ଦେଇଥିଲେ। ମଙ୍ଗରାଜ ସେଠାରୁ ଆସି ଗ୍ରାମରେ ଜଣାଇଥିଲେ। ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ମାଟି ଖୋଳାରେ ବ୍ୟବହାର ହେଉଥିବା ୩ଟି ଗାଡ଼ିକୁ ଅଟକ ରଖି ପୋଲିସକୁ ଡାକି ହସ୍ତାନ୍ତର କରିବା ସହ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅନ୍ୟପଟେ କାଟେଣୀ, ନୂଆଗାଁର ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଥିବାରୁ ରାତିରେ ଠିକାଦାର ଏହିଭଳି ଭାବେ ସରକାରୀ, ଗୋଚର ଓ ଘରୋଇଜାଗାରୁ ମାଟି ଉଠାଉଥିବା ଅଭିଯୋଗ ହେଉଛି।

# ଖାଲି ସ୍ଥାନରେ ଅଳିଆ ଢାଳୁଛି ବିଏମ୍‌ସି

ଭୁବନେଶ୍ୱର, ୧୭।୧୨(ବନ୍ଦନା ସେଠୀ)

**ସ୍ୱଚ୍ଛତା ପ୍ରୀତି ଏମିତି....**



ଘର ଆଗରେ ଅଳିଆ ପଡ଼ିବନି, ବିଏମ୍‌ସି ଗାଡ଼ି ଆସି ଘରୁ ଅଳିଆ ସଂଗ୍ରହ କରିବ। ସେହିପରି ବ୍ୟବସାୟିକ ପ୍ରତିଷ୍ଠାନ ନିଜ ଆଖପାଖ ୫ମିଟର ପରିମିତ ଅଞ୍ଚଳକୁ ସଫା ରଖିବା ସହ ୨ଟି ଲେଖାଏ ଡଷ୍ଟବିନ୍ ରଖିବେ। କେହି ଯଦି ବାହାରେ ଅଳିଆ ପକାଇବା ଦେଖାଯାଏ ତେବେ ତାଙ୍କୁ ମୋଟା ଅଙ୍କର ଜରିମାନା ଗଣିବାକୁ ପଡିବ ବୋଲି ବିଏମ୍‌ସି ପକ୍ଷରୁ ତାଗିଦ୍ କରାଯାଉଛି। କେବଳ ତାଗିଦ୍ ନୁହେଁ, ଅନେକ ଲୋକଙ୍କଠାରୁ ଜରିମାନା ମଧ୍ୟ ଆଦାୟ କରାଯାଉଛି। ମାତ୍ର ଖୋଦ୍ ବିଏମ୍‌ସିର କର୍ମଚାରୀ ବିଭିନ୍ନ ଅଞ୍ଚଳରୁ ଅଳିଆ ସଂଗ୍ରହ କରିବା ପରେ କେଉଁଠାରେ ନେଇ ପକାଉଛନ୍ତି ତାହାର ଖବର ହୁଏତ ବିଏମ୍‌ସି କର୍ତ୍ତୃପକ୍ଷଙ୍କ ପାଖରେ ନାହିଁ ଅଥବା ସବୁ ଜାଣିଶୁଣି ଚୁପ୍ ବସିଛନ୍ତି। ଲୋକଙ୍କଠାରୁ ଅଳିଆ ଆଣିବା ପରେ ବିଏମ୍‌ସି ସହରରୁ ଆବର୍ଜନା ସଫା କରିଦେଉଛି ବୋଲି କହି ବୁଲୁଥିବାବେଳେ ଏବେ ବିଭିନ୍ନ ୱାର୍ଡରେ ଖୋଲା ଡମ୍ପିଂୟାର୍ଡ ସୃଷ୍ଟି ହୋଇସାରିଲାଣି। ଯେଉଁଠି ଟିକିଏ ଫାଙ୍କା ଜାଗା ମିଳୁଛି ସେଠାରେ ଅଳିଆ ଗଦା କରାଯାଉଛି। ଆଖପାଖରେ ଲୋକ ରହୁଛନ୍ତି କି ନାହିଁ, କୁଢକୁଢ ଆବର୍ଜନା ଗଦା କରିବା ଦ୍ୱାରା ସ୍ଥାନୀୟ ଅଞ୍ଚଳବାସୀଙ୍କ ଉପରେ ଏହାର କ'ଣ ପ୍ରଭାବ ପଡୁଛି କିଛି ବି ଦେଖାଯାଉନି। ସେହିପରି ଖୋଲା ସ୍ଥାନରେ ଆବର୍ଜନା ପଡିବାରୁ ବୁଲା କୁକୁର, ଗାଈ ଖାଦ୍ୟ ଅନ୍ୱେଷଣରେ ଆସି ତାହାକୁ ଖ୍ୟାନ୍‌ଭିନ୍ କରିବା ଫଳରେ ରାସ୍ତା ଉପରେ ଆବର୍ଜନା ପଡିରହୁଛି। ଏପରିକି ପଲିଥିନ୍‌ରେ ବନ୍ଧା ହୋଇ ରହିଥିବା ଖାଦ୍ୟକୁ ଖାଇବା ଆଶାରେ ଆସି ଅନେକ ସମୟରେ ଗୋରୁ ପଲିଥିନ୍ ଖାଇଦେଉଛନ୍ତି। ଫଳରେ ସେମାନଙ୍କ ଜୀବନ ବିପଦରେ ପଡୁଛି। ଏନେଇ ସାଧାରଣରେ ଅସନ୍ତୋଷ ଦେଖାଦେଉଛି।

ଉଦାହରଣ ସ୍ୱରୂପ, ୱାର୍ଡ ନଂ. ୫୮ ଅନ୍ତର୍ଗତ ଚିଲିପୋଖରୀରୁ ଗ୍ୟାରେଜ ଛକ ଯିବା ରାସ୍ତା କଡ଼ରେ ଏକ ବିରାଟ ଜାଗାରେ ପ୍ରତିଦିନ ଆବର୍ଜନା ଗଦା କରାଯାଉଛି। ଟଙ୍କପାଣି ରୋଡ୍‌ରୁ ଗ୍ୟାରେଜ ଛକ ଯିବା ପାଇଁ ଏହା ଶର୍ଟକଟ୍ ତଥା ଫାଙ୍କା ରାସ୍ତା ହୋଇଥିବାରୁ ପ୍ରତିଦିନ ଶହ ଶହ ଲୋକ ଏହି ରାସ୍ତା ଦେଇ ଯିବା ଆସିବା କରିଥାନ୍ତି। ତେବେ ରାସ୍ତାକଡ଼ରେ ଆବର୍ଜନା ଗଦାହୋଇ ରହୁଥିବାରୁ ଆଖପାଖ ଅଞ୍ଚଳର ଲୋକେ ଦୁର୍ଗନ୍ଧରେ ଅସ୍ତବ୍ୟସ୍ତ ହେଉଛନ୍ତି। ଆବର୍ଜନାର ପାହାଡ଼ ସୃଷ୍ଟି ହେବା ପରେ ବିଏମ୍‌ସି ପକ୍ଷରୁ ସେଠାରୁ ଅଳିଆ ଟିଟିଏସ୍‌କୁ ସ୍ଥାନାନ୍ତର କରାଯାଉଛି ଏବଂ ପୁଣି ସେଠାରେ ପ୍ରତିଦିନ ଅଳିଆ ପଡୁଛି। ଏହାର ସୁଯୋଗ ନେଇ ଆଖପାଖ ଏବଂ ସେହି ରାସ୍ତା ଦେଇ ଯିବା ଆସିବା କରୁଥିବା ଲୋକେ ମଧ୍ୟ ପଲିଥିନ୍‌ରେ ଅଳିଆ ଆଣି ସେଠାରେ ଫିଙ୍ଗିଦେଇ ଯାଉଛନ୍ତି। ପାହାଡ଼ ପରି ଗଦା ହୋଇଥିବା ଆବର୍ଜନାରେ ଗତ କିଛିଦିନ ତଳେ ନିଆଁ ଲାଗି ଯାଇଥିଲା। ଯାହାକୁ ଲିଭାଇବା ପାଇଁ ଅଗ୍ନିଶମ ବାହିନୀ ଲାଗି କାଠିକର ପାଠ ହୋଇଥିଲା। ତେବେ କେବଳ ଏହି ଗୋଟିଏ ଅଞ୍ଚଳ ନୁହେଁ, ୱାର୍ଡ ନଂ. ୨ ଅନ୍ତର୍ଗତ ନନ୍ଦନ ବିହାର ଭିତରେ ଥିବା ଫାଙ୍କା ସ୍ଥାନରେ ଆଉ ଏକ ଡମ୍ପିଂୟାର୍ଡ ସୃଷ୍ଟି ହୋଇଛି। ପ୍ରତିଦିନ ଏହି ୱାର୍ଡ ଏବଂ ଅନ୍ୟ ୱାର୍ଡରୁ ଆସୁଥିବା ନିର୍ମାଣାଧୀନ ବର୍ଜ୍ୟ ଓ ଗଛପତ୍ର ପକାଯାଉଛି। ସେହିପରି ୱାର୍ଡ ନଂ. ୬ ଅନ୍ତର୍ଗତ ଇନଫୋସିଟି ଲିଙ୍ଗରାଜ ବିସ୍କୁଟ କାରଖାନାଠାରୁ କିମ୍ସ ହସ୍ପିଟାଲ ଆଡ଼କୁ ଲମ୍ବିଥିବା ରାସ୍ତା ପାର୍ଶ୍ୱରେ ଅଳିଆ ଗଦା କରାଯାଉଛି। ଡିଏଲଏଫ ଟାୱାର ରାସ୍ତାରେ ମଧ୍ୟ କୁଢକୁଢ ଅଳିଆ ପଡ଼ିଛି। ବିଶେଷକରି ଭୂଆଶୁଣୀ ଡମ୍ପିଂୟାର୍ଡକୁ ଅଳିଆ ଯିବା ବନ୍ଦ ହେବା ପରେ ଆବର୍ଜନା ପରିଚାଳନା କରିବା ବିଏମ୍‌ସି ପାଇଁ କାଠିକର ପାଠ ହୋଇଛି। ସହରରୁ ପ୍ରତିଦିନ ବାହାରୁଥିବା ଆବର୍ଜନା ଏମ୍‌ସିସି, ଟିଟିଏସ୍‌ରେ ପରିଚାଳନା କରିବା କଷ୍ଟକର ହେଉଥିବାରୁ ବିଭିନ୍ନ ଅଞ୍ଚଳରେ ଏଭଳି ଡମ୍ପିଂୟାର୍ଡ ସୃଷ୍ଟି ହେଉଥିବା ସାଧାରଣରେ ମତ ପ୍ରକାଶ ପାଇଛି।

## ଶାଳଭଞ୍ଜିକାର ପାଠକାର୍ପଣ



ଅତିଥିମାନେ ଶାଳଭଞ୍ଜିକା ପୁସ୍ତକ ଲୋକାର୍ପଣ କରୁଛନ୍ତି।

ଭୁବନେଶ୍ୱର,୧୭।୧୨(ଶର୍ମିଷ୍ଠା ପାଣିଗ୍ରାହୀ)

'ବନଫୁଲ' ପ୍ରକାଶନୀ ଦ୍ୱାରା ରବିବାର ଶାଳଭଞ୍ଜିକା ପୁସ୍ତକର ଆଲୋଚନା ଓ ପାଠକାର୍ପଣ ଉତ୍ସବ ବୁଦ୍ଧ ମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନୁବାଦିକା ମମତାରାଣୀ ନାୟକଙ୍କ ଅନୂଦିତ ପୁସ୍ତକ 'ଶାଳଭଞ୍ଜିକା' ସମ୍ପର୍କରେ ଆଲୋଚନା ହେବା ସଙ୍ଗେସଙ୍ଗେ ଅତିଥିଙ୍କ ଦ୍ୱାରା ପୁସ୍ତକର ପାଠକାର୍ପଣ ହୋଇଥିଲା। କାର୍ଯ୍ୟକ୍ରମକୁ ସାହିତ୍ୟିକା ମନୋରମା ବିଶ୍ୱାଳ ମହାପାତ୍ର ଉଦ୍‌ଘାଟନ କରିବା ସହ ପୁସ୍ତକ ସମ୍ପର୍କରେକ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ବରିଷ୍ଠ ପ୍ରଶାସକ ତଥା ସାହିତ୍ୟିକ ବିଷ୍ଣୁପଦ ସେଠୀ, ମୁଖ୍ୟବକ୍ତା କବି ତଥା ଅବସରପ୍ରାପ୍ତ ପ୍ରଶାସକ ରବି ନାରାୟଣ ସେନାପତି, ସମ୍ମାନିତ ଅତିଥି କବି ପ୍ରସନ୍ନ କୁମାର ଜେନା ଓ ବିଶିଷ୍ଟ ଅତିଥି ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ଲକ୍ଷ୍ମୀକାନ୍ତ ପାଲିତ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଶାଳଭଞ୍ଜିକାର ମୂଳ ଲେଖକ ପ୍ରଶାସକ ପ୍ରଣବଜ୍ୟୋତି ନାଥ ସଞ୍ଚାଳନ ଓ ସଭାପତିତ୍ୱ କରିଥିଲେ। ପୁସ୍ତକର ଅନୁବାଦିକା ମମତାରାଣୀ ନାୟକ ଲେଖକୀୟ ଅଭିବ୍ୟକ୍ତି ଓ ବନଫୁଲ ପ୍ରକାଶନ ନିର୍ଦ୍ଦେଶକ ପବିତ୍ର ବ୍ରହ୍ମପୁତ୍ର ନାୟକ ପ୍ରକାଶକୀୟ ବକ୍ତବ୍ୟ ରଖିଥିଲେ।





ବୁଦ୍ଧମନ୍ଦିରଠାରେ ରବିବାର ଏକାମ୍ର ଶିଶୁ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ।

## ରାଜନୀତି ନୁହେଁ, ଦୁର୍ଗନ୍ଧରୁ ମୁକ୍ତି ପାଇଁ ସତ୍ୟାଗ୍ରହ: ଭାଜପା

ଭୁବନେଶ୍ୱର, ୧୭।୧୨ (ବନ୍ଦନା ସେଠୀ)

ସୈନିକ ସ୍କୁଲ ନିକଟସ୍ଥ ଡମ୍ପିଂୟାର୍ଡକୁ ସମ୍ପୂର୍ଣ୍ଣ ହଟାଇବା ଦାବିରେ ଗତ ୨୦ଦିନ ହେବ ଜିଲା ଭାଜପା ପକ୍ଷରୁ ସତ୍ୟାଗ୍ରହ ଜାରି ରହିଛି। ସୋମବାର ସତ୍ୟାଗ୍ରହ ୨୧ଦିନରେ ପହଞ୍ଚୁ ଥିବାବେଳେ ଏବେ ଜନଆନ୍ଦୋଳନରେ ପରିଣତ ହୋଇଛି। ତେବେ ଏଯାବତ୍ ବିଏମ୍‌ସି ଏବଂ ରାଜ୍ୟ ସରକାର ଏନେଇ ଉଦାସୀନତା ଦେଖାଉଥିବାବେଳେ ଭାଜପା ପକ୍ଷରୁ ସତ୍ୟାଗ୍ରହକୁ ଆହୁରି ଜୋରଦାର କରାଯାଇଛି। ଏହି କ୍ରମରେ ଭାଜପା କାର୍ଯ୍ୟକର୍ତ୍ତା ଭୁବନେଶ୍ୱରର ପ୍ରତ୍ୟେକ ଘରକୁ ଯାଇ ସମସ୍ତଙ୍କୁ ସଚେତନ କରୁଛନ୍ତି। ଗାଡ଼କଣସ୍ଥିତ 'ଅସ୍ଥାୟୀ ଡମ୍ପିଂୟାର୍ଡ' ଏବେ 'ସ୍ଥାୟୀ ଡମ୍ପିଂୟାର୍ଡ'ରେ ପରିଣତ ହୋଇ ସାରିଲାଣି। ଅଳିଆ ଆବର୍ଜନାପୂର୍ଣ୍ଣ ଏହି କୃତ୍ରିମ ପାହାଡରୁ ନିର୍ଗତ ଅସହ୍ୟ ଦୁର୍ଗନ୍ଧ କାରଣରୁ ଲୋକଙ୍କ ଜୀବନ ଅତିଷ୍ଠ ହୋଇପଡିଛି। ଲୋକେ ଗୃହବନ୍ଦୀ ହୋଇ ରହିଛନ୍ତି। ବିଏମ୍‌ସି ଜନବସତି ମଧ୍ୟରେ ଅଳିଆ ପାହାଡ଼ କରି ଲୋକଙ୍କ ମୃତ୍ୟୁ ଲାଗି ଶଯ୍ୟା ପ୍ରସ୍ତୁତ କରିଛି ବୋଲି ଭୁବନେଶ୍ୱର ସାଙ୍ଗଠନିକ ଜିଲା ଭାଜପା ସଭାପତି ବାବୁ ସିଂ ଅଭିଯୋଗ କରିଛନ୍ତି। ସେହିପରି ରାଜନୀତି ପାଇଁ ନୁହେଁ, ବରଂ ଅଳିଆ, ଆବର୍ଜନାର ପାହାଡ଼ ଓ ଦୁର୍ଗନ୍ଧରୁ ମୁକ୍ତି ପାଇଁ ଏ ସତ୍ୟାଗ୍ରହ କରାଯାଉଥିବା ସେ କହିଛନ୍ତି। ଅପରପକ୍ଷେ ଯଥାଶୀଘ୍ର ସମସ୍ୟାର ସମାଧାନ ନ କଲେ ସତ୍ୟାଗ୍ରହ ଅହିଂସା ଆନ୍ଦୋଳନର ରୂପ ନେଇପାରେ ବୋଲି ରାଜ୍ୟ ପ୍ରବକ୍ତା ଦିଲୀପ ମହାନ୍ତି ଚେତାବନୀ ଦେଇଛନ୍ତି।

## 'ଛାତ୍ରୀଙ୍କ ଉପରେ ଅଧିକ ପାଠ ଲଦି ଦିଆ ନ ଯାଉ'

**ରମାଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ' ଉଦ୍‌ଯାପିତ**



 କାର୍ଯ୍ୟକ୍ରମକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର,୧୭।୧୨(ଶର୍ମିଷ୍ଠା ପାଣିଗ୍ରାହୀ)

ରମାଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର 'ଯୁବ ଓଡ଼ିଶା ନବୀନ ଓଡ଼ିଶା' (ନୂଆ-ଓ) ତରଫରୁ ବିବିଧ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷା ଡ. ସରୋଜଲକ୍ଷ୍ମୀ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ ଯୋଗଦେଇଥିଲେ। ବିଧାୟକ ଜେନା ଛାତ୍ରୀମାନଙ୍କୁ ଘରେ ପଢ଼ିବା ପାଇଁ ଅଧିକ ପାଠ ଲଦି ନ ଦେବାକୁ ଅଧ୍ୟାପିକା ଅଧ୍ୟାପକଙ୍କୁ ପରାମର୍ଶ ଦେଇଥିଲେ। ଛାତ୍ରୀମାନେ କ୍ରୀଡ଼ା, ସଂସ୍କୃତି ତଥା ମନୋରଞ୍ଜନ ମାଧ୍ୟମରେ ମାନସିକ ଓ ଶାରୀରିକ ସୁସ୍ଥ ରହିପାରିବେ ବୋଲି ସେ କହିଥିଲେ। ମେୟର ଦାସ ରମାଦେବୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଙ୍କ ମେଧାଶକ୍ତିର ଭୂୟସୀ ପ୍ରଶଂସା କରିବା ସହିତ ସେମାନଙ୍କୁ ବଡ଼ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ସଙ୍ଗଠନ ଅଧିକାରୀ ଅଧ୍ୟାପକ ସଞ୍ଜୟ କୁମାର ପରିଡ଼ା 'ଯୁବ ଓଡ଼ିଶା ନବୀନ ଓଡ଼ିଶା'ର ଉପାଦେୟ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଭାରପ୍ରାପ୍ତ ଅଧିକାରିଣୀ ଅଧ୍ୟାପିକା ସୁଜାତା ସାହୁ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ, ରେଞ୍ଜର୍ସ, ଜାତୀୟ ସେବାସଂସ୍ଥା ଏବଂ ଯୁବ ରେଡ୍‌କ୍ରସର କୃତୀ ଛାତ୍ରୀମାନଙ୍କୁ ସ୍ୱର୍ଣ୍ଣପଦକ ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ଝରଣା ପଣ୍ଡା ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା ଇତୁସ୍ମିତା ବିଧାର ସଭା ସଞ୍ଚାଳନ କରିଥିଲେ । ଅଧ୍ୟାପିକା ଶୁଭଶ୍ରୀ ମଲ୍ଲିକଙ୍କ ସଂଯୋଜନାରେ ଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଧ୍ୟାପକ ବିକାଶ କୁମାର ବେହେରା, ବିମଳା କୁଜୁର, ଶ୍ରାବଣୀ, ଦୀପ୍ତି ରଞ୍ଜନ ନନ୍ଦ, ଅଭିଷେକ ଉପାଧ୍ୟାୟ, ଅଜୟ ସାହୁ, ପ୍ରଣବ ରଥ, ଅନନ୍ୟା ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

## 'ଛପାଯାଇଥିବା ଶବ୍ଦର ପବିତ୍ରତା କେବେ କମିବନି'

ଭୁବନେଶ୍ୱର,୧୭।୧୨(ଅନୁରାଧା ମହାରଣା)

**ପ୍ରମେୟ, ନ୍ୟୁଜ୍-୭ ଓ ଡିଜିଟାଲ ୱିଙ୍ଗ୍‌ର ଜନ୍ମବାର୍ଷିକୀ**

ଖବରକାଗଜ ପାଇଁ ସୋସିଆଲ ମିଡିଆ କି ଅନ୍ୟ କେହି ନୁହେଁ, ଖୋଦ୍ ଖବରକାଗଜ ହିଁ ବିପଦ। ଏଥିପାଇଁ ଆମକୁ ସଚେତନ ହେବାକୁ ପଡ଼ିବ। ଲୋକଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେବାକୁ ହେବ। ସତକୁ ଜାବୁଡ଼ି ଧରିବାକୁ ପଡ଼ିବ। ଛପାଯାଇଥିବା ଶବ୍ଦର ଶକ୍ତି ବହୁତ, ଏହାର ପବିତ୍ରତା କେବେ ବି କମ୍ ହେବନାହିଁ ବୋଲି 'ଦ ନିଉ ଇଣ୍ଡିଆନ ଏକ୍ସପ୍ରେସ ଗ୍ରୁପ୍‌ର ସମ୍ପାଦିକା ସାହନା ଭଟ୍ଟାଚାର୍ଯ୍ୟ କହିଛନ୍ତି। ରବିବାର ପ୍ରମେୟ, ନ୍ୟୁଜ-୭ ଓ ଡିଜିଟାଲ ୱିଙ୍ଗର ମିଳିତ ଜନ୍ମବାର୍ଷିକୀ ପାଳନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭଟ୍ଟାଚାର୍ଯ୍ୟ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ପ୍ରମେୟ ଓ ନ୍ୟୁଜ୍ ୭ର ଗ୍ରୁପ ସମ୍ପାଦକ ଗୋପାଳକୃଷ୍ଣ ମହାପାତ୍ର, ସିଇଓ ସୁନୀଲ ଦାସ, ସେଲ୍‌ସ ଆଣ୍ଡ ମାର୍କେଟିଂ ଗ୍ରୁପ ଡାଇରେକ୍ଟର ହିମାଂଶୁ ହୋତା, ନ୍ୟୁଜ ୭ କାର୍ଯ୍ୟକାରୀ ସମ୍ପାଦକ ଦେବନାରାୟଣ ସେଠୀ, 'ପ୍ରମେୟ' ବାର୍ତ୍ତା ସମ୍ପାଦକ ଧିରେନ୍ଦ୍ର ନାରାୟଣ ମିଶ୍ର ପ୍ରମୁଖ ଏହି ଅବସରରେ ଅଭିଭାଷଣ ରଖିଥିଲେ। 'ପ୍ରମେୟ' ଭୁବନେଶ୍ୱର ବ୍ୟୁରୋ ମୁଖ୍ୟ ଦେବେନ୍ଦ୍ର ସୁଆର ସ୍ୱାଗତ ଭାଷଣ ଓ ପୋର୍ଟାଲ ମୁଖ୍ୟ ସୁବ୍ରତ ଦାସ ଧନ୍ୟବାଦ ଦେଇଥିଲେ। ପ୍ରମେୟ ପ୍ରିନ୍ସିପାଲ କରେସ୍‌ପଣ୍ଡେଣ୍ଟ ସରୋଜ ସାହୁ ଓ ନ୍ୟୁଜ-୭ର ଉପସ୍ଥାପିକା ମୌସୁମୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଭୟ ପ୍ରମେୟ ଓ ନ୍ୟୁଜ୍-୭ ପକ୍ଷରୁ ରିପୋର୍ଟିଂ, ସମ୍ପାଦନା, ପ୍ରସାରଣ, ମେଶିନ ବିଭାଗର ଶ୍ରେଷ୍ଠ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା, ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।.

## ନିର୍ବାଚନ ପୂର୍ବରୁ ବସ୍ତିବାସିନ୍ଦାଙ୍କୁ ଥଇଥାନ ପ୍ରୟାସ

**ମାର୍ଚ୍ଚ ସୁଦ୍ଧା ୧୦ ପର୍ଯ୍ୟାୟରେ ଏଲ୍‌ଆର୍‌ସି ବଣ୍ଟନ**

ଭୁବନେଶ୍ୱର, ୧୭।୧୨(ବନ୍ଦନା ସେଠୀ)

ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଜାଗା ମିଶନ୍ ସର୍ଭେ, ରାଜୀବ ଆବାସ ଯୋଜନା (ରେ)ରେ କିପରି ବସ୍ତିବାସିନ୍ଦାଙ୍କୁ ଥଇଥାନ କରାଯିବ ସେ ନେଇ ପ୍ରକ୍ରିୟା ଜାରି ରହିଛି। ତେବେ ଆଗକୁ ନିର୍ବାଚନ ଆସୁଥିବାରୁ ଏହା ପୂର୍ବରୁ ସମସ୍ତ ହିତାଧିକାରୀଙ୍କୁ ଜମି ଅଧିକାର ପ୍ରମାଣପତ୍ର (ଏଲ୍‌ଆର୍‌ସି) ବଣ୍ଟନ ଏବଂ ରେ' ଅନ୍ତର୍ଗତ ବିଭିନ୍ନ ହାଉସିଂ ପ୍ରକଳ୍ପରେ ଘର ନିର୍ମାଣ ସାରିବାକୁ ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ବିଶେଷକରି ୨୦୨୪ ମାର୍ଚ୍ଚ ସୁଦ୍ଧା ଏହି କାମ ସାରିବାକୁ ବିଏମ୍‌ସି ଅଧିକାରୀଙ୍କୁ ଉପରିସ୍ଥ ଅଧିକାରୀ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ବିଏମ୍‌ସିର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଜାଗା ମିଶନରେ କ୍ରମାଗତ ଭାବେ ଏଲ୍‌ଆର୍‌ସି ବଣ୍ଟନ ଲାଗି ସର୍ଭେ ଜାରି ଥିବାବେଳେ ଆସୁଥିବା ଅଭିଯୋଗକୁ ମଧ୍ୟ ଦୃଷ୍ଟି ଦିଆଯାଉଛି। ପ୍ରାଥମିକ ଭାବେ ମୋଟ ୧୦ଟି ପର୍ଯ୍ୟାୟରେ ବସ୍ତିବାସିନ୍ଦାଙ୍କୁ ଏଲ୍‌ଆର୍‌ସି ବଣ୍ଟାଯିବ। ସେହିପରି ଚଳିତ ମାସ ଶେଷ ସୁଦ୍ଧା ଚତୁର୍ଥ ପର୍ଯ୍ୟାୟ ଏଲ୍‌ଆର୍‌ସି ବଣ୍ଟା ହେବା ନେଇ ସ୍ଥିର ହୋଇଛି। ବିଏମ୍‌ସି ମୁଖ୍ୟାଳୟରେ ଏଲ୍‌ଆର୍‌ସି ପ୍ରସ୍ତୁତ କରାଯାଇ ଆବଣ୍ଟନ ପୂର୍ବରୁ ଜୋନ୍ ଅଫିସକୁ ପଠାଯିବ। ଏଯାବତ୍ ୩ଟି ପର୍ଯ୍ୟାୟରେ ବିଏମ୍‌ସି ମୋଟ ୭୨ ହଜାର ଏଲ୍‌ଆର୍‌ସି ବାଣ୍ଟିଥିବାବେଳେ ୧୦ଟି ପର୍ଯ୍ୟାୟରେ ୧ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଏଲ୍‌ଆର୍‌ସି ବାଣ୍ଟିବାକୁ ଯୋଜନା ରଖିଥିବା ଅଧିକାରୀ ଜଣକ କହିଛନ୍ତି। ଅପରପକ୍ଷେ ୩ଟି ପର୍ଯ୍ୟାୟରେ ୭୦ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଏଲ୍‌ଆର୍‌ସି ବଣ୍ଟାଯାଇଥିବାବେଳେ ଏଯାବତ୍ ଅନେକ ବସ୍ତିରେ ସର୍ଭେ ମଧ୍ୟ ହୋଇନାହିଁ। କିଛି ୱାର୍ଡରେ ଅଧା ସର୍ଭେ ହୋଇଥିବାବେଳେ ଅନେକ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଯାଇଥିବା ଅଭିଯୋଗ ହେଉଛି। ଏଭଳି ସ୍ଥିତିରେ ବିଏମ୍‌ସି ଚତୁର୍ଥ ପର୍ଯ୍ୟାୟ ଏଲ୍‌ଆର୍‌ସି ବାଣ୍ଟିବାକୁ ପ୍ରସ୍ତୁତ ହେଉଥିବାବେଳେ ତାଲିକାରେ ନାମ ନ ଥିବା ହିତାଧିକାରୀମାନେ ବିଏମ୍‌ସିକୁ ସମାଲୋଚନା କରିଛନ୍ତି।

## 'ପିଲାମାନେ ସଚ୍ଚୋଟତାକୁ ଆଦରିଲେ ଭଲ ମଣିଷ ହୋଇପାରିବେ'

ଭୁବନେଶ୍ୱର, ୧୭।୧୨(ଅସମାପିକା ସାହୁ)

ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ ସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ପିଲାମାନେ ସରଳତା, ନିର୍ଭୀକତା ଓ ସଚ୍ଚୋଟତାକୁ ଆଦରିଲେ ଭଲ ମଣିଷ ହୋଇପାରିବେ। ଏଥିପାଇଁ ବିଦ୍ୟାଳୟର ଦାୟିତ୍ୱ ରହିଛି। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ସଭାପତି ରଘୁନାଥ ମିଶ୍ର ପିଲାମାନଙ୍କ ଅନ୍ତର୍ନିହିତ ଗୁଣର ବିକାଶରେ ବିଦ୍ୟାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଉପସଭାପତି ଡ. ଅଶ୍ୱିନୀ କୁମାର ତିୱାରୀ ଏକବିଂଶ ଶତାବ୍ଦୀରେ ଚାପମୁକ୍ତ ଓ ଆନନ୍ଦପ୍ରଦାୟୀ ଶିକ୍ଷା ଏକ ଗୌରବବାନ୍ ବିଶ୍ୱ ସୃଷ୍ଟି କରିପାରିବ ଏବଂ ଏଥିରେ ମାତାପିତାଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ।





ଅତିଥିମାନଙ୍କ ଗହଣରେ ପୁରସ୍କୃତ ହୋଇଥିବା ଜଣେ କୃତୀ ଛାତ୍ରୀ।



ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

ବିଦ୍ୟାଳୟ ପରିଚାଳକ ପ୍ରତାପ କୁମାର ଜେନା ସୁବର୍ଣ୍ଣ ଜୟନ୍ତୀ ବିବରଣୀ ପାଠ କରିବା ସହ ଗୁଣାତ୍ମକ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେ ଏଜୁକେଶନ ସୋସାଇଟିର ଉପସଭାପତି ଶରତ ଚନ୍ଦ୍ର ଭଦ୍ର, ଉପପରିଚାଳକ ସଂଗ୍ରାମ କେଶରୀ ନାୟକ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଅଧ୍ୟକ୍ଷା ସନ୍ଧ୍ୟା ଜେନା ସ୍ୱାଗତ ଭାଷଣ ଓ ଉପାଧ୍ୟକ୍ଷା ପଲ୍ଲବୀ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏଥିରେ ପରିଚାଳନା କମିଟି ଓ ବିଜେ ଏଜୁକେଶନ୍ ସୋସାଇଟିର ସଦସ୍ୟ, ବିଦ୍ୟାଳୟର ପର୍ଯ୍ୟବେକ୍ଷକ ବରଦା ପ୍ରସାଦ ପାଇକରାୟ, ଶିବାନୀ ପଟ୍ଟନାୟକ, ସ୍ମିତା ମହାନ୍ତି, ସୁଚରିତା ଦାସ ଏବଂ ଶିକ୍ଷକ ପ୍ରତିନିଧି ଲକ୍ଷ୍ମୀଧର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସିଫା ପ୍ରିଜମ୍‌ଙ୍କୁ ବିଜେଇଏମ୍ ବ୍ଲୁ, ଶ୍ରେୟା ମହାପାତ୍ରଙ୍କୁ ରୋଶନି ରୂପାଲି ସ୍ମୃତି ସମ୍ମାନ, କ୍ଲାଟ୍ ପରୀକ୍ଷାରେ ଓଡ଼ିଶା ଟପ୍ପର ଆଶୁତୋଷ କରଙ୍କୁ ସମ୍ମାନିତ କରାଯିବା ସହ ଅନେକ ସ୍ମୃତି ସମ୍ମାନ ଓ ଆନ୍ତଃବିଦ୍ୟାଳୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟରେ ସିବିଏସ୍‌ଇ ପରୀକ୍ଷାରେ ବିଭିନ୍ନ ବିଷୟରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ପିଲାମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ସାକ୍ଷୀଗୋପାଳ ମନ୍ଦିରରୁ ଚୋରି, ୨ ଗିରଫ

## ୨୦୮ ଗ୍ରାମ ସୁନା ଅଳଙ୍କାର ୬୭ ହଜାର ଟଙ୍କା ଜବତ

ସାକ୍ଷୀଗୋପାଳ,୧୭।୧୨
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର/ଭରତ ରାଉତ)

ସାକ୍ଷୀଗୋପାଳ ମନ୍ଦିରରୁ ଏକ ସିରିଜ୍ ଚୋରି ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ସତ୍ୟବାଦୀ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସତ୍ୟବାଦୀ ଥାନା ଅଧୀନ ବିଶ୍ୱନାଥପୁର ଗ୍ରାମର ଶ୍ରୀଧର ମିଶ୍ର (୩୨) ଓ ତାଙ୍କ ସହଯୋଗୀ ସ୍ଥାନୀୟ ବାଲିସାହି ଗ୍ରାମର ମୁନା ମିଶ୍ର (୨୩)। ଏନେଇ ପୋଲିସ ୪୨୮/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେମାନଙ୍କ ପାଖରୁ ୬୭ ହଜାର ୧୧୦ ଟଙ୍କାର ନଗଦ ଅର୍ଥ ରାଶି, ୨୦୮ ଗ୍ରାମର ସୁନା ଅଳଙ୍କାର, ସିସିଟିଭି ମନିଟର, ଚେକ୍ ବୁକ ଜବତ ହେବା ସହ ଚୋରି ପାଇଁ ବ୍ୟବହୃତ ଅଟୋକୁ ପୋଲିସ ଜବତ କରିଛି। ସମସ୍ତ ଅଳଙ୍କାରକୁ ପୋଲିସ ମନ୍ଦିର ପ୍ରଶାସକଙ୍କୁ ହସ୍ତାନ୍ତର କରିଛି।
ସୂଚନା ଅନୁଯାୟୀ, କିଛି ଦୁର୍ବୃତ୍ତ ଶନିବାର ବିଳମ୍ବିତ ରାତ୍ରିରେ ସାକ୍ଷୀଗୋପାଳ ଠାକୁରଙ୍କ ଚଳନ୍ତି ପ୍ରତିମା ମଦନମୋହନ ଦେବଙ୍କ ମନ୍ଦିର ତାଲା ଭାଙ୍ଗି ମନ୍ଦିର ପରିସରରେ ଥିବା ହୁଣ୍ଡିରୁ ଠାକୁରଙ୍କ ସୁନା ଅଳଙ୍କାର, ପାଉଜି, କୁଣ୍ଡଳ, କିରୀଟ, ବେକ ହାର ସହିତ ଟଙ୍କା ପଇସା ଚୋରି କରି ନେଇଥିଲେ। ସେହିଭଳି ମୁଖ୍ୟ ମନ୍ଦିର ପରିସରସ୍ଥ ତମାଳ ଗଛ ମୂଳେ ଥିବା ହୁଣ୍ଡି ତାଲା ଭାଙ୍ଗି ସମସ୍ତ ଟଙ୍କା ପଇସା ଲୁଟି ନେଇଥିଲେ। ଏହା ବାଦ ମନ୍ଦିର ସୁପରଭାଇଜର ଅଫିସରୁ ତାଲା ଭାଙ୍ଗି ଉକ୍ତ ରୁମରେ ଥିବା ସିସିଟିଭି, ମନିଟର ଓ ଏକ ମାଇକ୍ ସାଉଣ୍ଡର ଆମ୍ପ୍ଲିଫାୟାରକୁ ନେଇଯାଇଥିଲେ। ହେଲେ ଏଠାରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମନ୍ଦିରର ୨୦ ଫୁଟ ଦୂରରେ ୨ ରାତ୍ର ଜଗୁଆଳି ଜଗିଥିବାବେଳେ ଏତେ ବଡ଼ ଚୋରି ବାବଦରେ ସେମାନେ କିପରି କୌଣସି ସୁରାକ ପାଇପାରି ନ ଥିଲେ। ରାତ୍ର ୩ଟାରେ ଠାକୁରଙ୍କ ନୀତିକାନ୍ତି ନିମନ୍ତେ ଜନୈକ କର୍ମଚାରୀ ମନ୍ଦିର ମୁଖ୍ୟ ଦ୍ୱାର ଖୋଲି ଭିତରକୁ ଯାଇ ମଦନମୋହନଙ୍କ ଦ୍ୱାର ସମ୍ପୂର୍ଣ୍ଣ ଖୋଲା ଥିବା ଦେଖିଥିଲେ। ଏଥିରେ ସନ୍ଦେହ ହେବାରୁ ସାକ୍ଷୀଗୋପାଳ ମନ୍ଦିର ପ୍ରଶାସକ ବିଶ୍ୱବାସୀ ତ୍ରିପାଠୀଙ୍କୁ ଅବଗତ କରିଥିଲେ। ଖବରପାଇ ମନ୍ଦିର ପ୍ରଶାସକ ଘଟଣାସ୍ଥଳରେ ପହଞ୍ଚି ସତ୍ୟବାଦୀ ପୋଲିସକୁ ଖବର ଦେଇଥିଲେ। ଥାନା ଅଧିକାରୀ ବିଜୟ କେତନ ବେହେରାଙ୍କ ସହ ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପତି ପିପିଲି ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତରେ ଫୋରେନସିକ୍ ଟିମ ଓ ସନ୍ଧାନୀ କୁକୁର ମଧ୍ୟ ନିୟୋଜିତ ହୋଇଥିଲେ। ତଦନ୍ତ ସମୟରେ ଶ୍ରୀଧର ଓ ମୁନା ସନ୍ଦେହ ଘେରକୁ ଆସିଥିଲେ। ପରେ ପୋଲିସ ଉଭୟଙ୍କ ମୋବାଇଲ ଟ୍ରାକ କରି ସେମାନଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଉଭୟ ଜେରା ସମୟରେ ଚୋରି କରିଥିବା ମାନିଥିଲେ। ତେବେ ଶ୍ରୀଧରଙ୍କ ନାମରେ ସତ୍ୟବାଦୀ ଥାନାରେ ପୂର୍ବରୁ ୮ଟି ମାମଲା ରହିଥିବାବେଳେ ମୁନାଙ୍କ ନାମରେ ୩ଟି ମାମଲା ରହିଛି। ଏମାନେ ପେସାଦାର ଅପରାଧୀ ବୋଲି ପୋଲିସ ପ୍ରକାଶ କରିଛି।


ଗିରଫ ୨ ଅଭିଯୁକ୍ତ ଏବଂ ଜବତ ହୋଇଥିବା ଟଙ୍କା ଓ ଠାକୁରଙ୍କ ସୁନା ଅଳଙ୍କାର।

### ମନ୍ଦିର ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନ

ପ୍ରସିଦ୍ଧ ସାକ୍ଷୀଗୋପାଳ ମନ୍ଦିର ଆଧ୍ୟାତ୍ମିକ ଦୃଷ୍ଟିରୁ ବହୁ ପୁରାତନ ମନ୍ଦିର। ବିଭିନ୍ନ ପର୍ବପର୍ବାଣି ସମୟରେ ମା' ରାଧାରାଣୀ ଓ ଠାକୁରଙ୍କ ଚଳନ୍ତି ପ୍ରତିମା ମଦନମୋହନ ବାହାରକୁ ବିଜେ କରିଥାନ୍ତି। ଏହି ପ୍ରତିମା ଅଷ୍ଟଧାତୁରେ ନିର୍ମିତ। ଏହାଛଡ଼ା ପର୍ବପର୍ବାଣି ସମୟରେ ଠାକୁର ମୂଲ୍ୟବାନ ହୀରା ନୀଳା ଓ ସୁନା ରୁପା ଆଦି ଅଳଙ୍କାର ଧାରଣ କରିଥାନ୍ତି। ମାତ୍ର ମନ୍ଦିର ସୁରକ୍ଷା ବ୍ୟବସ୍ଥା ଅତ୍ୟନ୍ତ ଢିଲା ରହିଛି। ଆଗାମୀ ଦିନରେ ମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ମଜଭୁତ କରିବା ନିମନ୍ତେ ମନ୍ଦିର ପୂଜାପଣ୍ଡାଙ୍କ ସମେତ ମନ୍ଦିର ସେବାୟତ ସଂଘ ସଭାପତି ଓ ସମ୍ପାଦକ ଓ ଅନ୍ୟମାନେ ଦାବି କରିଛନ୍ତି।

## ସଂକ୍ଷେପରେ

### ଶ୍ରୀମନ୍ଦିର ବାଇଶି ପାହାଚରେ ଭକ୍ତ ମୃତ

ପୁରୀ,୧୭।୧୨(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିର ବାଇସି ପାହାଚ ନିକଟରେ ଥିବା କାଶି ବିଶ୍ୱନାଥ ମନ୍ଦିର ନିକଟରେ ଜଣେ ଭକ୍ତଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ରବିବାର ସନ୍ଧ୍ୟା ସମୟରେ ଜଣେ ବ୍ୟକ୍ତି ମହାପ୍ରଭୁଙ୍କ ଦର୍ଶନ ପାଇଁ ଯାଉଥିବା ସମୟରେ ବାଇସି ପାହାଚ ନିକଟରେ ଥିବା କାଶୀ ବିଶ୍ୱନାଥଙ୍କୁ ମୁଣ୍ଡିଆ ମାରିଥିଲେ। ପରେ ସେଠାରେ ପଡ଼ିଯାଇଥିଲେ। ତାଙ୍କୁ ସେଠାରୁ ଉଦ୍ଧାର କରି ଶ୍ରୀମନ୍ଦିର ଆମ୍ବୁଲାନ୍ସ ଯୋଗେ ସଦରମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ମେଡିକାଲ ଫାଣ୍ଡିକୁ ଖବର ଦେଇଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନ ଥିବା ଜଣାପଡିନି।

### ମୌଳିକ ସାକ୍ଷରତା କାର୍ଯ୍ୟକ୍ରମରେ ଉର୍ଦ୍ଦୁକୁ ସାମିଲ କରାଯାଉ

କୋଣାର୍କ,୧୭।୧୨(ଜ୍ୟୋତିରାଜ ମହାନ୍ତି)

ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ଆନୁକୂଲ୍ୟରେ କୋଣାର୍କ ଯାତ୍ରୀ ନିବାସ ସଭାଗୃହରେ ଆୟୋଜିତ ତ୍ରିଦିବସୀୟ 'ଉର୍ଦ୍ଦୁ ଶିକ୍ଷାଦାନ ଅଭିମୁଖୀକରଣ' ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଜାତୀୟ ଶିକ୍ଷାନୀତି ଆଧାରରେ ପ୍ରସ୍ତୁତ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମରେ ଉର୍ଦ୍ଦୁକୁ ସାମିଲ କରିବାକୁ କାର୍ଯ୍ୟକ୍ରମରେ ଉପସ୍ଥିତ ପ୍ରଶିକ୍ଷାର୍ଥୀମାନେ ଦାବି କରିଛନ୍ତି। ପୁରୀ ଜିଲାର ପ୍ରାଥମିକ, ମଦ୍ରାସା, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ୮୦ଜଣ ଶିକ୍ଷକଙ୍କ ବୃତ୍ତିଗତ ବିକାଶ ଏହି ପ୍ରଶିକ୍ଷଣ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ସମ୍ପାଦକ ଡ. ସୟଦ ମୁଶିର ଆଲମ ପ୍ରକାଶ କରିଛନ୍ତି। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉର୍ଦ୍ଦୁ ଶିକ୍ଷାଦାନର ବହୁମୁଖୀ ଦିଗ, ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ସରକାରଙ୍କ ମୌଳିକ ସାକ୍ଷରତା(ଏଫ୍‌ଏଲ୍‌ଏନ୍) କାର୍ଯ୍ୟକ୍ରମରେ ଉର୍ଦ୍ଦୁକୁ ସାମିଲ କରିବା, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକସ୍ତରରେ ଉର୍ଦ୍ଦୁ ପ୍ରଶ୍ନବ୍ୟାଙ୍କ ପ୍ରସ୍ତୁତି, ନୂତନ ଶିକ୍ଷାନୀତି ୨୦୨୦ ଓ ମାତୃଭାଷାର ବିକାଶ ସନ୍ଦର୍ଭରେ ପ୍ରଶିକ୍ଷାର୍ଥୀମାନେ ସକ୍ରିୟଭାବେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ କାକଟପୁର ବ୍ଲକ ଶିକ୍ଷାଧିକାରୀ ଦିଲୀପ ଜେନା ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ଫଜଲୁର ରହମାନ୍, ମକସୁଦ ହୋସେନ ଓ ଖାଜେ ଜାକିର ସଭା ପରିଚାଳନା କରିଥିଲେ।

## ଶିକ୍ଷା, କ୍ରୀଡ଼ା ଛାତ୍ରୀଛାତ୍ରଙ୍କ ପାଇଁ ଭବିଷ୍ୟତ

ଗୋପ,୧୭।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

ଶିକ୍ଷା ଓ କ୍ରୀଡ଼ା ଛାତ୍ରୀଛାତ୍ରଙ୍କ ପାଇଁ ଭବିଷ୍ୟତ। ଏହି ଦୁଇ ଗୋଟି କାର୍ଯ୍ୟ ପ୍ରତି ଛାତ୍ରୀଛାତ୍ର ଧ୍ୟାନ ଦେଲେ ନିଶ୍ଚିତ ଭାବରେ ଜଣେ ଭଲ ମଣିଷ ହୋଇପାରିବେ। ଶନିବାର ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ଖେଳ ପଡ଼ିଆରେ ଆୟୋଜିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଗୋପ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ ଯୋଗଦେଇ ଏହା କହିଥିଲେ। ସ୍କୁଲ ସମ୍ପାଦକ କାଳୁଚରଣ ଜେନା ଏହାର ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଲିଙ୍ଗରାଜ ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ର ଦେଶର ଜଣେ ଜଣେ ଭଲ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ପ୍ରତିଯୋଗିତାରେ ୧୬୦ଜଣ ପ୍ରତିଯୋଗୀ ବିଭିନ୍ନ ଖେଳରେ ଭାଗ ନେଇଥିଲେ। ଚଳିତବର୍ଷ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ତୃତୀୟ ଓ ପଞ୍ଚମ ବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ରୁଦ୍ର ପ୍ରସାଦ ଗମନ, ସୁଶ୍ରୀ ସଙ୍ଗୀତା ସାହୁ, ଜ୍ୟୋତିର୍ମୟ ପ୍ରଧାନଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅନୀଲ ଭୋଇ, ସଙ୍ଗୀତା ବେହେରା, ଚିତ୍ରରେଖା ସେନ୍, ବିଷ୍ଣୁପ୍ରିୟା ସେନାପତି ପ୍ରମୁଖ ପରିଚାଳନା କରିଥିଲେ।

## ପୀରଜାହାନିଆଁ, ଗଙ୍ଗାଦେବୀରେ ପର୍ଯ୍ୟଟକଙ୍କ ଭିଡ଼



### ନାଚ ଗୀତ ସହ ସ୍ୱାଦିଷ୍ଟ ବ୍ୟଞ୍ଜନରେ ଜମୁଛି ବଣଭୋଜି

ଅସ୍ତରଙ୍ଗ,୧୭।୧୨(ପ୍ରଦୀପ୍ତ ଦୀକ୍ଷିତ):

ଶୀତଋତୁ ତଥା ପର୍ଯ୍ୟଟନ ଋତୁର ସୌନ୍ଦର୍ଯ୍ୟକୁ ଉପଭୋଗ କରି ତା'ର ମଜା ନେବାକୁ ପୁରୀ ଜିଲା ଅସ୍ତରଙ୍ଗ ପୀରଜାହାନିଆଁ ଓ ଗଙ୍ଗାଦେବୀ ନିକଟରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳୁଛି। ହେନ୍ତାଳ ବଣ ସହ ପୀରଜାହାନିଆଁ ନିକଟରେ ବଣଭୋଜିର ଆସର ଜମୁଛି। ବିଶେଷକରି ଡିସେମ୍ବର ମାସ ହୋଇଥିବାରୁ ଅସ୍ତରଙ୍ଗ ଦେବୀ ମୁହାଣ ପ୍ରକୃଷ୍ଟ ସ୍ଥାନ ପାଲଟିଛି। ଝାଉଁ ଜଙ୍ଗଲରେ ଅବସ୍ଥିତ ଏହି ପୀଠଟିରେ ପ୍ରାକୃତିକ ସୌନ୍ଦର୍ଯ୍ୟର ମଜା ନେବାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ପୀରଜାହାନିଆଁ ପୀଠ ହେଉଛି ହିନ୍ଦୁ ଓ ମୁସଲିମ୍‌ଙ୍କ ସମନ୍ୱୟ ପୀଠ। ପର୍ଯ୍ୟଟକ ଆସିଲେ ପୀରବାବାଙ୍କୁ ଦର୍ଶନ ସହ ସମୁଦ୍ରରେ ସ୍ନାନର ମଜା ସହ ବଣଭୋଜିର ମଜା ନେଉଛନ୍ତି। ବଣଭୋଜିରେ ସ୍ୱାଦିଷ୍ଟ ବ୍ୟଞ୍ଜନ ସହିତ ନାଚ ଗୀତ କରି ମଜା ବି ଉଠାଉଛନ୍ତି। ୨୦୨୩ ବର୍ଷ ବିଦାୟ ନେବାକୁ ଆଉ ଅଳ୍ପ କିଛି ଦିନ ଥିବାବେଳେ ପରିବାର ବର୍ଗ ଏବଂ ସାଙ୍ଗସାଥୀ ସହିତ ଏଠାକୁ ପିକ୍‌ନିକ୍ ପାଇଁ ଆସୁଛନ୍ତି।

## ବାଣୀବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା

ପିପିଲି,୧୭।୧୨(ଦୁର୍ଗାମାଧବ ମିଶ୍ର)

ପିପିଲି ବ୍ଲକ ଜଇଶପାଟଣାସ୍ଥିତ ବାଣୀବିଦ୍ୟା ମନ୍ଦିରରେ ୧୮ତମ ବିଜ୍ଞାନ ପ୍ରଦର୍ଶନୀ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ଅର୍ଜୁନ ମହାରଣା ଓ ସମ୍ପାଦକ ସୁଧୀର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବିଜ୍ଞାନ ମେଳାରେ ମୁଖ୍ୟ ଅତିଥି ବା ବିଚାରକ ଭାବେ ପୋପରଙ୍ଗା ପଞ୍ଚାୟତ ସ୍କୁଲର ବିଜ୍ଞାନ ଶିକ୍ଷକ ପ୍ରକାଶ ରଥ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ମେଳାରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ୬୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ରଥ ସମସ୍ତ ପ୍ରକଳ୍ପର ମାନ ନିର୍ଦ୍ଧାରଣ କରିଥିଲେ। ପ୍ରଧାନ ଶିକ୍ଷକ ଗିରିଶଚନ୍ଦ୍ର ସ୍ୱାଇଁ ଏହାର ପରିଚାଳନା କରିଥିଲେ। ପୁରସ୍କାର ବିତରଣ ସଭାରେ ବିଜ୍ଞାନ ମେଳାର ମହତ୍ତ୍ୱାକାଂକ୍ଷା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ସିନିୟର ବର୍ଗରେ ଲଳିତ ନାୟକ ଓ ଜୁନିୟର ବର୍ଗରେ ଲିଙ୍ଗରାଜ ସେଠୀ ପ୍ରଥମ ହୋଇଥିବାବେଳେ ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ କମିଟି ସଦସ୍ୟ ପ୍ରଦୀପ୍ତ ଗୁରୁ, ପ୍ରତାପ ସ୍ୱାଇଁ, ଅନ୍ନପୂର୍ଣ୍ଣା ରାଉତରାୟ ଉପସ୍ଥିତ ଥିବାବେଳେ ସମସ୍ତ ଶିକ୍ଷୟିତ୍ରୀ/ଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଛେଳି ଛୁଆଙ୍କୁ କ୍ଷୀର ପିଆଉଛି କୁକୁର



ସାକ୍ଷୀଗୋପାଳ,୧୭।୧୨(ଭରତ ରାଉତ):

ମା' ସବୁବେଳେ ଛୁଆକୁ ତା' ମମତାରେ ବାନ୍ଧିରଖେ। ମା'ର ମମତାଠାରୁ ବଡ଼ ବୋଧହୁଏ ଦୁନିଆରେ ଆଉ କିଛି ନାହିଁ। ମଣିଷ ହୁଅନ୍ତୁ ବା ପଶୁପକ୍ଷୀ, ସମସ୍ତଙ୍କ ପାଖରେ ଏହା ଦେଖିବାକୁ ମିଳେ। ତେବେ ଅନ୍ୟ ଛୁଆକୁ ପାଳିବାକୁ ଯେଉଁଠାରେ ମଣିଷ କୁଣ୍ଠାବୋଧ କରେ, ସେଠାରେ ଏକ କୁକୁର ଛେଳି ଛୁଆକୁ ପାଳିବା ଏକ ଉଦାହରଣ। ସତ୍ୟବାଦୀ ବ୍ଲକ ଅଧୀନ ଶାଣ୍ଢରା ପଞ୍ଚାୟତର ହିରଣ୍ୟପଡ଼ା ଗ୍ରାମରେ ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି। ୧୫ ଦିନ ତଳେ ଗ୍ରାମର ଉଷା ବେହେରାଙ୍କ ଏକ ଛେଳି ୨ଟି ଛୁଆ ଜନ୍ମ ଦେଇଥିଲା। ଜନ୍ମ ଦେବା ପରେ ମା' ଛେଳି ତା' ଛୁଆ ଦୁହିଁଙ୍କୁ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଦେଇପାରିଲାନି। ଛୁଆ ଦୁଇଟିର ଜୀବନ ବଞ୍ଚାଇବାକୁ ଉଷା ଦେବୀ ସେମାନଙ୍କୁ ପେୟ ଓ ତୋରାଣି ଦେଉଥିଲେ। ହେଲେ ତାହା ସେମାନଙ୍କୁ ରୁଚୁ ନ ଥିଲା। ଏପରି ସମୟରେ ଗ୍ରାମର ଏକ କୁକୁର ଉକ୍ତ ୨ ଛେଳି ଛୁଆଙ୍କୁ କ୍ଷୀର ପିଆଉଥିବା ଦେଖିବାକୁ ମିଳିଛି। ଏପରି ସବୁଦିନ ଆସି ସେହି କୁକୁରଟି ଛୁଆ ଦୁଇଟିଙ୍କୁ କ୍ଷୀର ପିଆଉଥିବା ଜଣାପଡ଼ିଛି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

## ଦାମୋଦରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ

ପୁରୀ,୧୭।୧୨(ଅଜିତ୍ ମହାନ୍ତି)

ପୁରୀ ସଦର ବ୍ଲକ ଦାମୋଦରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ରବିବାର ବିଦ୍ୟାଳୟଠାରେ ପାଳିତ ହୋଇଯାଇଛି। ୧୯୨୩ ମସିହାରେ ପ୍ରତିଷ୍ଠିତ ଏହି ସର୍ବପୁରାତନ ସ୍କୁଲଟିର ମଣିଷ ତିଆରି କରିବାରେ ବିଶେଷ ଭୂମିକା ରହିଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ବିଶ୍ୱଜିତ୍ ଘୋଷ, ମୁଖ୍ୟବକ୍ତା ଭାବେ ପୁରୀ ସଦର ବ୍ଲକ ଶିକ୍ଷାଧିକାରୀ ପ୍ରମୋଦ କର, ଦାମୋଦର ସରକାରୀ ଉ.ପ୍ରା. ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମିଶ୍ର ଆବାହକ ଭାବେ ଦାୟିତ୍ୱ ତୁଲାଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମମତାଞ୍ଜଳି ମହାନ୍ତି, ଜିଲା ପରିଷଦ ସଭ୍ୟା ସରୋଜିନୀ ବେହେରା, ସମିତି ସଭ୍ୟ ମାନସ ସୁବୁଦ୍ଧି, ପୂର୍ବତନ ସରପଞ୍ଚ ବଂଶୀଧର ମହାନ୍ତି, ମଧୁସୂଦନ ନନ୍ଦ, ଗ୍ରାମ ସଭାପତି ଶକ୍ତି ପ୍ରସାଦ ମହାପାତ୍ର, ମହେଶ୍ୱର ବେହେରା ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ପରିଚାଳନା କମିଟି ସଭାପତି ବୃନ୍ଦାବନ ଦାସ ଏହାର ତତ୍ତ୍ୱାବଧାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ଶିକ୍ଷୟିତ୍ରୀ ପ୍ରଭାତି ମିଶ୍ର, ବିଳାସିନୀ ମିଶ୍ର, ସବିତା ମିଶ୍ର, ସଂଯୁକ୍ତା ଦେବୀ, ପୁଷ୍ପଲତା ମିଶ୍ର, ବାସନ୍ତୀ ପ୍ରଧାନ, ତିଲୋତ୍ତମା ମହାପାତ୍ର, ସୁଧାଂଶୁବାଳା ମିଶ୍ର, ସୁନନ୍ଦା ଦାସ ପ୍ରମୁଖଙ୍କୁ ମହାପ୍ରଭୁଙ୍କ ଫଟୋଚିତ୍ର ଓ ଉପଢୌକନ ପୂର୍ବକ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ନିରୁପମା ସେନାପତି, ସବିତା ମିଶ୍ର, ସସ୍ମିତା ଲେଙ୍କା, ସ୍ୱାଗତିକା ମିଶ୍ର, ପ୍ରଯୁକ୍ତା ଛୋଟରାୟ ପ୍ରମୁଖ ମଞ୍ଚାସୀନ ଥିଲେ। ସୁଭ୍ରାନ୍ତ ମିଶ୍ର, ଅଙ୍କିତା ମହାରଣା ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର ସମସ୍ତ କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ।


ଦାମୋଦରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ।

## ବିନାୟକ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ

ପୁରୀ,୧୭।୧୨(ଅଜିତ୍ ମହାନ୍ତି)

ନବକଳେବର ରୋଡ ସଂଲଗ୍ନ ମଧୁବନ ୨ୟ ଗଳିସ୍ଥିତ ବିନାୟକ ବିଦ୍ୟାମନ୍ଦିରର ତ୍ରୟୋଦଶ ବାର୍ଷିକ କ୍ରୀଡ଼ା ଉତ୍ସବ ଶରଧାବାଲିସ୍ଥିତ ଭୋଳାନାଥ ବିଦ୍ୟାଳୟ ପରିସରରେ ରବିବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମମତା ମିଶ୍ର ଯୋଗଦେଇ ବାର୍ଷିକ କ୍ରୀଡ଼ାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଭୋଳାନାଥ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ଜେନା ଓ ସମ୍ମାନିତ ଅତିଥି ଭାବେ ଶିଶୁ ସମାଚାରର ସମ୍ପାଦକ ସୁକାନ୍ତ ପଣ୍ଡା ଯୋଗଦେଇଥିଲେ। ବିଦ୍ୟାମନ୍ଦିରର ଶିକ୍ଷୟିତ୍ରୀ ମାନିନୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନ ଶିକ୍ଷକ ମନୋରଞ୍ଜନ ତ୍ରିପାଠୀ କ୍ରୀଡ଼ା ବିବରଣୀ ପାଠ କରିଥିଲେ। ଶିକ୍ଷାବିତ୍ ତଥା ସଭାପତି ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଶିଶୁଙ୍କ ସର୍ବାଙ୍ଗୀନ ବିକାଶରେ କ୍ରୀଡ଼ାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଛାତୀଛାତ୍ରଙ୍କ ମଧ୍ୟରେ ଦୌଡ଼, ଗଣିତ ଦୌଡ଼, ମ୍ୟୁଜିକ୍‌ଚେୟାର, ବଲ୍ ଥ୍ରୋ, ବେଲୁନ ଫଟା, ଶର୍ଟବଲ ରେସ୍, ଆଳୁ ଚାମଚ୍, ଦୌଡିଡିଆଁ ସହ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗିତାକୁ ବିଦ୍ୟାଳୟ ଶିକ୍ଷୟିତ୍ରୀ ମନୋରମା ବରାଳ, ଅନିମା ମିଶ୍ର, ସନ୍ଧ୍ୟାରାଣୀ ତ୍ରିପାଠୀ, ଚପଳା ମହାପାତ୍ର, ଦେବସ୍ମିତା ବିଶ୍ୱାଳ, ସୌଦାମିନୀ ସାହୁ, ସସ୍ମିତା ପ୍ରଧାନ, ଦେବଯାନୀ ଅଲିଭା ମାଝୀ, ଅଞ୍ଜଳି ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଲକ୍ଷ୍ମୀଧର ପ୍ରସାଦ କର ଧନ୍ୟବାଦ ଦେଇଥିଲେ।

## ୫୦ ବିଜେଡି ପରିବାର ଭାଜପାରେ ସାମିଲ

ନିମାପଡ଼ା,୧୭।୧୨
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ଭାଜପାର ଗ୍ରାମୀଣ ମଣ୍ଡଳ କାର୍ଯ୍ୟାଳୟରେ ଏକ ମେଗା ମିଶ୍ରଣ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଦଳର ବରିଷ୍ଠ ନେତା ଦିଲୀପ ନାୟକ ଯୋଗଦେଇଥିଲେ। ନିମାପଡ଼ାରେ ଖୁବ୍‌ଶୀଘ୍ର ଦୁର୍ନୀତି ଶାସନ ରସାତଳଗାମୀ ହେବ। ଆଗାମୀ ସାଧାରଣ ନିର୍ବାଚନରେ ଭାଜପା ବିଜୟର ଧ୍ୱଜା ଉଡ଼ାଇବ ବୋଲି ନାୟକ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ନିର୍ବାଚନ ମଣ୍ଡଳୀର ସଂଯୋଜକ ପ୍ରଦୀପ ନାୟକ, ବରିଷ୍ଠ ଜିଲା ପରିଷଦ ସଭ୍ୟ ପ୍ରମୋଦ ରାୟ, ନିମାପଡ଼ା ମଣ୍ଡଳ ସଭାପତି ମାନସ ପ୍ରଧାନ, ପୂର୍ବତନ ନଗରପାଳ ଅଜୟ ଭୋଇ, ଶ୍ରୀକାନ୍ତ ନାୟକ, ସନ୍ତୋଷ ରଥ, ଶୁଭଜିତ୍ ବାରିକ୍ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ଗାଁଗଣ୍ଡାର ପ୍ରତ୍ୟକ ଲୋକଙ୍କ ପାଖରେ ପହଞ୍ଚାଇବା, ଦଳୀୟ ସଂଗଠନକୁ ବୁଥ୍‌ସ୍ତରରୁ ଅଧିକ ମଜଭୁତ୍ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ସମାରୋହରେ ଗୋପ ବ୍ଲକ ଅନ୍ତର୍ଗତ ବଣିଆ ସାହି ଗ୍ରାମପଞ୍ଚାୟତର ବହୁ ମହିଳାଙ୍କ ସମେତ ପ୍ରାୟ ୫୦ ବିଜେଡି ପରିବାର ଦଳ ଛାଡ଼ି ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛ ଶାସନ, ବରିଷ୍ଠ ନେତା ଦିଲୀପ ନାୟକଙ୍କ ବଳିଷ୍ଠ ନେତୃତ୍ୱରେ ଅନୁପ୍ରାଣିତ ହୋଇ ଉପଦେଷ୍ଟା ଭୁବନାନନ୍ଦ ବରାଳ, ସରପଞ୍ଚ ସନ୍ତୋଷ ବରାଳ, ରଘୁନାଥ ବିଶ୍ୱାଳ, ସବିତା ପାତ୍ର, ମହେଶ୍ୱର ଶଗଡ଼ିଆ, ପ୍ରତାପ ସାମନ୍ତରାୟ ପ୍ରମୁଖ ନେତୃବୃନ୍ଦମାନେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି। ଦଳରେ ନୂତନ ଭାବେ ଯୋଗଦେଇଥିବା କର୍ମୀଙ୍କୁ ଭାଜପା ନେତାମାନେ ଦଳୀୟ ଟୋପି ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।



## ଲକ୍ଷ୍ମୀନାରାୟଣଙ୍କୁ ପୂଜା କଲେ କୁମ୍ଭକାର ପରିବାର

ସାକ୍ଷୀଗୋପାଳ,୧୭।୧୨(ଭରତ ରାଉତ):

ମାର୍ଗଶିର ଶୁକ୍ଳପକ୍ଷ ପଞ୍ଚମୀ ରବିବାରଠାରୁ ସତ୍ୟବାଦୀ ବ୍ଲକର ବିଭିନ୍ନ ଗ୍ରାମରେ ବସବାସ କରୁଥିବା କୁମ୍ଭକାରଙ୍କ ବଡ଼ପର୍ବ କୁରାଳ ପଞ୍ଚମୀ ମହାସମାରୋହରେ ପାଳିତ ହୋଇଯାଇଛି। ଅଞ୍ଚଳର ପରଜାପଡ଼ା, ପାରକେଣା, ଭୀମଦାସପୁର, କେତିକିପାଟଣା, ଜୟପୁର, ଶ୍ରୀରାମଚନ୍ଦ୍ରପୁର, ପୋଡଙ୍ଗସାହି, ଗୁଆଳିପାରି ଆଦି ଗ୍ରାମରେ ବସବାସ କରୁଥିବା କୁମ୍ଭକାର ସମ୍ପ୍ରଦାୟ ଏହି ପର୍ବକୁ ଆନନ୍ଦ ଉଲ୍ଲାସର ସହ ପାଳନ କରୁଛନ୍ତି। ସୋମେଶ୍ୱରପୁର ପଞ୍ଚାୟତର ଆଠବାଟିଆଠାରେ ଥିବା କୁମ୍ଭାର ବସ୍ତିରେ ଲକ୍ଷ୍ମୀନାରାୟଣଙ୍କ ମୃଣ୍ମୟ ମୂର୍ତ୍ତି କରି ପୂଜାର୍ଚ୍ଚନା କରିଛନ୍ତି। ପରମ୍ପରା ଅନୁଯାୟୀ ପାଞ୍ଚ ଦିନ ଧରି ଏହି ପର୍ବକୁ ଧୁମଧାମରେ ପାଳନ କରିବା ସହ ହାଣ୍ଡିଗଢ଼ା ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଛନ୍ତି। ଏହି ପରିପ୍ରେକ୍ଷୀରେ କୁମ୍ଭକାରମାନେ ପ୍ରତ୍ୟହ ନିଜର କୌଳିକ ବୃତ୍ତିରୁ ନିବୃତ୍ତ ରହିବା ସହ ଇଷ୍ଟଦେବୀ ଦେବଙ୍କ ନିକଟରେ ପୂଜାର୍ଚ୍ଚନା କରିଛନ୍ତି। ଏହି ପର୍ବରେ ପଞ୍ଚମୀରେ ସାଦା ଅନ୍ନ, ଷଷ୍ଠୀରେ ପିଠା ପଣା, ସପ୍ତମୀରେ ଦହି ପଖାଳ, ଅଷ୍ଟମୀରେ ଖେଚୁଡ଼ି, ନବମୀରେ ଚକୁଳି ପିଠା ଭୋଗ କରାଯାଇ ରୁଦ୍ରପାଳ ଓ ରତ୍ନେଶ୍ୱରୀଙ୍କ ବିସର୍ଜନ କରାଯାଏ। ପୂଜକ ସନ୍ତୋଷ ପଣ୍ଡାଙ୍କ ଦ୍ୱାରା ଯଥାରୀତି ପୂଜାର୍ଚ୍ଚନା କରାଯାଇଥିବାବେଳେ ଏଥିରେ କର୍ତ୍ତା ଭାବେ ନୀଳ ମୁଦୁଲି କାର୍ଯ୍ୟ ତୁଲାଇଛନ୍ତି। କୁମ୍ଭକାର ବସ୍ତିରୁ ସୁବାସ ମୁଦୁଲି, ପ୍ରଭାକର ମୁଦୁଲି, ସୁରିଆ ମୁଦୁଲି, ମନା ମୁଦୁଲି, ବିଜୁ ମୁଦୁଲି, ଅଭି ମୁଦୁଲି, ଚନ୍ଦ୍ରମଣି ମୁଦୁଲି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି।


କୁମ୍ଭକାରଙ୍କ ବଡ଼ପର୍ବ କୁରାଳ ପଞ୍ଚମୀ ମହାସମାରୋହରେ ପାଳିତ ହେଉଛି।

## ସଂକ୍ଷେପରେ

### ବେଆଇନ କଂସେଇଖାନାରେ ଚଢ଼ାଉ, ଜରିମାନା ଆଦାୟ

କଟକ,୧୭।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

ସହରରେ ବେଆଇନ ଭାବେ ଚାଲିଥିବା ୧୩ରୁ ଊର୍ଦ୍ଧ୍ୱ କଂସେଇଖାନା ଉପରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଚଢ଼ାଉ କରାଯାଇଛି। ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର, ଡେପୁଟି କମିଶନର ଅଜୟ ମହାନ୍ତିଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇ ୭୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏଥିସହ ସିଡିଏ, ଚାନ୍ଦିନୀଚୌକ, ଗଣେଶ ଘାଟ ଭଳି ବିଭିନ୍ନ ଅଞ୍ଚଳର ରାସ୍ତା ପାର୍ଶ୍ୱରେ ମାଂସ କଟାକୁ ବନ୍ଦ କରାଯାଇଥିଲା।

### ବାଲିଯାତ୍ରା ଦୁର୍ନୀତି ବିରୋଧରେ ହେବ ଗଣବିକ୍ଷୋଭ

କଟକ,୧୭।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍‌ସି) କଂଗ୍ରେସ କର୍ପୋରେଟର ଦଳର ଏକ ବୈଠକ ସ୍ଥାନୀୟ ଶେଲଟର ଛକସ୍ଥିତ ବିଧାୟକଙ୍କ ଆବାସିକ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। କର୍ପୋରେଟର ସନ୍ତୋଷ କୁମାର ଭୋଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ କଟକ ମହାନଗର ନିଗମରେ ହେଉଥିବା ଅନିୟମିତତା ଓ ଦୁର୍ନୀତି ବିରୋଧରେ ଆସନ୍ତା ୧୯ ତାରିଖରେ ଗଣବିକ୍ଷୋଭ ପାଇଁ ଆହ୍ୱାନ ଦେଇଛନ୍ତି। ପ୍ରକାଶଥାଉ କି, ଗତବର୍ଷ ଓ ଚଳିତବର୍ଷ କଟକ ବାଲିଯାତ୍ରା ଖର୍ଚ୍ଚରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ହେଲେ ଏ ଦିଗରେ ସରକାର ପଦକ୍ଷେପ ନେଲେ ନାହିଁ। ତେଣୁ ଏନେଇ ଗଣବିକ୍ଷୋଭ କରାଯିବ। ଏହି ବିକ୍ଷୋଭକୁ ସଫଳ କରିବା ପାଇଁ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା ମହିଳା କଂଗ୍ରେସ, ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ବୈଠକରେ ପୂର୍ବତନ ନଗର ମହିଳା କଂଗ୍ରେସ ସଭାନେତ୍ରୀ ଶୈଳବାଳା ଜେନା, କର୍ପୋରେଟର କେ. କାମେଶ ରାଓ, ଲିଜାରାଣୀ ରାଉତ, ଭାନୁ ସେନାପତି, ସ୍ୱର୍ଣ୍ଣପ୍ରଭା ପଶାୟତ, ସୁବାଶିଷ ପଟ୍ଟନାୟକ, ଜନାର୍ଦ୍ଦନ ପରିଡା, କଂଗ୍ରେସ ନେତା କିଶୋର କୁମାର କର, ସିଲା ସାହା ପ୍ରମୁଖ ଉପସ୍ଥିତ ଥିଲେ।

### ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ସ୍ୱାଧୀନତା ସଂଗ୍ରାମୀ ରାଜକୃଷ୍ଣ ବୋଷଙ୍କ ଜୟନ୍ତୀ ପାଳିତ

କଟକ/ କଟକ ସଦର,୧୭।୧୨(ଶିଳ୍ପା ପ୍ରିୟଦର୍ଶିନୀ/ ସୁଶାନ୍ତ କୁମାର ଜେନା)

ଓଡ଼ିଆ ଭାଷା-ସାହିତ୍ୟ ଓ ସଂସ୍କୃତି ସୁରକ୍ଷା ସଂସ୍ଥା ଉତ୍କଳ ସନ୍ତାନ ପକ୍ଷରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଏବଂ ଓଡ଼ିଶାର ପ୍ରଥମ ରାଜବନ୍ଦୀ ତଥା ସ୍ୱାଧୀନତା ସଂଗ୍ରାମୀ ରାଜକୃଷ୍ଣ ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏସ୍‌ସିବି ମେଡିକାଲ ପରିସରରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଡା. ଜ୍ଞାନଗୁରୁ ଦାସଙ୍କ ପୌରୋହିତ୍ୟରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ନବନିର୍ମାଣ ବିକାଶ ମଞ୍ଚର ସଙ୍ଗଠନ ସମ୍ପାଦକ ବିଶ୍ୱପ୍ରକାଶ ଦାଶ ସ୍ୱାଗତ ଭାଷଣ ଓ ସାମାଜିକ କର୍ମୀ ଅଶୋକ କୁମାର ସେନାପତି ଧନ୍ୟବାଦ ଦେଇଥିଲେ। ରାଷ୍ଟ୍ରୀୟ ନେତାଜୀ ମିଶନର ସଭାପତି ମହେନ୍ଦ୍ର କୁମାର ମହାପାତ୍ର, ରୋଟାରିଆନ ବିକ୍ରମ ଦାଶ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ନେତା ଗଜେନ୍ଦ୍ରନାଥ ସାହୁ, ଦି ଓଡ଼ିଶାର ସମ୍ପାଦକ ତଥା ଆଇନଜୀବୀ ପ୍ରସନ୍ନ କୁମାର ମହାପାତ୍ର, ଉତ୍କଳ ଘରୋଇ ଆମ୍ବୁଲାନ୍ସ ସେବା ସଙ୍ଗଠନ ସମ୍ପାଦକ ତପନ କୁମାର ଖଟୁଆ, କ୍ରିଷ୍ଣା ନାଏକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗରଠାରେ ସ୍ୱାଧୀନତା ସଂଗ୍ରାମୀ ରାଜକୃଷ୍ଣ ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସକାଳେ ବୋଷଙ୍କ ପ୍ରତିମୂର୍ତ୍ତିରେ ବିଭିନ୍ନ ବର୍ଗର ଜନସାଧାରଣ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଭାଜପା ନେତା ଦିଲ୍ଲୀପ ମଲ୍ଲିକ, ପ୍ରକାଶ ଚନ୍ଦ୍ର ସେଠୀ, ପ୍ରଦୀପ ବେହେରା, ଚିତ୍ତରଞ୍ଜନ ସାହୁ, ଗୋକୁଳ ପ୍ରଧାନ, ହୃଷୀକେଶ ଜେନା, ସରପଞ୍ଚ ସୁଜାତା ସେଠୀ, ବାଉରୀବନ୍ଧୁ ମହାନ୍ତି, ଦେବେନ୍ଦ୍ର ନାଥ ଜେନା ଉପସ୍ଥିତ ଥିଲେ।

# 'ସମାଜରେ ସମାନତା ଆଣିବାର ମାଧ୍ୟମ ଶିକ୍ଷା'

କଟକ,୧୭।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)



ରେଭେନ୍‌ଶା ବାଳିକା ଉଚ୍ଚ ବିଦ୍ୟାଳୟର ୧୫୦ତମ ପୂର୍ତ୍ତି ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

**ରେଭେନ୍‌ଶା ବାଳିକା ଉଚ୍ଚ ବିଦ୍ୟାଳୟର ୧୫୦ତମ ପୂର୍ତ୍ତି ସମାରୋହ ଉଦ୍‌ଯାପିତ**

ପ୍ରତ୍ୟେକ ଛାତ୍ରୀ ନିଜ ଭବିଷ୍ୟତ ଲକ୍ଷ୍ୟ ସ୍ଥିର କରି କଠିନ ପରିଶ୍ରମ କରିବା ଦରକାର। ଏହାଦ୍ୱାରା ସଫଳତା ନିଶ୍ଚିତ ମିଳିପାରିବ। ଓଡ଼ିଶା ଇତିହାସରେ ରେଭେନ୍‌ଶା ବାଳିକା ଉଚ୍ଚ ବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଯେଉଁମାନେ ଏଠାରୁ ପାଠପଢ଼ି ଯାଇଛନ୍ତି ସେମାନେ ଓଡ଼ିଶା ସହ ଜଡିତ ରହିଛନ୍ତି। କୁନ୍ତଳା କୁମାରୀ ସାବତ୍‌ଙ୍କଠାରୁ ଆରମ୍ଭ କରି ନନ୍ଦିନୀ ଶତପଥୀଙ୍କ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଏହି ସ୍କୁଲର ପୁରାତନ ଛାତ୍ରୀ ପ୍ରତିଷ୍ଠା ଲାଭ କରିଛନ୍ତି। ତେଣୁ ଶିକ୍ଷାର ସ୍ଥାନ ସବୁଠୁ ଊର୍ଦ୍ଧ୍ୱରେ। କମ୍ ସମୟ ମଧ୍ୟରେ ସମାଜରେ ସମାନତା ଆଣିବାରେ ମୁଖ୍ୟ ମାଧ୍ୟମ ହେଉଛି ଶିକ୍ଷା। ମହିଳା, ଛାତ୍ରୀଛାତ୍ରମାନେ କିଭଳି ଭାବେ ଉନ୍ନତମାନର ଶିକ୍ଷା ପାଇପାରିବେ ସେଥିପ୍ରତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱ ଦେଉଛନ୍ତି ବୋଲି ମିଶନ ଶକ୍ତିର କମିଶନର ତଥା ଓଡ଼ିଆ ଭାଷା ସାହିତ୍ୟ ଏବଂ ସଂସ୍କୃତି ବିଭାଗର ସଚିବ ସୁଜାତା କାର୍ତ୍ତିକେୟନ କହିଛନ୍ତି। ପୁରାତନ ଛାତ୍ର ସଂସଦ ପକ୍ଷରୁ ରେଭେନ୍‌ଶା ବାଳିକା ଉଚ୍ଚ ବିଦ୍ୟାଳୟ ୧୫୦ତମ ପୂର୍ତ୍ତି ସମାରୋହ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସମ୍ମାନିତ ଅତିଥି ଭାବେ ସୁଜାତା କାର୍ତ୍ତିକେୟନ ଯୋଗଦେଇ ଉପରୋକ୍ତ ବିଷୟରେ କହିଛନ୍ତି।

ସେହିପରି ମୁଖ୍ୟ ଅତିଥି ଭାବେ ଏମ୍‌ପି ଅଚ୍ୟୁତ ସାମନ୍ତ ଯୋଗଦେଇ କହିଛନ୍ତି, ରେଭେନ୍‌ଶା ବାଳିକା ଉଚ୍ଚ ବିଦ୍ୟାଳୟ ୧୫୦ ବର୍ଷ ପୂରଣ କରିବା ଗୌରବର ବିଷୟ। ନାରୀମାନଙ୍କୁ ଶିକ୍ଷିତ କରିବା ପାଇଁ ସେତେବେଳେ ମଧୁବାବୁଙ୍କ ପ୍ରଚେଷ୍ଟାରେ ଖୋଲିଥିବା ଏହି ସ୍କୁଲ ଓଡ଼ିଶାର ଇତିହାସ ସହ ଜଡିତ ହୋଇରହିଛି। ବର୍ଷ ବର୍ଷ ଧରି ନାରୀମାନେ ସଶକ୍ତ ହୋଇ ଓଡ଼ିଶାକୁ ଆଗକୁ ନେଇଆସୁଛନ୍ତି; ଯାହା ଏକ ଉଦାହରଣ ସୃଷ୍ଟି କରୁଛି। ଛାତ୍ରୀମାନେ ପାଠପଢ଼ା ସହ ନିଜକୁ ଶୃଙ୍ଖଳିତ କରିବା ଉଚିତ ବୋଲି ସାମନ୍ତ କହିଛନ୍ତି। ବିଶିଷ୍ଟ ଶିକ୍ଷାବିତ୍ ତଥା କଥାକାର ଅର୍ଚ୍ଚନା ନାୟକ କହିଛନ୍ତି, ନାରୀମାନଙ୍କର ଉନ୍ନତି ଘଟିଲେ ସମାଜର ଉନ୍ନତି ହେବ। ସମାଜର ଉନ୍ନତି ହେଲେ ରାଷ୍ଟ୍ରର ଉନ୍ନତି ଘଟିବ। ତେଣୁ ଏହି ଉନ୍ନତି ପଛରେ ଶିକ୍ଷାର ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ସେ କହିଛନ୍ତି। ପୁରାତନ ଛାତ୍ରୀ ସଂସଦ ସଭାପତି ସୁଜାତା ଜେନା ସ୍ୱାଗତ ଭାଷଣ ଦେଇ କହିଛନ୍ତି, ଏହି ସମାରୋହ ପାଇଁ ସରକାରଙ୍କ ପକ୍ଷରୁ କୌଣସି ଅବଦାନ ନାହିଁ। ସରକାର ନାରୀ ସଶକ୍ତୀକରଣ ନେଇ କହୁଥିବାବେଳେ ଏଥିରେ କୌଣସି ଆନ୍ତରିକତା ଦେଖାଇ ନ ଥିଲେ ବୋଲି ସେ କହିଛନ୍ତି। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଙ୍କା ବେହେରା, ପୁରାତନ ଛାତ୍ରୀ ସଂସଦର ଉପସଭାପତି ରୁମ୍‌ଝୁମ୍ ନାୟକ, ସମ୍ପାଦିକା ପୁଷ୍ପା ସାମଲ, ଭୂସଂସ୍କାର ଆୟୁକ୍ତ ସଞ୍ଜିତା ଦାସ, ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ସମେତ ବହୁ ପୁରାତନ ଛାତ୍ରୀ,ଅଧ୍ୟୟନରତ ଛାତ୍ରୀ ଏବଂ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ।

## ଜୟପ୍ରକାଶ ନାରାୟଣଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

କଟକ,୧୭।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ସିଡିଏ ସେକ୍ଟର-୬ସ୍ଥିତ ଜୟପ୍ରକାଶ ନାରାୟଣ ପାର୍କ ମୁଖ୍ୟ ଫାଟକଠାରେ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଏହାକୁ ଲକ୍ଷ୍ମୀନାରାୟଣ ନାୟକ ଓ ନିର୍ମାଣ ଶ୍ରମିକ ବାବୁଲି ସାହୁ ଉନ୍ମୋଚନ କରିଥିଲେ। ଆଡ୍‌ଭୋକେଟ୍ ଶିଶିର ଦାସଙ୍କ ଅଧ୍ୟକ୍ଷତାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଦିଲ୍ଲୀସ୍ଥିତ ଜେଏନ୍‌ୟୁର ପ୍ରଫେସର ଆନନ୍ଦ କୁମାର ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଛନ୍ତି, କ୍ଷମତା ବାହାରେ ଥାଇ ରାଜନୀତି କରିବା ଓ ଲୋକଙ୍କ ସମସ୍ୟା ସହିତ ନିଜକୁ ନିୟୋଜିତ କରିବା ସମ୍ଭବ ବୋଲି ଜୟପ୍ରକାଶ ପ୍ରମାଣିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସିଏମ୍‌ସି ମେୟର ସୁବାସ ସିଂ, ବିଧାୟକ ମହମ୍ମଦ ମୋକିମ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ପ୍ରତାପ ଶତପଥୀ, ବରିଷ୍ଠ ଖବରଦାତା ଅରୁଣ ପଣ୍ଡା, ଡ. ସତ୍ୟ ରାୟ, ଶିଳ୍ପୀ ରବିନାରାୟଣ ରଥ, ପଞ୍ଚାନନ ସେନାପତି, ପ୍ରକାଶ ସିଂ ପ୍ରମୁଖ ଯୋଗଦେଇଥିଲେ। ଆଡ୍‌ଭୋକେଟ୍ ପ୍ରଦୀପ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା ଓ ଗାନ୍ଧି ଲୋହିଆ-ଜୟପ୍ରକାଶ ମଞ୍ଚର ସାଧାରଣ ସମ୍ପାଦକ ରବିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।



ଜୟପ୍ରକାଶ ନାରାୟଣଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତିବୃନ୍ଦ।



ଓଡ଼ିଶା ଜୁଡିସିଆଲ ଏକାଡେମୀସ୍ଥିତ ଅଡିଟୋରିୟମରେ ଜୁଡିସିଆଲ କ୍ୟାଲେଣ୍ଡର ଅଫ୍ ଓଡ଼ିଶାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## 'ନିଶାଠାରୁ ଦୂରେଇ ରହିବାକୁ ସଂକଳ୍ପ ନେବା'

କଟକ,୧୭।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ ନୂଆ ଅଡିଟୋରିୟମରେ ନିଶାମୁକ୍ତ ଜାଗୃତୀ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଏବଂ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ସୁଧାଂଶୁ ଶେଖର ମିଶ୍ର, ସମ୍ମାନିତ ଅତିଥି ଭାବେ ବ୍ରହ୍ମାକୁମାରୀ ଗୀତାଞ୍ଜଳି, ବ୍ରହ୍ମାକୁମାରୀ ଲଳିତ ଯୋଗଦେଇଥିଲେ। ତମାଖୁ ଖାଇବା ଏବଂ ମଦ୍ୟପାନ କରିବା ଦ୍ୱାରା ଅନେକ ପ୍ରକାରର ରୋଗ ସମେତ ଦୁର୍ଘଟଣା ଘଟିଥାଏ। ଏବେଠାରୁ ନିଶା ସେବନରୁ ଦୂରେଇ ରହିବା ପାଇଁ ସଂକଳ୍ପ ନେବା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବ୍ରହ୍ମାକୁମାରୀ ଲଳିତ ପ୍ରୋଜେକ୍ଟର ମାଧ୍ୟମରେ ନିଶାଦ୍ରବ୍ୟର କୁପ୍ରଭାବ ବିଷୟରେ ଅବଗତ କରିବା ସହ ନିଶାମୁକ୍ତ ହେବାର କାରଣ ଓ ନିବାରଣ ହେବାର ଉପାୟ ଦର୍ଶାଇଥିଲେ। ଏହି କାର୍ଯ୍ୟକ୍ରମରେ ୧୨୦୦ରୁ ଅଧିକ କର୍ମଚାରୀ ଯୋଗଦେଇଥିଲେ। ମେଡିକାଲ ମ୍ୟାନେଜର ଦେବାଶିଷ ପାତ୍ର ମଞ୍ଚ ସଞ୍ଚାଳନ କରିଥିବାବେଳେ ସାଧାରଣ ସମ୍ପାଦକ ପ୍ରସନ୍ନ ସାମଲ, ରାମଚନ୍ଦ୍ର ପ୍ରଧାନ, ବ୍ରହ୍ମାକୁମାର ବିଦ୍ୟାଧର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଓଡ଼ିଶା ରାଜ୍ୟ ଅର୍ଥ ନିଗମ କର୍ମଚାରୀ ସମବାୟ ସମିତିର ବାର୍ଷିକ ଅଧିବେଶନ

କଟକ,୧୭।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

ଓଡ଼ିଶା ରାଜ୍ୟ ଅର୍ଥ ନିଗମ କର୍ମଚାରୀ ସମବାୟ ସମିତିର ୪୪ତମ ବାର୍ଷିକ ଅଧିବେଶନ ଓଏମ୍‌ପି ଛକସ୍ଥିତ ନିଗମର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅଧିବେଶନରେ ଉପ ନିବନ୍ଧନ କାର୍ଯ୍ୟାଳୟ ଅଧିକାରୀ ବଳଭଦ୍ର ପ୍ରସାଦ ଆଚାର୍ଯ୍ୟ ମୁଖ୍ୟ ଅତିଥି, ସମବାୟ ସମିତିର ବରିଷ୍ଠ ସଦସ୍ୟ କାହ୍ନୁ ଚରଣ ପାଣିଗ୍ରାହୀ ମୁଖ୍ୟବକ୍ତା ଓ ସମିତିର ପୂର୍ବତନ ସଭାପତି ସାରଦା ପ୍ରସନ୍ନ ଶତପଥୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ସଦସ୍ୟ ତଥା ପରିଚାଳନା ମଣ୍ଡଳୀର ପ୍ରଚେଷ୍ଟା ଓ ସହଯୋଗରେ ଏହି ସମିତି କ୍ରମାଗତ ଭାବରେ ବର୍ଷ ବର୍ଷ ଧରି ଲାଭ କରିଆସୁଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମ୍ପାଦକ ବସନ୍ତ କୁମାର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ବାର୍ଷିକ ଆୟ ବ୍ୟୟ ଓ ଆସନ୍ତା ବର୍ଷ ପାଇଁ ବ୍ୟୟବରାଦ ଉପରେ ସବିଶେଷ ଆଲୋଚନା ପରେ ଏହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଗତ ଆର୍ଥିକ ବର୍ଷରେ ସମିତି ୧ ଲକ୍ଷ ୩୬ ହଜାର ଟଙ୍କା ଲାଭ କରିଛି। ଏହି ଲାଭାଂଶରୁ ଅଂଶୀଦାରମାନଙ୍କୁ ଅଂଶଧନ ଉପରେ ୧୦ ପ୍ରତିଶତ ଡିଭିଡେଣ୍ଟ ଦେବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ବରିଷ୍ଠ ସଦସ୍ୟ ମାୟାଧର ମହାନ୍ତି ଧନ୍ୟବାଦ ଦେଇଥିଲେ।



ଓଡ଼ିଶା ରାଜ୍ୟ ଅର୍ଥ ନିଗମ କର୍ମଚାରୀ ସମବାୟ ସମିତିର ବାର୍ଷିକ ଅଧିବେଶନରେ ଉପସ୍ଥିତ ଅତିଥି।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

କଟକ ସଦର,୧୭।୧୨(ସୁଶାନ୍ତ କୁମାର ଜେନା)

**୭୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗନେଇଥିଲେ**

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୭୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଶିଶୁ ବର୍ଗରେ ଆଶିଷ କୁମାର ଦାସ, ସ୍ମୃତି ସ୍ୱରୂପା ରାଉତ, ବାଲ୍ ବର୍ଗରେ ଆକାଶ ସ୍ୱାଇଁ, ରୀତିପ୍ରଜ୍ଞା ବେହେରା ଓ କିଶୋର ବର୍ଗରେ ପ୍ରଲୁବ୍ଧା ପ୍ରଧାନ, ଜ୍ଞାନରଞ୍ଜନ ଦାସ ଚାମ୍ପିୟନ ହୋଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଉପ ସଭାପତି ସନ୍ତୋଷ କୁମାର ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସରସ୍ୱତୀ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଶନର ପ୍ରତିଷ୍ଠାତା ଡ. ଦେବଦତ୍ତ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ସରସ୍ୱତୀ ଇନ୍‌ଷ୍ଟିଚ୍ୟୁଶନର ଅଧ୍ୟକ୍ଷ ବିଶ୍ୱଜିତ୍ ତ୍ରିପାଠୀ, ଆୟତପୁର ସରପଞ୍ଚ ରାକେଶ ବେହେରା, ପରିଚାଳନା କମିଟି ସମ୍ପାଦକ ନବଘନ ରାଉତ, ଉପଦେଷ୍ଟା ରାଧାକୃଷ୍ଣ ସ୍ୱାଇଁ, ବିଭୂତି ଭୂଷଣ ଜେନା, ଡା. ମନୋରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଦିଲ୍ଲୀପ କୁମାର ଜେନା ଅତିଥି ପରିଚୟ ପ୍ରଦାନ ଓ ପ୍ରଭାତ କୁମାର ପ୍ରଧାନ ବିବରଣୀ ପାଠ କରିଥିଲେ । ଆଚାର୍ଯ୍ୟ ପ୍ରଣୟ ଜେନା ସଭାକାର୍ଯ୍ୟ ସଞ୍ଚାଳନ କରିଥିବାବେଳେ ଗୁରୁଜୀ ତ୍ରିଲୋଚନ ହାତୀ, ଜାନକୀ ବଲ୍ଲଭ ମହାପାତ୍ର, ଗୁରୁମା ସୂଚିତା ପ୍ରହରାଜ, ନମିତା ପ୍ରଧାନ, ଲୋଚନ ପରିଡା ପ୍ରମୁଖ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ ।

## ପ୍ରାଚୀପ୍ରଜ୍ଞା ପ୍ରଡକ୍ସନର ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

କଟକ,୧୭।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ବକ୍ସିବଜାରସ୍ଥିତ ପାନ୍ଥ ନିବାସଠାରେ ପ୍ରାଚୀପ୍ରଜ୍ଞା ପ୍ରଡକ୍ସନ ପକ୍ଷରୁ ତୃତୀୟ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଡକ୍ସନର ପ୍ରଯୋଜକ ପ୍ରଭାତ କୁମାର ଜେଠୀଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ପ୍ରଫୁଲ୍ଲ କୁମାର ପ୍ରଧାନ ଯୋଗଦେଇ କହିଛନ୍ତି, ପ୍ରକୃତିର ଅନୁପମ ସୌନ୍ଦର୍ଯ୍ୟକୁ ଆହରଣ କଲେ ଏକ ସୃଜନାତ୍ମକ ଜୀବନର ସ୍ୱପ୍ନକୁ ବାସ୍ତବ କରିପାରିବା। ଏଥିରେ ପ୍ରଫେସର ପ୍ରଦୋଷ ପଟ୍ଟନାୟକ ସଭାପତିତ୍ୱ କରି କହିଛନ୍ତି, ରୋମାଣ୍ଟିସିଜିମ୍‌ର ଅମୃତ ପରିସରେ ବିଷାକ୍ତ ଆଧୁନିକ ଜୀବନକୁ ରୂପାନ୍ତର କରି ହେବ। ଏହି ଅବସରରେ ପ୍ରଫେସର ସୁଧୀର କୁମାର ଜେଠୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପ୍ରଫେସର ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ଅକ୍ଷୟ କୁମାର ସ୍ୱାଇଁ, ଡ. ପ୍ରଫୁଲ୍ଲ ପ୍ରଧାନ କେତେକ ଉପାଦେୟ ନିବନ୍ଧ ଉପସ୍ଥାପନ କରିଥିଲେ। ଆଇନଜୀବୀ ଗଣେଶ ମହାନ୍ତି ଧନ୍ୟବାଦ ଦେଇଥିଲେ।

# 'ସମାଜ ସେବାରେ ବ୍ରତୀ ହୁଅନ୍ତୁ ଛାତ୍ରୀଛାତ୍ର'

କଟକ/କଣ୍ଟାପଡ଼ା, ୧୭।୧୨(ସୁପ୍ରିୟା ପ୍ରିୟଦର୍ଶିନୀ/ସୁରନାରାୟଣ ସାହୁ)

କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ (ଏମ୍‌ଏଲ୍‌ୟୁ) କ୍ୟାମ୍ପସରେ ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୌଭିକ୍ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ କୁଳପତି ପ୍ରଫେସର ଡ. କମଲଜିତ୍ ସିଂ ଯୋଗଦେଇଥିଲେ। କୁଳସଚିବ ଡ. ନିରୁପମା ସ୍ୱାଇଁ , ଡ. ନିଧି ଚୌହାନ, ବିଭାଗୀୟ ମୁଖ୍ୟ ହିରଣ୍ମୟୀ ମିଶ୍ର ଏବଂ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଗତ ମାସ ୨୦ ତାରିଖରୁ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବିଭିନ୍ନ ବିଭାଗର ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।



ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ**

କଟକ ଜିଲା ଗୋବିନ୍ଦପୁର ଜୁନିୟର କଲେଜରେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଜାତୀୟ ସେବା ଯୋଜନାର ରାଜ୍ୟସ୍ତରୀୟ ତାଲିମ ସଂଯୋଜକ ନୀରଦ ବରଣ ଖୁଣ୍ଟିଆ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଛନ୍ତି, ଛାତ୍ରୀଛାତ୍ରୀମାନେ ଲୁକ୍କାୟିତ ପ୍ରତିଭାକୁ ବିକଶିତ କରନ୍ତୁ। ମୁଖ୍ୟ ଅତିଥି ଭାବେ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଗଗନ ବେଉରା ଯୋଗଦେଇ ଛାତ୍ରୀଛାତ୍ରମାନେ ସମାଜ ସେବାରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ଜୁନିୟର କଲେଜ ଅଧ୍ୟକ୍ଷ ଅମୀୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ପ୍ରେମଜିତ୍ ରାୟ ସ୍ୱାଗତ ଭାଷଣ ଓ ନୋଡାଲ ଅଫିସର ନିତ୍ୟାନନ୍ଦ ଚିନାରା କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ଅଧ୍ୟାପକ ଅରୁଣ କୁମାର ତ୍ରିପାଠୀ ବେଦପାଠ ଓ ଅଧ୍ୟାପିକା ପଦ୍ମଜା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଶାଳ ସଚେତନତା ଶୋଭାଯାତ୍ରା ଗୋବିନ୍ଦପୁର ବଜାର ଓ ଗ୍ରାମ ପରିକ୍ରମା କରିଥିଲା। ଅଧ୍ୟାପକ ପ୍ରଭଞ୍ଜନ ଦାସ, ଅଶୋକ କୁମାର ସାହୁ, ଅପରାଜିତା ମହାନ୍ତି, ଶଙ୍କର୍ଷଣ ବେହେରାଙ୍କ ସମେତ ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କଟକ ଯୋବ୍ରାସ୍ଥିତ ମାରିଟାଇମ୍ ମ୍ୟୁଜିୟମ ସଭାଗୃହରେ କଟକ ସିଟି ଇଞ୍ଜିନିୟର୍ସ କ୍ଲବ୍‌ର ବାର୍ଷିକ ଉତ୍ସବରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।


କଟକ ସାରଳା ଭବନରେ ରବିବାର କବି ଜ୍ଞାନ ହୋତାଙ୍କ ରଚିତ ପୁସ୍ତକ 'ମାନସ ପଦାବଳୀ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ସଂକ୍ଷେପରେ

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ଗମ୍ଭାରୀମୁଣ୍ଡା, ୧୭।୧୨ (ଦିଲୀପ ସ୍ୱାଇଁ)**

ବାଣପୁର ଥାନା ଅନ୍ତର୍ଗତ ବିଷ୍ଣୁଡିହ ଗ୍ରାମରେ ଜଣେ ମହିଳାଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ମୃତା ହେଲେ ଏହି ଗ୍ରାମର ସୁଦାମ ବାରିକଙ୍କ ସ୍ତ୍ରୀ ପଲିଶ୍ରୀ ବାରିକ(୪୨)। ପରିବାର ଲୋକଙ୍କ କହିବା ଅନୁଯାୟୀ, ରବିବାର ସନ୍ଧ୍ୟାରେ କୌଣସି କାରଣକୁ ନେଇ ପଲିଶ୍ରୀ ବିଷ ପିଇ ଦେଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ପରିବାରଲୋକ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବାଣପୁର ପୋଲିସ ପହଞ୍ଚି ମୃତଦେହ ଜବତ କରିଥିବା ବେଳେ ସୋମବାର ବ୍ୟବଚ୍ଛେଦ ପାଇଁ ପଠାଯିବ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ତଦନ୍ତକାରୀ ଅଧିକାରୀ ସମୀର ଦଳେଇ କହିଛନ୍ତି।

### କୁରାଳ ପଞ୍ଚମୀ ଉତ୍ସବ

**ଟାଙ୍ଗୀ, ୧୭।୧୨ (ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ ବଡ଼ପାରୀ ପଞ୍ଚାୟତ ଅନ୍ତର୍ଗତ ଅହିଅରା ଗ୍ରାମରେ ୬୦ କୁମ୍ଭକାର ପରିବାର ବସବାସ କରିବା ସହ କୌଳିକ ବୃତ୍ତିକୁ ବଞ୍ଚାଇ ରଖିଛନ୍ତି। ପ୍ରତିବର୍ଷ ଭଳି ଚଳିତ ବର୍ଷ ଏହି ପରିବାର ପକ୍ଷରୁ କୁରାଳ ପଞ୍ଚମୀରେ ଶାଳ ଘରେ ଥିବା ଚକ ପୂଜା କରାଯାଇଥିଲା। କୁମ୍ଭକାରମାନେ ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ଏହି ଉତ୍ସବ ୩ ଦିନ ଧରି ହେବାକୁ ଥିବା ବେଳେ ଭଜନ କୀର୍ତ୍ତନ ସହ ଯୁବକ ସଂଘ ପକ୍ଷରୁ ଏକ ନାଟକ 'ଏମିତି ଭୁଲ୍ କେମିତି ହେଲା'ପରିବେଷଣ କରାଯାଇଥିଲା। ତ୍ରିନାଥ ମୁଦୁଲି, ଧୁନ୍ଦି ମୁଦୁଲି, ରସାନନ୍ଦ ପରିଡ଼ା, ପଦନ ମୁଦୁଲି, ରବି ମୁଦୁଲି, ବସନ୍ତ ମୁଦୁଲି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୪ ଦଫା ଦାବିରେ ଉପଭୋକ୍ତାଙ୍କ ବୈଠକ

**ଜଟଣୀ, ୧୭।୧୨ (ରବୀନ୍ଦ୍ରନାଥ ମହାକୁଡ଼)**

ବିଦ୍ୟୁତ୍ ବିଭାଗର ଶୋଷଣକୁ ବିରୋଧ କରି ସର୍ବଭାରତୀୟ ଉପଭୋକ୍ତା କମିଟି ଜଟଣୀ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟୁତ୍ ବିଭାଗର ଘରୋଇକରଣ ପ୍ରତ୍ୟାହାର, ଜନବିରୋଧୀ ସଂଶୋଧନ ବିଲ୍-୨୦୨୨କୁ ପ୍ରତ୍ୟାହାର, ପ୍ରିପେଡ ସ୍ମାର୍ଟ ମିଟର ଲଗାଇବା ବନ୍ଦ ଓ ୨୦୦ ୟୁନିଟରୁ କମ ବିଦ୍ୟୁତ୍ ବ୍ୟବହାର କରୁଥିବା ଉପଭୋକ୍ତାଙ୍କୁ ବିଲ୍ ଛାଡ଼ କରିବା ଆଦି ଦାବିରେ ଗଜପତି ନଗର ବିଦ୍ୟୁତ୍ ଉପଭୋକ୍ତାଙ୍କୁ ନେଇ ଉକ୍ତ ବୈଠକ ହୋଇଥିଲା। କାର୍ତ୍ତିକ ଚନ୍ଦ୍ର ଘଡେଇଙ୍କ ସଭାପତିତ୍ୱରେ ମୁଖ୍ୟ ବକ୍ତାଭାବେ ପୂର୍ଣ୍ଣ ଚନ୍ଦ୍ର ବେହେରା, ଆଇନଜୀବୀ ଅଂଶୁ ଶେଖର ନାୟକ, ବାସୁଦେବ ସେଠୀ, ବାସୁଦେବ ରାଉତରାୟ, ଗୌତମ ମହାରଣା ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ଦିନରେ ଉପରୋକ୍ତ ଦାବି ପୂରଣ ନ ହେଲେ ତୀବ୍ର ବିରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ବିଜେବି ହାଇସ୍କୁଲ: ୧୨୫ତମ ବର୍ଷ ପୂର୍ତ୍ତି ପାଳନ ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଦୁଇ ବିଧାୟକ ଏବଂ ଅନ୍ୟମାନେ।

**ଖୋର୍ଦ୍ଧା, ୧୭।୧୨ (ପ୍ରଭାତ ପାଣିଗ୍ରାହୀ)**

■ ୨ ବିଧାୟକଙ୍କୁ ଏକାଠି ଦେଖିବାକୁ ମିଳିଲା
■ ରାଜଭବନରୁ ସ୍ୱୀକୃତି ପରେ ତାରିଖ ଘୋଷଣା ହେବ

ବକ୍ସି ଜଗବନ୍ଧୁ ବିଦ୍ୟାଧର(ବିଜେବି) ଉଚ୍ଚ ବିଦ୍ୟାଳୟର ୧୨୫ତମ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ପ୍ରସ୍ତୁତି ବୈଠକ ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ଏନେଇ ୨୯ଥର ବୈଠକ ହୋଇଛି। ଉତ୍ସବରେ ରାଷ୍ଟ୍ରପତି ଯୋଗଦେବେ ବୋଲି ବିଦ୍ୟାଳୟ ଏକାଧିକ ବୈଠକରେ ଘୋଷଣା ହୋଇଥିଲେ ମଧ୍ୟ ରାଷ୍ଟ୍ରପତିଙ୍କ ଭବନରୁ କୌଣସି ଚିଠି ବିଦ୍ୟାଳୟକୁ ଆସିଲା ନାହିଁ। ଫଳରେ ଉତ୍ସବ ତାରିଖ ଘୋଷଣା ନେଇ ବିଳମ୍ବ ହୋଇଥିଲା। ଅନ୍ୟପଟେ ପୂର୍ବରୁ ସ୍ଥାନୀୟ ବିଧାୟକ ତଥା ପୂର୍ବତନ ଛାତ୍ର ସଂସଦ ସଭାପତି ଜ୍ୟୋତିରୀନ୍ଦ୍ରନାଥ ମିତ୍ର ବୈଠକରେ ଯୋଗଦେଉଥିବା ବେଳେ ଆଜିର ବୈଠକରେ ବେଗୁନିଆ ବିଧାୟକ ତଥା ଜିଲା ଯୋଜନା କମିଟି ସଭାପତି ରାଜେନ୍ଦ୍ର ସାହୁ ଯୋଗଦେଇଛନ୍ତି। ବୈଠକରେ ଦୁଇ ବିଧାୟକ ଯୋଗଦେଇ ବିଦ୍ୟାଳୟର ଅତୀତ ଗୌରବକୁ ସାଉଁଟିବା ସହ ଉତ୍ସବର ସଫଳତା ନେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ମନୋମାଳିନ୍ୟ ଭୁଲି ସମସ୍ତେ ଏକାଠି ହୋଇ କାମ କରିବାକୁ ଉଭୟ ବିଧାୟକଙ୍କ ମନ୍ତବ୍ୟକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

ସ୍ଥାନୀୟ ବିଧାୟକ ତଥା ପୂର୍ବତନ ଛାତ୍ର ସଂସଦ ସଭାପତି ଜ୍ୟୋତିରୀନ୍ଦ୍ରନାଥ ମିତ୍ର ସଭାରେ ଅଧ୍ୟକ୍ଷତା କରିଥିଲେ। ସଭାପତିତ୍ୱ ଭାଷଣରେ ସେ ବିଦ୍ୟାଳୟର ଗୌରବମୟ ଇତିହାସ ସମ୍ପର୍କରେ ଆଲୋକପାତ କରି କହିଥିଲେ, ରାଜ୍ୟର ଲବ୍ଧ ପ୍ରତିଷ୍ଠିତ ହାଇସ୍କୁଲ ମଧ୍ୟରେ ଅନ୍ୟତମ ବକ୍ସି ଜଗବନ୍ଧୁ(ବିଜେବି) ହାଇସ୍କୁଲ। ବହୁ ବିଶିଷ୍ଟ ଜନନାୟକ, ରାଜନୈତିଜ୍ଞ, ପ୍ରଶାସନିକ ଅଧିକାରୀ, ସାହିତ୍ୟିକ ପ୍ରମୁଖ ଏହି ବିଦ୍ୟାଳୟରୁ ଶିକ୍ଷାଦାନ କରି ଏହାର ଗୌରବକୁ ବୃଦ୍ଧି କରିଛନ୍ତି। ସେହିପରି ବେଗୁନିଆ ବିଧାୟକ ତଥା ଜିଲା ଯୋଜନା କମିଟି ସଭାପତି ରାଜେନ୍ଦ୍ର ସାହୁ କହିଥିଲେ, ପଦ୍ମଶ୍ରୀ କାଳିଚରଣ ପଟ୍ଟନାୟକ, କବି ଡ.ମାୟାଧର ମାନସିଂ, ସଂଗ୍ରାମୀ ଓ କବି ସଚ୍ଚିଦାନନ୍ଦ ରାଉତରାୟ, ତତ୍କାଳୀନ ମଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ, ଶହୀଦ ରଘୁ ଦିବାକର ପ୍ରମୁଖ ଏହି ସ୍କୁଲର ଛାତ୍ର ରହିଥିବା ବେଳେ ପ୍ରାୟ ଦେଢଶହ ବର୍ଷର ଏହି ଶିକ୍ଷାନୁଷ୍ଠାନ ଅନେକ ପ୍ରତିଭାଙ୍କୁ ଜନ୍ମ ଦେଇଛି। ଏହି ଉତ୍ସବରେ ଅଧିକରୁ ଅଧିକ ପୂର୍ବତନ ଛାତ୍ରୀଛାତ୍ର ଓ ସେମାନଙ୍କ ପରିବାରକୁ ସାମିଲ କରିବାକୁ ପରାମର୍ଶ ଦେଇଥିଲେ। ସମସ୍ତଙ୍କ ସହଯୋଗ, ସହଭାଗିତାରେ ଆଡ଼ମ୍ବରଭାବେ ଏହି ଉତ୍ସବ ପାଳନ କରିବାକୁ କହିଥିଲେ। ବୈଠକ ପ୍ରାରମ୍ଭରେ ଦିବଂଗତ ଛାତ୍ର ସ୍ୱର୍ଗତ ବିଜୟ କୁମାର ପଟ୍ଟନାୟକ, ରାମେଶ୍ୱର ପ୍ରସାଦ ଓ କାଳୀଚରଣ ମିଶ୍ରଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ପୁରାତନ ଛାତ୍ର, ଶିକ୍ଷକ ଓ ବିଦ୍ୟାଳୟ ସହ ସଂଶ୍ଳିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହି ଉତ୍ସବରେ ରାଜ୍ୟପାଳ ଯୋଗଦେବେ। ରାଜଭବନରୁ ଏନେଇ ସ୍ୱୀକୃତି ଆସିବା ପରେ ନିର୍ଦ୍ଧାରିତ ତାରିଖ ଘୋଷଣା କରାଯିବ। ଦେବ ପ୍ରସାଦ ମଜୁମଦାର, ଦିଲୀପ ପଟ୍ଟନାୟକ, ଉମାଶଙ୍କର ପ୍ରସାଦ, ସତ୍ୟବ୍ରତ ଦାସ, ଲକ୍ଷ୍ମୀନାରାୟଣ ଭଞ୍ଜ, ଆଇନଜୀବୀ ବିଧାନ ମହାନ୍ତି, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ, ଶିକ୍ଷାବିତ୍ ଜବାହରଲାଲ ସୁବୁଦ୍ଧି, ବିମଳ ଷଡ଼ଙ୍ଗୀ, ଆଲୁମ୍‌ନି କମିଟି ସମ୍ପାଦକ ଗୋପାଳକୃଷ୍ଣ ଦାସ, ରବୀନ୍ଦ୍ର କୁମାର ସାହୁ, ପହଲ୍ଲାଦ ପ୍ରଧାନ, ଲାଲା ବୀରେନ୍ ପ୍ରସାଦ ରାୟ, ବିମଳ ପ୍ରସାଦ ରାମ, କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଅଭିଷେକ ସିଂହସାମନ୍ତଙ୍କ ସମେତ ଶତାଧିକ ପୁରାତନ ଛାତ୍ର ଉପସ୍ଥିତ ଥିଲେ।



ପିଏନ୍ କଲେଜ ଫାଟକ ସମ୍ମୁଖରେ ଛାତ୍ରୀଛାତ୍ର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ପିଏନ୍ କଲେଜ ସମ୍ମୁଖ ରାଜପଥରେ ଫୁଟ ଓଭରବ୍ରିଜ ନିର୍ମାଣ ଦାବି

**ଖୋର୍ଦ୍ଧା, ୧୭।୧୨ (ପ୍ରଭାତ ପାଣିଗ୍ରାହୀ)**

■ ଗୁରୁତ୍ୱ ନ ଦେଲେ ରାଜରାସ୍ତାକୁ ଓହ୍ଲାଇବୁ: ଏବିଭିପି
■ କ୍ୟାମ୍ପସରେ ଦସ୍ତଖତ ଅଭିଯାନ ଆରମ୍ଭ

ପ୍ରାଣନାଥ(ପିଏନ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖ ୧୬ ନମ୍ବର ଜାତୀୟ ରାଜପଥରେ ପାଦଚଲା ଓଭରବ୍ରିଜ ନିର୍ମାଣ ପାଇଁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଦାବି କରିଛି। ଏବିଭିପିର ଏହି କ୍ୟାମ୍ପସ ୟୁନିଟ୍ ସଭାପତି ଦଧିବାମ ଦାସ, ସମ୍ପାଦକ ରାଜେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଏକାଧିକ ଛାତ୍ରୀଛାତ୍ର କ୍ୟାମ୍ପସ ଆଗରେ ବିକ୍ଷୋଭ କରିବା ସହ ରାଜ୍ୟ ସରକାର ଏବଂ ଏମ୍‌ପିଙ୍କ ଉଦ୍ଦେଶ୍ୟରେ କଲେଜ ଅଧକ୍ଷାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଏହି ମହାବିଦ୍ୟାଳୟରେ ପ୍ରାୟ ୭ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଅନେକ ଛାତ୍ରୀଛାତ୍ର ଖୋର୍ଦ୍ଧା ଆଖପାଖ ଅଞ୍ଚଳ ଭୁବନେଶ୍ୱର, ଝାଁଳା, ଜଟଣୀ, ଟାଙ୍ଗୀ, ବାଘମାରୀ, ବେଗୁନିଆ, ବୋଲଗଡ ଆଦି ସ୍ଥାନରୁ ବସ୍‌ରେ ଆସିଥାନ୍ତି। କଲେଜକୁ ଯିବାଆସିବା ପାଇଁ ରାଜପଥ ପାରି ହେବାକୁ ପଡିଥାଏ। ବିପଦସଙ୍କୁଳ ଅବସ୍ଥାରେ ରାଜପଥର ଏପଟ ପାର୍ଶ୍ୱରୁ ସେପଟ ପାର୍ଶ୍ୱକୁ ଯାତାୟାତ କରିଥାନ୍ତି। ଅନେକ ସମୟରେ ଛାତ୍ରୀଛାତ୍ର ଦୁର୍ଘଟଣାର ଶିକାର ହୋଇଥିବା ନଜିର ରହିଛି। ଏପରି କି ଯାନବାହନ ଯାତାୟାତ ଯୋଗୁ ରାସ୍ତା ପାର ହେବାକୁ ଛାତ୍ରୀଛାତ୍ର ଦୀର୍ଘ ସମୟ ଅପେକ୍ଷା କରିଥାନ୍ତି। ପୂର୍ବରୁ କଲେଜ ସମ୍ମୁଖରେ ପିଲାଙ୍କ ସୁବିଧା ଦୃଷ୍ଟିରୁ ଏକ ପାଦଚଲା ଓଭରବ୍ରିଜ ନିର୍ମାଣ ପାଇଁ ଜିଲା ପ୍ରଶାସନ ନିକଟରେ ଦାବି କରାଯାଇଥିଲା। ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ କଲେଜ ସମ୍ମୁଖରେ ଫୁଟ ଓଭରବ୍ରିଜ ଆବଶ୍ୟକ ରହିଥିବା ବେଳେ ପ୍ରଶାସନ ପକ୍ଷରୁ ଏହାକୁ ଅଣଦେଖା କରାଯାଉଛି। ପିଲାଙ୍କ ଅସୁବିଧାକୁ ବିଦ୍ୟାର୍ଥୀ ପରିଷଦ କେବେ ବି ବରଦାସ୍ତ କରିବ ନାହିଁ। କଲେଜ କର୍ତ୍ତୃପକ୍ଷଙ୍କଠାରୁ ପ୍ରଶାସନ, ଜନପ୍ରତିନିଧିଙ୍କ ନିକଟରେ ବାରମ୍ବାର ଦାବି ସତ୍ତ୍ୱେ ଗୁରୁତ୍ୱ ଦିଆଯାଉନାହିଁ। ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ବିଦ୍ୟାର୍ଥୀ ପରିଷଦ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି। ପିଲାଙ୍କ ମଧ୍ୟରେ ସଚେତନତା ଉଦ୍ଦେଶ୍ୟରେ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ଏବିଭିପିର କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟା ଦୀପ୍ତିମୟୀ ପ୍ରତିହାରୀ, ଜଗନ ସେଠୀ, ସାଗର ଜେନା, ସୋନାଲି ବେହେରା, ଶକ୍ତିପ୍ରସାଦ ପଣ୍ଡା, ପ୍ରୀତି ବେହେରା, ପପୁ ନାୟକଙ୍କ ସମେତ କ୍ୟାମ୍ପସ ୟୁନିଟର ଶତାଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ବୋଲଗଡ଼, ୧୭।୧୨ (ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ସଂପୁର ଗ୍ରାମର ବାଲୁଙ୍କେଶ୍ୱର ରାଇଜିଂଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଟାଙ୍ଗୀ ପଡ଼ିଆଠାରେ ରବିବାର ତ୍ରୟୋଦଶତମ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ଜଟଣୀର ବଳଦେବଜୀଉ କ୍ରିକେଟ କ୍ଲବ ଓ ନୟାଗଡ ଜିଲା ନରେନ୍ଦ୍ରପୁରର ମା'କଙ୍କାଳି କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ବଳଦେବଜୀଉ କ୍ରିକେଟ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ୮ଉଇକେଟ ବିନିମୟରେ ୧୪୫ ରନ ସଂଗ୍ରହ କରିଥିଲା। ଜବାବରେ ମା'କଙ୍କାଳି କ୍ରିକେଟ କ୍ଲବ ୧୬ ଓଭରରେ ୯ ଉଇକେଟ ବିନିମୟରେ ୧୨୨ ରନ ସଂଗ୍ରହ କରି ପରାଜିତ ହୋଇଥିଲା।

ଭାଗବାନ ମଙ୍ଗରାଜ ଓ ଶେଷଦେବ ସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଜିଲା କେନ୍ଦ୍ର ସେବା ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ପ୍ରକାଶ କୁମାର ରାଉତରାୟ, ସମ୍ମାନିତ ଅତିଥି ଖଇରିଆ ପଞ୍ଚାୟତ ବିଜେଡି ସଭାପତି ଚିତ୍ତରଞ୍ଜନ ମିଶ୍ର, ମାଣିକାଗୋଡ଼ା ସେବା ସମବାୟ ସମିତି ସମ୍ପାଦକ ବିରଞ୍ଚି ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମନମୋହନ ରାୟ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କ୍ଲବର ରାଜ କୁମାର ବଳିୟାରସିଂହ, ସୁଶାନ୍ତ ପ୍ରଧାନ, ବିକାଶ ବଳିୟାରସିଂହ, ରାଜା ମାନସିଂ, ପ୍ରଶାନ୍ତ ମଙ୍ଗରାଜ, ଶିଶିର ବସ୍ତି ପ୍ରମୁଖ ସହଯୋଗ କରିଥିଲେ।

## 'ବିଦ୍ୟାର୍ଥୀଙ୍କ ମାନସିକ ବିକାଶ କରେ କ୍ରୀଡ଼ା'



ଅତିଥିଙ୍କଠାରୁ ଜଣେ କୃତୀ ପ୍ରତିଯୋଗୀ ପୁରସ୍କାର ଗ୍ରହଣ କରୁଛନ୍ତି।

**ବୋଲଗଡ଼, ୧୭।୧୨ (ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ପିଟୁକୁଳି ଶ୍ରୀରଘୁନାଥ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିଶୁଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ କ୍ରୀଡ଼ା ଆବଶ୍ୟକ । ତେଣୁ କ୍ରୀଡ଼ାକୁ ଶିକ୍ଷା ସହ ସାମିଲ କରାଯାଇଛି ବୋଲି ମୁଖ୍ୟ ଅତିଥି ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରଫୁଲ୍ଲ ପ୍ରଧାନ କହିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ସ୍ନିଗ୍ଧା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସମ୍ମାନିତ ଅତିଥି ବିଇଓ ଗୋକୁଳ ଚନ୍ଦ୍ର ବଳବନ୍ତରାୟ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ କିଶୋର ଛୋଟରାୟ, ସମବାୟ ସମିତି ନିର୍ଦ୍ଦେଶକ ପବିତ୍ର ମୋହନ ମାଝୀ, ଏବିଇଓ ପଦ୍ମ ଚରଣ ବେହେରା, କୈଳାସ ଚନ୍ଦ୍ର ସ୍ୱାଇଁ, ସରପଞ୍ଚ ଜୟନ୍ତୀ ପ୍ରଧାନ, ସମିତିସଭ୍ୟ ସଞ୍ଜୟ କୁମାର ଗୁମାନସିଂହ, ମୋ ସ୍କୁଲ କମିଟି ସଭାପତି ଶ୍ୟାମାକାନ୍ତ ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବବିନା ନାୟକ, କୃଷ୍ଣ ଚନ୍ଦ୍ର ପଟ୍ଟନାୟକ, ପ୍ରଦୀପ କୁମାର ସାହୁ, ସିଆରସିସି ଗଙ୍ଗାଧର ବେହେରା ପ୍ରମୁଖ ଯୋଗଦେଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ବିବରଣୀ ପାଠ କରିଥିଲେ। କ୍ରୀଡ଼ା ଶିକ୍ଷକ ମାନସ ବେହେରା ପ୍ରତିଯୋଗିତା ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ଗତ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ପ୍ରତୀସ ପଟ୍ଟନାୟକ ଓ ମନୀଷା ଖାଡଙ୍ଗାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ସେମିଫାଇନାଲରେ କିଶୋର କ୍ଲବ




ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

**ଝାଁଳା, ୧୭।୧୨ (ବୁଲା ବାରିକ)**

**ତମାଣ୍ଡୋ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ**

ଶିବ ଶକ୍ତି କ୍ଲବ ଆନୁକୂଲ୍ୟରେ ତମାଣ୍ଡୋ ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ୨୮ତମ ତମାଣ୍ଡୋ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଅନ୍ତିମ କ୍ୱାର୍ଟର ଫାଇନାଲ ମ୍ୟାଚ ରବିବାର କିଶୋର କ୍ଲବ ଭୁବନେଶ୍ୱର ଓ ବରଗଡ଼ ୟୁନାଇଟେଡ୍ ଫୁଟ୍‌ବଲ କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ରହିଥିବା ବେଳେ ବରଗଡ଼ ୟୁନାଇଟେଡ୍ କ୍ଲବର ଅଖିଳେଶ ଟପୋ ଗୋଟିଏ ଗୋଲ ଦେଇଥିବା ବେଳେ କିଶୋର କ୍ଲବର ଏ.କହ୍ନେୟା ଗୋଟିଏ ଗୋଲ ଦେଇଥିଲେ। ତେବେ ମ୍ୟାଚ୍ ଶେଷ ସୁଦ୍ଧା ଆଉ ଗୋଲ ନ ହେବାରୁ ଟାଇବ୍ରେକରରେ କିଶୋର କ୍ଲବ ୬-୫ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଅତିଥିଭାବେ ଏସିପି(ସାଇବର ସେଲ) ରଜତ୍ କୁମାର ରାୟ, ତମାଣ୍ଡୋ ଥାନା ଆଇସିସି ସୁବ୍ରତ କୁମାର ମେହେର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଶ୍ରେଷ୍ଠ ଖେଳାଳି ଏ.କହ୍ନେୟାଙ୍କୁ ପୁରସ୍କୃତ କରିଥିଲେ। ଏମ୍.ଏସ୍.ବେଗ, ଶିବ ସାମନ୍ତରାୟ, ଶିବ ଶଙ୍କର ପଣ୍ଡା ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଶିବ ଶକ୍ତି କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ।

## ଜିଲାସ୍ତରୀୟ ଶିଶୁ ଉତ୍ସବ

**ଟାଙ୍ଗୀ, ୧୭।୧୨ (ରଘୁନାଥ ସାହୁ)**

ବିରିବାଡିସ୍ଥିତ ଶ୍ରୀଲୋକନାଥ ଦେବ ମାନସିଂହ ହାଇସ୍କୁଲ ପରିସରରେ ଓଡ଼ଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଖୋର୍ଦ୍ଧା ଜିଲା ପକ୍ଷରୁ ଜିଲାସ୍ତରୀୟ ୪୦ତମ ଶିଶୁ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଓଷ୍ଟାର ଜିଲା ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ତଥା ସଂପାଦକ ସୁଧାକର ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ କୁନା ମହନ୍ତଙ୍କ ସହ ଚିଲିକା ବ୍ଲକ ଓ ଖୋର୍ଦ୍ଧା ଜିଲାର ଓଷ୍ଟା ସଂଘ ପରିବାର ସହଯୋଗ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅତିଥିଭାବେ ଚିଲିକା ଗୋଷ୍ଠୀ ଶିକ୍ଷା ଅଧିକାରୀ କିଶୋର ଚନ୍ଦ୍ର ଦାଶ, ଓଷ୍ଟାର ଜିଲା ଉପଦେଷ୍ଟା ସନ୍ତୋଷ ଚନ୍ଦ୍ର କର, ଚିଲିକା ବ୍ଲକ ସଭାପତି ବିଜୟ କୁମାର ପାତ୍ର, ରାଜ୍ୟ ସଂପାଦକ ରମାକାନ୍ତ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଶିଶିର କୁମାର ଦାଶ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସେହିପରି ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ଡ.ଦେବେନ୍ଦ୍ର ନାଥ ମାନସିଂହ, ମୁଖ୍ୟ ବକ୍ତା ଓଷ୍ଟାର ପୂର୍ବତନ ରାଜ୍ୟ ସଭାପତି ପଦ୍ମନାଭ ବିଶ୍ୱାଳ, ରୋଟାରିଆନ ଡା. ମଧୁସୂଦନ ସେନାପତି, ଜିଲାପରିଷଦ ସଭ୍ୟା ମମତା ପାଇକରାୟ, ବିରିବାଡି ସରପଞ୍ଚ ବିଷ୍ଣୁ ପ୍ରିୟା ସେଣ, ସମିତିସଭ୍ୟ ଚରଣ ସେଣ, ଗଙ୍ଗାଧର ପ୍ରଧାନଙ୍କ ସମେତ ଓଷ୍ଟାର ବହୁ ପଦାଧିକାରୀ ଯୋଗଦେଇ କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନରୁ ୨୦୦ ପ୍ରତିଯୋଗୀ ଭାଗନେଇଥିଲେ। ବିଚାରକଭାବେ ଗୌରାଙ୍ଗ ମୁଦୁଲି, ଅଜିତ୍ ମିଶ୍ର, ଗୋବିନ୍ଦ ଚନ୍ଦ୍ର ଜାଲି, ବିଷ୍ଣୁପ୍ରିୟା ବାରିକ, ବିଜୟ ଲକ୍ଷ୍ମୀ ବଳିୟାରସିଂହ, ଗଙ୍ଗାଧର ପ୍ରଧାନ, ପ୍ରଦୋଷ ଦାସ, ଶିବ ପ୍ରସାଦ ତ୍ରିପାଠୀ, ଭିକାରୀ ଚରଣ ପ୍ରଧାନ ଯୋଗଦେଇଥିଲେ। ବହୁ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




ଜିଲାସ୍ତରୀୟ ଶିଶୁ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

## ମହାବୀର କ୍ରିକେଟ କ୍ଲବ ଚାମ୍ପିୟନ



ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

**ଟାଙ୍ଗୀ, ୧୭।୧୨ (ରଘୁନାଥ ସାହୁ)**

**ଚାନ୍ଦପୁର ପ୍ରିମିୟର କ୍ରିକେଟ ଲିଗ୍**

ସୁପରସଣ୍ଡେ ସୋସିଆଲ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଚାନ୍ଦପୁର ପ୍ରିମିୟର କ୍ରିକେଟ ଲିଗ୍‌ରେ ଟାଙ୍ଗୀର ମହାବୀର କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ମହାବୀର କ୍ରିକେଟ କ୍ଲବ ଓ ଚାନ୍ଦପୁର ଐଶାନେଶ୍ୱର କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଏହି ମ୍ୟାଚରେ ମହାବୀର କ୍ରିକେଟ କ୍ଲବ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ମୁଖ୍ୟ ଅତିଥିଭାବେ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ସମ୍ମାନିତ ଅତିଥି ନୟାଗଡ ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ, କନ୍ଧନୟାଗଡ ସରପଞ୍ଚ ଗୁଲୁବାସ ସୁବୁଦ୍ଧି, ଚାନ୍ଦପୁର ସରପଞ୍ଚ ରଞ୍ଜିତା ସେନାପତି, ଆଇଆଇସି ଜଗଦୀଶ କୁମାର କର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଚାମ୍ପିୟନ ଓ ରନର ଅପ୍ ଟିମକୁ ପୁରସ୍କୃତ କରିଥିଲେ। ଓଡ଼ଗାଁ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ନାୟକ, ଧୀରେନ୍ଦ୍ର ସାହୁ, ରଶ୍ମି ରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆୟୋଜକ କ୍ଲବର ସଭାପତି ବିଶ୍ୱଜିତ୍ ସାହୁ, ବିଜୟ କୁମାର ନାୟକ, ସୁବ୍ରତ ଜାନୀ, ମନୋଜ ବେହେରା, ପ୍ରଭାକର ବେହେରା, ଦୀପକ ରୋଶନ ସାହୁ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ଫାଇନାଲରେ ସାନ୍ କ୍ଲବ

**ବୋଲଗଡ଼, ୧୭।୧୨ (ଦେବବ୍ରତ ହୋତା)**

**ଜାନକୀ ପାଢ଼ୀ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ**

ବୋଲଗଡ଼ ମହୋତ୍ସବର ପ୍ରତିଷ୍ଠାତା ଶିକ୍ଷାବିତ୍ ଜାନକୀ ବଲ୍ଲଭ ପାଢ଼ୀଙ୍କ ସ୍ମୃତିରେ ସ୍ଥାନୀୟ ଫ୍ରେଣ୍ଡ୍ସ କ୍ଲବ ପକ୍ଷରୁ ଚାଲିଥିବା ଜାନକୀ ପାଢ଼ୀ ମେମୋରିଆଲ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ସ୍ଥାନୀୟ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ କ୍ରୀଡ଼ା ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ସାନ୍ କ୍ଲବ ଓ ନୟାଗଡ଼ ଜିଲା ଇଟାମାଟିର ଯଦୁମଣି ସ୍ପୋର୍ଟ୍ସ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ କୌଣସି ଗୋଲ ହୋଇ ନ ଥିବା ବେଳେ ଦ୍ୱିତୀୟାର୍ଦ୍ଧର ୫ମିନିଟରେ ସାନ୍ କ୍ଲବର ୧୧ନମ୍ବର ଖେଳାଳି ବିଜୟ ମୁଖି ଗୋଟିଏ ଗୋଲ ଦେଇଥିଲେ। ତେବେ ମ୍ୟାଚ୍ ଶେଷ ସୁଦ୍ଧା ଯଦୁମଣି ସ୍ପୋର୍ଟ୍ସ କ୍ଲବ ଗୋଲ ନ ଦେଇପାରିବାରୁ ପରାଜିତ ହୋଇଥିଲା। ସାନ୍ କ୍ଲବ ୧-୦ ଗୋଲରେ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ସାମାଜିକ କର୍ମୀ ଶୁଭେନ୍ଦୁ ସାହୁ ଓ ଦୟାନିଧି ରାଉତରାୟ ଅତିଥିଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସଫିକୁଲ ଖାଁ ମ୍ୟାଚ୍ ପରିଚାଳନା କରିଥିଲେ। ଲାଇନ୍ସରେ ସୁଶାନ୍ତ ମିଶ୍ର ଓ ଲକ୍ଷ୍ମୀଧର ଚୌଧୁରୀ ସହାୟତା କରିଥିବା ବେଳେ ଭଞ୍ଜକିଶୋର ଯତି ଚତୁର୍ଥ ରେଫରି ଭାବେ ଦାୟିତ୍ୱ ତୁଲାଇଥିଲେ। ଫ୍ରେଣ୍ଡସ କ୍ଲବର ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ୧୯ତାରିଖରେ ଯାଜପୁରର ଡିଏଫ୍‌ଏ ଓ ସାନ୍ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।



## ସାହାଯ୍ୟ ଆଳରେ ଦୋକାନୀଙ୍କୁ ଠକିଲେ

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା): ସାହାଯ୍ୟ କରିବା ଆଳରେ ୨ଜଣ ମହିଳା ଜଣେ ଦୋକାନୀଙ୍କୁ ଠକିଛନ୍ତି। ଫୋନ ପେ ଜରିଆରେ ୧୦ ହଜାର ଟଙ୍କା ଦେଲେ ନଗଦ ଆକାରରେ ଦେବାକୁ କହି ସମସ୍ତ ଟଙ୍କା ନେଇ ଫେରାର ହୋଇଯାଇଛନ୍ତି। ମୈତ୍ରୀବିହାର ଥାନା ଅନ୍ତର୍ଗତ ସାଲିଆ ସାହିରେ ଏଭଳି ଘଟଣା ଘଟିଛି। ଏନେଇ ଠକାମିର ଶିକାର ହୋଇଥିବା ଦୋକାନୀ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ତଦନ୍ତ କରୁଛି।

## ସଂକ୍ଷେପରେ

### ନୂପୁର ସିଜନ-୨ ଜୁନିୟର ବର୍ଗର ବିଜେତା ଦିଲିଶା

ଭୁବନେଶ୍ୱର,୧୭।୧୨(ଶର୍ମିଷ୍ଠା ପାଣିଗ୍ରାହୀ)



ରିୟାଲିଟି ଶୋ' ନୂପୁର ସିଜନ -୨ର ଜୁନିୟର ବର୍ଗରେ ଭୁବନେଶ୍ୱରର ଦିଲିଶା ବେହେରା ବିଜେତା ହୋଇଛନ୍ତି। ଶନିବାର ଗ୍ରାଣ୍ଡ ଫିନାଲେରେ ଦିଲିଶାଙ୍କୁ ବିଚାରକ ମଣ୍ଡଳୀର ଗୁରୁ ଡ. ଜ୍ୟୋତ୍ସ୍ନା ସାହୁ, ଡ. ଶ୍ରୀନିବାସ ଘଟୁଆରୀ ଏବଂ ସସ୍ମିତା ପଣ୍ଡା ବିଜୟ ମୁକୁଟ ପିନ୍ଧାଇ ଥିଲେ। ଶେଷ ପର୍ଯ୍ୟାୟରେ ବାକି ୭ ପ୍ରତିଯୋଗୀଙ୍କୁ ପଛରେ ପକାଇ ଦିଲିଶା ବିଜୟୀ ହୋଇଥିଲେ। ଅନ୍ତିମ ଅଧ୍ୟାୟରେ ତାଙ୍କର ମୟୂର ନୃତ୍ୟ ବିଚାରକମଣ୍ଡଳୀ ତଥା ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପ୍ରତିଭା ବେହେରା ଓ ଶୁଭଙ୍କର ବେହେରାଙ୍କ କନ୍ୟା ଦିଲିଶା ଏବେ ଭୁବନେଶ୍ୱର ଲୋୟୋଲା ସ୍କୁଲରେ ଷ୍ଟାଣ୍ଡାର୍ଡ-୭ରେ ଅଧ୍ୟୟନରତ।

### ସ୍ୱଚ୍ଛତା ରକ୍ଷା ପାଇଁ ସଂକଳ୍ପବଦ୍ଧତା ଆବଶ୍ୟକ

ଭୁବନେଶ୍ୱର, ୧୭।୧୨(ବନ୍ଦନା ସେଠୀ)

ଜୟ ଓଡ଼ିଶା ଏବଂ ସିଁଏସ୍ ଭୁବନେଶ୍ୱରର ମିଳିତ ଉଦ୍ୟମରେ ରବିବାର ଭୁବନେଶ୍ୱର ବାଲିଯାତ୍ରା ପଡ଼ିଆ ସଫେଇ କରାଯାଇଛି। ଜୟ ଓଡ଼ିଶାର ସଭାପତି ରୁଦ୍ରନାରାୟଣ ସାମନ୍ତରାୟ ଏହାର ତତ୍ତ୍ୱାବଧାନ କରି ସ୍ୱଚ୍ଛତା ରକ୍ଷା ପାଇଁ ଆମ ଭିତରେ ସଂକଳ୍ପବଦ୍ଧତା ରହିବା ଆବଶ୍ୟକ ବୋଲି କହିଥିଲେ। ବାଲିଯାତ୍ରା ସମୟରେ ଓ ପରେ ସେଠାରେ ଆବର୍ଜନା ଜମୁଛି। ଏହି ପରିବେଶ ଓ ନଦୀପଠା ଅଞ୍ଚଳ ଆମେ ବାସ କରୁଥିବା ବାୟୁମଣ୍ଡଳକୁ ପ୍ରଭାବିତ କରିଥାଏ। ତେଣୁ ସମ୍ପୃକ୍ତ ଅଞ୍ଚଳକୁ ପୁନର୍ବାର ସ୍ୱଚ୍ଛ କରିବା ଦାୟିତ୍ୱ ତଥା ସଂକଳ୍ପବଦ୍ଧତା ଆମ ଭିତରେ ରହିବା ଦରକାର ବୋଲି ସେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସ୍ୱେଚ୍ଛାସେବୀଙ୍କ ସମେତ ସିଁଏସ୍ ଭୁବନେଶ୍ୱରର ପ୍ରିୟବ୍ରତ ରାୟ ତଥା ଅନ୍ୟ କର୍ମଚାରୀମାନେ ଯୋଗଦେଇଥିଲେ। ଏଥିସହିତ ପ୍ୟାସନ କ୍ଲବ, ଚାଣକ୍ୟ କ୍ଲବ, ଜ୍ଞାନପ୍ରଭା ୟୁଥ କ୍ଲବ, ମହାକାଳେଶ୍ୱର ଗୋଶାଳା, କଳିଙ୍ଗ ଅନ୍‌ଲାଇନ ଅଟୋ ଚାଳକ ମହାସଂଘ ସଦସ୍ୟ ଓ ସ୍ଥାନୀୟ ବାସିନ୍ଦା ସହଯୋଗ କରିଥିଲେ। ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ବିଧାୟକ ସୁଶାନ୍ତ କୁମାର ରାଉତ ମଧ୍ୟ ସେଠାରେ ପହଞ୍ଚି ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସଫେଇ କାର୍ଯ୍ୟରେ ବାଲିଯାତ୍ରା କମିଟିର ଆବାହକ ଯଶୋବନ୍ତ ଓଝା, ମିହିର ରାଉତ, ରୁବିନା ପରିଡ଼ା ଏବଂ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ଗଳା କାଟି ଛାତ୍ରଙ୍କୁ ହତ୍ୟା

## ପୋଖରୀ ହୁଡ଼ାରୁ ରକ୍ତ ଜୁଡୁବୁଡୁ ମୃତଦେହ ଜବତ

ମଙ୍ଗୁଳି-ଜଗତପୁର,୧୭।୧୨(ମାନସ ସାମଲ)



ପୋଲିସ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରୁଛି।

କଟକ ଜିଲା ଜଗତପୁର ଥାନା ଅଧୀନ ପୂର୍ବକଚ୍ଛ ଗ୍ରାମର ଚନ୍ଦନ ପୋଖରୀ ନିକଟ ହୁଡ଼ାରେ ଜଣେ ଛାତ୍ରଙ୍କ ଗଳା କାଟି ହତ୍ୟା କରିବା ପରେ ଫିଙ୍ଗି ଦିଆଯାଇଛି। ସେ ହେଲେ ଉକ୍ତ ଗ୍ରାମର ଜଗନ୍ନାଥ ବେହେରାଙ୍କ ପୁଅ ଜ୍ୟୋତିପ୍ରକାଶ ବେହେରା(୧୨)। ରବିବାର ପୂର୍ବାହ୍ନରେ ଖବରପାଇ ଜୋନ୍-୧ ଏସିପି ଅରୁଣ କୁମାର ସ୍ୱାଇଁ, ଜଗତପୁର ଥାନା ଅଧିକାରୀ ରବୀନ୍ଦ୍ର ନାଥ ମେହେର ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଘଟଣାସ୍ଥଳରୁ ଏକ ଗାମୁଛା ଜବତ କରାଯାଇଛି। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ଜ୍ୟୋତିପ୍ରକାଶଙ୍କ ଗଳା, ହାତ ପାପୁଲି ଓ ପେଟରେ ଗଭୀର କ୍ଷତଚିହ୍ନ ରହିଛି। ତେଣୁ କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରିବା ପରେ ପୋଖରୀ ହୁଡ଼ାରେ ଫିଙ୍ଗି ଦେଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ଦଫା ୩୦୨ ଅନୁଯାୟୀ ଏକ ହତ୍ୟା ମାମଲା(ନଂ.୬୩୦/୨୩) ରୁଜୁ ହୋଇଛି।

ଅଭିଯୋଗ ଅନୁଯାୟୀ, ଜ୍ୟୋତିପ୍ରକାଶ ସ୍ଥାନୀୟ ଲକ୍ଷ୍ମୀନୃସିଂହ ଉ.ପ୍ରା. ବିଦ୍ୟାପୀଠରେ ସପ୍ତମ ଶ୍ରେଣୀରେ ପଢୁଥିଲେ। ସେ ଜଣେ ମେଧାବୀ ଛାତ୍ର ଥିଲେ। ଶନିବାର ସେ ସ୍କୁଲ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ପାଇ ନ ଥିଲେ। ଏପରି କି ସାଙ୍ଗସାଥୀଙ୍କୁ ପଚାରିଥିଲେ ମଧ୍ୟ ସେମାନେ କିଛି କହିପାରି ନ ଥିଲେ। ରବିବାର ସକାଳ ପ୍ରାୟ ସାଢ଼େ ୭ଟାରେ ଗ୍ରାମର କେତେଜଣ ମହିଳା ପୋଖରୀକୁ ଗାଧୋଇବା ପାଇଁ ଯାଉଥିବାବେଳେ ଜ୍ୟୋତିପ୍ରକାଶଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଖବରପାଇ ପରିବାର ଲୋକେ ଓ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏ ସମ୍ପର୍କରେ ଏସିପି ସ୍ୱାଇଁ କହିଛନ୍ତି, ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡୁଛି। ତେବେ କିଏ ଓ କାହିଁକି ତାଙ୍କୁ ହତ୍ୟା କଲେ ସେ ସମ୍ପର୍କରେ ତଦନ୍ତ ଜାରି ରହିଛି। ଏପରି କି ନିକଟରେ ଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି। ଅଭିଯୁକ୍ତ ଗିରଫ ହେଲେ ହତ୍ୟାର କାରଣ ଜଣାପଡିବ ବୋଲି ସ୍ୱାଇଁ କହିଛନ୍ତି।

## ସବୁଜ ସହର ଗଢ଼ିବାକୁ ଆହ୍ୱାନ

### ପିଲାଙ୍କ ପରିବେଶ କଂଗ୍ରେସ

ଭୁବନେଶ୍ୱର, ୧୭।୧୨(ଅସମାପିକା ସାହୁ)

'ପରିବେଶ ଓ ସହରୀକରଣ' ବିଷୟବସ୍ତୁକୁ ନେଇ ରବିବାର ଆଞ୍ଚଳିକ ପ୍ରାକୃତିକ ଇତିହାସ ସଂଗ୍ରହାଳୟଠାରେ 'ପିଲାଙ୍କ ପରିବେଶ କଂଗ୍ରେସ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଶତାଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି ଅବସରରେ ଚିତ୍ରାଙ୍କନ, ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ମାଧ୍ୟମରେ ପିଲାମାନେ ସବୁଜ ସହର ଗଢ଼ିବା ପାଇଁ ଆହ୍ୱାନ ଦେଲେ। ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଓଡ଼ିଶା ପରିବେଶ କଂଗ୍ରେସର କାର୍ଯ୍ୟକାରୀ ଅଧ୍ୟକ୍ଷ ଡ. ଅରବିନ୍ଦ ବେହେରା କହିଲେ, ସହରୀକରଣ ସମ୍ପ୍ରତି ପରିବେଶ ଉପରେ ଗଭୀର ପ୍ରଭାବ ପକାଉଛି। ଏହାକୁ ମୁକାବିଲା କରିବା ଆବଶ୍ୟକ। ଏ ଦିଗରେ ଭବିଷ୍ୟତ ପିଢିଙ୍କ ଭିତରେ ସଚେତନତା ଓ ଦାୟିତ୍ୱବୋଧ ଖୁବ୍ ଜରୁରୀ। ସବୁଜ ସହର ହିଁ ସହରୀକରଣର ନିରନ୍ତରତା ବଜାୟ ରଖିପାରିବ ବୋଲି ସେ କହିଥିଲେ। ପରିବେଶ କଂଗ୍ରେସର କାର୍ଯ୍ୟକାରୀ ସମ୍ପାଦକ ସୁଦର୍ଶନ ଦାସ ଲୋକଙ୍କ ଆବଶ୍ୟକତା ଓ ସହରର ପ୍ରାକୃତିକ କ୍ଷମତା ଭିତରେ ସନ୍ତୁଳନ ନିହାତି ଆବଶ୍ୟକ ଏବଂ ସେ ଦିଗରେ ସକଳ ସ୍ତରରୁ ପ୍ରୟାସ ହେବା ଦରକାର ବୋଲି କହିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ବିନାୟକ ରଥ, ସୋଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଶିଶିରକାନ୍ତ ବେହେରା, ଓଡ଼ିଶା ପରିବେଶ ସମିତିର ଡ. ଜୟକୃଷ୍ଣ ପାଣିଗ୍ରାହୀ, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. କବୀର ସେଠୀ, ସଂଗ୍ରହାଳୟ ନିର୍ଦ୍ଦେଶକ ଡ. ଗୌରବ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ୧୬୪ଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇଥିଲେ। ଏହି କାର୍ଯ୍ୟକ୍ରମକୁ ସରିତା ସାମଲ, ଦିଲୀପ ସାବତ, ସନ୍ତୋଷ ସାହୁ, ସୁବ୍ରତ ରାଉତ, ମନୋଜ ବାରିକ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଆସନ୍ତା ୨୨ ଓ ୨୩ରେ ଓଡ଼ିଶା ପରିବେଶ କଂଗ୍ରେସର ୧୪ତମ ଅଧିବେଶନ ସଂଗ୍ରହାଳୟରେ ଅନୁଷ୍ଠିତ ହେବ। ପିଲାଙ୍କ ପରିବେଶ କଂଗ୍ରେସରେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଏହାର ଉଦ୍‌ଯାପନୀ ଉତ୍ସବରେ ପୁରସ୍କୃତ କରାଯିବ।

# 'ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଅବଦାନ ଅତୁଳନୀୟ'



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ଭୁବନେଶ୍ୱର,୧୭।୧୨(ଶର୍ମିଷ୍ଠା ପାଣିଗ୍ରାହୀ)

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ମୟୂରଭଞ୍ଜ ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ରବିବାର ସୂଚନାଭବନରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ କହିଲେ, ଓଡ଼ିଆ ଜାତି ଓ ଭାଷାର ଉନ୍ନତି ପାଇଁ ମହାରାଜା ଭଞ୍ଜଦେଓ ନିଜକୁ ସମର୍ପିତ କରିଥିଲେ । ସମଗ୍ର ଓଡ଼ିଶାର ସାମାଜିକ-ରାଜନୈତିକ ସଂସ୍କାର ଦିଗରେ ତାଙ୍କର ଅବଦାନ ଅତୁଳନୀୟ। ସମ୍ମାନିତ ଅତିଥି ଭାବେ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସମ୍ପାଦିକା କସ୍ତୁରୀ ମହାପାତ୍ର ଯୋଗଦେଇ କହିଛନ୍ତି, ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ପୁରୋଧା ଭଞ୍ଜଦେଓ ଥିଲେ ଉତ୍କଳ ଆକାଶର ଉଜ୍ଜ୍ୱଳ ତାରକା। ତାଙ୍କ ଜ୍ଞାନାଲୋକରେ କେବଳ ମୟୂରଭଞ୍ଜ ନୁହେଁ ବରଂ ସମଗ୍ର ଓଡ଼ିଶା ଆଲୋକିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଓ ଗବେଷକ ଡ. ଗିରିଶ ପ୍ରସାଦ ସ୍ୱାଇଁ ଯୋଗଦେଇ ଭଞ୍ଜଦେଓଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ମହାରାଜା ଶ୍ରୀରାମଚନ୍ଦ୍ରଙ୍କୁ ଜଣେ ଜାତୀୟତାବାଦୀ ଜନନାୟକ ବୋଲି ଅଭିହିତ କରିଥିଲେ। ତରଙ୍ଗ ଅନୁଷ୍ଠାନର କଳାକାରମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ମୟୂରଭଞ୍ଜ ସାଂସ୍କୃତିକ ସଂସଦର ସାଧାରଣ ସମ୍ପାଦକ ଡ. ରଜନୀକାନ୍ତ ବିଶ୍ୱାଳ ଧନ୍ୟବାଦ ଦେଇଥିବାବେଳେ ସୂଚନା ଅଧିକାରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ସହକାରୀ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦୋକାନୀଙ୍କ ମୁହଁକୁ ସ୍ପ୍ରେ ମାରି ଲୁଟ୍ ଘଟଣା, ଜେଲ ଗଲେ ଅଭିଯୁକ୍ତ

ଭୁବନେଶ୍ୱର,୧୭।୧୨(ସୂର୍ଯ୍ୟକାନ୍ତ ବେହେରା)

ସୁନା କିଣିବା ବାହାନାରେ ଦୋକାନୀଙ୍କ ମୁହଁକୁ ସ୍ପ୍ରେ ମାରି ଲୁଟ ଘଟଣାର ଅଭିଯୁକ୍ତଙ୍କୁ ମଞ୍ଚେଶ୍ୱର ଥାନା ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଖାରବେଳନଗର ଥାନା ଅଞ୍ଚଳରେ ରହୁଥିବା କନ୍ଧମାଳର ରାଜେଶ କୁମାର ତ୍ରିପାଠୀ (୨୧)। ତାଙ୍କଠାରୁ ଲୁଟ୍ ହୋଇଥିବା ସୁନାଚେନ, ଗୋଟିଏ ମୋବାଇଲ, ଗୋଟିଏ ପେପର ସ୍ପ୍ରେ ଏବଂ ଅପରାଧରେ ବ୍ୟବହୃତ ମୋଟରସାଇକେଲ ଜବତ ହୋଇଛି। ଜାମିନ ଆବେଦନ ଅଗ୍ରାହ୍ୟ ହୋଇଯିବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁଯାୟୀ, ଶନିବାର ରସୁଲଗଡ଼ରେ ଥିବା ଏକ ସୁନା ଦୋକାନକୁ ଅଭିଯୁକ୍ତ ରାଜେଶ ନାକଫୁଲ କିଣିବା ପାଇଁ ଯାଇଥିଲେ। ନାକଫୁଲ କିଣିବା ପରେ ଦୋକାନୀ ରାଜୀବଙ୍କୁ ସେ ସୁନାଚେନ ଦେଖାଇବାକୁ କହିଥିଲେ। ସୁନାଚେନ ଦେଖାଉଥିବା ବେଳେ ରାଜୀବଙ୍କ ମୁହଁକୁ ହଠାତ ରାଜେଶ ପେପର ସ୍ପ୍ରେ ମାରିଥିଲେ। ଏଥିରେ ଦୋକାନୀ ଅଣନିଃଶ୍ୱାସୀ ହୋଇଯିବା ପରେ ରାଜେଶ ସୁନାଚେନ ଲୁଟ କରି ବାଇକରେ ଫେରାର ହେଉଥିବା ବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ୩ ଛାତ୍ର ତାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ।





ଉତ୍କଳ ସମ୍ମିଳନୀ ପକ୍ଷରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୩ ଜୟନ୍ତୀ ପାଳନ ଅବସରରେ ତାଙ୍କ ପ୍ରତମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।


idco Your power to grow ISO 9001 & 14001 | ODISHA NEW OPPORTUNITIES

CAD-3267

**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**

Tender Call Notice No.- BBSR/ELECT/E-4126/19-20/ 3350 Dt.12.12.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

Name of the Work: SITC of 140 KVA Silent type DG Set and Construction of DG Shed at BPCL Pump House, Bargarh.

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.), IDCO, IDCO Tower, Janpath, Bhubaneswar | Bid ID No. BBSR/ELECT/ e-86/23- 24 | 19.12.2023 at 17.00 hrs. | 28.12.2023 at 17.00 hrs. |

Further details can be seen from the e-procurement portal www.tendersorissa.gov.in. Corrigendum or addendum if any will not be published in newspapers and can be seen in e-procurement portal as well as in IDCO website.

Sd./- Divisional Head (Elect.), IDCO, Bhubaneswar

OIPR-14003/11/0314/2324


## ୩୦୦ ଅଧ୍ୟାୟରେ ଧାରାବାହିକ 'ତୁ ଖରା ମୁଁ ଛାଇ'



ଭୁବନେଶ୍ୱର,୧୭।୧୨(ଶର୍ମିଷ୍ଠା ପାଣିଗ୍ରାହୀ)

ଜୀ-ସାର୍ଥକରେ ପ୍ରସାରିତ ମେଗା ଧାରାବାହିକ 'ତୁ ଖରା ମୁଁ ଛାଇ' ଦର୍ଶକଙ୍କ ମନ ଜିଣିବା ସହ ସଫଳତାର ସହିତ ୩୦୦ ଅଧ୍ୟାୟରେ ପହଞ୍ଚିସାରିଛି। ବିଭିନ୍ନ ଅପ୍ରତ୍ୟାଶିତ ମୋଡ୍ ଦେଇ କାହାଣୀ ଗତି କରୁଥିବାବେଳେ କାହାଣୀର ମୁଖ୍ୟ ନାୟକ ଏଜେ ସମୟକ୍ରମେ ଜେଲରେ ପହଞ୍ଚିଛନ୍ତି ଏବଂ ଅମ୍ବିକା ଦ୍ୱାରା ପ୍ରରୋଚିତ ହୋଇ ମୁଖ୍ୟ ନାୟିକା ମାନିନୀଙ୍କୁ ଦୋଷୀ ଭାବିବା ସହ ପ୍ରତିଶୋଧ ନେବାକୁ ମନସ୍ଥ କରିଛନ୍ତି। ସେପଟେ ମାନିନୀ ମନେ ମନେ ଏଜେଙ୍କୁ ଭଲ ପାଇ ବସିଛନ୍ତି। ପ୍ରପୋଜ କରିବା ଦିନ ହିଁ ଏଜେ ମାନିନୀଙ୍କୁ ବହୁତ ଅପମାନ ଦେଇ ଘରୁ ଚାଲିଯିବା ପାଇଁ କହିଛନ୍ତି। ଏପରିକି ତିନି ବୋହୂ ଅମ୍ବିକା, ଲକ୍ଷ୍ମୀ ଓ ସରସ୍ୱତୀ ମିଶି ମାନିନୀଙ୍କୁ ହଇରାଣ କରିଛନ୍ତି। ମାନିନୀ ମଧ୍ୟ ନିଜକୁ ଦୋଷୀ ଭାବି ସେଠାରୁ ଚାଲିଯାଇଛନ୍ତି। ହେଲେ କାହାଣୀରେ ପୁଣି ଆସିଛି ଆଉ ଏକ ଅପ୍ରତ୍ୟାଶିତ ମୋଡ଼। ଘର ଛାଡ଼ିବା ପୂର୍ବରୁ ମାନିନୀ ଏଜେ ପାଇଁ ଲେଖିଥିବା ଚିଠି ଶାଶୁ ସୁହାସିନୀଙ୍କୁ ମିଳିଛି। ସେ ମାନିନୀଙ୍କୁ ସତ ବୁଝାଇ ଘରକୁ ଫେରାଇ ଆଣିଛନ୍ତି। ହେଲେ ଏଥର ଫେରିଥିବା ମାନିନୀ ପରିବର୍ତ୍ତନ ହୋଇଛନ୍ତି। ମାନିନୀ ୨.୦ ରେ ଯିଏ ନିଜେ ନ କାନ୍ଦି ଅନ୍ୟକୁ କନ୍ଦେଇବା ଶିଖିଛନ୍ତି ଓ ନିଜ ସ୍ୱାମୀଙ୍କୁ ଫେରିପାଇବା ପାଇଁ ସବୁ କିଛି କରିବାକୁ ଚେଷ୍ଟା କରୁଛନ୍ତି। ତେବେ ଆଗକୁ ମାନିନୀ କ'ଣ ପ୍ରତିଶୋଧ ନେଇପାରିବ। ଏଭଳି କିଛି ମୋଡ଼କୁ ନେଇ ଧାରାବାହିକ 'ତୁ ଖରା ମୁଁ ଛାଇ' ପ୍ରସାରିତ ହେଉଛି। ଆଗକୁ ଏହି ମେଗା ଧାରାବାହିକରେ ଆହୁରି ନୂଆ ଅପ୍ରତ୍ୟାଶିତ ମୋଡ଼ ଆସିବ, ଯାହା ନିଶ୍ଚିତ ଭାବେ ଆମ ଦର୍ଶକଙ୍କୁ ଭଲ ଲାଗିବ ବୋଲି ଜୀ-ସାର୍ଥକ ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ୍ ଆଶା ବ୍ୟକ୍ତ କରିଛନ୍ତି।

# 'ଓଡ଼ିଆ ସବୁକ୍ଷେତ୍ରରେ ପ୍ରଶଂସା ସାଉଁଟୁଛନ୍ତି'

## 'ଏସେନ୍ସିଆଲ ଓଡ଼ିଶା' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୧୭।୧୨(ଶର୍ମିଷ୍ଠା ପାଣିଗ୍ରାହୀ)





ପ୍ରାକୃତିକ ବିପର୍ଯ୍ୟୟ, ରାଜନୈତିକ ଆକ୍ରମଣ, ଅର୍ଥନୈତିକ ବିପତ୍ତି ଓ ସାଂସ୍କୃତିକ ଅବଦମନ ସତ୍ତ୍ୱେ ଓଡ଼ିଆ ଜାତି ସଗର୍ବେ ମୁଣ୍ଡଟେକି ରହିଛି। କୌଣସି ପ୍ରତିକୂଳତା ଓଡ଼ିଶାକୁ ଭାଙ୍ଗିପାରିନାହିଁ। ରବିବାର ସୂଚନା ଭବନଠାରେ ପ୍ରକାଶନ ସଂସ୍ଥା ପେନ୍ ଇନ୍ ବୁକ୍ସ ପକ୍ଷରୁ ପ୍ରକାଶିତ ଇଂଲିଶ ପୁସ୍ତକ 'ଏସେନ୍ସିଆଲ ଓଡ଼ିଶା' ଉନ୍ମୋଚନ ଉତ୍ସବରେ ଯୋଗଦେଇ ଅତିଥିମାନେ ଏଭଳି ମତବ୍ୟକ୍ତ କରିଛନ୍ତି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଯୋଗଦେଇ କହିଥିଲେ, ଓଡ଼ିଆ ନିଜର ଡିଣ୍ଡିମ ନ ପିଟି ମଧ୍ୟ ଆଜି ସବୁ କ୍ଷେତ୍ରରେ ପ୍ରଶଂସା ସାଉଁଟୁଛନ୍ତି। ଆଗାମୀ ଦିନରେ ଏଭଳି ଅଧିକ ବହି ପ୍ରକାଶ ପାଇବା ଉଚିତ। କାର୍ଯ୍ୟକ୍ରମରେ ଲେଖକ ଶୁଭ୍ରାଂଶୁ ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ବିଶିଷ୍ଟ କବି ହରପ୍ରସାଦ ଦାସ କହିଥିଲେ, ଇଂଲିଶରେ ଓଡ଼ିଶା ବାବଦରେ ଅଧିକରୁ ଅଧିକ ବହି ଲେଖାଯିବା ଉଚିତ। ଗୋଟିଏ ଜାତି ବାବଦରେ ବହିଟିଏ ଲେଖିବାବେଳେ ତିନୋଟି ଦିଗ ଗୁରୁତ୍ୱପୂର୍ଣ୍ଣ ଯଥା- ଜାତିର ଅନ୍ତର୍ନିହିତ ଚେତନା, ପ୍ରକାଶ୍ୟ ବିଭବ ଓ ଅନୁନ୍ମୋଚିତ ଦିଗ। ସେ ଦୃଷ୍ଟିରୁ 'ଏସେନ୍ସିଆଲ ଓଡ଼ିଶା' ଏକ ସଫଳ ବହି। ପୁସ୍ତକଟିକୁ ଭାସ୍କର ପରିଚ୍ଛା ଓ ଚାରୁଦତ୍ତ ପାଣିଗ୍ରାହୀ ସମ୍ପାଦନା କରିଛନ୍ତି। ପୁସ୍ତକ ସମ୍ପର୍କରେ ସୂଚନା ଦେଇ ପରିଚ୍ଛା କହିଥିଲେ, ଓଡ଼ିଶାର ସାମଗ୍ରିକ ବିଭବକୁ ନେଇ ଇଂଲିଶ ଭାଷାରେ ଏ ପ୍ରୟାସ ପ୍ରଥମ। ବୟୋଜ୍ୟେଷ୍ଠ ଗବେଷକଙ୍କଠାରୁ ଆରମ୍ଭ କରି ଯୁବ ଲେଖକଙ୍କ ପର୍ଯ୍ୟନ୍ତ ବିଭିନ୍ନ ବର୍ଗର ବ୍ୟକ୍ତିତ୍ୱ ଏ ବହିରେ ଆଲେଖ୍ୟ ଲେଖିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ଏ ଜାତିର ଆଧାର। ଓଡ଼ିଶା ପ୍ରକୃତି ଓ ପ୍ରଗତିକୁ ସନ୍ତୁଳିତ କରି ଆଗେଇ ଚାଲିଛି ବୋଲି ଧନ୍ୟବାଦ ଓ ଉପସଂହାର ବକ୍ତବ୍ୟରେ ପାଣିଗ୍ରାହୀ କହିଥିଲେ।


**OFFICE OF THE EXECUTIVE ENGINEER, P.H. DIVISION, ANGUL** No.C-2134

Ph. (06764) 296431, Email- eephangul@yahoo.in

**GOVERNMENT OF ODISHA**

**Bid Identification No.EE PH Division Angul-19/2023-24 dt.15.12.2023**

| | | | |
|---|---|---|---|
| 1 | Name of the work | : | 02 (Two) Nos. |
| 2 | Type of bid | : | Single bid system |
| 3 | Estimated cost | : | Rs.20.68 lakhs & Rs.22.19 lakhs |
| 4 | Period of completion | : | 03 (Three) months |
| 5 | Date & time of availability of bid document in the portal | : | From 11.00 A.M. of 22.12.2023 to 5.00 P.M. of 02.01.2024 |
| 6 | Last date / time of receipt of bids in the portal | : | 5.00 P.M. of 02.01.2024 |
| 7 | Date & time of opening of Technical bids | : | At 11.00 A.M. of 03.01.2024 |
| 8 | Name & address of the Officer inviting bid | : | Executive Engineer, P.H. Division, Angul |
| 9 | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website. | | |

Sd./- (Er. Prasanta Behera), Executive Engineer, P.H. Division, Angul

OIPR-13056/11/0007/2324


# ଟାଇ ରହିଲା ମ୍ୟାଚ୍

## ଚା' ଖଟି କ୍ରିକେଟ ଟୁର୍ନାମେଣ୍ଟ

ବାଲିଅନ୍ତା,୧୭।୧୨(ନୀଳମାଧବ ସାହୁ)



ଭୁବନେଶ୍ୱର ମହାନଗର ନିଗମର ୪ନଂ. ୱାର୍ଡ ଅଧୀନ ନହରକଣ୍ଟାସ୍ଥିତ ମହାଦେବ ଖେଳପଡ଼ିଆରେ ରବିବାର ଚା' ଖଟି କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨ଟି ଦଳ ମଧ୍ୟରେ ଟି- ୨୦ ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂ କରି ହ୍ୱାଇଟ- ୧୫ ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ହରାଇ ୧୬୯ ରନ୍ ସଂଗ୍ରହ କରିଥିଲା। ଜବାବରେ ବ୍ଲୁ-୧୫ ସମାନ ସଂଖ୍ୟକ ରନ୍ ସଂଗ୍ରହ କରିଥିଲା। ଫଳରେ ମ୍ୟାଚ୍ ଟାଏ ରହିଥିଲା। କିନ୍ତୁ ସୁପର ଓଭର ସହାୟତା ନିଆ ନ ଯାଇ ଉଭୟ ଦଳକୁ ଯୁଗ୍ମ ଭାବେ ବିଜୟୀ ଘୋଷିତ କରାଯାଇଛି। ହ୍ୱାଇଟ -୧୫ର ଖେଳାଳି ଦୈତାରି ଦାସଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ରୂପେ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ମ୍ୟାଚ୍‌କୁ ଯଯାତି କେଶରୀ ପ୍ରଧାନ, ରମାକାନ୍ତ ଜେନା, ବାପି ରାୟ, ତ୍ରୈଲୋକ୍ୟ ମଙ୍ଗରାଜ, ଆଦିକନ୍ଦ ରାଉତ, ପ୍ରଶାନ୍ତ ବ୍ରହ୍ମ, ବନୋଜ ବେହେରା, ପ୍ରକାଶ ସ୍ୱାଇଁ, ରାଜକିଶୋର ସାହୁ ଓ ସିଲୁ ପ୍ରମୁଖ ପରିଚାଳନା କରିଥିଲେ।


**GOVERNMENT OF ODISHA**

**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR**

Mail Id seccbbsr@gmail.com

**INVITATION OF BIDS**

**E-procurement Tender Call Notice No. 22 of 2023-24**

No.4197 (Estg) Bhubaneswar Dated the 14th December-2023

No.B-1462:- The Chief Construction Engineer, Central (R&B) Circle, Bhubaneswar on bahalf of the Governor of Odisha invites percentage rate bids in double cover system for construction works as detailed in the table given below.

| Sl. No. | Name of the work | Approximate estimated cost put to tender (Rs.) | EMD/Bid Security (Rs.in lakh) | Cost of bid document | Class of contractor | Period of completion |
|---|---|---|---|---|---|---|
| 1 | Renovation of Civil Infrastructure of BJB Higher Secondary School under Chief Minister Special Assistance 40th Phase for the year 2023-24. | Rs.1,35,96,388.00 | Rs.1,35,964.00 | Rs.10000.00 Online | B Class / A Class | 6 (Six) Calendar months |
| 2 | Execution of Project works under the Scheme of Chief Minister Special Assistance (Mukhyamantri Swatantra Sahayata) for BJB Autonomous College for the year 2023-24. | Rs.1,26,92,395.00 | Rs.1,26,924.00 | Rs.10000.00 Online | B Class / A Class | 6 (Six) Calendar months |
| 3 | Construction of Urban PHC at Saheed Nagar, Bhubaneswar | Rs.1,08,87,243.00 | Rs.1,08,872.00 | Rs.10000.00 Online | B Class / A Class | 6 (Six) Calendar months |
| 4 | Construction of Urban PHC at Gadakana, Bhubaneswar | Rs.1,21,53,884.00 | Rs.1,21,539.00 | Rs.10000.00 Online | B Class / A Class | 6 (Six) Calendar months |

Date & time of availability of bid document in the portal / online - From 5.00 P.M. of 22.12.2023 to 5.00 P.M. of 06.01.2024. Last date of online submission of bid document inthe portal/online- 5.00 P.M. of 06.01.2024. Date of opening- 11.00 A.M. of 08.01.2024. Name and address of Officer inviting bid- Chief Construction Engineer, Central (R&B) Circle, Bhubaneswar. Further details can be seen from the e-procurement portal: https://tendersorissa.gov.in.

OIPR-34005/11/0006/2324 Sd./- Er. P.K. Mohanty, Chief Construction Engineer, Central (R&B) Circle, Bhubaneswar

## ସଂକ୍ଷେପରେ

### ରାଷ୍ଟ୍ରୀୟଶୋକପାଳନଯୋଗୁଁ ୩ୟ ଦିବସ ମହୋତ୍ସବ ସ୍ଥଗିତ

ଆଠଗଡ଼, ୧୭।୧୨(ସତ୍ୟ ପ୍ରସାଦ ରଥ)

କୁଏତ୍ ରାଜାଙ୍କ ମୃତ୍ୟୁ ପାଇଁ ରାଷ୍ଟ୍ରୀୟ ଶୋକ ପାଳନ କରାଯାଉଛି। ଏହି ଅବସରରେ ଆଠଗଡ଼ ମହୋତ୍ସବ କମିଟି ପକ୍ଷରୁ ରବିବାର ଶୋକ ପାଳନ କରାଯାଇଛି। ରାଷ୍ଟ୍ରୀୟ ଶୋକ ପାଳନ ଯୋଗୁ ରବିବାର ମହୋତ୍ସବର ୩ୟ ସନ୍ଧ୍ୟାରେ ସଭା କାର୍ଯ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିଛି। ଫଳରେ ମହୋତ୍ସବ ୧୫ ତାରିଖରୁ ଆରମ୍ଭ ହୋଇ ୧୯ରେ ଉଦ୍‌ଯାପିତ ହେବାର ଥିଲା। ମାତ୍ର ରାଷ୍ଟ୍ରୀୟ ଶୋକ ଯୋଗୁ ମହୋତ୍ସବ ଏକ ଦିନ ଘୁଞ୍ଚାଇ ୨୦ ତାରିଖରେ ଉଦ୍‌ଯାପିତ ହେବ ବୋଲି କମିଟି ପକ୍ଷରୁ ସମ୍ପାଦିକା ତଥା ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ ସୂଚନା ଦେଇଛନ୍ତି।

### ସମାଜ ସଂସ୍କାରକ ବୈରାଗୀ ମିଶ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ମାହାଙ୍ଗା, ୧୭।୧୨(ଯଯାତି ସିଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତସ୍ଥିତ ଗୁଣ୍ଡୁପୁରଠାରେ ସମାଜ ସଂସ୍କାରକ ବୈରାଗୀ ମିଶ୍ର ସ୍ମୃତି ସଂସଦ ପକ୍ଷରୁ ୧୩୯ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ସଂସଦର ସଭାପତି ଉପେନ୍ଦ୍ରନାଥ ରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ସର୍ବଭାରତୀୟ ଶିକ୍ଷକ ସମାଜ ସଭାପତି ପ୍ରଫେସର ଯୁଧିଷ୍ଠିର ଖଟୁଆ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ସୁସାହିତ୍ୟିକ ଡ. ଭୁବନାନନ୍ଦ ସାହୁ ଯୋଗଦେଇ ବାଗ୍ମୀ ବୈରାଗୀ ସମାଜରେ ବହୁ ସଂସ୍କାର ଆଣିବା ସହ ଯେଉଁ ମହନୀୟ କାର୍ଯ୍ୟ କରିଯାଇଛନ୍ତି ସେ ସମସ୍ତଙ୍କ ହୃଦୟରେ ଏବେ ବି ବଞ୍ଚି ରହିଛନ୍ତି ବୋଲି କହିବା ସହ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମୁଖ୍ୟ ବକ୍ତା ଭାବେ ସାହିତ୍ୟିକ ସଚ୍ଚିଦାନନ୍ଦ ବେହେରା, ସମ୍ମାନିତ ଅତିଥି ଭାବେ ଖବରଦାତା ଅକ୍ଷୟ କୁମାର ଦାସ, ଶିକ୍ଷାବିତ୍ ଅରୁଣ କୁମାର ବାରିକ, ପ୍ରଶାନ୍ତ କର, ଅଧ୍ୟାପକ ମନୋରଞ୍ଜନ ବେହୁରା, ଭ୍ରମରବର ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ସାହିତ୍ୟିକ ଅଖିଳେଶପଦ ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଖବରଦାତା ରାମକୃଷ୍ଣ ସାହୁ ଧନ୍ୟବାଦ ଦେଇଥିଲେ। କବି ଉତ୍ତମ ଚରଣ ଜେନାଙ୍କୁ ଅତିଥିମାନେ ସମ୍ବର୍ଦ୍ଧନା କରିଥିଲେ।

### ବାଙ୍କୀ କଲେଜରେ ସଙ୍ଗୀତ, ଅଭିନୟ ପ୍ରତିଯୋଗିତା

ବାଙ୍କୀ, ୧୭।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଯୁବ ଓଡ଼ିଶା ନବୀନ ଓଡ଼ିଶା ସହାୟତାରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସଙ୍ଗୀତ ଓ ଅଭିନୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଡ. ସନ୍ଧ୍ୟାରାଣୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବିଚାରକ ଭାବେ ଅଧ୍ୟାପକ ଯୋଗୀନାଥ ମଲ୍ଲିକ, ଅଧ୍ୟାପିକା ଜୟଶ୍ରୀ ଷଡ଼ଙ୍ଗୀ, ପ୍ରଭାକର ରଥ ଓ ପ୍ରଭାତ କୁମାର ବଳିୟାରସିଂହ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ଡ. ଅଭିମନ୍ୟୁ ରଣା କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହିତ ପରିଚାଳନା କରିଥିଲେ।

# ଗଳା କାଟି ଛାତ୍ରଙ୍କୁ ହତ୍ୟା

## ପୋଖରୀ ହୁଡ଼ାରୁ ରକ୍ତ ଜୁଡୁବୁଡୁ ମୃତଦେହ ଜବତ

ମଙ୍ଗୁଳି-ଜଗତପୁର, ୧୭।୧୨
(ମାନସ ସାମଲ)


ପୋଲିସ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରୁଛି।

କଟକ ଜିଲ୍ଲା ଜଗତପୁର ଥାନା ଅଧୀନ ପୂର୍ବକଛ ଗ୍ରାମର ଚନ୍ଦନ ପୋଖରୀ ନିକଟ ହୁଡ଼ାରେ ଜଣେ ଛାତ୍ରଙ୍କ ଗଳା କାଟି ହତ୍ୟା କରିବା ପରେ ଫିଙ୍ଗି ଦିଆଯାଇଛି। ସେ ହେଲେ ଉକ୍ତ ଗ୍ରାମର ଜଗନ୍ନାଥ ବେହେରାଙ୍କ ପୁଅ ଜ୍ୟୋତିପ୍ରକାଶ ବେହେରା(୧୨)। ରବିବାର ପୂର୍ବାହ୍ନରେ ଖବରପାଇ ଜୋନ୍-୧ ଏସିପି ଅରୁଣ କୁମାର ସ୍ୱାଇଁ, ଜଗତପୁର ଥାନା ଅଧିକାରୀ ରବୀନ୍ଦ୍ର ନାଥ ମେହେର ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଘଟଣାସ୍ଥଳରୁ ଏକ ଗାମୁଛା ଜବତ କରାଯାଇଛି। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ଜ୍ୟୋତିପ୍ରକାଶଙ୍କ ଗଳା, ହାତ ପାପୁଲି ଓ ପେଟରେ ଗଭୀର କ୍ଷତଚିହ୍ନ ରହିଛି। ତେଣୁ କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରିବା ପରେ ପୋଖରୀ ହୁଡ଼ାରେ ଫିଙ୍ଗି ଦେଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ଦଫା ୩୦୨ ଅନୁଯାୟୀ ଏକ ହତ୍ୟା ମାମଲା(ନଂ.୬୩୦/୨୩) ରୁଜୁ ହୋଇଛି।

ଅଭିଯୋଗ ଅନୁଯାୟୀ, ଜ୍ୟୋତିପ୍ରକାଶ ସ୍ଥାନୀୟ ଲକ୍ଷ୍ମୀନୃସିଂହ ଉ.ପ୍ରା. ବିଦ୍ୟାପୀଠରେ ସପ୍ତମ ଶ୍ରେଣୀରେ ପଢୁଥିଲେ। ସେ ଜଣେ ମେଧାବୀ ଛାତ୍ର ଥିଲେ। ଶନିବାର ସେ ସ୍କୁଲ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ପାଇ ନ ଥିଲେ। ଏପରି କି ସାଙ୍ଗସାଥୀଙ୍କୁ ପଚାରିଥିଲେ ମଧ୍ୟ ସେମାନେ କିଛି କହିପାରି ନ ଥିଲେ। ରବିବାର ସକାଳ ପ୍ରାୟ ସାଢ଼େ ୭ଟାରେ ଗ୍ରାମର କେତେଜଣ ମହିଳା ପୋଖରୀକୁ ଗାଧୋଇବା ପାଇଁ ଯାଉଥିବାବେଳେ ଜ୍ୟୋତିପ୍ରକାଶଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଖବରପାଇ ପରିବାର ଲୋକେ ଓ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏ ସମ୍ପର୍କରେ ଏସିପି ସ୍ୱାଇଁ କହିଛନ୍ତି, ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡିଛି। ତେବେ କିଏ ଓ କାହିଁକି ତାଙ୍କୁ ହତ୍ୟା କଲେ ସେ ସମ୍ପର୍କରେ ତଦନ୍ତ ଜାରି ରହିଛି। ଏପରି କି ନିକଟରେ ଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି। ଅଭିଯୁକ୍ତ ଗିରଫ ହେଲେ ହତ୍ୟାର କାରଣ ଜଣାପଡିବ ବୋଲି ସ୍ୱାଇଁ କହିଛନ୍ତି।

## କୃଷି ଉପରେ ଆଲୋଚନାଚକ୍ର


ଆଲୋଚନାଚକ୍ରରେ ସାମିଲ ହୋଇଥିବା ଚାଷୀ ଓ ଅନ୍ୟମାନେ।

ବାଙ୍କୀ, ୧୭।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ ଅନ୍ତର୍ଗତ ଅନୁଆରୀ ପଞ୍ଚାୟତ ଗୋପଠାରେ ଚାଷୀ ନେତା ସିଦ୍ଧେଶ୍ୱର ପାଇକରାୟଙ୍କ ନେତୃତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ରବିବାର ପ୍ରଜ୍ଞାନ ମିଶନ୍ ଓଡ଼ିଶା ଭୁବନେଶ୍ୱର ଆନୁକୂଲ୍ୟରେ ସନ୍ଥ ସ୍ୱାମୀ ପୂର୍ଣ୍ଣାନନ୍ଦଜୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପୂର୍ଣ୍ଣ ବିଷମୁକ୍ତ ଚାଷ ଓ ଗୋ ଆଧାରିତ କୃଷିକୁ ଗୁରୁତ୍ୱ ଦିଆଯାଇଛି। ବାଙ୍କୀ ବ୍ଲକର ବିଭିନ୍ନ ପଞ୍ଚାୟତର ଚାଷୀମାନେ ଉପସ୍ଥିତ ରହି ଚାଷ ସମ୍ବନ୍ଧୀୟ ଆଲୋଚନାଚକ୍ର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମର ସଂଯୋଜକ ଚନ୍ଦନ କୁମାର ନାୟକଙ୍କ ଉପସ୍ଥିତିରେ ଏକ ବିଷମୁକ୍ତ ଚାଷର ୟୁନିଟ୍ କରାଯାଇ ବ୍ଲକର ବିଭିନ୍ନ ସ୍ଥାନରେ ଗୋ-ମୂତ୍ର, ଗୋବର, ଜିଆ ଖତ, ଜୀବାମୃତ ବ୍ୟବହାର କରି ଚାଷ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ଦେଶୀ ଗାଈ ପାଳନ କରି କିପରି ଏକ ସୁସ୍ଥ ସମାଜ ଗଠନ କରିହେବ ଏହା ଉପରେ ସାଧୁ ସ୍ୱାମୀ ପୂର୍ଣ୍ଣାନନ୍ଦଜୀ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁଧୀର ଚନ୍ଦ୍ର ନାୟକ, ବନମାଳୀ ସେଠୀ, ଗୁକୁନା ନାୟକ, ବିକ୍ରମ ନାୟକ, ତ୍ରିନାଥ ସାମନ୍ତରାଙ୍କ ସମେତ ବହୁ ଚାଷୀ ଯୋଗଦେଇଥିଲେ।

## ବିନୋଦିନୀ ପ୍ରତିଭା ଅନ୍ୱେଷଣ କଳାକେନ୍ଦ୍ରର ସଙ୍ଗୀତ ପ୍ରତିଯୋଗିତା

ବାଙ୍କୀ, ୧୭।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)



ସଙ୍ଗୀତ ପ୍ରତିଯୋଗିତାରେ ଉପସ୍ଥିତ ଅତିଥିମାନେ।

ବାଙ୍କୀ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ପରିସରରେ ଶିଶୁଆ ଗ୍ରାମର ବିନୋଦିନୀ ପ୍ରତିଭା ଅନ୍ୱେଷଣ କଳାକେନ୍ଦ୍ର ଆନୁକୂଲ୍ୟରେ ଏକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଙ୍ଗୀତ ପ୍ରତିଯୋଗିତା କରାଯାଇ ସେମାନଙ୍କର ପ୍ରତିଭାକୁ ଲୋକଲୋଚନକୁ ଆଣିବାକୁ ଏହା କଳାକେନ୍ଦ୍ରର ଏକ ପ୍ରୟାସ। ଅନୁଷ୍ଠାନର ସଭାପତି ତଥା ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ପୂର୍ବତନ ଛାତ୍ର ରାଘବ ସୁବୁଦ୍ଧି ସଭାପତିତ୍ୱ କରି ସ୍ୱାଗତ ଭାଷଣ ପ୍ରଦାନ ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ବି.କେ.ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଫକୀର ମୋହନ ମିଶ୍ର ଯୋଗଦେଇ ବାଙ୍କୀର କଳାକାରମାନେ ସାରା ରାଜ୍ୟରେ ନିଜର ପ୍ରତିଭାକୁ ବିକଶିତ କରିବା ଆଜିର ଧ୍ୟେୟ ହେଉ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବାଙ୍କୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ପୂର୍ବତନ ପ୍ରଶାସନିକ ଅଧିକାରୀ ଭରତ ଚନ୍ଦ୍ର ବେହେରା ଓ ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଯୋଗ ଦେଇଥିଲେ। କଳାକେନ୍ଦ୍ରର ପ୍ରତିଷ୍ଠାତା ସମ୍ପାଦକ ତଥା ଗୀତିକାର ତ୍ରିବିକ୍ରମ ବେହେରା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିଚାରକ ଭାବେ ବିଶିଷ୍ଟ ସଙ୍ଗୀତ ଗୁରୁ ବିଜୟକୃଷ୍ଣ ସାହୁ, ଦେବୀଦତ୍ତ ବିଭୂତି ରାୟ ଓ ସଙ୍ଗୀତା ମହାରଣା ଯୋଗ ଦେଇ ପ୍ରତିଯୋଗିତାର ମୂଲ୍ୟାଙ୍କନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର, ମାନପତ୍ର ପ୍ରଦାନ କରିଥିଲେ। ସମ୍ପାଦକ ତ୍ରିବିକ୍ରମ ବେହେରା ଧନ୍ୟବାଦ ଦେଇଥିଲେ।

### ଆଇନଜୀବୀ ବିପିନି ବିହାରୀ ପଣ୍ଡାଙ୍କ ପରଲୋକ

ବାଙ୍କୀ, ୧୭।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ କୋର୍ଟର ଆଇନଜୀବୀ ବିପିନି ବିହାରୀ ପଣ୍ଡା(୭୭)ଙ୍କର ଏନ୍‌ଏସି ଅନ୍ତର୍ଗତ ବେଦପୁରସ୍ଥ ବାସଭବନରେ ରବିବାର ପରଲୋକ ଘଟିଛି। ତାଙ୍କର ମୃତଦେହକୁ ଗ୍ରାମସ୍ଥ ଶ୍ମଶାନକୁ ନିଆଯାଇ ସଂସ୍କାର କରାଯାଇଛି। ଜ୍ୟେଷ୍ଠପୁତ୍ର ଦୀପକ କୁମାର ପଣ୍ଡା ମୁଖାଗ୍ନି ଦେଇଥିଲେ। ପରଲୋକ ବେଳେ ପୁତ୍ର ଆଲୋକ, ସ୍ତ୍ରୀ ଓ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ବାଙ୍କୀ ଓକିଲ ସଂଘ ସଭାପତି ଶ୍ରୀନିବାସ ମହାପାତ୍ର ଓ ସମ୍ପାଦକ ଅଜୟ କୁମାର ପଟ୍ଟନାୟକ ପଣ୍ଡାଙ୍କ ବାସଭବନକୁ ଯାଇ ଓକିଲ ସଂଘ ପକ୍ଷରୁ ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଆଞ୍ଚଳିକକୁ ହରାଇ ରାମଚଣ୍ଡୀ ବିଜୟୀ

**ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ**

ଟିଗିରିଆ, ୧୭।୧୨(ଜାଫର ଖାଁ)

ଟିଗିରିଆ ବ୍ଲକ ନୂଆପାଟଣାସ୍ଥିତ ହାଇସ୍କୁଲ ଖେଳପଡ଼ିଆଠାରେ ଛତ୍ରପତି ଶିବାଜୀ ସ୍ପୋର୍ଟ୍ସ ଆସୋସିଏଶନ ଦ୍ୱାରା ଆୟୋଜିତ ୩୨ତମ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ଆଞ୍ଚଳିକ କ୍ରିକେଟ କ୍ଲବ ଗୋପପୁରକୁ ୧୨୭ ରନରେ ପରାସ୍ତ କରି ରାମଚଣ୍ଡୀ କ୍ରିକେଟ କ୍ଲବ ବିନ୍ଧାଣିମା ବିଜୟୀ ହୋଇଛି। ପ୍ରଥମେ ଟସ୍ ଜିତି ରାମଚଣ୍ଡୀ କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ୯ଉଇକେଟ ହରାଇ ୨୪୬ ରନ କରିଥିଲା। ଦଳ ପକ୍ଷରୁ ଗଣେଶ ରାଉତ ୨୨ ବଲର ସାମନା କରି ସର୍ବାଧିକ ୪୯ କରିଥିଲେ। ବୋଲିଂରେ ଗୋପପୁର ଦଳର ହାଡିବନ୍ଧୁ ସାହୁ ୩ ଉଇକେଟ ନେଇଥିଲେ। ଜବାବରେ ଗୋପପୁର ଦଳ ୧୬.୪ ଓଭରରେ ସବୁ ଉଇକେଟ ହରାଇ ୧୧୯ରନ କରି ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ସୁନୀଲ ରାଉତ ୨୫ ବଲ ଖେଳି ୩୨ରନ କରିଥିବା ବେଳେ ବୋଲିଂରେ ବିନ୍ଧାଣିମା ଦଳର ଦେବାଶିଷ ପାଇକରାୟ ୩ ଓଭରରେ ୩ ଉଇକେଟ ନେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ନୂଆପାଟଣା ସରପଞ୍ଚ ସୋମନାଥ ଦାସ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଖେଳକୁ ଅମ୍ପେୟାର ସୂର୍ଯ୍ୟମଣି ଦାସ, ଅଜୟ କୁଣ୍ଡୁ ପରିଚାଳନା କରିଥିଲେ।

## କୃଷି, କୃଷକଙ୍କ ସଶକ୍ତୀକରଣ ପାଇଁ ପ୍ରୟାସ

ବଡ଼ମ୍ବା, ୧୭।୧୨(ମାୟାଧର ମଲ୍ଲିକ)


ଜଣେ ମହିଳାଙ୍କୁ ବିରି ବିହନ ପ୍ରଦାନ କରାଯାଉଛି।

ଓଡ଼ିଶାର ଶସ୍ୟଜାତୀୟ ଫସଲ ପରେ ଡାଲି ଜାତୀୟ ଫସଲକୁ ଦ୍ୱିତୀୟ ମୁଖ୍ୟ ଫସଲ ଭାବେ ଚାଷ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ରବିବାର ୪ଟି ପଞ୍ଚାୟତର ୧୩୪ ଜଣ ଚାଷୀଙ୍କୁ ବିରି ବିହନ ବଣ୍ଟନ କରାଯାଇଛି। ବଡ଼ମ୍ବାର ସାନବାର୍ସିଙ୍ଗଠାରେ ବିହନ ବଣ୍ଟନ ଉତ୍ସବ ହୋଇଥିଲା। ଆତ୍ମା ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି ଯୋଗଦେଇ କୃଷି ଓ କୃଷକ ସଶକ୍ତୀକରଣ ପାଇଁ ଏହା ଏକ ପ୍ରୟାସ ବୋଲି କହିଥିଲେ। କେ. ଭି. ଏସ. ଏସ. ଓଡ଼ିଶା, ଫାଉଣ୍ଡେଶନ, ସିଡବ୍ଲ୍ୟୁଡି ଓ ସରକାରଙ୍କ କୃଷି ବିଭାଗ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅନ୍ତର୍ଗତ ସାନବାର୍ସିଙ୍ଗ, ବଡ଼ବାର୍ସିଙ୍ଗ, ଗଡ଼ାପୋଖରୀ ଓ ରଗଡ଼ିପଡ଼ା ପଞ୍ଚାୟତର ଚାଷୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ମଙ୍ଗୁଳି ସାହୁ, ସାନବାର୍ସିଙ୍ଗ ସରପଞ୍ଚ ସଦାନନ୍ଦ ସ୍ୱାଇଁ, ବଡ଼ବାର୍ସିଙ୍ଗ ସରପଞ୍ଚ ସୁଧାକର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଡବ୍ଲ୍ୟୁସିର କ୍ଲଷ୍ଟର ସଂଯୋଜକ ଅଶୋକ କୁମାର ଗୋଛି, ଜିଲ୍ଲା ପ୍ରକଳ୍ପ ପରିଚାଳକ ଭରତ ସାହୁ, ଫିଲଡ ଆନିମେଟର ରଶ୍ମିତା ମଲ୍ଲିକଙ୍କ ସମେତ ସୌମ୍ୟରଞ୍ଜନ ଦାସ, ଅଜିତ କିଷାନ, ସୁଜିତ କୁମାର ବେହେରା, କରୁଣାକର ରାଉତ ଓ ସନ୍ତୋଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ବାଙ୍କୀ ଋଣ ସମବାୟ ସମିତି ଲିଃ.ର ସାଧାରଣ ସଭା

ବାଙ୍କୀ, ୧୭।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଋଣ ସମବାୟ ସମିତି ଲିଃ.ର ୨୩ତମ ସାଧାରଣ ସଭା ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ପ୍ରଶିକ୍ଷଣ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଋଣ ସମବାୟ ସମିତିର ସଭାପତି ସମରେନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ନିର୍ବାହୀ କୃତ୍ତିବାସ ପଣ୍ଡା ବ୍ୟାଙ୍କର ବାର୍ଷିକ ବିବରଣୀ ପାଠ କରିବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏଥିରେ ବିଗତ ସାଧାରଣ ଅଧିବେଶନର ବିବରଣୀ ପଠନ ଓ ଦୃଢ଼ୀକରଣ ସଭାପତି ମହାପାତ୍ରଙ୍କ କରିଥିଲେ।। ୨୦୨୪-୨୫ଆର୍ଥିକ ବର୍ଷର ଆୟବ୍ୟୟ ଅଟକଳ ଏବଂ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ସମୀକ୍ଷକ ମନୋନୟନ କରାଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ସଭାରେ ନିର୍ଦ୍ଦେଶକ ବଲ୍ଲଭ କୁମାର ସାମଲ, ଶରତ ଚନ୍ଦ୍ର ପ୍ରଧାନ ଯୋଗଦେଇ ସେମାନଙ୍କ ମତାମତ ରଖିଥିବା ବେଳେ ଅନ୍ୟତମ ନିର୍ଦ୍ଦେଶକ ସଞ୍ଜୟ ପୃଷ୍ଟି ଧନ୍ୟବାଦ ଦେଇଥିଲେ। ଏଥିରେ ସଭ୍ୟମାନେ ସମିତିର କିପରି ଲାଭ ହୋଇପାରିବ ସେ ବିଷୟରେ ସେମାନଙ୍କର ସୁଚିନ୍ତିତ ମତାମତ ରଖିଥିଲେ। ବ୍ୟାଙ୍କର କର୍ମଚାରୀ ମାନସ କୁମାର ମଙ୍ଗୁଆଳ, ହିସାବ ରକ୍ଷକ ବିଭୂତି ଭୂଷଣ ରାଉତରାୟ ପ୍ରମୁଖ ସହଯୋଗ କରିଥିଲେ।

# ଡିଲର ମୃତ ପିତାଙ୍କ ନାଁରେ ଉଠାଉଛନ୍ତି ରାଶନ ସାମଗ୍ରୀ

## ଯୋଗାଣ ବିଭାଗ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଲେଖି ବସି ରହିଛି

ନିଶ୍ଚିନ୍ତକୋଇଲି, ୧୭।୧୨
(ଅଶୋକ କୁମାର ମହାପାତ୍ର)


FORM NO-7/8
ISSUE NO : 301/2022
GOVERNMENT OF ODISHA
DEPARTMENT OF HEALTH AND FAMILY WELFARE
NISCHINTKOILI CHC
CERTIFICATE OF DEATH
Issued under Section 12/17 of the Registration of Births and Deaths Act, 1969 and Rules of Odisha Births and Deaths, Rule 2001
This is to certify that the following information has been taken from the original record of death which is in the register for NISCHINTKOILI CHC of Tahasil NISCHINTAKOILI of District CUTTACK of State ODISHA
Date of Death 05/01/2022
Sex MALE
Name GOPINATH NAYAK
Name of Father JANARDAN NAYAK
Date Of Registration 02/02/2022
Permanent Address AT-KALAMISHRI, POST-LENDURA, PS-NEMALO, CUTTACK, ODISHA, INDIA
Place of Death AT-KALAMISHRI, POST-LENDURA, PS-NEMALO, CUTTACK
Registration No 193/2022
Signature valid
DR AMIT KUMAR JENA
Issuing Authority
Registrar, Births & Deaths
NISCHINTKOILI CHC


Beneficiary Under NFSA - Family wise Abstract
District : CUTTACK Block : NISCHINTAKOILI
FPS Code and Name : 0711P071-BALLAVANANDA NAYAK
Search: 0711161004

| Sr No | Ration Card No | Name of HOH | Father Name | Spouse Name | No of Family Members | Type (AAY/PHH) | Combination | Rice in Kg | Wheat in Kg | Account No |
|---|---|---|---|---|---|---|---|---|---|---|
| 6 | 07111610046 | ମନିମା ନାୟକ | ବିଶ୍ୱଭୂଷଣ ଭୂଷଣ | ବଲ୍ଲଭାନନ୍ଦ ନାୟକ | 4 | PHH | 1 Kg Rice & 4 Kg Wheat | 1 | 4 | NA |
| | Total | | | | | | | 1677 | 418 | |

ଗୋପୀନାଥ ନାୟକଙ୍କ ମୃତ୍ୟୁ ସାର୍ଟିଫିକେଟ (ଉପର), ରାଶନ ସାମଗ୍ରୀରେ ନେଉଥିବା କାର୍ଡ (ତଳ)।

ଖାଦ୍ୟ ସୁରକ୍ଷା ଯୋଜନାରୁ ବହୁ ଯୋଗ୍ୟ ହିତାଧିକାରୀ ବାଦ୍ ପଡ଼ି ରାଶନ ପାଇଁ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହେଉଥିଲା ବେଳେ ମିଳୁନାହିଁ। ହେଲେ ଜଣେ ଡିଲର ନିଜ ବାପାଙ୍କ ମୃତ୍ୟୁ ପରେ ତାଙ୍କ ନାମରେ ରାଶନ ସାମଗ୍ରୀ ଉଠାଉଥିବା ଘଟଣା ନିଶ୍ଚିନ୍ତକୋଇଲି ବ୍ଲକ କଳମିଶ୍ରି ପଞ୍ଚାୟତରେ ଚର୍ଚ୍ଚାର ପରିସରକୁ ଆସିଛି। ଏପରିକି ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମିଳିଲା ପରେ ଅଭିଯୋଗ ପାଇ ବ୍ଲକ ଯୋଗାଣ ବିଭାଗ ସମ୍ପୃକ୍ତ ଡିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କଟକ ଉପଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ନିଶ୍ଚିନ୍ତକୋଇଲି ବ୍ଲକ କଳମିଶ୍ରି ପଞ୍ଚାୟତ ସରକାରୀ ସ୍ୱୀକୃତିପ୍ରାପ୍ତ ରିଟେଲର ଭାବେ ବଲ୍ଲଭାନନ୍ଦ ନାୟକ ବଣ୍ଟନ ଦାୟିତ୍ୱରେ ଅଛନ୍ତି। ତାଙ୍କ ସ୍ତ୍ରୀ ମନିମା ନାୟକଙ୍କ ନାମରେ ରାଶନ କାର୍ଡ ନଂ. ୦୭୧୧୧୬୧୦୦୪୮ ରହିଛି। ଏହି କାର୍ଡରେ ତାଙ୍କ ଶ୍ୱଶୁର ତଥା ରିଟେଲରଙ୍କ ବାପା ଗୋପୀନାଥ ନାୟକ ରହିଛନ୍ତି। ଗୋପୀନାଥଙ୍କ ୫।୧।୨୦୨୨ରେ ମୃତ୍ୟୁ ହୋଇଥିଲା। ତାଙ୍କ ପୁଅ ତଥା ଡିଲର ବଲ୍ଲଭାନନ୍ଦ ରାଶନ କାର୍ଡରୁ ତାଙ୍କ ନାମ ନ କାଟି ସାମଗ୍ରୀ ନେଉଥିବା ଅଭିଯୋଗ ହୋଇଛି। ମୃତ ବାପାଙ୍କ ପ୍ରମାଣପତ୍ର ହାତରେ ଧରି ନିଜେ ଦାୟିତ୍ୱରେ ରହି ସରକାରୀ ସହାୟତାକୁ ହାତଉଛନ୍ତି। ଏ ନେଇ ଦୁଲ୍ଲଭାନନ୍ଦ ନାୟକ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିବା ସହ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ। ଏହି ତଥ୍ୟରୁ ଜଣାପଡିଛି, ଡିଲରଙ୍କ ସ୍ତ୍ରୀ ମନିମାଙ୍କ ନାମରେ ଥିବା ରାଶନ କାର୍ଡରେ ତାଙ୍କ ଶ୍ୱଶୁରଙ୍କ ନାମରେ ଜାନୁୟାରୀ ୨୦୧୬ରୁ ଡିସେମ୍ବର ୨୦୨୩ ପର୍ଯ୍ୟନ୍ତ ରାଶନ ନେଇଛନ୍ତି। ତେବେ ସେ ତାଙ୍କ ବାପାଙ୍କ ମୃତ୍ୟୁ ପରେ ଏକ ବର୍ଷ ସରକାରୀ ନିୟମକୁ ଉଲ୍ଲଂଘନ କରି କିପରି ରାଶନ ଉଠାଇଲେ ତାହା ତଦନ୍ତ ସାପେକ୍ଷ। ଅପରପକ୍ଷରେ ସେ ସରକାରୀ ରିଟେଲର ହୋଇଥିବାରୁ ଯୋଗାଣ ବିଭାଗ ଓ ଉପଜିଲାପାଳ ଏହି ଘଟଣାକୁ ଘଣ୍ଟ ଘୋଡାଇ ଚାଲିଛନ୍ତି। ଏ ସମ୍ପର୍କରେ ବିଡିଓ ଧର୍ମ ରଞ୍ଜନ ପଣ୍ଡା ଓ ଯୋଗାଣ ନିରୀକ୍ଷକ କେଦାର ନାଥ ପ୍ରଧାନୀ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଉପଜିଲାପାଳଙ୍କୁ ପତ୍ର ଲେଖିଥିବା କହିଛନ୍ତି। ହେଲେ ଉପଜିଲାପାଳ କମଳଜିତ ଦାସ ଏହା ଉପରେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ମୃତ ବ୍ୟକ୍ତିଙ୍କ ନାମରେ ରାଶନ ଉଠାଯିବା ଓ ଅଧିକାରୀମାନେ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉପଜିଲାପାଳ କମଳଜିତ ଦାସଙ୍କୁ ପଚାରିବାରେ ସେମିତି କିଛି ଚିଠି ମୋର ହସ୍ତଗତ ହୋଇନାହିଁ ବୋଲି ସେ କହିଛନ୍ତି।

idco Your power to grow ISO 9001 & 14001 | ODISHA NEW OPPORTUNITIES
CAD-3267

**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**

Tender Call Notice No.- BBSR/ELECT/E-4126/19-20/ 3350 Dt.12.12.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

Name of the Work: SITC of 140 KVA Silent type DG Set and Construction of DG Shed at BPCL Pump House, Bargarh.

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.), IDCO, IDCO Tower, Janpath, Bhubaneswar | Bid ID No. BBSR/ELECT/ e-86/23- 24 | 19.12.2023 at 17.00 hrs. | 28.12.2023 at 17.00 hrs. |

Further details can be seen from the e-procurement portal www.tendersorissa.gov.in. Corrigendum or addendum if any will not be published in newspapers and can be seen in e-procurement portal as well as in IDCO website.

Sd./- Divisional Head (Elect.), IDCO, Bhubaneswar
OIPR-14003/11/0314/2324

**OFFICE OF THE EXECUTIVE ENGINEER, P.H. DIVISION, ANGUL** No.C-2134
Ph. (06764) 296431, Email- eephangul@yahoo.in
**GOVERNMENT OF ODISHA**
**Bid Identification No.EE PH Division Angul-19/2023-24 dt.15.12.2023**

| | | | |
|---|---|---|---|
| 1 | Name of the work | : | 02 (Two) Nos. |
| 2 | Type of bid | : | Single bid system |
| 3 | Estimated cost | : | Rs.20.68 lakhs & Rs.22.19 lakhs |
| 4 | Period of completion | : | 03 (Three) months |
| 5 | Date & time of availability of bid document in the portal | : | From 11.00 A.M. of 22.12.2023 to 5.00 P.M. of 02.01.2024 |
| 6 | Last date / time of receipt of bids in the portal | : | 5.00 P.M. of 02.01.2024 |
| 7 | Date & time of opening of Technical bids | : | At 11.00 A.M. of 03.01.2024 |
| 8 | Name & address of the Officer inviting bid | : | Executive Engineer, P.H. Division, Angul |
| 9 | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website. | | |

Sd./- (Er. Prasanta Behera),
Executive Engineer,
P.H. Division, Angul
OIPR-13056/11/0007/2324

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR**
Mail Id seccbbsr@gmail.com
**INVITATION OF BIDS**
**E-procurement Tender Call Notice No. 22 of 2023-24**
No.4197 (Estg) Bhubaneswar — Dated the 14th December-2023

No.B-1462:- The Chief Construction Engineer, Central (R&B) Circle, Bhubaneswar on bahalf of the Governor of Odisha invites percentage rate bids in double cover system for construction works as detailed in the table given below.

| Sl. No. | Name of the work | Approximate estimated cost put to tender (Rs.) | EMD/Bid Security (Rs.in lakh) | Cost of bid document | Class of contractor | Period of completion |
|---|---|---|---|---|---|---|
| 1 | Renovation of Civil Infrastructure of BJB Higher Secondary School under Chief Minister Special Assistance 40th Phase for the year 2023-24. | Rs.1,35,96,388.00 | Rs.1,35,964.00 | Rs.10000.00 Online | B Class / A Class | 6 (Six) Calendar months |
| 2 | Execution of Project works under the Scheme of Chief Minister Special Assistance (Mukhyamantri Swatantra Sahayata) for BJB Autonomous College for the year 2023-24. | Rs.1,26,92,395.00 | Rs.1,26,924.00 | Rs.10000.00 Online | B Class / A Class | 6 (Six) Calendar months |
| 3 | Construction of Urban PHC at Saheed Nagar, Bhubaneswar | Rs.1,08,87,243.00 | Rs.1,08,872.00 | Rs.10000.00 Online | B Class / A Class | 6 (Six) Calendar months |
| 4 | Construction of Urban PHC at Gadakana, Bhubaneswar | Rs.1,21,53,884.00 | Rs.1,21,539.00 | Rs.10000.00 Online | B Class / A Class | 6 (Six) Calendar months |

Date & time of availability of bid document in the portal / online - From 5.00 P.M. of 22.12.2023 to 5.00 P.M. of 06.01.2024. Last date of online submission of bid document inthe portal/online- 5.00 P.M. of 06.01.2024. Date of opening- 11.00 A.M. of 08.01.2024. Name and address of Officer inviting bid- Chief Construction Engineer, Central (R&B) Circle, Bhubaneswar. Further details can be seen from the e-procurement portal: https://tendersorissa.gov.in.

OIPR-34005/11/0006/2324 Sd./- Er. P.K. Mohanty, Chief Construction Engineer, Central (R&B) Circle, Bhubaneswar

## ସଂକ୍ଷେପରେ

### ଆଜି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଘୋଡ଼ଲାଗି

ପୁରୀ, ୧୭।୧୨ (ଅଜିତ୍ ମହାନ୍ତି)

ମାର୍ଗଶିର ଶୁକ୍ଳପକ୍ଷ ଷଷ୍ଠୀ ବା ପ୍ରାବରଣ ଷଷ୍ଠୀ ସୋମବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଘୋଡ଼ଲାଗି ନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଏହି ଘୋଡ଼ଲାଗି ବସନ୍ତ ପଞ୍ଚମୀ ବା ସରସ୍ୱତୀ ପୂଜା ପର୍ଯ୍ୟନ୍ତ କରାଯିବ। ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରେ ଘୋଡ଼ଲାଗି ନୀତି ଅନ୍ୟତମ। ମହାପ୍ରଭୁଙ୍କ ଘୋଡ଼ ଲାଗି ନୀତି ନିମନ୍ତେ ରବିବାର ପଞ୍ଚମୀ ତିଥିରେ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଯାଇଛି। ରାତ୍ର ଚନ୍ଦନ ଲାଗି ବଢ଼ିବା ପରେ ପତନୀ, ଘୋଡ଼, ଖଣ୍ଡୁଆ ଘୋଡ଼, ପାଗ ମଦନ ମୋହନ, ବିମଳା, ଶ୍ରୀଦେବୀ ଓ ଭୂଦେବୀଙ୍କ ଘୋଡ଼ ଭୋଗମଣ୍ଡପ ଘରେ ଅଧିବାସ କରାଯାଇଥିଲା। ଏହା ପୂର୍ବରୁ ଭୋଗମଣ୍ଡପ ଘର ଧୋପଖାଳ ହୋଇ ଚାନ୍ଦୁଆ ବନ୍ଧାଯାଇଥିଲା। ବଡ଼ସିଂହାର ଭୋଗ ସରି ଠାକୁରଙ୍କ ମଇଲମ ବଢ଼ିବା ପରେ ମହାସ୍ନାନ ବଢ଼ିଥିଲା। ଏହା ପରେ ଠାକୁରଙ୍କୁ ଝିନ ପତନୀ ଲାଗି କରାଯାଇଥିଲା। ସର୍ବାଙ୍ଗ ଲାଗି ବଢ଼ିବା ପରେ ବିଭିନ୍ନ ନୀତି ବଢ଼ି ଆଳତି ହୋଇଥିଲା। ସୋମବାର ଷଷ୍ଠୀ ଅବସରରେ ମହାପ୍ରଭୁଙ୍କ ସକାଳ ଧୂପ ବଢ଼ିବା ପରେ ମଇଲମ କରାଯାଇ ପୂର୍ବ ରାତିରୁ ଭୋଗମଣ୍ଡପ ପରେ ଅଧିବାସିତ ହୋଇଥିବା ଘୋଡ଼ମାନଙ୍କୁ ଘଣ୍ଟ, ଛତା, କାହାଳୀ ସହ ପଟୁଆରରେ ଶ୍ରୀମନ୍ଦିରର ତିନି ଘେରା ପ୍ରଦକ୍ଷିଣ କରାଯାଇ ରତ୍ନସିଂହାସନକୁ ବିଜେ କରାଯିବ। ସିଂହାସନରେ ଠାକୁରଙ୍କ ପାଗ ଓ ଘୋଡ଼ଲାଗି କରାଯାଇ ଛଅ ମୂର୍ତ୍ତିଙ୍କୁ ଅଳଙ୍କାର ଲାଗି କରାଯିବ। ବିଶ୍ୱାସ ରହିଛି, ପଞ୍ଚମୀ ତିଥିରେ ମହାପ୍ରଭୁ ଶୀତ ସହିତ ଯୁଦ୍ଧ କରି ହାରିଯାଇଥାନ୍ତି। ତେଣୁ ପଞ୍ଚମୀ ତିଥିରେ ମହାପ୍ରଭୁଙ୍କ ୨ଥର ବଡ଼ସିଂହାର ବେଶ ଅନୁଷ୍ଠିତ ହୋଇଥିଲା। ତେଣୁ ମହାପ୍ରଭୁ ଷଷ୍ଠୀ ତିଥିରୁ ଘୋଡ଼ ଲାଗି ହୋଇଥାନ୍ତି। ତେବେ ସପ୍ତାହର ୭ ଦିନରେ ବାର ଅନୁଯାୟୀ ଶ୍ରୀବିଗ୍ରହମାନେ ୭ ପ୍ରକାର ରଙ୍ଗର ଘୋଡ଼ ପରିଧାନ କରିଥାନ୍ତି।

### ଘରେ ପଶି ଚୋରିକଲେ ଦୁର୍ବୃତ୍ତ

ପୁରୀ, ୧୭।୧୨ (ଅଜିତ୍ ମହାନ୍ତି):

ପୁରୀ ତାଳବଣିଆ ଥାନା ଅନ୍ତର୍ଗତ ସିଦ୍ଧମହାବୀର ନିକଟରେ ଥିବା ନୀଳଚକ୍ର ନଗରରୁ ଜନୈକ ବ୍ୟକ୍ତିଙ୍କ ଘରୁ ବଡ଼ଧରଣର କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। ଘରେ କେହି ନ ଥିବା ସୁଯୋଗ ନେଇ ଗଡରେଜ ତାଡ଼ି ସୁନା ଅଳଙ୍କାର, ଏଲଇଡି ଟିଭି ଓ ପ୍ରାୟ ୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟେରାମାନେ ଲୁଟ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଥିବା ସୂଚନା ମିଳିଛି।

### ଅଗ୍ନିବିପନ୍ନ ପରିବାରକୁ ସଞ୍ଜୀୟଙ୍କ ସହଯୋଗ

ପୁରୀ, ୧୭।୧୨ (ଅଜିତ୍ ମହାନ୍ତି)

ବ୍ରହ୍ମଗିରି ବ୍ଲକ କୁସୁବେଣ୍ଟି ପଞ୍ଚାୟତ ଜଗନ୍ନାଥପୁର ଗ୍ରାମରେ ଗ୍ୟାସ ସିଲିଣ୍ଡର ଫାଟି ସାଗର ସାହୁଙ୍କ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ରବିବାର ସାଗରଙ୍କୁ ଭେଟି ଆଶ୍ୱାସନା ଦେବା ବ୍ୟତୀତ ସମବେଦନା ଜଣାଇଛନ୍ତି। ଏହା ସହିତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଚୁଡ଼ା, ବିସ୍କୁଟ, ଚାଉଳ, ଡାଲି, ପାଲ, ଶୁଖିଲା ଖାଦ୍ୟ ଓ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ଏତତ୍ ସହିତ ଦାସବର୍ମା ବ୍ରହ୍ମଗିରି ବ୍ଲକ ତହସିଲଦାର ବିଦ୍ୟାଧର ଦଣ୍ଡପାଟଙ୍କ ସହିତ ଆଲୋଚନା କରି ଅଗ୍ନିବିପନ୍ନ ପରିବାର ବର୍ଗଙ୍କୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ବ୍ରହ୍ମଗିରି ବ୍ଲକ ଜିଲା ପରିଷଦ ସଦସ୍ୟ ଜମ୍ବେଶ୍ୱର ସାହୁ, ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ ଦଳେଇ, କୁସୁବେଣ୍ଟି ସରପଞ୍ଚଙ୍କ ପ୍ରତିନିଧି ରାଧାକାନ୍ତ ସାହୁ, ମଣ୍ଡଳ ଉନ୍ନୟନ ଅଧିକାରୀ ରଞ୍ଜନ ବେହେରା, ତହସିଲଦାର, ଭଣ୍ଡାରିକୁଦା ରାଜସ୍ୱ ନିରୀକ୍ଷକ ରୂପେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀଜଗନ୍ନାଥ ଚେତନାକୁ ବିଶ୍ୱବାସୀଙ୍କ ପାଖରେ ପହଞ୍ଚାଇବାକୁ ଆହ୍ୱାନ

ପୁରୀ, ୧୭।୧୨ (ଅଜିତ୍ ମହାନ୍ତି)



ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ଦ୍ୱାଦଶ ବାର୍ଷିକୋତ୍ସବ ଅବସରରେ ସମ୍ବର୍ଦ୍ଧିତ ଅତିଥିମାନେ ।

ଆଧ୍ୟାତ୍ମିକ ଅନୁଷ୍ଠାନ ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ଚତୁର୍ଦ୍ଦଶ ସାଧାରଣ ଅଧିବେଶନ ଓ ଦ୍ୱାଦଶ ବାର୍ଷିକୋତ୍ସବ ହୋଟେଲ ହଲିଡେ ରିସର୍ଟଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଉଦ୍‌ଘାଟକ ଭାବେ ଗଜପତି ମହାରାଜା ଶ୍ରୀଶ୍ରୀ ଦିବ୍ୟସିଂହଦେବ ଯୋଗଦେଇଥିଲେ। ଶ୍ରୀଜଗନ୍ନାଥଙ୍କ ଉଦାର ଚେତନାକୁ ସାରା ବିଶ୍ୱବାସୀଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ଆଧ୍ୟାତ୍ମିକ ଅନୁଷ୍ଠାନଗୁଡ଼ିକ ଆଗଭର ହୋଇ କାର୍ଯ୍ୟ କରିବାକୁ ଗଜପତି ମହାରାଜ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଡ. ଦାଶ ଫାଉଣ୍ଡେଶନ, ଆମେରିକାର ଅଧ୍ୟକ୍ଷ ଡ. ଶିତିକଣ୍ଠ ଦାଶ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରତିଷ୍ଠାନର ମୁଖପତ୍ର ଶ୍ରୀଜଗନ୍ନାଥ ଚେତନା- ୧୩ ଓ ଶ୍ରୀମନ୍ଦିରର ବିଜେ ପ୍ରତିମା ପୁସ୍ତକ ଉନ୍ମୋଚନ ହୋଇଥିଲା। ଅତିଥିଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ଚେତନା ଓ ଲୀଳାକ୍ଷେତ୍ର ସମାଚାର ଲୋକାର୍ପଣ ହୋଇଥିଲା। ଗଜପତି ମହାରାଜା ପ୍ରତିଷ୍ଠାନର ନବୀକୃତ ୱେବ୍‌ସାଇଟ୍‌କୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶାର ସ୍ୱନାମଧନ୍ୟା କଣ୍ଠଶିଳ୍ପୀ ନମିତା ଅଗ୍ରୱାଲଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ପ୍ରତିଭା ସମ୍ମାନ, ବିଶିଷ୍ଟ ଗବେଷିକା ଡ. ତୁଳସୀ ଓଝାଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ଗବେଷକ ସମ୍ମାନ, ପ୍ରବଚକ ପ୍ରାଧ୍ୟାପକ ଶୁକଦେବ ମହାନ୍ତିଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ପ୍ରଚାରକ ସମ୍ମାନ, ଆର୍‌ସିଏମ୍ ଶ୍ରୀଜଗନ୍ନାଥ ମନ୍ଦିର, ଭୁବନେଶ୍ୱର ଓ ଚକାଦେବ ଶ୍ରୀଜଗନ୍ନାଥ ମନ୍ଦିର ଚିକିଲି ଲୀଳାକ୍ଷେତ୍ର, ଗଞ୍ଜାମଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ସଂଗଠକ ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଝାଞ୍ଜପିଟା ମଠ ମହନ୍ତ ସଚ୍ଚିଦାନନ୍ଦ ଦାସ ବାବାଜୀ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ମହାସଚିବ ଡ. ନରେଶ ଚନ୍ଦ୍ର ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଉତ୍ସବରେ ରାଜ୍ୟ ଓ ଦେଶର ବିଭିନ୍ନ ପ୍ରତିଷ୍ଠାନର ଶତାଧିକ ସଦସ୍ୟା ସଦସ୍ୟ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରାଧ୍ୟାପକ ସୁନୀଲ ରଥ ସଞ୍ଚାଳନ କରିଥିଲେ। ମଧ୍ୟାହ୍ନରେ ଅନୁଷ୍ଠାନର ଚତୁର୍ଦ୍ଦଶ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଆୟବ୍ୟୟ ଓ ବଜେଟ ଉପସ୍ଥାପିତ ହୋଇ ଗୃହୀତ ହୋଇଥିଲା।

# ନୀଳାଚଳ କୃଷକ ମହାସଂଘର ନୂତନ ସଭ୍ୟ ସଂଗ୍ରହ ଅଭିଯାନ

ସାକ୍ଷୀଗୋପାଳ, ୧୭।୧୨ (ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ନୀଳାଚଳ କୃଷକ ମହାସଂଘର ସଭ୍ୟ ସଂଗ୍ରହ ଅଭିଯାନ ସତ୍ୟବାଦୀ ବ୍ଲକର ଜୟପୁର ଛକଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁଶାନ୍ତ ଶତପଥୀ ଏହାର ସଭାପତିତ୍ୱ କରିଥିଲେ। ବର୍ଷା ଓ ବନ୍ୟା ଜଳ ନିଷ୍କାସନ, ସମସ୍ତ ଚାଷ ଜମିକୁ ଜଳ ଯୋଗାଣ, ଜଳ ସଂରକ୍ଷଣ, ଶୀତଳଭଣ୍ଡାର ନିର୍ମାଣ, ଶସ୍ୟ ସଂରକ୍ଷଣ ଗୃହ ନିର୍ମାଣ ଓ ଚାଷୀଙ୍କ ବହୁବିଧ ଉନ୍ନତି ପାଇଁ ନୀଳାଚଳ କୃଷକ ମହାସଂଘ କାର୍ଯ୍ୟକରି କୃଷକଙ୍କ ନିକଟତର ହୋଇପାରିଛି। ଏଥିପାଇଁ ମହାସଂଘର ରାଜ୍ୟ ସଭାପତି ଗୋପୀନାଥ ମିଶ୍ର ଆଗାମୀ ଦିନରେ ସଙ୍ଗଠନକୁ ସୁଦୃଢ଼ କରିବା ସହ ଅଧିକ ସଭ୍ୟ ସଂଗ୍ରହ କରିବାକୁ ପ୍ରକାଶ କରିଥିଲେ। ମହାସଂଘର କୋଷାଧ୍ୟକ୍ଷ ଫଗୁ ଚରଣ ପରିଡ଼ା, ଉପଦେଷ୍ଟା ମଣ୍ଡଳୀ ଅଧ୍ୟକ୍ଷ ନିରଞ୍ଜନ ମହାପାତ୍ର, ସମ୍ପାଦକ ବିପ୍ରବର ପାତ୍ର, ଉପସଭାପତି ପ୍ରକାଶ ନାୟକ, ସହ ସମ୍ପାଦକ ଚନ୍ଦ୍ରକାନ୍ତ ରାଉତରାୟ, ପୂର୍ବ ସମ୍ପାଦକ ଶରତଚନ୍ଦ୍ର ବରାଳ, ଉପାଧ୍ୟକ୍ଷ ଉଗ୍ରସେନ ବିଶ୍ୱାଳ, କଣାସ ବ୍ଲକ ସଭାପତି କେଦାରଶ୍ୱର ପରିଡ଼ା, ପୁରୀ ସଦର ବ୍ଲକ ସଭାପତି ଅରକ୍ଷିତ ଦାସ, ଡେଲାଙ୍ଗ ବ୍ଲକ ସମ୍ପାଦକ ଉଲ୍ଲାସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସଦର ବ୍ଲକର ବରିଷ୍ଠ ସଭ୍ୟ ଦୁର୍ଯ୍ୟୋଧନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# କୃତୀ ପ୍ରତିଯୋଗୀ ସମ୍ବର୍ଦ୍ଧିତ



ବକ୍ସିଂ ପ୍ରତିଯୋଗିତାରେ ଛାତ୍ରୀଛାତ୍ରଙ୍କୁ ଏକାଡେମୀ ତରଫରୁ ସମ୍ବର୍ଦ୍ଧନା ଦିଆଯାଉଛି ।

ପୁରୀ, ୧୭।୧୨ (ଅଜିତ୍ ମହାନ୍ତି):

୬୭ତମ ଜାତୀୟ ବିଦ୍ୟାଳୟ କ୍ରୀଡ଼ା ବକ୍ସିଂ ପ୍ରତିଯୋଗିତା ୨୦୨୩ରେ ରାଜ୍ୟକୁ ପ୍ରତିନିଧିତ୍ୱ କରିବାକୁ ଚୟନ ହୋଇଥିବା ପୁରୀ ବକ୍ସିଂ ଛାତ୍ରୀଛାତ୍ରଙ୍କୁ ଏକାଡେମୀ ତରଫରୁ ରବିବାର ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧିତ ହୋଇଥିବା ଖେଳାଳିମାନେ ହେଲେ ରାମଚନ୍ଦ୍ର ଗୋଛିକାର, ଆଶିଷ କୁମାର ବେହେରା, ମାଧବ ବେହେରା, ନରେନ୍ଦ୍ର ସାହୁ, ମନୋଜ କୁମାର ସାହୁ, ଆୟୁଷମାନ ଭାରତୀ, ଲୋକନାଥ ବେହେରା, ଅଂଶୁ ନାୟକ, ପ୍ରକାଶ ବାନାର୍ଜୀ, ବି. ପ୍ରବୀନ ରାଓ, ଚନ୍ଦନ ଥାପ୍ପା, ଆକାଶ ବେହେରା, ରାଜଲକ୍ଷ୍ମୀ ଭୋଳ, ରାଜଲକ୍ଷ୍ମୀ ଦାଶ, କଲ୍ୟାଣିକିରନ୍ ସ୍ୱାଇଁ, ପଦ୍ମିନୀ ସ୍ୱାଇଁ। ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସ୍ୱର୍ଣ୍ଣଲତା ଗୋଛିକାର ଅନୀଲ ଗୋଛିକାର, ବିନୋଦ ସିଂ, ନୀଳକଣ୍ଠ ମିଶ୍ର, ମୁରଲୀଧର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

# ନିମନ୍ତ୍ରଣ ପାଇଁ ଖୁବ୍‌ଶୀଘ୍ର ଯାତ୍ରା ଆରମ୍ଭ କରିବ ଦଳ

ପୁରୀ, ୧୭।୧୨ (ଅଜିତ୍ ମହାନ୍ତି):

**ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପ୍ରସ୍ତୁତି**

୨୦୨୪ ଜାନୁୟାରୀ ୧୭ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକଳ୍ପର ଲୋକାର୍ପଣ କରିବେ। ସେହିପରି ଗଜପତି ମହାରାଜ କର୍ତ୍ତା ଭାବରେ ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରିବେ। ତେବେ ଉଦ୍‌ଘାଟନୀ ଉତ୍ସବରେ ଯେପରି କୌଣସି ତ୍ରୁଟି ନ ହେବ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ପରିଚାଳନା କମିଟି, ବରିଷ୍ଠ ଅଧିକାରୀ, ଛତିଶା ନିଯୋଗ, ଜିଲା ପ୍ରଶାସନ ସହ ବୈଠକ କରି ଆଲୋଚନା କରୁଛି। ଅପରପକ୍ଷରେ ଭକ୍ତମାନଙ୍କ ସୁବିଧା ପାଇଁ ବଡ଼ଦାଣ୍ଡରେ ଏସି ଶେଡ୍ ନିର୍ମାଣ କରାଯାଉଥିବାବେଳେ ଶ୍ରୀଦାଣ୍ଡର ନିର୍ମାଣ ଦ୍ରୁତ ଗତିରେ ଚାଲିଛି। ପ୍ରଶାସନିକ ଅଧିକାରୀଙ୍କ ସହ ୫-ଟି ଓ ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବିଭିନ୍ନ ସମୟରେ ଆସି କାର୍ଯ୍ୟର ତଦାରଖ କରୁଛନ୍ତି। ବଡ଼ଦାଣ୍ଡ ଓ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଥିବା ଘର, ହୋଟେଲ ଓ ପ୍ରତିଷ୍ଠାନଗୁଡ଼ିକୁ ଗୋଟିଏ ପ୍ରକାର ରଙ୍ଗ କରାଯାଉଛି। ଅପରପକ୍ଷରେ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିମନ୍ତ୍ରଣ ପତ୍ର ପ୍ରସ୍ତୁତ କରାଯାଇଛି। ସେବାୟତ, ପରିଚାଳନା କମିଟି ସଦସ୍ୟ, ପ୍ରଶାସନିକ ଅଧିକାରୀମାନେ ନିମନ୍ତ୍ରଣ କରିବେ।

ମିଳିଥିବା ସୂଚନାନୁଯାୟୀ ଲୋକାର୍ପଣ ଉତ୍ସବରେ କେଉଁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଅତିଥି ହେବେ ଓ କେଉଁ କେଉଁ ସ୍ଥାନକୁ ନିମନ୍ତ୍ରଣପତ୍ର ପଠାଯିବ ସେ ସବୁ ନାମର ତାଲିକା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚୂଡାନ୍ତ କରାଯାଇଥିବା ଜଣାପଡ଼ିଛି। ରାଜ୍ୟ ଓ ରାଜ୍ୟ ବାହାରେ ଥିବା ୭୪୬ ଜଗନ୍ନାଥ ମନ୍ଦିର, ୧୧୧ ଅନ୍ୟ ପ୍ରମୁଖ ଧାର୍ମିକ ସ୍ଥଳୀ ଏହିପରି ସମୁଦାୟ ୮୫୭ ଗୋଟି ଦେବସ୍ଥଳୀକୁ ନିମନ୍ତ୍ରଣ ପତ୍ର ପଠାଯିବ ବୋଲି ସୂଚନା ମିଳିଛି। ଏଥିସହ ଚାରିପୀଠର ଶଙ୍କରାଚାର୍ଯ୍ୟ ଓ ନେପାଳ ରାଜାଙ୍କୁ ମଧ୍ୟ ନିମନ୍ତ୍ରଣ କରାଯିବ। ଅତିଥିମାନଙ୍କୁ ନିମନ୍ତ୍ରଣ କରିବା ପାଇଁ ଟିମ୍ ଯିବ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ନିଯୋଗଙ୍କୁ ସୂଚନା ଦିଆଯାଇଥିବା ବେଳେ ସମସ୍ତ ନିଯୋଗ ସେମାନଙ୍କ ସଦସ୍ୟମାନଙ୍କ ନାମ ଶ୍ରୀମନ୍ଦିର ପ୍ରଶାସନକୁ ଦେଇସାରିଥିବା ଜଣାପଡ଼ିଛି। ଆସନ୍ତା ୧୯କିମ୍ବା ୨୦ତାରିଖ ଦିନ ଟିମ ପୃଥକ୍ ପୃଥକ୍ ଭାବରେ ନିମନ୍ତ୍ରଣ ପାଇଁ ବିଭିନ୍ନ ସ୍ଥାନକୁ ଯାତ୍ରା କରିବେ ବୋଲି ଜଣାପଡ଼ିଛି। ତେବେ ନିମନ୍ତ୍ରଣ କିଟ୍‌ରେ ନିମନ୍ତ୍ରଣ ପତ୍ର ସହ ପରିକ୍ରମା ପ୍ରକଳ୍ପର ଏକ ବ୍ରୋଚର, ପତିତପାବନ ବାନା ଓ ମହାପ୍ରସାଦ ରହିବ। ପରିକ୍ରମା ପ୍ରକଳ୍ପର ଲୋକାର୍ପଣକୁ ନେଇ ପୁରୀବାସୀଙ୍କଠାରୁ ଆରମ୍ଭ କରି ଅଗଣିତ ଜଗନ୍ନାଥ ପ୍ରେମୀ ଉତ୍କଣ୍ଠିତ ରହିଛନ୍ତି।

### ବରିଷ୍ଠ ଆଇନଜୀବୀ ଅଶୋକଙ୍କ ପରଲୋକ

କାକଟପୁର, ୧୭।୧୨ (ଶୁଭଦର୍ଶନ ମିଶ୍ର)

କାକଟପୁର ତହସିଲର ବରିଷ୍ଠ ଆଇନଜୀବୀ ତଥା ମା' ମଙ୍ଗଳାଙ୍କ ସେବାୟତ ଅଶୋକ ଦୀକ୍ଷିତ (୫୭)ଙ୍କ ଶନିବାର ବିଳମ୍ବିତ ରାତିରେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ୨ ଝିଅ ଅନନ୍ୟା ଓ ଐଶ୍ୱର୍ଯ୍ୟା, ସ୍ତ୍ରୀ, ସାନଭାଇ, ପୁତୁରାମାନେ ଉପସ୍ଥିତ ଥିଲେ। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ଆଇନ ବିଶାରଦ ଓ ମେଳାପୀ ଥିଲେ। ସେବାୟତ ଭାଇ, ସାଙ୍ଗ ସାଥୀ, ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଓ ଆଇନଜୀବୀ ଅଶୋକ ଦାଶ, କମଳ ଲୋଚନ ଦୀକ୍ଷିତ, ତ୍ରିନାଥ ସ୍ୱାଇଁ, ଦିଲୀପ ଦଳେଇ, ଲକ୍ଷ୍ମୀକାନ୍ତ ଶତପଥୀ, ନିରେନ ପ୍ରସାଦ ମହାନ୍ତି ପ୍ରମୁଖ ପୁଷ୍ପମାଲ୍ୟ ଦେଇଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ପୁତୁରା ନିହାର, ୨ଝିଅ ମୁଖାଗ୍ନି ଦେଇଥିବାବେଳେ ସାନଭାଇ ଗୁଲୁ, ସଭାପତି ଦେବରାଜ ଦୀକ୍ଷିତ, ସମିତିସଭ୍ୟ ସମରେନ୍ଦ୍ର ଦୀକ୍ଷିତ, ପ୍ରଭାତ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ।

# କୁରାଳ ପଞ୍ଚମୀରେ ପୂଜା ପାଇଲେ ରୁଦ୍ରପାଳ, ରତ୍ନେଶ୍ୱରୀ

ପୁରୀ, ୧୭।୧୨ (ଅଜିତ୍ ମହାନ୍ତି)


କୁରାଳ ପଞ୍ଚମୀ ଅବସରରେ କୁମ୍ଭାରମାନଙ୍କ ଇଷ୍ଟଦେବ ରୁଦ୍ରପାଳ ଏବଂ ଦେବୀ ରତ୍ନେଶ୍ୱରୀ ପୂଜା ପାଉଛନ୍ତି ।

ମାର୍ଗଶିର ଶୁକ୍ଳପକ୍ଷ ପଞ୍ଚମୀ ରବିବାରଠାରୁ କୁମ୍ଭକାରଙ୍କ ବଡ଼ ପର୍ବ କୁରାଳ ପଞ୍ଚମୀ ଆରମ୍ଭ ହୋଇଛି। ଏହି ପର୍ବ ପାଞ୍ଚ ଦିନ ଧରି ଚାଲିବ। କୁମ୍ଭକାରମାନେ ବର୍ଷ ତମାମ କରୁଥିବା ତାଙ୍କ କୌଳିକ ବୃତ୍ତିରୁ ଏହି ପର୍ବରେ ନିବୃତ୍ତ ରହିଥାନ୍ତି। କୁମ୍ଭକାରଙ୍କ ବ୍ୟବହୃତ ସାମଗ୍ରୀ ଚକ୍ର, ହାଣ୍ଡିଗଢ଼ା ସରଞ୍ଜାମ, ପିଣ୍ଡ ପିଟଣାକୁ ଶାଳଘରଗୁଡ଼ିକରେ ତାଙ୍କ ଇଷ୍ଟଦେବ ରୁଦ୍ରପାଳ ଏବଂ ଦେବୀ ରତ୍ନେଶ୍ୱରୀଙ୍କ ପାଖରେ ପୂଜା କରିଥାନ୍ତି। ଏହି ଅବସରରେ କୁମ୍ଭକାରମାନେ ନବବସ୍ତ୍ର ପରିଧାନ କରି ପୂଜାରେ ବସନ୍ତି। ସାରା ରାଜ୍ୟ ସମେତ ପୁରୀ ସହରର କୁମ୍ଭାରପଡ଼ା, ଟିକରପଡ଼ା ଓ ନୂଆସାହି ପ୍ରଭୃତି ଅଞ୍ଚଳରେ ବସବାସ କରୁଥିବା କୁମ୍ଭକାର ପରିବାର ଏହି ପର୍ବକୁ ଧୁମଧାମରେ ପାଳୁଛନ୍ତି। ଠାକୁରଙ୍କ ପାଖରେ ଏହି ୫ ଦିନ ସଙ୍ଖୁଡ଼ି ଭୋଗ ହେବ। ପଞ୍ଚମୀରେ ସାଦା ଅନ୍ନ, ଷଷ୍ଠୀରେ ପିଠାପଣା, ସପ୍ତମୀରେ ଦହିପଖାଳ, ଅଷ୍ଟମୀରେ ଖେଚୁଡ଼ି ଓ ନବମୀରେ ଚକୁଳି ପିଠା ଭୋଗ କରାଯିବ। ସେହିପରି ଦଶମୀରେ ଠାକୁରଙ୍କ ନିକଟରେ ବାଲଭୋଗ କରାଯାଇ ବିସର୍ଜନ ହେବ। ପୌରାଣିକ କଥା ଅନୁଯାୟୀ, ସୃଷ୍ଟି ସର୍ଜନା ପରେ ମାନବଗଣଙ୍କ ନିମନ୍ତେ ପାକ ପ୍ରସ୍ତୁତ କରୁଥିବାବେଳେ ଭଗବାନ ବିଷ୍ଣୁଙ୍କ ସ୍ୱେଦ ବା ଝାଳରୁ ରୁଦ୍ରପାଳ ଜନ୍ମ ହୋଇଥିଲେ। ପରେ ମାନବଗଣଙ୍କ ପାଇଁ ରୁଦ୍ରପାଳ ଚକରେ ହାଣ୍ଡି ନିର୍ମାଣ କରିଥିଲେ। ତେଣୁ କୁମ୍ଭକାରଙ୍କ ପ୍ରଥମ ପୁରୁଷ ଭାବରେ ରୁଦ୍ରପାଳ ଏବଂ ମହିଳା ଭାବରେ ଦେବୀ ରତ୍ନେଶ୍ୱରୀଙ୍କୁ ବିବେଚନା କରାଯାଏ। କୁମ୍ଭକାରଙ୍କୁ ସେମାନଙ୍କର ବଂଶଧର ବୋଲି ବିବେଚନା କରାଯାଇଥାଏ।

# ଅଡିଟୋରିୟମରେ ଇଡିଏଆର୍ କର୍ମଶାଳା

ପୁରୀ, ୧୭।୧୨ (ଅଜିତ୍ ମହାନ୍ତି)


ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଓଡ଼ିଶା ପକ୍ଷରୁ ଏକ ରାଜ୍ୟସ୍ତରୀୟ କର୍ମଶାଳା ।

ଜିଲା ସଂସ୍କୃତି କାର୍ଯ୍ୟାଳୟ ଅଡିଟୋରିୟମରେ ଇଡିଏଆର୍ (ଇଲେକ୍ଟ୍ରୋନିକ୍ ବିସ୍ତୃତ ଦୁର୍ଘଟଣା ରିପୋର୍ଟ) ସମ୍ପର୍କରେ ପୋଲିସ ଡିଜିଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଓଡ଼ିଶା ପକ୍ଷରୁ ଏକ ରାଜ୍ୟସ୍ତରୀୟ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଇଡିଏଆର୍ ହେଉଛି ଆଇଆର୍‌ଏଡି (ସମନ୍ୱିତ ସଡ଼କ ଦୁର୍ଘଟଣା ଡାଟାବେସ୍)ର ଏକ ସମ୍ପ୍ରସାରଣ ଏବଂ ମୋଟର ଦୁର୍ଘଟଣା କ୍ଷତିପୂରଣ ଦାବି ପାଇଁ ବିଭିନ୍ନ ଅଂଶୀଦାରଙ୍କ ଦ୍ୱାରା ପୀଡ଼ିତଙ୍କ ଦୁର୍ଘଟଣା ଦାବିକୁ ସ୍ୱଚ୍ଛ ଏବଂ ଅସୁବିଧାମୁକ୍ତ ଉପାୟରେ କରିପାରିବ। କର୍ମଶାଳାକୁ ପୋଲିସ ଡିଜି ସୁନୀଲ କୁମାର ବଂଶଲ ଉଦ୍‌ଘାଟନ କରିଥିଲେ। ଆଇପିଏସ୍ ତଥା ପରିବହନ କମିଶନର ଅମିତାଭ ଠାକୁର, ଆଇପିଏସ୍ ତଥା ପୋଲିସ ସିଆଇଡି ସିବି ଆଇଜି ସେଫିନ୍ ଅହମ୍ମଦ, ସଡ଼କ ସୁରକ୍ଷା ଅତିରିକ୍ତ କମିଶନର ଲାଲ ମୋହନ ସେଠୀ, ଏସପି କେ ବିଶାଲ ସିଂ, ଡିଜି ଓ ଏସ୍‌ଆଇଓ ଡ. ଅଶୋକ କୁମାର ହୋତା ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଜି ଓ ଏଏସ୍‌ଆଇଓ ଏନ୍‌ଆଇସି ରମା କ୍ରିଷଣ ଦାଶ, ଯୁଗ୍ମ ସଡ଼କ ସୁରକ୍ଷା କମିଶନର ପିକେ ମହାନ୍ତି, ଏନ୍‌ଆଇସିର ବରିଷ୍ଠ ନିର୍ଦ୍ଦେଶକ ତଥା ରାଜ୍ୟ ପରିବହନ ସଂଯୋଜକ ପ୍ରଶାନ୍ତ ନାୟକ, ସମସ୍ତ ଆର୍‌ଟିଓ, ସମସ୍ତ ଡିଆଇଓ, ଏସ୍‌ଆର୍‌ଏମ୍ ଏବଂ ଆଇଆର୍‌ଏଡିର ସମସ୍ତ ଡିଆର୍‌ଏମ୍ ଏବଂ ଏନ୍‌ଏଚ୍‌ଆଇ, ଆର୍ ଆଣ୍ଡ ବି, ପୋଲିସ, ପରିବହନ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପୁରୀ ଆର୍‌ଟିଓ ରବିନ୍ ପଟ୍ଟନାୟକ ସଂଯୋଜନା କରିଥିଲେ। କର୍ମଶାଳାରେ ସାମୂହିକ ଫଳାଫଳ ପାଇଁ ଇଡିଏଆର୍ କାର୍ଯ୍ୟକାରୀ କରିବାକୁ ବିଭିନ୍ନ କ୍ଷେତ୍ରରେ ସମସ୍ତ ବିଶିଷ୍ଟ ବ୍ୟକ୍ତିଙ୍କୁ ଆଲୋଚନା କରାଯାଇଥିଲା। ଏନ୍‌ଆଇସିଏସ୍‌ଆଇ ନୂଆଦିଲ୍ଲୀର ଆଇଆର୍‌ଏଡିର ପ୍ରୋଜେକ୍ଟ ମ୍ୟାନେଜର ପୱନ ଗୁପ୍ତା ଇ-ଡାରକୁ ବିଭିନ୍ନ ଅଂଶୀଦାରମାନେ କିପରି ବ୍ୟବହାର କରିବେ ଏବଂ ଏହି ଆପ୍ କିପରି ସାହାଯକ ହେବ ସେ ବିଷୟରେ ବର୍ଣ୍ଣନା କରିଥିଲେ। ଏସ୍‌ଟିଏ ଓଡ଼ିଶାର ଯୁଗ୍ମ ସଡ଼କ ସୁରକ୍ଷା କମିଶନର ପି.କେ ମହାନ୍ତି ଧନ୍ୟବାଦ ଦେଇଥିଲେ।

idco Your power to grow ISO 9001 & 14001 | ODISHA NEW OPPORTUNITIES
CAD-3267
OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR
Tender Call Notice No.- BBSR/ELECT/E-4126/19-20/ 3350 Dt.12.12.2023
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement
Name of the Work: SITC of 140 KVA Silent type DG Set and Construction of DG Shed at BPCL Pump House, Bargarh.

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.), IDCO, IDCO Tower, Janpath, Bhubaneswar | Bid ID No. BBSR/ELECT/ e-86/23- 24 | 19.12.2023 at 17.00 hrs. | 28.12.2023 at 17.00 hrs. |

Further details can be seen from the e-procurement portal www.tendersorissa.gov.in. Corrigendum or addendum if any will not be published in newspapers and can be seen in e-procurement portal as well as in IDCO website.
Sd./- Divisional Head (Elect.), IDCO, Bhubaneswar
OIPR-14003/11/0314/2324

OFFICE OF THE EXECUTIVE ENGINEER, P.H. DIVISION, ANGUL No.C-2134
Ph. (06764) 296431, Email- eephangul@yahoo.in
GOVERNMENT OF ODISHA
Bid Identification No.EE PH Division Angul-19/2023-24 dt.15.12.2023

| | | |
|---|---|---|
| 1 | Name of the work | 02 (Two) Nos. |
| 2 | Type of bid | Single bid system |
| 3 | Estimated cost | Rs.20.68 lakhs & Rs.22.19 lakhs |
| 4 | Period of completion | 03 (Three) months |
| 5 | Date & time of availability of bid document in the portal | From 11.00 A.M. of 22.12.2023 to 5.00 P.M. of 02.01.2024 |
| 6 | Last date / time of receipt of bids in the portal | 5.00 P.M. of 02.01.2024 |
| 7 | Date & time of opening of Technical bids | At 11.00 A.M. of 03.01.2024 |
| 8 | Name & address of the Officer inviting bid | Executive Engineer, P.H. Division, Angul |
| 9 | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website. | |

Sd./- (Er. Prasanta Behera), Executive Engineer, P.H. Division, Angul
OIPR-13056/11/0007/2324

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR
Mail Id seccbbsr@gmail.com
INVITATION OF BIDS
E-procurement Tender Call Notice No. 22 of 2023-24
No.4197 (Estg) Bhubaneswar Dated the 14th December-2023
No.B-1462:- The Chief Construction Engineer, Central (R&B) Circle, Bhubaneswar on bahalf of the Governor of Odisha invites percentage rate bids in double cover system for construction works as detailed in the table given below.

| Sl. No. | Name of the work | Approximate estimated cost put to tender (Rs.) | EMD/Bid Security (Rs.in lakh) | Cost of bid document | Class of contractor | Period of completion |
|---|---|---|---|---|---|---|
| 1 | Renovation of Civil Infrastructure of BJB Higher Secondary School under Chief Minister Special Assistance 40th Phase for the year 2023-24. | Rs.1,35,96,388.00 | Rs.1,35,964.00 | Rs.10000.00 Online | B Class / A Class | 6 (Six) Calendar months |
| 2 | Execution of Project works under the Scheme of Chief Minister Special Assistance (Mukhyamantri Swatantra Sahayata) for BJB Autonomous College for the year 2023-24. | Rs.1,26,92,395.00 | Rs.1,26,924.00 | Rs.10000.00 Online | B Class / A Class | 6 (Six) Calendar months |
| 3 | Construction of Urban PHC at Saheed Nagar, Bhubaneswar | Rs.1,08,87,243.00 | Rs.1,08,872.00 | Rs.10000.00 Online | B Class / A Class | 6 (Six) Calendar months |
| 4 | Construction of Urban PHC at Gadakana, Bhubaneswar | Rs.1,21,53,884.00 | Rs.1,21,539.00 | Rs.10000.00 Online | B Class / A Class | 6 (Six) Calendar months |

Date & time of availability of bid document in the portal / online - From 5.00 P.M. of 22.12.2023 to 5.00 P.M. of 06.01.2024. Last date of online submission of bid document inthe portal/online- 5.00 P.M. of 06.01.2024. Date of opening- 11.00 A.M. of 08.01.2024. Name and address of Officer inviting bid- Chief Construction Engineer, Central (R&B) Circle, Bhubaneswar. Further details can be seen from the e-procurement portal: https://tendersorissa.gov.in.
OIPR-34005/11/0006/2324 Sd./- Er. P.K. Mohanty, Chief Construction Engineer, Central (R&B) Circle, Bhubaneswar

# ଗଳା କାଟି ଛାତ୍ରଙ୍କୁ ହତ୍ୟା

## ପୋଖରୀ ହୁଡ଼ାରୁ ରକ୍ତ ଜୁଡୁବୁଡୁ ମୃତଦେହ ଜବତ

ମଙ୍ଗୁଳି-ଜଗତପୁର,୧୭।୧୨(ମାନସ ସାମଲ)

କଟକ ଜିଲା ଜଗତପୁର ଥାନା ଅଧୀନ ପୂର୍ବକଚ୍ଛ ଗ୍ରାମର ଚନ୍ଦନ ପୋଖରୀ ନିକଟ ହୁଡ଼ାରେ ଜଣେ ଛାତ୍ରଙ୍କ ଗଳା କାଟି ହତ୍ୟା କରିବା ପରେ ଫିଙ୍ଗି ଦିଆଯାଇଛି। ସେ ହେଲେ ଉକ୍ତ ଗ୍ରାମର ଜଗନ୍ନାଥ ବେହେରାଙ୍କ ପୁଅ ଜ୍ୟୋତିପ୍ରକାଶ ବେହେରା(୧୨)। ରବିବାର ପୂର୍ବାହ୍ନରେ ଖବରପାଇ ଜୋନ୍-୧ ଏସିପି ଅରୁଣ କୁମାର ସ୍ୱାଇଁ, ଜଗତପୁର ଥାନା ଅଧିକାରୀ ରବୀନ୍ଦ୍ର ନାଥ ମେହେର ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଘଟଣାସ୍ଥଳରୁ ଏକ ଗାମୁଛା ଜବତ କରାଯାଇଛି। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ଜ୍ୟୋତିପ୍ରକାଶଙ୍କ ଗଳା, ହାତ ପାପୁଲି ଓ ପେଟରେ ଗଭୀର କ୍ଷତଚିହ୍ନ ରହିଛି। ତେଣୁ କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରିବା ପରେ ପୋଖରୀ ହୁଡ଼ାରେ ଫିଙ୍ଗି ଦେଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ଦଫା ୩୦୨ ଅନୁଯାୟୀ ଏକ ହତ୍ୟା ମାମଲା(ନଂ.୬୩୦/୨୩) ରୁଜୁ ହୋଇଛି।



ପୋଲିସ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରୁଛି।

ଅଭିଯୋଗ ଅନୁଯାୟୀ, ଜ୍ୟୋତିପ୍ରକାଶ ସ୍ଥାନୀୟ ଲକ୍ଷ୍ମୀନୃସିଂହ ଉ.ପ୍ରା. ବିଦ୍ୟାପୀଠରେ ସପ୍ତମ ଶ୍ରେଣୀରେ ପଢୁଥିଲେ। ସେ ଜଣେ ମେଧାବୀ ଛାତ୍ର ଥିଲେ। ଶନିବାର ସେ ସ୍କୁଲ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କ ପତ୍ତା ପାଇ ନ ଥିଲେ। ଏପରି କି ସାଙ୍ଗସାଥୀଙ୍କୁ ପଚାରିଥିଲେ ମଧ ସେମାନେ କିଛି କହିପାରି ନ ଥିଲେ। ରବିବାର ସକାଳ ପ୍ରାୟ ସାଢ଼େ ୭ଟାରେ ଗ୍ରାମର କେତେଜଣ ମହିଳା ପୋଖରୀକୁ ଗାଧୋଇବା ପାଇଁ ଯାଉଥିବାବେଳେ ଜ୍ୟୋତିପ୍ରକାଶଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଖବରପାଇ ପରିବାର ଲୋକେ ଓ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏ ସମ୍ପର୍କରେ ଏସିପି ସ୍ୱାଇଁ କହିଛନ୍ତି, ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡିଛି। ତେବେ କିଏ ଓ କାହିଁକି ତାଙ୍କୁ ହତ୍ୟା କଲେ ସେ ସମ୍ପର୍କରେ ତଦନ୍ତ ଜାରି ରହିଛି। ଏପରି କି ନିକଟରେ ଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି। ଅଭିଯୁକ୍ତ ଗିରଫ ହେଲେ ହତ୍ୟାର କାରଣ ଜଣାପଡିବ ବୋଲି ସ୍ୱାଇଁ କହିଛନ୍ତି।

## ସଂକ୍ଷେପରେ

### ଖୋର୍ଦ୍ଧାରୁ ନିଖୋଜ ନାବାଳକ ତାଳବସ୍ତରୁ ଉଦ୍ଧାର

ଖୋର୍ଦ୍ଧା,୧୭।୧୨(ପ୍ରଭାତ ପାଣିଗ୍ରାହୀ)

ମେଡିସିନ ଆଣିବାକୁ ଯାଇ ନିଖୋଜ ହୋଇଯାଇଥିବା ନାବାଳକ ୨୪ ଘଣ୍ଟା ପରେ କଟକ ଜିଲା ବାଙ୍କୀ ଥାନା ତାଳବସ୍ତ ଅଞ୍ଚଳରୁ ଉଦ୍ଧାର ହୋଇଥିବା ଆଦର୍ଶ ଥାନା ପୋଲିସ ସୂଚନା ଦେଇଛି। କେହି ତାଙ୍କୁ ଅପହରଣ କରିନେଇଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ସେ ରାଗିକି ଘରୁ ପଳାଇଯାଇଥିବା ପୋଲିସ କହିଛି। ଅଭିଯୋଗ ଅନୁସାରେ, କଟକ ତାଳବସ୍ତ ଅଞ୍ଚଳର ଏକ ପରିବାର ଖୋର୍ଦ୍ଧା ଆଦର୍ଶ ଥାନା ଅଞ୍ଚଳରେ ଭଡାରେ ରୁହନ୍ତି। ଶନିବାର ପୂର୍ବାହ୍ନ ୧୧ଟାରେ ନାବାଳକ ଜଣଙ୍କ ମେଡିସିନ ଆଣିବା ପାଇଁ ସାଇକେଲରେ ଘରୁ ଯାଇଥିଲେ। ତେବେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଘରକୁ ସେ ନ ଫେରିବାରୁ ପରିବାରଲୋକ ଖୋଜାଖୋଜି କରିଥିଲେ। କୌଣସି ସନ୍ଧାନ ନ ମିଳିବାରୁ ଏନେଇ ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୭୯୬/୨୩) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ରବିବାର ଅପରାହ୍ନରେ କୌଣସି ସୂତ୍ରରୁ ଖବରପାଇ ପୋଲିସ ତାଳବସ୍ତ ଗ୍ରାମରୁ ସମ୍ପୃକ୍ତ ନାବାଳକଙ୍କୁ ଉଦ୍ଧାର କରି ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

### ଯୁବକଙ୍କ ମୃତଦେହ ଜବତ

ଖୋର୍ଦ୍ଧା,୧୭।୧୨(ପ୍ରଭାତ ପାଣିଗ୍ରାହୀ)

**ହତ୍ୟା ଅଭିଯୋଗ ଆଣିଲେ ପରିବାର**

ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ଶାଗୁଆନ ବଗିଚା ଅଞ୍ଚଳର ଏକ ଘରୁ ରବିବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ଅଁଳାଯୋଡିର ସୌମ୍ୟରଞ୍ଜନ ମହାନା(୨୬)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ଘଟଣାର ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

### ୬ ଶିକ୍ଷାବିତ୍‌ଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କୃଷ୍ଣପ୍ରସାଦ,୧୭।୧୨
(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ମାଲୁଦ ଶିକ୍ଷା ସର୍କଲରେ ୬ଜଣ ଶିକ୍ଷକ ଓ ଶିକ୍ଷା ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ମାଲୁଦ ସର୍କଲ ରସିଦଗାଁ ପ୍ରାଥମିକ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାଲୁଦ ଶିକ୍ଷା ସର୍କଲ ସଂଘ ସଭାପତି ସୁଦର୍ଶନ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ ଶିକ୍ଷା ଅଧିକାରୀ ମଙ୍ଗୁଳି ଚରଣ ଜେନା, ଆର୍ତ୍ତତ୍ରାଣ ମିଶ୍ର, ଶିକ୍ଷକ ନିରଞ୍ଜନ ବିଶ୍ୱାଳ, ସୁଧୀର ସାହୁ, ବସନ୍ତ ପଣ୍ଡା, ଅଜୟ କୁମାର ନାୟକ, ପୂର୍ଣ୍ଣଚନ୍ଦ୍ର ଦଳାଇ, କୈଳାସ ଚନ୍ଦ୍ର ଭୋଇଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଉକ୍ତ ସଭାରେ ବ୍ଲକ ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁ, ସଂଘ ସମ୍ପାଦକ ସାମନ୍ତ ବିମଳ କୁମାର ରଣସିଂହ, ଶିକ୍ଷକ ମହେନ୍ଦ୍ର ବେହେରା, ସିଆରସିସି ସୁକାନ୍ତ ଜେନା, ପୂର୍ବତନ ସିଆରସିସି ପ୍ରଦୀପ କୁମାର ଦାସ, ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି ବବୁ ବାହନ ବିଶ୍ୱାଳ, ଗ୍ରାମ ସଭାପତି ଭୀମସେନ ବିଶ୍ୱାଳ, ପ୍ରଧାନ ଶିକ୍ଷକ ଶରତ କୁମାର ମହାପାତ୍ରଙ୍କ ସମେତ ବହୁ ଶିକ୍ଷାବିତ୍ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ଦୈତାରୀ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସିଆରସିସି ରମାକାନ୍ତ ଜେନା ଧନ୍ୟବାଦ ଦେଇଥିଲେ।

## ବିଭିନ୍ନ ପ୍ରକଳ୍ପ ଦେଖିଲେ ନବନିଯୁକ୍ତ ଅଧିକାରୀ



ନବନିଯୁକ୍ତ ଅଧିକାରୀ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ଜଟଣୀ,୧୭।୧୨(ରବୀନ୍ଦ୍ରନାଥ ମହାକୁଡ଼)

ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଭିନ୍ନ ଜିଲା ଓ ସହରାଞ୍ଚଳରେ ନୂତନ ଭାବେ ନିଯୁକ୍ତି ପାଇଥିବା ୧୦ ଜଣ ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ୩୦ ଜଣ ନିର୍ବାହୀ ଅଧିକାରୀ ରବିବାର ଖୋର୍ଦ୍ଧା ଜିଲା ଜଟଣୀ ପୌର ପରିଷଦର ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ପୌର ପରିଷଦରେ ନିର୍ମାଣ କରାଯାଇଥିବା ଗୋଶାଳା, ମଳ ଉପଚାର କେନ୍ଦ୍ର, ସମ୍ପଦ କେନ୍ଦ୍ର, ମୁକ୍ତା ପ୍ରକଳ୍ପ, ଧୂସର ଜଳ ପରିଚାଳନା ପ୍ରକଳ୍ପ, ପୋଖରୀ ଉନ୍ନତୀକରଣ, ସ୍ମାର୍ଟ ପାର୍କ, ମଡେଲ ଶ୍ମଶାନ ଆଦି ପରିଦର୍ଶନ କରିଛନ୍ତି। ଅଧିକାରୀମାନେ ସମସ୍ତ ପ୍ରକଳ୍ପର ପରିଚାଳନା କରୁଥିବା ମିଶନ ଶକ୍ତି ଗୋଷ୍ଠୀ, ଟିଜି ଗୋଷ୍ଠୀଙ୍କ ସହ ଆଲୋଚନା କରିଥିଲେ। ପୌର ପରିଷଦର ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଦୀପକ କୁମାର ରଥ, ଆଲୋକ ସ୍ୱାଇଁ, ପତିତପାବନ ସ୍ୱାଇଁ, ସାଗରିକା ପ୍ରଧାନ, ମଧୁସ୍ମିତା ବିଶ୍ୱାଳ, ଲିପ୍ସା ରାଓ, ଚିନ୍ମୟ ସାହୁ, ସତ୍ୟବ୍ରତ ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ।

## ଅନ୍ତର୍ନିହିତ ପ୍ରତିଭା ବିକଶିତ କରେ ପ୍ରତିଯୋଗିତା

କୃଷ୍ଣପ୍ରସାଦ,୧୭।୧୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମୋରଡ଼ା ବଟେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ କୃଷ୍ଣପ୍ରସାଦ ଜୋନ୍ ପକ୍ଷରୁ ୪୦ତମ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବଟେଶ୍ୱର ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୈଳାସ ଚନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ବିଆର୍‌ସିସି ସତ୍ୟବ୍ରତ ସାହୁ, ମୁଖ୍ୟବକ୍ତା ପୂର୍ବତନ ଓଷ୍ଟା ସଭାପତି ପଦ୍ମଚରଣ ତରେଇ, ସମ୍ମାନିତ ଅତିଥି ଅତିରିକ୍ତ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ, ସିଆଳ ସରପଞ୍ଚ ରବି ନାରାୟଣ ମାଝୀ, ସମିତିସଭ୍ୟ ଭୀମସେନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। କୃଷ୍ଣପ୍ରସାଦ ବ୍ଲକ ଓଷ୍ଟା ଜୋନ୍ ସଭାପତି ପ୍ରଧାନ ଶିକ୍ଷକ କାଶୀନାଥ ଜେନା, ସମ୍ପାଦକ ପ୍ରଧାନ ଶିକ୍ଷକ ସନାତନ ତରେଇଙ୍କ ନେତୃତ୍ୱରେ ଆୟୋଜିତ ଉତ୍ସବରେ ୪ଶହ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସହକାରୀ ଶିକ୍ଷକ ଅକ୍ଷୟ କୁମାର ସାମନ୍ତସିଂହାର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶଙ୍କର୍ଷଣ ଦାସ ମଞ୍ଚ ପରିଚାଳନା କରିଥିଲେ। ତର୍କ, ଆବୃତ୍ତି, ଗଳ୍ପଲିଖନ, କବିତା ରଚନା, ଚିତ୍ରାଙ୍କନ, ଏକକ ନୃତ୍ୟ, ସାଧାରଣ ଜ୍ଞାନ, କୁଇଜ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତି ବିଭାଗରୁ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀମାନେ କବି ପ୍ରସନ୍ନ ପାଟ୍ଟଶାଣୀ ଉଚ୍ଚ ବିଦ୍ୟାଳୟ ମୁନିନ୍ଦା ଡେଲାଙ୍ଗଠାରେ ହେବାକୁଥିବା ଜିଲାସ୍ତରୀୟ ଶିଶୁ ଉତ୍ସବରେ ଭାଗନେବେ ବୋଲି କୃଷ୍ଣପ୍ରସାଦ ଓଷ୍ଟା ସଭାପତି କାଶୀନାଥ ଜେନା କହିଛନ୍ତି। ଶେଷରେ ବଟେଶ୍ୱର ହାଇସ୍କୁଲ ପ୍ରଧାନ ଶିକ୍ଷକ ଅମିନ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।




ବ୍ଲକସ୍ତରୀୟ ଶିଶୁ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

## ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

ନିରାକାରପୁର,୧୭।୧୨
(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ମଳିପଡ଼ାସ୍ଥିତ କବି ପ୍ରସନ୍ନ ପାଟ୍ଟଶାଣୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ଅଧକ୍ଷ ମିହିର ଚନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ, ସମ୍ମାନିତ ଅତିଥି କଂପୁର ସରପଞ୍ଚ ସୋନାଲି ଶ୍ରୀଚନ୍ଦନ, ସମାଜସେବୀ ଦୁଃଶାସନ ଗୁମାନ୍‌ସିଂହ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ନିଷ୍ଠା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଶିକ୍ଷାର୍ଥୀମାନଙ୍କୁ ସେବାବ୍ରତୀ ହେବା ନିମନ୍ତେ ଅତିଥିମାନେ ମାର୍ଗଦର୍ଶନ କରିଥିଲେ। ବାଳକ ବିଭାଗରେ ସମୀର ଭୋଇ ଓ ବାଳିକା ବିଭାଗରେ ସରସ୍ୱତୀ ଦାସ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ସାହିତ୍ୟ ଓ ସଂସ୍କୃତି ବିଭାଗରେ ପ୍ରତୀକ୍ଷା ରାୟ ଶ୍ରେଷ୍ଠ ବିବେଚିତ ହୋଇଥିଲେ। ନୋଡାଲ ଅଫିସର ପ୍ରାଣେଶ୍ୱର ଜୟସିଂ ମଞ୍ଚ ପରିଚାଳନା କରିଥିବା ବେଳେ ସମସ୍ତ ଅଧାପିକା, ଅଧାପକ ଓ କର୍ମଚାରୀ ସହଯୋଗ କରିଥିଲେ।

## ଚିଲିକା କୈବର୍ତ୍ତ ଜାଗରଣ ମହାସମାବେଶ



ଟାଙ୍ଗୀ,୧୭।୧୨(ରଘୁନାଥ ସାହୁ)

ଚିଲିକା କୈବର୍ତ୍ତ ଜାଗରଣ ମହାସମାବେଶ ରବିବାର ବାଲିପାଟପୁର ଜେଟିଠାରେ ଭୂଷଣ୍ଡପୁର, ବାଲିପାଟପୁର ଓ ଜଗନ୍ନାଥପୁର ଗ୍ରାମବାସୀଙ୍କ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲା କୈବର୍ତ୍ତ ମହାସଭା ସଭାପତି ଶ୍ୟାମସୁନ୍ଦର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ବିଧାୟକ ଶଶିଭୂଷଣ ବେହେରା, ସମ୍ମାନିତ ଅତିଥି କୈବର୍ତ୍ତ ମହାସଭାର ସଭାପତି ଡ.ଦେବେନ୍ଦ୍ର ନାଥ ବେହେରା, ସମ୍ପାଦକ ରାମଚନ୍ଦ୍ର ବେହେରା, ଉପଦେଷ୍ଟା ନାରାୟଣ ବେହେରା ପ୍ରମୁଖ ଯୋଗଦେଇଥିଲେ। କୈବର୍ତ୍ତ ଜାତିକୁ ଅନୁସୂଚିତ ଜାତିର ମାନ୍ୟତା ବଜାୟ ରଖିବା ପାଇଁ ସମାବେଶରେ ଦାବି କରାଯାଇଥିଲା। ୮ ହଜାରରୁ ଊର୍ଦ୍ଧ୍ୱ ମହିଳା, ଛାତ୍ରୀଛାତ୍ର ଓ ମତ୍ସ୍ୟଜୀବୀ ଏହି ଦାବି ଜଣାଇଥିଲେ। ଏହି ଅବସରରେ ସାତପଡ଼ାର ଫାଲ୍‌ଗୁନୀ ଜାଲିଙ୍କୁ ବିଜ୍ଞାନ କୈବର୍ତ୍ତ ସମ୍ମାନ, ଭୂଷଣ୍ଡପୁରର ପବିତ୍ର କୁମାର ବେହେରା ଓ ଜଗନ୍ନାଥପୁରର ସୁଧାକର ବେହେରାଙ୍କୁ କୈବର୍ତ୍ତ ଶିକ୍ଷା ସୌରଭ ସମ୍ମାନରେ ସମ୍ମାନିତ କରାଯାଇଛି। ଭୂଷଣ୍ଡପୁର ୪ ସାହିର ଜନସାଧାରଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମତ୍ସ୍ୟଜୀବୀ ମହାସଂଘ ସଂପାଦକ କାଳନ୍ଦୀ ବେହେରା ଧନ୍ୟବାଦ ଦେଇଥିଲେ।

## ଯୁବ ଓଡ଼ିଶା-ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ




ନିରାକାରପୁର,୧୭।୧୨ (ମାନସ ଚନ୍ଦ୍ର ପଟ୍ଟନାୟକ)

କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରେ ଯୁବ ଓଡ଼ିଶା-ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ୍ ମେଜର ପ୍ରଫେସର କ୍ଷୀରୋଦ ପ୍ରସାଦ ମହାନ୍ତି ଯୁବବର୍ଗଙ୍କୁ କର୍ମନିଷ୍ଠ ଓ ଅଧବସାୟୀ ହେବାକୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ଡ. ସଞ୍ଜୟ କୁମାର ମହାପାତ୍ର ପୌରୋହିତ୍ୟ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷା ବ୍ରତତୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲା ପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂ, ଯୁବ ସଙ୍ଗଠକ ଶୁଭମ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଧ୍ୟାପିକା କାଦମ୍ବିନୀ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧାପକ ଡ.ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ। ଅଧାପକ ଡ.ପ୍ରଭାତ କୁମାର ଦାଶ, ଜୟନ୍ତ ବାନାର୍ଜୀ, ସୌରଭ ମହାପାତ୍ର, ଚନ୍ଦନ ମିଶ୍ର, ପୁଣ୍ୟଦର୍ଶନ ମିଶ୍ର, ଦୁର୍ଗା ପ୍ରସାଦ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା ୨୯ ତାରିଖରେ ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ପାଳିତ ହେବ ବୋଲି ଅଧକ୍ଷା ମିଶ୍ର ସୂଚନା ଦେଇଛନ୍ତି ।

## 'ମାଣବସା-ଲକ୍ଷ୍ମୀ ପୁରାଣ' ଏକ ସମୀକ୍ଷା ଆଲୋଚନାଚକ୍ର

ଜଟଣୀ,୧୭।୧୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ନିକଟ ତାରେଶ୍ୱର ଦେବଙ୍କ ମନ୍ଦିରଠାରେ ଆମରି ସତ୍ୟବିକାଶ ପରିଷଦ ପକ୍ଷରୁ 'ମାଣବସା-ଲକ୍ଷ୍ମୀ ପୁରାଣ' ଏକ ସମୀକ୍ଷା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଦ୍ମନାଭ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଆଦିନାରାୟଣ ଖଣ୍ଡୁଆଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ଆରତି କର ଯୋଗଦେଇଥିଲେ। ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣରେ ବର୍ଣ୍ଣିତ ପତିବ୍ରତା ନାରୀଙ୍କ ଲକ୍ଷଣ, ମାର୍ଗଶିର ମାସର ମାହାତ୍ମ୍ୟ, ଓଡ଼ିଆ ଘରର ସଂସ୍କୃତି ପରମ୍ପରା ଉପରେ ଆଲୋଚନା କରାଯାଇଥିଲା। ସମ୍ମାନିତ ଅତିଥିଭାବେ ପଣ୍ଡିତ ରମାକାନ୍ତ ମିଶ୍ର ଯୋଗଦେଇ ଲକ୍ଷ୍ମୀଙ୍କ ବାସସ୍ଥାନ, ସଦାଚାର, ଜାତିଗତ ଭେଦଭାବ ଦୂର କରିବା ପାଇଁ କିଭଳି ଦର୍ଶନ ଲକ୍ଷ୍ମୀ ପୁରାଣରେ ରହିଛି ସେ ଦିଗରେ ଆଲୋଚନା କରିଥିଲେ। ଆମରି ସତ୍ୟର ପ୍ରତିଷ୍ଠାତା ଡ.ପ୍ରମୋଦ ଚନ୍ଦ୍ର ଦାସ ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣରେ ବର୍ଣ୍ଣିତ ସାମାଜିକ ମାର୍ଗଦର୍ଶ, ଦେବ, ବିପ୍ର ଅତିଥିମାନଙ୍କୁ କିପରି ସମ୍ମାନ ପ୍ରଦାନ କରାଯାଏ ସେ ସମ୍ପର୍କରେ କହିଥିଲେ। ପଦ୍ମନାଭ ପାଣିଗ୍ରାହୀ ନାରୀ ସଶକ୍ତୀକରଣ, ସାମାଜିକ ସଂସ୍କାର, ପରିବେଶ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ପ୍ରମୋଦ କୁମାର ମହାନ୍ତି, ରଶ୍ମିତା ନାୟକ ଏବଂ ପଦ୍ମଲୋଚନ ସାହୁ ସମ୍ପାଦନ କରିଥିଲେ। କାର୍ଯ୍ୟକ୍ରମରେ ଅନନ୍ତ ଚରଣ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମରଜିତ ପଟ୍ଟନାୟକ, ବାସୁଦେବ ସାହୁ, କିଶୋର ଚନ୍ଦ୍ର ପାଇକରାୟ, ଜଗନ୍ନାଥ ନାୟକ, ଦାଶରଥି ପଟ୍ଟନାୟକ, ଆରତୀ ସେନ, ରଜନୀ ରଣସିଂହ, ସୁରେଶ ସ୍ୱାଇଁ, ପ୍ରଭାସ ମଙ୍ଗରାଜ, ସୌରଭ ଦାଶ, ହେମଲତା ସାହୁ ପ୍ରମୁଖ କବିତା ପାଠ କରିଥିଲେ। ବ୍ରଜବନ୍ଧୁ ନାୟକ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ବିଦ୍ୟାର୍ଥୀଙ୍କ ସୃଜନଶୀଳତା ବିକାଶର ଅନ୍ତୁଡ଼ିଶାଳ 'ନୂଆ-ଓ'

ବୋଲଗଡ଼,୧୭।୧୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଦେଉଳିସ୍ଥିତ ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅଧକ୍ଷ ଡ. ତପନ କୁମାର ଜେନାଙ୍କ ସଭାପତିତ୍ୱରେ ୮ଦିନ ଧରି ଚାଲିଥିବା 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ରାଜକିଶୋର ବ୍ରହ୍ମା ଯୋଗଦେଇ ବିଦ୍ୟାର୍ଥୀଙ୍କ ସୃଜନଶୀଳତା ବିକାଶର ମାଧ୍ୟମ ପାଲଟିଛି ନୂଆ-ଓ କାର୍ଯ୍ୟକ୍ରମ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ବୋଲଗଡ ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାଗୀରଥି ସାହୁ, ସରପଞ୍ଚ ପ୍ରଦୀପ କୁମାର ବାରିକ, ସାନପଦର ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ସମିତିସଭ୍ୟ ଦିଲୀପ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ କେଦାରନାଥ ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ତ୍ରିଲୋଚନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ବିଭିନ୍ନ ବିଷୟ ନେଇ ଆୟୋଜିତ ଶୋଭାଯାତ୍ରା ଓ ପଥପ୍ରାନ୍ତ ନାଟକ ପ୍ରଦର୍ଶନକୁ ବିଭାଗୀୟ ନୋଡାଲ ଅଧିକାରୀ ପରିଚାଳନା କରିଥିବା ବେଳେ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ। ଶ୍ରେଷ୍ଠ ଛାତ୍ରୀଭାବେ ଶ୍ୱେତାଲିନା ପ୍ରିୟଦର୍ଶନୀ ସାହୁଙ୍କୁ ସମ୍ମାନିତ କରାଯାଇଥିବା ବେଳେ ରଘୁନାଥ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶେଖ୍ ଅବଦୁଲ ବରଖାତୁଲ୍ଲା ଧନ୍ୟବାଦ ଦେଇଥିଲେ।




ଅତିଥିଙ୍କଠାରୁ ଜଣେ ପ୍ରତିଯୋଗୀ ପୁରସ୍କାର ଗ୍ରହଣ କରୁଛନ୍ତି।

idco Your power to grow ISO 9001 & 14001 | ODISHA NEW OPPORTUNITIES
CAD-3267

**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**

Tender Call Notice No.- BBSR/ELECT/E-4126/19-20/ 3350 Dt.12.12.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

Name of the Work: SITC of 140 KVA Silent type DG Set and Construction of DG Shed at BPCL Pump House, Bargarh.

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.), IDCO, IDCO Tower, Janpath, Bhubaneswar | Bid ID No. BBSR/ELECT/ e-86/23- 24 | 19.12.2023 at 17.00 hrs. | 28.12.2023 at 17.00 hrs. |

Further details can be seen from the e-procurement portal www.tendersorissa.gov.in. Corrigendum or addendum if any will not be published in newspapers and can be seen in e-procurement portal as well as in IDCO website.

Sd./- Divisional Head (Elect.), IDCO, Bhubaneswar
OIPR-14003/11/0314/2324

**OFFICE OF THE EXECUTIVE ENGINEER, P.H. DIVISION, ANGUL** No.C-2134
Ph. (06764) 296431, Email- eephangul@yahoo.in
**GOVERNMENT OF ODISHA**
**Bid Identification No.EE PH Division Angul-19/2023-24 dt.15.12.2023**

| | | | |
|---|---|---|---|
| 1 | Name of the work | : | 02 (Two) Nos. |
| 2 | Type of bid | : | Single bid system |
| 3 | Estimated cost | : | Rs.20.68 lakhs & Rs.22.19 lakhs |
| 4 | Period of completion | : | 03 (Three) months |
| 5 | Date & time of availability of bid document in the portal | : | From 11.00 A.M. of 22.12.2023 to 5.00 P.M. of 02.01.2024 |
| 6 | Last date / time of receipt of bids in the portal | : | 5.00 P.M. of 02.01.2024 |
| 7 | Date & time of opening of Technical bids | : | At 11.00 A.M. of 03.01.2024 |
| 8 | Name & address of the Officer inviting bid | : | Executive Engineer, P.H. Division, Angul |
| 9 | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website. | | |

Sd./- (Er. Prasanta Behera),
Executive Engineer,
P.H. Division, Angul
OIPR-13056/11/0007/2324

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR
Mail Id seccbbsr@gmail.com
INVITATION OF BIDS
E-procurement Tender Call Notice No. 22 of 2023-24

No.4197 (Estg) Bhubaneswar — Dated the 14th December-2023

No.B-1462:- The Chief Construction Engineer, Central (R&B) Circle, Bhubaneswar on bahalf of the Governor of Odisha invites percentage rate bids in double cover system for construction works as detailed in the table given below.

| Sl. No. | Name of the work | Approximate estimated cost put to tender (Rs.) | EMD/Bid Security (Rs.in lakh) | Cost of bid document | Class of contractor | Period of completion |
|---|---|---|---|---|---|---|
| 1 | Renovation of Civil Infrastructure of BJB Higher Secondary School under Chief Minister Special Assistance 40th Phase for the year 2023-24. | Rs.1,35,96,388.00 | Rs.1,35,964.00 | Rs.10000.00 Online | B Class / A Class | 6 (Six) Calendar months |
| 2 | Execution of Project works under the Scheme of Chief Minister Special Assistance (Mukhyamantri Swatantra Sahayata) for BJB Autonomous College for the year 2023-24. | Rs.1,26,92,395.00 | Rs.1,26,924.00 | Rs.10000.00 Online | B Class / A Class | 6 (Six) Calendar months |
| 3 | Construction of Urban PHC at Saheed Nagar, Bhubaneswar | Rs.1,08,87,243.00 | Rs.1,08,872.00 | Rs.10000.00 Online | B Class / A Class | 6 (Six) Calendar months |
| 4 | Construction of Urban PHC at Gadakana, Bhubaneswar | Rs.1,21,53,884.00 | Rs.1,21,539.00 | Rs.10000.00 Online | B Class / A Class | 6 (Six) Calendar months |

Date & time of availability of bid document in the portal / online - From 5.00 P.M. of 22.12.2023 to 5.00 P.M. of 06.01.2024. Last date of online submission of bid document inthe portal/online- 5.00 P.M. of 06.01.2024. Date of opening- 11.00 A.M. of 08.01.2024. Name and address of Officer inviting bid- Chief Construction Engineer, Central (R&B) Circle, Bhubaneswar. Further details can be seen from the e-procurement portal: https://tendersorissa.gov.in.

OIPR-34005/11/0006/2324 Sd./- Er. P.K. Mohanty, Chief Construction Engineer, Central (R&B) Circle, Bhubaneswar

# ନବୀକରଣ ହେବ ବାରବାଟୀ ଷ୍ଟାଡିୟମ

- ଖର୍ଚ୍ଚ ହେବ ୬୦୦ କୋଟି
- ଓସିଏ ବାର୍ଷିକ ସାଧାରଣ ପରିଷଦ ବୈଠକ
- ଜାନୁୟାରୀ ସୁଦ୍ଧା ପ୍ରସ୍ତୁତ ହେବ ଡିପିଆର


ଓସିଏ ବାର୍ଷିକ ସାଧାରଣ ପରିଷଦ ବୈଠକରେ ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ, ସାଧାରଣ ସମ୍ପାଦକ ସଞ୍ଜୟ ବେହେରା ଏବଂ ଅନ୍ୟମାନେ।

କଟକ,୧୭।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକର ଐତିହାସିକ ବାରବାଟୀ ଷ୍ଟାଡିୟମ ନବୀକରଣ ପାଇଁ ଖର୍ଚ୍ଚ ହେବ ୬୦୦ କୋଟି। ବିସିସିଆଇ ଅନୁଦାନ ଓ ରାଜ୍ୟ ସରକାରଙ୍କ ସହାୟତାରେ ଏହି ନବୀକରଣ କାର୍ଯ୍ୟ କରାଯିବ। ଏଥିପାଇଁ ଜାନୁୟାରୀ ସୁଦ୍ଧା ଡିପିଆର ପ୍ରସ୍ତୁତ ହେବ। ଏନେଇ ରବିବାର ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ବାର୍ଷିକ ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ହୋଇଛି। କିନ୍ତୁ ଏହା ପୂର୍ବରୁ ଓସିଏ ଏବଂ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ (ଓଓଏ) ହାତକୁ ବାରବାଟୀ ଷ୍ଟାଡିୟମ୍‌ର ମାଲିକାନା ଆସିବାକୁ ହେବ। ଏ ପ୍ରକ୍ରିୟା ନେଇ ପ୍ରଚେଷ୍ଟା କରାଯାଉଛି। ବାରବାଟୀ ଷ୍ଟାଡିୟମକୁ ନୂଆକରି ଗଢ଼ିବାକୁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ପ୍ରସ୍ତାବ ରଖିବ ଓସିଏ। ଏନେଇ ରିପୋର୍ଟ ଚୂଡ଼ାନ୍ତ ହେବା ପରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ବୋଲି ବୈଠକରେ ଓସିଏ ସାଧାରଣ ସମ୍ପାଦକ ସଞ୍ଜୟ ବେହେରା ଗୃହର ସମସ୍ତ ସଦସ୍ୟଙ୍କୁ ସୂଚନା ଦେଇଛନ୍ତି।

ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଦିଗ ନେଇ ଆଲୋଚନା ହୋଇଥିଲା। ଦୀର୍ଘ ୭୦ ବର୍ଷ ତଳେ ନିର୍ମାଣ ହୋଇଥିବା ଏହି ଷ୍ଟାଡିୟମ ଏବେ ଅସୁରକ୍ଷିତ ବୋଲି ଓସିଏ ସମ୍ପାଦକ ବେହେରା କହିଛନ୍ତି। ଷ୍ଟାଡିୟମ୍‌ର ୧, ୨, ୪, ୫, ୬ ଓ ୭ ଗ୍ୟାଲେରି ଦୁର୍ବଳ ହୋଇପଡ଼ିଛି। ତେଣୁ ଆୟୋଜିତ ବୈଠକରେ ଏନେଇ କାଉନ୍‌ସିଲ ମେମ୍ବରମାନଙ୍କ ସହମତି ଲୋଡ଼ାଯାଇଥିଲା। ବାରବାଟୀର ନବୀକରଣ କରାଯିବ, ନଚେତ୍ ନୂଆ ସ୍ଥାନରେ ଷ୍ଟାଡିୟମ୍ ନିର୍ମାଣ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ପ୍ରାୟ ସମସ୍ତ ସଦସ୍ୟ ବାରବାଟୀ ଷ୍ଟାଡିୟମ୍‌ର ନବୀକରଣ ଉପରେ ଗୁରୁତ୍ୱ ଦେଇଥିଲେ। କିନ୍ତୁ ନବୀକରଣ ଲାଗି ବିସିସିଆଇ ଅନୁମତି ଜରୁରୀ। ତେଣୁ ଅନୁମତି ପାଇବାକୁ ହେଲେ ପ୍ରଥମେ ଷ୍ଟାଡିୟମ୍‌ର ମାଲିକାନା ଓସିଏ ହାତକୁ ଆସିବା ଦରକାର। କିନ୍ତୁ ବାରବାଟୀ ଷ୍ଟାଡିୟମ୍ ଜମି ଏବେ ଓସିଏ ହାତରେ ନାହିଁ। ରାଜ୍ୟ ସରକାରଙ୍କଠାରୁ ଅଲିମ୍ପିକ ଆସୋସିଏଶନ୍ ଲିଜ୍‌ରେ ଆଣି ତାକୁ ସବ୍‌ଲିଜ୍‌ରେ ଓସିଏକୁ ଦେଉଛି। ତେଣୁ ଏଥିପାଇଁ ପ୍ରଥମେ ଓସିଏ ହାତକୁ ବାରବାଟୀ ଷ୍ଟାଡିୟମ୍ ମାଲିକାନା ଆସିବା ଦରକାର ବୋଲି ବୈଠକରେ ଆଲୋଚନା ହୋଇଥିଲା। ନିକଟରେ କଟକର କିଛି କ୍ରୀଡ଼ା ସଂଗଠକ ଏବଂ ଓଡ଼ିଶା କ୍ରିକେଟ ଆସୋସିଏଶନ୍ ସାଧାରଣ ସମ୍ପାଦକ ସଞ୍ଜୟ ବେହେରା ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ଭେଟି ଏ ସମ୍ପର୍କରେ ଉପସ୍ଥାପନା କରିଥିଲେ। ଏହାଛଡ଼ା ବାରବାଟୀକୁ ମ୍ୟାଚ୍ ନ ଆସିବା ସମ୍ପର୍କରେ ଓସିଏ ବିସିସିଆଇକୁ ଅବଗତ କରାଇଛି। କାହିଁକି ନା ରୋଟେଶନ ଆଧାରରେ ମ୍ୟାଚ୍ ଆସିଥାଏ। ତେଣୁ ଆଗାମୀ ଦିନରେ ବାରବାଟୀ ଟେଷ୍ଟ ଭେନ୍ୟୁ ହେବ ବୋଲି ସ୍ପଷ୍ଟ କରିଛି ଓସିଏ। ଏଥିପାଇଁ ଷ୍ଟାଡିୟମରେ ଲାଲ୍ ମାଟିରେ ପିଚ୍ ପ୍ରସ୍ତୁତ ହୋଇଛି। ଏହାଛଡ଼ା ୩ଟି ଗ୍ୟାଲେରିକୁ ନୂଆରୂପ ଦେବା ପାଇଁ ପ୍ରସ୍ତୁତି ଆରମ୍ଭ ହେବ। ଅନ୍ୟପକ୍ଷରେ ଆସନ୍ତା ଘରୋଇ ସିଜନ୍‌ରେ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ କରିବାରେ କିଛି ସଂସ୍କାର ଆଣିବାକୁ ଯାଉଛି ଓସିଏ। ଦୁଇବର୍ଷ ଅନ୍ତରରେ ଥରେ ଲେଖାଏ ଇଣ୍ଟ୍ରା କ୍ଲବ୍ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ଆଗକୁ ଆନ୍ତଃ ସ୍କୁଲ୍ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ କରିବାକୁ ଯାଉଛି ଓସିଏ। ଏଥିପାଇଁ ପ୍ରଥମେ ଜିଲାସ୍ତରରେ ମ୍ୟାଚ୍ ଖେଳାଯିବ। ପରେ ଏଥିରୁ ଶ୍ରେଷ୍ଠ ୫୦ ଖେଳାଳିଙ୍କୁ ଚିହ୍ନଟ କରାଯିବ। ପୂର୍ବରୁ ଏହି କ୍ଲବ ମ୍ୟାଚ୍ ପ୍ରତିବର୍ଷ ହେଉଥିଲା। ଏହା ହେବାଦ୍ୱାରା କ୍ଲବ କ୍ରିକେଟ୍‌ର ବିକାଶ ମଧ୍ୟ ହୋଇପାରିବ। ଏହାସହ ଆନ୍ତଃଜିଲା ସ୍କୁଲ କ୍ରିକେଟକୁ ମଧ୍ୟ ଫୋକସରେ ରଖିଛି ଓସିଏ। ତୃଣମୂଳସ୍ତରରୁ ଖେଳାଳି ଚୟନ କରିବା ପାଇଁ ଏହି ଆୟୋଜନ ଓସିଏ ଲାଗି ମଧ୍ୟ ଏକ ବଡ଼ ଉପଲବ୍ଧି ହେବ। ଏହି ଅବସରରେ ଉପସଭାପତି ପଙ୍କଜ ଲୋଚନ ମହାନ୍ତି, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନ୍‌ସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ସିଇଓ ସୁବ୍ରତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୭।୧୨।୨୦୨୩

| ୫,୮୦, ୭୨୬ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ୬୩.୮୦୦ ଗ୍ରାମ୍ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ବିଶ୍ୱ ଓଡ଼ିଶୀ ଉତ୍ସବ, ଜିକେସିଏମ୍ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ଅଡିଟୋରିୟମ୍, ପୂର୍ବାହ୍ନ ୧୦ଟା।
- ୧୭ତମ ଦେବଦାସୀ ରାଷ୍ଟ୍ରୀୟ ନୃତ୍ୟ ସମାରୋହ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୦ଟା।
- ଶ୍ରୀ ଜୟଦେବ କଲେଜ ଅଫ ଏଜୁକେଶନ ଆଣ୍ଡ ଟେକ୍ନୋଲୋଜିରେ 'ନୂଆ ଓ' କାର୍ଯ୍ୟକ୍ରମ, ନହରକଣ୍ଟା, ପୂର୍ବାହ୍ନ ୧୦ଟା।
- 'ଓମେନ୍ସନ୍ ୧୮ତମ ବାର୍ଷିକୋତ୍ସବ ଓ ରାଜ୍ୟସ୍ତରୀୟ ମାତୃ ସମ୍ମିଳନୀ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।
- ଏନ୍‌ଏଚ୍‌ଏସି ନୂଆ ଦିଲ୍ଲୀ ପକ୍ଷରୁ ଓଡ଼ିଶାର ପାଲା ଗାୟିକା ଓ ଗାୟକଙ୍କୁ ପ୍ରତିଯୋଗିତା ମାଧ୍ୟମରେ ଉପାଧି ପ୍ରଦାନ, ବୁଦ୍ଧ ମନ୍ଦିର, ୟୁନିଟ୍-୩, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବାସଂଘର ୭୮ତମ ବାର୍ଷିକ ସମ୍ମିଳନୀ ଓ ସାଧାରଣ ସଭା, ଓଡେଶା ଭବନ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର ପ୍ରତିଷ୍ଠା ଦିବସ, ଗୀତଗୋବିନ୍ଦ ସଦନ, ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ଜଙ୍ଗଲ ଅଧିକାରୀ ସମ୍ମିଳନୀ, ଉତ୍କଳ ମଣ୍ଡପ, ପୂର୍ବାହ୍ନ ୧୧ଟା।
- ପର୍ଯ୍ୟଟନ ପରିଚାଳନା କର୍ମଶାଳା, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ଅପରାହ୍ନ ୨ଟା ୩୦।
- ତୋଷାଳି ମେଳା, ଜନତା ମଇଦାନ, ଅପରାହ୍ନ ୨ଟା ୩୦।
- ଶିବ ଶକ୍ତି କ୍ଲବ ପକ୍ଷରୁ ତମାଣ୍ଡୋ କପ୍ ଫୁଟବଲ୍ ଟୁର୍ନାମେଣ୍ଟ, ମିନିଷ୍ଟାଡିୟମ୍, ତମାଣ୍ଡୋ, ଅପରାହ୍ନ ୩ଟା।
- ବର୍ଣ୍ଣମାଳା ପକ୍ଷରୁ କବିତା ପଠନ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ଅପରାହ୍ନ ୩ଟା ୩୦।
- ବିଜେଇଏମ୍ ସ୍କୁଲର ୫୦ ବର୍ଷ ପୂର୍ତ୍ତି ଉତ୍ସବ, ସ୍କୁଲ ପରିସର, ଅପରାହ୍ନ ୫ଟା।
- 'ଅଖିଳ ଦିବସ' ଅବକାଶରେ ଏକ ସାରସ୍ୱତ ସମାଗମ, ପାନ୍ଥ ନିବାସର କଳିଙ୍ଗ ସମ୍ମିଳନୀ କକ୍ଷ, ସନ୍ଧ୍ୟା ୬ଟା ୩୦।


ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପରେ ରବିବାର କାନାରା ବ୍ୟାଙ୍କ ଷ୍ଟାଫ୍ ରିକ୍ରିଏଶନ କ୍ଲବ ପକ୍ଷରୁ ପରିବେଷିତ ନାଟକ 'ମୋହ'ର ଏକ ଦୃଶ୍ୟ।

# ଅମୃଣିଆ କୂଅରେ ପକାଗଲା ଭୋଗ

ପୁରୁଣା ଭୁବନେଶ୍ୱର,୧୭।୧୨(ସୁବାସ ଚନ୍ଦ୍ର ପ୍ରଧାନ)

**ମାରା ହେଲା ଶ୍ରୀଲିଙ୍ଗରାଜଙ୍କ ବେଶ, ଭୋଗ**

ଧନୁମାସର ଦ୍ୱିତୀୟ ଦିନ ତଥା ରବିବାର ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ବେଶ ଓ ଭୋଗ ମାରା ହୋଇଛି। ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ମୁତାବକ, ଧନୁମାସରେ ଦିଅଁଙ୍କ ସଅଳ ନୀତି ହେବା ସହିତ ଭୋଗ ଲାଗି ହେଉଛି। ତେବେ ରବିବାର ସଅଳ ଭୋଗ ନୀତି ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା। ସକାଳ ଧୂପ ହେବା ସମୟରେ ଜଣେ ମହାସୁଆର ସେବକ ଏକ ଖଟା ହାଣ୍ଡିକୁ ନେଇଥିବା ବେଳେ ତାଙ୍କ ହାତରୁ ଖସିପଡ଼ିଥିଲା। ଫଳରେ ଖଟା ଛିଟିକି ଦିଅଁଙ୍କ ଅଙ୍ଗରେ ଲାଗିଥିଲା। ଫଳରେ ଭୋଗ ଓ ବେଶ ମାରା ହୋଇଥିଲା। ଶ୍ରୀଜୀଉଙ୍କ ଛାମୁରେ ଥିବା ସମସ୍ତ ପ୍ରକାର ମାରା ଭୋଗକୁ ନେଇ ମନ୍ଦିର ବେଢାରେ ଥିବା ଅମୃଣିଆ କୂଅରେ ପକାଯାଇଥିଲା। ପରେ ପୂଜାପଣ୍ଡା ମାଘସ୍ନାନ ଦେଇସାରିବା ପରେ ଶ୍ରୀଜୀଉଙ୍କୁ ପୁନର୍ବାର ବେଶ କରାଯାଇ ସକାଳ ଧୂପ ନୀତି ପୁନଃ ଆରମ୍ଭ ହୋଇଥିଲା। ଏହା ପରେ ଅନ୍ୟାନ୍ୟ ନୀତି ହୋଇଥିଲା। ପ୍ରକାଶ ଯେ, ଛାମୁରେ ଭୋଗ ହେଉଥିବା ସମୟରେ କୌଣସି ଭୋଗ ଯଦି ଅପସାରିତ ହୋଇ ଶ୍ରୀଜୀଉଙ୍କ ଅଙ୍ଗରେ ପଡ଼ିଲେ ଭୋଗ ଓ ବେଶ ମାରା ହୋଇଥାଏ।

## ସିଏମ୍‌ସି ମେୟରଙ୍କ ଅଫିସିଆଲ୍ ଫେସ୍‌ବୁକ୍ ପେଜ୍ ହ୍ୟାକ୍




କଟକ,୧୭।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂଙ୍କ ଅଫିସିଆଲ୍ ଫେସ୍‌ବୁକ୍ ପେଜ୍ ହ୍ୟାକ୍ ହୋଇଥିବା ଅଭିଯୋଗ ହୋଇଛି। ଶନିବାର ରାତିରେ ସୁବାସଙ୍କ ଫେସ୍‌ବୁକ୍ ଷ୍ଟାଟସ୍‌ରେ ଏକ ଅଶ୍ଳୀଳ ପୋଷ୍ଟ ଶେୟାର କରାଯାଇଥିଲା। ଏହାକୁ ନେଇ ଚର୍ଚ୍ଚା ହେବା ପରେ ସୁବାସ ସ୍ପଷ୍ଟୀକରଣ ରଖିଛନ୍ତି। ଏ ସମ୍ପର୍କରେ ସେ କହିଛନ୍ତି, ତାଙ୍କ ଆକାଉଣ୍ଟ ହ୍ୟାକ୍ ହୋଇଛି। ହ୍ୟାକର ଶନିବାର ରାତି ପ୍ରାୟ ୯ଟାରେ ଏକ ଅଶ୍ଳୀଳ ପୋଷ୍ଟ କରିଥିଲେ। ଏପରି କି ସେ ଫେସ୍‌ବୁକ୍ ବ୍ୟବହାର କରିପାରୁନାହାନ୍ତି। ଏନେଇ ରବିବାର ସକାଳେ ସାଇବର ଥାନାରେ ଅଭିଯୋଗ କରିଛି। ଏଥିସହ ଫେସ୍‌ବୁକ୍ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛି। କେହି ଉଦ୍ଦେଶ୍ୟମୂଳକ ଭାବରେ ଏପରି କରିଥିବା ମେୟର କହିଛନ୍ତି।

# 'ଜନଜାତିଙ୍କ ମଧ୍ୟରେ ଆନ୍ଦୋଳନ ପାଲଟିଛି କିସ୍'

**ଅଭିଭାବକ ସମ୍ମିଳନୀରେ ଦେଢ଼ଲକ୍ଷ ଜନଜାତିଙ୍କ ସମାବେଶ**

ଭୁବନେଶ୍ୱର, ୧୭।୧୨
(ଅସମାପିକା ସାହୁ)



ସମ୍ମିଳନୀରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଦ୍‌ବୋଧନ ଦେଉଛନ୍ତି।

କିସ୍ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ନେଇ ରବିବାର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ୩୦ ଜିଲା ସମେତ ପଶ୍ଚିମବଙ୍ଗ, ବିହାର, ଛତିଶଗଡ଼, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ଆସାମ, ସିକ୍କିମ୍ ଆଦି ରାଜ୍ୟରୁ ୧ ଲକ୍ଷ ଅଭିଭାବକ, ୧୦ ହଜାର ପୁରାତନ ଛାତ୍ରୀଛାତ୍ର ଓ ୪୦ ହଜାର ଛାତ୍ରୀଛାତ୍ରଙ୍କୁ ମିଶାଇ ଦେଢ଼ଲକ୍ଷ ଜନଜାତି ଲୋକଙ୍କ ସମାଗମ ହୋଇଥିଲା। ଦୂରଦୂରାନ୍ତରୁ ଅଭିଭାବକମାନେ ଆସି ରବିବାର ସକାଳେ କିସ୍‌ରେ ପହଞ୍ଚିଥିଲେ। ଅଭିଭାବକମାନେ ଯେପରି ସୁରୁଖୁରୁରେ ସେମାନଙ୍କ ପିଲାଙ୍କ ଭଲମନ୍ଦ ବୁଝିପାରିବେ, ସେଥିପାଇଁ କିସ୍ ପରିସରରେ ଜିଲାୱାରି ଷ୍ଟଲମାନ ଖୋଲାଯାଇଥିଲା। ମାଆବାପାଙ୍କୁ ଦେଖି ପିଲାଙ୍କ ମଧ୍ୟରେ ଅତ୍ୟନ୍ତ ଖୁସି ପରିଲକ୍ଷିତ ହୋଇଥିଲା। ଏହି ସମାବେଶରେ ଆଦିବାସୀ ନେତା ତଥା ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଉପସଭାପତି ଉମାପଦ ବୋଷ, ସମ୍ପାଦକ ଆର୍.ଏନ୍. ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କିସ୍ ଜନଜାତିଙ୍କ ମଧ୍ୟରେ ଏକ ଆନ୍ଦୋଳନରେ ପରିଣତ ହେବା ସହ ସେମାନଙ୍କୁ ସାମାଜିକ ଅର୍ଥନୈତିକ ଭାବେ ସଶକ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ସମ୍ମିଳନୀରେ କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ ଯୋଗଦେଇପାରି ନ ଥିଲେ ମଧ୍ୟ ଅଭିଭାବକମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ ବେହେରା, କିସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପି.କେ. ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମିଳନୀରେ ଅଭିଭାବକମାନେ କହିଥିଲେ ଯେ, ଜଣେ ବ୍ୟକ୍ତିଙ୍କୁ ମାତ୍ର ୨୫ବର୍ଷ ବୟସ ହୋଇଥିବା ବେଳେ ସେ ସମଗ୍ର ଜନଜାତିଙ୍କ ବିକାଶ କଥା ଚିନ୍ତା କଲେ ଏବଂ ଅତି ସାହସର ସହ କିସ୍ ଭଳି ଅନୁଷ୍ଠାନ ପ୍ରତିଷ୍ଠା କରି ଜନଜାତିଙ୍କୁ ମୁଖ୍ୟସ୍ରୋତରେ ସାମିଲ କରାଇପାରିଲେ। ସାମନ୍ତ କିସ୍‌କୁ ଏକ ସଫଳ ଅନୁଷ୍ଠାନରେ ପରିଣତ କରିବା ସହ ଏଠାରେ ପଢୁଥିବା ପ୍ରତ୍ୟେକ ପିଲାଙ୍କୁ ଜଣେ ଜଣେ ସଫଳ ମଣିଷ କରି ଗଢ଼ିତୋଳିଛନ୍ତି। ସାମନ୍ତଙ୍କୁ ତାଙ୍କ ଉତ୍ସର୍ଗୀକୃତ ଜୀବନ ପାଇଁ ଧନ୍ୟବାଦ ଜଣାଇବା ସହ ତାଙ୍କୁ ଓଡ଼ିଶାର ପ୍ରତି ଜିଲାରେ କୃତଜ୍ଞତା ଜ୍ଞାପନ କରିବେ ବୋଲି ଜନଜାତି ଅଭିଭାବକମାନେ ଘୋଷଣା କରିଥିଲେ। ଏହି ସମ୍ମିଳନୀର ମୁଖ୍ୟ ଆକର୍ଷଣ ଥିଲା ସାମୂହିକ ମଧ୍ୟାହ୍ନ ଭୋଜନ। ଦେଢ଼ଲକ୍ଷ ଲୋକ କିସ୍‌ରେ ଏକାଠି ମଧ୍ୟାହ୍ନ ଭୋଜନ କରିବା ଏକ ଅନନ୍ୟ ପରିବେଶ ସୃଷ୍ଟି କରିଥିଲା।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଅମିତ୍


@ ଅର୍ଜୁନ


@ ସତ୍ୟବ୍ରତ


@ ଶିବରାମ


@ ସୂର୍ଯ୍ୟପ୍ରକାଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପ୍ରଥମ ପୃଷ୍ଠାରୁ...

### ବୁଖାରୀଙ୍କ ଗୁମର...

ତଥ୍ୟ ମିଳିବ ବୋଲି ଏସ୍‌ଟିଏଫ୍ ଆଶା ବାନ୍ଧିଛି। ଅନ୍ୟପକ୍ଷରେ ଯାଜପୁର ଜିଲାର ରଗଡ଼ି ଜେଲରେ ବୁଖାରୀ ରହିଥିବା ବେଳେ ଜେଲ ବାହାରେ ସୁରକ୍ଷା ବଢ଼ାଯିବ। ଏନେଇ ଜେଲ ଅଧକ୍ଷ ଯାଜପୁର ଏସ୍‌ପିଙ୍କୁ ଚିଠି ଲେଖିଥିବା ସୂଚନା ମିଳିଛି। ସେପଟେ ଏହି ମାମଲାରେ ଜାତୀୟ ମାନବ ଅଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ 'ନ୍ୟାୟ ପାଇଁ ଲଢ଼େଇ ପରିବାର'ର ସଭାପତି ସୁବ୍ରତ ଦାଶ ଏତଲା ଦେଇଛନ୍ତି। ଏହି ମାମଲାରେ କମିଶନଙ୍କ ଏକ ଟିମ୍ ତଦନ୍ତ କରୁ ବୋଲି ସେ ଏତଲାରେ ନିବେଦନ କରିଛନ୍ତି। ବୁଖାରୀଙ୍କ ଦେଶବିରୋଧୀ କାର୍ଯ୍ୟକଳାପ ସମ୍ପର୍କରେ ପ୍ରମାଣ ମିଳିବା ପରେ ଏସ୍‌ଟିଏଫ୍ ତାଙ୍କ ବିରୋଧରେ ଦେଶବିରୋଧୀ ଦଫା ଲଗାଇ କାର୍ଯ୍ୟାନୁଷ୍ଠାନ ନେବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ବୁଖାରୀ ନିଜକୁ ଡାକ୍ତର, ପିଏମ୍‌ଓ ଅଧିକାରୀ ଆଦି କହି ଓଡ଼ିଶା ସମେତ କଶ୍ମୀର, ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଭଳି କେତେକ ରାଜ୍ୟରେ ଯୁବତୀଙ୍କୁ ବିଭିନ୍ନ ୱେବ୍‌ସାଇଟ ଓ ଆପ୍ ମାଧ୍ୟମରେ ପ୍ରେମଜାଲରେ ଫସାଇ ବିବାହ କରୁଥିଲେ। ସେ ମହିଳାମାନଙ୍କୁ ବିବାହ ପରେ ସେମାନଙ୍କଠାରୁ ଟଙ୍କା ଲୁଟୁଥିଲେ। ବିଭିନ୍ନ ଅଞ୍ଚଳରେ ବିବାହ କରିବା ପଛରେ ନିଜକୁ ଲୁଚାଇ ରଖି ସମ୍ବେଦନଶୀଳ ତଥ୍ୟ ସଂଗ୍ରହ କରିବା ବୁଖାରୀଙ୍କ ଅସଲ ଉଦ୍ଦେଶ୍ୟ ବୋଲି ସନ୍ଦେହ କରାଯାଉଛି।

### ଫସଲହାନିରୁ ଚାଷୀଙ୍କ...

ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଚମରୁ ଚଳିତ ଖରିଫ ଋତୁରେ ପ୍ରାୟ ୨ଏକର ଜମିରେ ଧାନ ଚାଷ ଓ ବାଡ଼ିରେ କୋବି ଚାଷ କରିଥିଲେ। ପରିବାରରେ ଚମରୁଙ୍କ ସ୍ତ୍ରୀ ଓ ଦୁଇପୁଅ ଜଗଦୀଶ ଏବଂ ଗଜପତି। ଦୁଇପୁଅ ଯୁକ୍ତ ୨ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗାଁରେ ମୂଲମଜୁରି କରିବା ସହ ବାପାଙ୍କୁ ଚାଷରେ ସହାୟତା କରୁଥିଲେ। ତେବେ ଆର୍ଥିକ ଅବସ୍ଥା ଖରାପ ହେବାରୁ ସେମାନେ ଏବେ ଗୁଜରାଟ ଯାଇ ଦାଦନ ଶ୍ରମିକ ଭାବେ କାମ କରୁଛନ୍ତି। ୨ ଏକର ଜମିରୁ ଫସଲ ଅମଳ ଆଶାଜନକ ନ ହେବାରୁ ଚମରୁ ଚିନ୍ତିତ ଥିଲେ। ସେ ଧାରଉଧାର କରି ଚାଷ କରିଥିବା ପରିବାର ଲୋକେ କହିଛନ୍ତି। ତେବେ କେତେ ଟଙ୍କା ସେ ଧାରଉଧାର କରିଛନ୍ତି ସେ ନେଇ ତାଙ୍କ ପରିବାର ତରଫରୁ ସ୍ପଷ୍ଟ କୁହାଯାଇନାହିଁ। ବ୍ୟାଙ୍କରୁ ଋଣ କରିଛନ୍ତି କି ନା ସେନେଇ ମଧ୍ୟ ପରିବାର ପାଖରେ ସୂଚନା ନାହିଁ। ଚାଷୀ ଆତ୍ମହତ୍ୟା ଅଭିଯୋଗ ଉଠିବା ପରେ ଟିଟିଲାଗଡ କୃଷି ବିଭାଗ ଅଧିକାରୀ ଏବଂ ମାର୍ଲାଡ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ବିନେକେଲା ଗାଁକୁ ଯାଇ ଚାଷୀ ଆତ୍ମହତ୍ୟା ଓ ଫସଲହାନି ସଂକ୍ରାନ୍ତରେ ତଦନ୍ତ କରିଥିଲେ। ଚଳିତବର୍ଷ ବଲାଙ୍ଗୀର ଜିଲାରେ ଦୁଇଜଣ ଚାଷୀ ଆତ୍ମହତ୍ୟା କରିବା ଅଭିଯୋଗ ଉଠିଲାଣି। କିଛିଦିନ ପୂର୍ବରୁ ପୁଇଁତଲା ବ୍ଲକ ଅନ୍ତର୍ଗତ ବୁବେଲ ଗାଁର ଜଣେ ଚାଷୀ ଚକଡା ଯୋଗୁ ଫସଲହାନି ହେବାରୁ ବିଷପିଇ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ସତ୍ୟଜିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ହୋଣ୍ଡା ଏଲିଭେଟର ନୂତନ ମାଇଲଖୁଣ୍ଟ

### ୧୦୦ ଦିନରେ ୨୦,୦୦୦ ୟୁନିଟ ବିକ୍ରି

**ଭୁବନେଶ୍ୱର,୧୭।୧୨ (ଅଭୟ ଦାଶ)**





ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ (ଏଚ୍‌ସିଆଇଏଲ୍)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅଲ ନ୍ୟୁ ହୋଣ୍ଡା ଏଲିଭେଟ୍'ର ସର୍ବଭାରତୀୟ ଉନ୍ମୋଚନ (୨୦୨୩ ସେପ୍ଟେମ୍ବର) ନିକଟରେ ହୋଇଯାଇଛି। ଗତ ୪ମାସ ମଧ୍ୟରେ କମ୍ପାନୀ ଏକ ନୂତନ ମାଇଲଖୁଣ୍ଟ ସହ ବ୍ରାଣ୍ଡର ଉକ୍ତ ମଡେଲ ଉଲ୍ଲେଖନୀୟ ବିକ୍ରି ସଫଳତା ହାସଲ କରିଛି। ଏପରି କି ଉକ୍ତ ମଡେଲର ବଜାର ପ୍ରବେଶର ୧୦୦ ଦିନ ମଧ୍ୟରେ କମ୍ପାନୀ ପ୍ରାୟ ୨୦,୦୦୦ ହୋଣ୍ଡା ଏଲିଭେଟ୍ ମଡେଲ ବିକ୍ରି କରିଛି।

ଏ ସମ୍ପର୍କରେ ଏଚ୍‌ସିଆଇଏଲ୍‌ର ନିର୍ଦ୍ଦେଶକ (ମାର୍କେଟିଂ) ୟୁଚି ମୁରତା କହିଛନ୍ତି, ହୋଣ୍ଡା ଏଲିଭେଟର ବିକ୍ରି ସଫଳତା ଓ ନୂତନ ମାଇଲଖୁଣ୍ଟ ଆମ ପାଇଁ ବେଶ୍ ଗୌରବର ବିଷୟ ହୋଇଥିଲା ବେଳେ ବ୍ରାଣ୍ଡର ଚାହିଦା ଉଭୟ କମ୍ପାନୀ ଓ କର୍ମଚାରୀଙ୍କ ପାଇଁ ନୂଆ ଉତ୍ସାହ ଆଣି ଦେଇଛି। ବିଶେଷ କରି ହୋଣ୍ଡାର ଏଲିଭେଟର ବିକ୍ରି ଶୁଭାରମ୍ଭର ପ୍ରଥମ ୧୦୦ ଦିନରେ କମ୍ପାନୀ ୨୦,୦୦୦ ୟୁନିଟ ବିକ୍ରି କରି ନୂଆ ସଫଳତା ହାସଲ କରିଛି।

# 'ବଜାରରେ ଆଇଟେଲର 'ଏ୦୫ଏସ୍'

**ଭୁବନେଶ୍ୱର,୧୭।୧୨**

ଆଇଟେଲର ନୂତନ ଉତ୍ପାଦ 'ଏ୦୫ଏସ୍ ସ୍ମାର୍ଟଫୋନ୍'ର ସର୍ବଭାରତୀୟ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ୬.୬ଇଞ୍ଚ ଏଚ୍‌ଡି+ ଡ୍ରପ୍ ଡିସ୍‌ପ୍ଲେ, ୪୦୦୦ଏମ୍‌ଏଏଚ୍ ବ୍ୟାଟେରି, ୮ଏମ୍‌ପି ଏଆଇ କ୍ୟାମେରା ଏବଂ ଆହୁରି ଅନେକ ଫିଚର ଅନ୍ତର୍ଭୁକ୍ତ ରହିଛି। ଏପରିକି ଏ୦୫ଏସ୍‌ର ବଡି ବେଶ ପତଳା ହୋଇଥିବା ବେଳେ ତାହା କ୍ରିଷ୍ଟାଲ ବ୍ଲୁ, ଗ୍ଲୋରିଅସ୍ ଅରେଞ୍ଜ, ମିଡୋ ଗ୍ରିନ୍ ଓ ନେବୁଲା ବ୍ଲାକ୍ ଭଳି ରଙ୍ଗରେ ଉପଲବ୍ଧ ହେଉଛି। ସେହିଭଳି ଏ୦୫ଏସ୍‌ରେ ୧.୬ ଗିଗାହର୍ଜ ପ୍ରୋସେସର ରହିଛି; ଯାହା କଲ କରିବା, ୱେବ୍ ବ୍ରାଉଜ୍, ଭିଡିଓ ଦେଖିବା, ସୌକିନରେ ଗେମ୍ ଖେଳିବା ଏବଂ ଦୈନନ୍ଦିନ କାମ କରିବାରେ ଉଲ୍ଲେଖନୀୟ ପ୍ରଦର୍ଶନ କରିବ। ଏପରି କି ଉକ୍ତ ମଡେଲରେ ୪୦୦୦ ଏମ୍‌ଏଏଚ୍‌ର ବ୍ୟାଟେରି ଥିବାବେଳେ ୬୪ ଜିବିର ରମ୍ ରହିଛି। ଏହାର ଏଚ୍‌ଡି+ୱାଟର ଡ୍ରପ୍ ଡିସ୍‌ପ୍ଲେରେ ୧୬୦୦ ୭୨୦ ପିକ୍ସେଲ୍ ରିଜଲ୍ୟୁସନ ରହିଛି, ଯାହା ଚମତ୍କାର ଦେଖିବା ଅନୁଭବ ପ୍ରଦାନ କରିବ। ସେହିପରି ସ୍ୱଷ୍ଟ ଫଟୋ ଓ ଭିଡିଓ ଉତ୍ତୋଳନ କରିବା ଲାଗି ଏହାର ପଛ ପାର୍ଶ୍ୱରେ ଏକ ୮ ଏମ୍‌ପି କ୍ୟାମେରା ଏବଂ ସାମ୍ନାରେ ୫ ଏମ୍‌ପି ସେଲ୍‌ଫି କ୍ୟାମେରା ସହ ଏଆଇ ବିଉଟିଫିକେଶନ ମୋଡ୍ ରହିଛି। ଏହା ବ୍ୟତୀତ ଉକ୍ତ ମଡେଲ ପଛରେ ଫିଙ୍ଗରପ୍ରିଣ୍ଟ ସେନ୍‌ସର୍, ଫେସ୍ ଅନ୍‌ଲକ୍, ମାଇକ୍ରୋ ଏସ୍‌ଡି ସ୍ଲଟ୍, ଡୁଆଲ ୪ଜି ଭୋଲ୍‌ଟି ଭଳି ସୁବିଧା ରହିଛି।

ଏ ସମ୍ପର୍କରେ ଆଇଟେଲ୍ ଇଣ୍ଡିଆର ସିଇଓ ଅରିଜିତ ତାଳପତ୍ର କହିଛନ୍ତି, କମ୍ପାନୀ (ବ୍ରାଣ୍ଡର)ର ନୂଆ ଏ୦୫ଏସ୍ ମଡେଲକୁ ଶୁଭାରମ୍ଭ କରି ଆମେ ବେଶ୍ ଉତ୍ସାହିତ ଅଛୁ। ବିଶେଷ କରି ଏହାର ଷ୍ଟାଇଲ୍ ଓ ଦୈନନ୍ଦିନ କାର୍ଯ୍ୟର ଏକ ଉପଯୁକ୍ତ ସମିଶ୍ରଣ ହୋଇଥିବାବେଳେ ଡିଜିଟାଲ ଇଣ୍ଡିଆ ଅଭିଯାନକୁ ନୂତନ ଶିଖରରେ ପହଞ୍ଚାଇବା ଲାଗି ପ୍ରୟାସ କରାଯାଇଛି। ଏପରି କି ଶ୍ରେଷ୍ଠ ମାନର ଡିସ୍‌ପ୍ଲେ, ବ୍ୟାଟେରି, କ୍ୟାମେରା ଏବଂ ୪ଟି ଆକର୍ଷଣୀୟ ରଙ୍ଗ ସହ ଟ୍ରେଣ୍ଡି ଡିଜାଇନକୁ ନେଇ 'ଏ୦୫ଏସ' ନିର୍ମାଣ ହୋଇଛି।

# ଆମ୍‌ୱେ ଇଣ୍ଡିଆର ନୂତନ ଉତ୍ପାଦ

**ଭୁବନେଶ୍ୱର,୧୭।୧୨**

ଆମ୍‌ୱେ ଇଣ୍ଡିଆର ନୂତନ ଉତ୍ପାଦ 'ଅଲ ନ୍ୟୁ ଗ୍ଲିଷ୍ଟର ମଲ୍‌ଟି ଆକ୍ସନ ଟୁଥ୍‌ପେଷ୍ଟ' ନିକଟରେ ସର୍ବଭାରତୀୟ ସ୍ତରରେ ଶୁଭାରମ୍ଭ ହୋଇଯାଇଛି।

ଏ ସମ୍ପର୍କରେ ଆମ୍‌ୱେ ଇଣ୍ଡିଆର ସିଏମଓ ଅଜୟ ଖାନ୍ନା କହିଥିଲେ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ୯୫%ରୁ ଅଧିକ ଭାରତୀୟ ବୟସ୍କ ନାଗରିକ ଦନ୍ତ କ୍ଷୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହି ସମୟରେ ୫୦%ରୁ ଅଧିକ ମାଢିଜନିତ ସମସ୍ୟା, ଦାନ୍ତର ସମ୍ବେଦନଶୀଳତା ଏବଂ ନିଃଶ୍ୱାସରେ ଦୁର୍ଗନ୍ଧ ଆଦି ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଆମେ ଏକ ପୂର୍ଣ୍ଣାଙ୍ଗ କଲ୍ୟାଣକୁ ବର୍ଦ୍ଧିତ ଭାବେ ରୂପାନ୍ତରିତ ହେଉଥିବାବେଳେ ଆମ୍‌ୱେର ଅନ୍ୟତମ ସର୍ବାଧିକ ବିକ୍ରି ହେଉଥିବା ବ୍ରାଣ୍ଡ ଗ୍ଲିଷ୍ଟର ବିଶ୍ୱବ୍ୟାପୀ ନିୟୁତ ନିୟୁତ ଗ୍ରାହକଙ୍କର ବିଶ୍ୱାସଭାଜନ ହୋଇଛି ଏବଂ ମୁଖ ଗହ୍ୱର ଯତ୍ନକୁ ଏକ ପ୍ରଶସ୍ତ ରୂପାନ୍ତରଣ ସହିତ ସମନ୍ୱିତ କରିବା ପ୍ରୟାସକୁ ସଗର୍ବେ ଆଗେଇ ନେଉଛି। ସ୍ୱାସ୍ଥ୍ୟ ଓ କଲ୍ୟାଣର ବିଶାଳ ପ୍ରସଙ୍ଗରେ ମୁଖ ଗହ୍ୱର ଯତ୍ନ ଏକ ସୂତ୍ର ଭାବେ ବିବେଚିତ ହେଉଛି, ଯାହା ଆମ ଜୀବନର ପ୍ରତ୍ୟେକ ଦିଗ ସହିତ ଅତି ନିବିଡ ଭାବେ ଜଡିତ ଏବଂ ଏହା ଆମର ସାମଗ୍ରିକ କଲ୍ୟାଣର ଅବିଚ୍ଛେଦ୍ୟ ଅଙ୍ଗ ଭାବେ କାର୍ଯ୍ୟ କରୁଛି।

# ଆଜି ଖୋଲିବ ଏମ୍‌ଏମ୍‌ଏଲ୍‌ର ଆଇପିଓ

**ଭୁବନେଶ୍ୱର,୧୭।୧୨:** ମୁଥୁଟ୍ ମାଇକ୍ରୋଫିନ୍ ଲିମିଟେଡ୍ (ଏମ୍‌ଏମ୍‌ଏଲ୍)ର ଇନିସିଆଲ ପବ୍ଲିକ୍ ଅଫର (ଆଇପିଓ) ଚଳିତବର୍ଷ ଡିସେମ୍ବର ୧୮ରେ ଖୋଲିବ। ଏପରି କି ଏହି ଅଫର ୨୦୨୩ ଡିସେମ୍ବର ୨୦ରେ ବନ୍ଦ ହେବ। ବିଶେଷ କରି ଏହାର ଆଙ୍କର ନିବେଶକମାନେ ୨୦୨୩ ଡିସେମ୍ବର ୧୫ରେ ବିଡ୍ ଦାଖଲ କରିଛନ୍ତି। ସେହିଭଳି ଉକ୍ତ ଇକ୍ୱିଟି ଶେୟାରର ମୂଲ୍ୟ ୨୭୭ରୁ ୨୯୧ଟଙ୍କା ମଧ୍ୟରେ ଧାର୍ଯ୍ୟ କରାଯାଇଛି। ଏପରି କି ସର୍ବନିମ୍ନ ୫୧ଟି ଇକ୍ୱିଟି ଶେୟାର ପାଇଁ ବିଡ୍ ଦାଖଲ କରାଯାଇପାରିବ ଏବଂ ଏହା ପରେ ୫୧ଟି ଲେଖାଏ ଇକ୍ୱିଟି ଶେୟାର ଗୁଣିତକ ଭାବେ ଯୋଡ଼ାଯାଇପାରିବ। ଉକ୍ତ ଆଇପିଓ ଜରିଆରେ ୯୬୦କୋଟି ଟଙ୍କା ହାସଲ କରିବାକୁ କମ୍ପାନୀ ଯୋଜନା ରଖିଛି। ଏଥିରେ ୭୬୦କୋଟି ଟଙ୍କାର ନୂଆ ଶେୟାର ଜାରି କରାଯିବ ଏବଂ ଅଫର ଫର୍ ସେଲ୍‌ରେ ୨୦୦କୋଟି ଟଙ୍କା ହାସଲ କରାଯିବ।

# ନଭେମ୍ବରରେ ସୋନାଲିକାର ୧୨,୮୯୧ ୟୁନିଟ ବିକ୍ରି



**ଭୁବନେଶ୍ୱର,୧୭।୧୨**

ଚଳିତବର୍ଷ ନଭେମ୍ବର ମାସରେ ସୋନାଲିକା ଟ୍ରାକ୍ଟର୍ସ ମୋଟ ୧୨,୮୯୧ ୟୁନିଟ ଟ୍ରାକ୍ଟର ବିକ୍ରି କରିଛି। ଏପରିକି ଗତ ବର୍ଷ ସମାନ ଅବଧି ମଧ୍ୟରେ କମ୍ପାନୀ ମୋଟ ୧୦,୪୬୪ ୟୁନିଟ ଟ୍ରାକ୍ଟର ବିକ୍ରି କରିଥିଲା। ବିଶେଷ କରି ଗତବର୍ଷ ତୁଳନାରେ କମ୍ପାନୀର ଚଳିତବର୍ଷ ପ୍ରାୟ ୨୩% ଅଧିକ ଟ୍ରାକ୍ଟର୍ସ ବିକ୍ରି ହୋଇଛି। ସେହିଭଳି କମ୍ପାନୀ ପ୍ରତ୍ୟେକ ପ୍ରକାରର ମୃତ୍ତିକା ପାଇଁ କଷ୍ଟମାଇଜ୍‌ଡ ଟ୍ରାକ୍ଟର ବିକଶିତ କରି ୨୦୨୩ ନଭେମ୍ବରରେ ୧୬.୩%ର ସର୍ବାଧିକ ବଜାର ଅଂଶ ହାସଲ କରିଛି। ଏଥିସହିତ ସୋନାଲିକା ୨୦୨୩ ନଭେମ୍ବରରେ ଶିଳ୍ପ ଅଭିବୃଦ୍ଧି (ହାରାହାରି ୨%)କୁ ମଧ୍ୟ ପଛରେ ପକାଇଛି ଏବଂ ୨୦୧୮ରୁ ୨୦୨୪ ଆର୍ଥିକ ବର୍ଷ ମଧ୍ୟରେ କ୍ରମାଗତ ଭାବେ ୭ ବର୍ଷ ଲାଗି ୧ ଲକ୍ଷ ଟ୍ରାକ୍ଟର ବିକ୍ରି ମାଇଲଖୁଣ୍ଟକୁ ଅତିକ୍ରମ କରିଛି। ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ଆମେ ଶିଳ୍ପରେ ସର୍ବାଧିକ ୨୩%ର ଅଭିବୃଦ୍ଧି ସହିତ ୨୦୨୩ ନଭେମ୍ବରରେ ସର୍ବୋଚ୍ଚ ୧୬.୩%ର ବଜାର ଅଂଶ ହାସଲ କରି ବେଶ୍ ଉତ୍ସାହିତ ଅଛୁ। ଏଥି ସହିତ ଆମେ କେବଳ ଗତ ୮ମାସରେ ୧ଲକ୍ଷ ଟ୍ରାକ୍ଟର ବିକ୍ରି ରେକର୍ଡକୁ ଅତିକ୍ରମ କରିଛୁ। ଏହି ନୂଆ ରେକର୍ଡ ପ୍ରଦର୍ଶନ ସମଗ୍ର କୃଷି ସମୁଦାୟ ପ୍ରତି ସୋନାଲିକାର ସାମଗ୍ରିକ ଆଭିମୁଖ୍ୟର ଏକ ଫଳାଫଳ ଅଟେ। ଟ୍ରାକ୍ଟର ଶିଳ୍ପରେ ପ୍ରତିଯୋଗୀପୂର୍ଣ୍ଣ ପରିବେଶ ସତ୍ତ୍ୱେ ଶିଳ୍ପ ଅଭିବୃଦ୍ଧିକୁ ପଛରେ ପକାଇବା ଏହା ପ୍ରମାଣିତ କରୁଛି ଯେ, ଆମର ଟ୍ରାକ୍ଟରଗୁଡିକ ଠିକ୍ ଟେକ୍ନୋଲୋଜି ଓ ଉଚିତ ମୂଲ୍ୟ ସହିତ କୃଷକମାନଙ୍କ ବିଶ୍ୱାସ ଜିତିଛନ୍ତି। ଅପରପକ୍ଷରେ ସୋନାଲିକା ଠିକ୍ ସମୟରେ ଉତ୍ପାଦ ଉପଲବ୍ଧତା ଓ ଉପଯୁକ୍ତ ଉତ୍ପାଦ ମିଶ୍ରଣ ସହ ଜଡିତ ହୋଇ ପାର୍ବଣ ଋତୁ ସମୟରେ ଅଧିକ ବିକ୍ରି ଭଳି ଅନୁକୂଳ ପରିସ୍ଥିତି କମ୍ପାନୀକୁ ଏହି ନୂତନ ସଫଳତା ହାସଲ କରିବା ପାଇଁ ସକ୍ଷମ କରିଥିଲା। ଏହି ନୂଆ ଉଲ୍ଲେଖନୀୟ ପ୍ରଦର୍ଶନ ଦ୍ରୁତ କୃଷି ବିକାଶ ଓ କୃଷକଙ୍କ ପ୍ରଗତିଶୀଳ ଭବିଷ୍ୟତକୁ ନୂଆ ରୂପ ଦେବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି।

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SC/ST ଛାତ୍ରୀ ମାନଙ୍କ ପାଇଁ Course Fee ସଂପୂର୍ଣ୍ଣ ମାଗଣା
ନାମଲେଖା ଚାଲୁଅଛି !
ଶିକ୍ଷାବର୍ଷ: ୨୦୨୩-୨୪
SAI STITI INSTITUTE OF MEDICAL SCIENCE
Recognised by Govt. of Odisha, H & FW Dept. and Odisha Nursing Council, India Nursing Council, New Delhi
ANM
Duration 2 yrs, Qualification +2 (Any Stream)
Practical at DHH KHORDHA and CAPITAL HOSPITAL
Hanspal Bhubaneswar
Mob.: 8249091700, 8455975825, 9692613134

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 7382841797

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଲୋନ୍! ଲୋନ୍! ଲୋନ୍!
ଭାରତର No.1 କମ୍ପାନୀ
Global Finance (Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ମାର୍କଶିଟ୍, ପ୍ରପର୍ଟି, ସବୁ ଲୋନ୍
2% ସୁଧ 40% ଛାଡ଼
ସରକାରୀ କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ଛାଡ଼
(ଏଜେଣ୍ଟ ଆମନ୍ତ୍ରିତ)
8765514686

## ମନେ ପଡ଼ନ୍ତି

### ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତ ଜୀବନ ବଲ୍ଲଭ ଦାଶ**
ଘାଟିକିଆ, ଭୁବନେଶ୍ୱର
ଆବିର୍ଭାବ: ୧୭।୦୯।୧୯୪୫
ତିରୋଧାନ: ୧୮।୧୨।୨୦୧୫
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଆଉ ଆଶୀର୍ବାଦ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆପଣଙ୍କ ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଅଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ସ୍ତ୍ରୀ, ପୁଅ-ବୋହୂ, ନାତି-ନାତୁଣୀ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୭୧୫୭୪

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ନନ୍ଦ କିଶୋର ରାମ**
ଲାଲବଜାର, ୱାର୍ଡ ନଂ.-୪, ବାରିପଦା, ମୟୂରଭଞ୍ଜ
ଆବିର୍ଭାବ: ୩୦।୦୩।୧୯୫୫
ତିରୋଧାନ: ୦୮।୧୨।୨୦୨୩
ଆପଣଙ୍କର ଅନୁପସ୍ଥିତି ଆମ ପାଇଁ ଅପୂରଣୀୟ କ୍ଷତି ଘଟାଇଛି। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ ଓ ଭଲପାଇବା ଆମ ସମସ୍ତଙ୍କ ପାଇଁ ଅଭୁଲା ସ୍ମୃତି ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।
ଶୋକସନ୍ତପ୍ତ ପରିବାର: ସ୍ତ୍ରୀ: ରତ୍ନାବତୀ, ପୁଅ: ଅଭିଜିତ ଓ ଅଭିଷେକ, ଝିଅ: ଅଭିଲାଷା ଏବଂ ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ
ଧ-୨୦୪୫

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ



**୰ ଅରକ୍ଷିତ ପ୍ରଧାନ**
ବରିଡା-ଏ (କବିସୂର୍ଯ୍ୟନଗର) ଗଞ୍ଜାମ
ତିରୋଧାନ : ୦୫.୧୨.୨୦୨୩
ଆଜି ଆପଣଙ୍କ ତିରୋଧାନର ଚତୁର୍ଦ୍ଦଶ ଦିବସରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଚରଣାର ବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ ।
- ଶୋକସନ୍ତପ୍ତ -
ହତଭାଗିନୀ ପତ୍ନୀ ଅହଲ୍ୟା, ପୁତ୍ର- ରଞ୍ଜନ, ସଞ୍ଜୟ, ପ୍ରବୀଣ ଏବଂ ଆତ୍ମୀୟ ସ୍ୱଜନ
ଧ-୨୦୪୭

# Classified Everyday
**0674-2580101, 2549949**





**SALE**

ଭୁବନେଶ୍ୱର Sum Hospitalରୁ 6 Km. ମଧ୍ୟରେ ପଜେସନ୍ ପ୍ଲଟ୍ Sqft. 1499/- , 799/- ମିଳୁଛି - 9124839028, 7008771424. D-75277

Duplex sale 57,00,000/- and plot sale near AIIMS Hospital, Bhubaneswar. 9777433701. D-75281

**Commercial Plot 29 dcml. (12632Sqft.) Sale at Puri near Mangalaghat Chhak. Suitable for Apartment/ School/ Complex etc. Call for details: 9438220432/ 8144658008, No Broker.** D-2043

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର-500/-, ନଖରା- SC/ General- sqft.- 300/-, 9348232008. D-75279

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919





**Ashirvaad Salon and SPA get good massage for your health tha best therapy. 7077181074.** D-75080

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75081

Spa Kerala body Massage best Therapist @699/- Bhubaneswar. Kajal- 9337672475. D-1999





କାର ୱାସିଂ ସର୍ଭିସିଂ, ଭୁବନେଶ୍ୱର, ଯୋଗାଯୋଗ- 9777097322. D-2000

**AFFIDAVIT**

I, Paresh Haresh Mansukhani, S/o Jyoti Mansukhani, R/o permanent Address- Flat No.302/D, 3rd Floor, Galaxy Heights, New Link Road, above ICICI Bank, Shastri Nagar, Goregaon West, Motilal Nagar, Mumbai, 400104, currently residing at Aspen A1304 omaxe spa Village near Kidhood School, Sector-78, Faridabad-121009 have changed my minor daughter's name about 02 years, from Rutvi Mansukhani to Liyana Mansukhani. D-2039

By virtue of an affidavit before Notary Public, Bhubaneswar my name has been changed from Mundi Puhan to Sunei Dehury, I shall be known as Sunei Dehury, D/o- Manua Dehuri, At-Kansa, Saruabil, Jajpur, Dist.- Jajpur, Odisha, PIN-755028 for all purposes. D-2042

I Moharjan Bibi, W/o- Sheik Latif Ali, resident of Goutam Nagar 6th lane, Koraput, P.O./ P.S- Koraput and Dist.- Koraput, PIN- 764020, Odisha declare by this affidavit No.-4189, dtd. 16.12.2023 that now onwards, I shall be known as Meherajan Bibi for all future purposes. D-2046

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Jyotsna Sahoo, Wife of Late Babula Ku. Sahoo, Vill- Tulasipur, P.S-/ Dist.- Nayagarh declared that after my husband's death I am the nominee of the Policy named as "Yosna Sahoo" instead of "Jyotsna Sahoo" and my Father-in-law's name "Bhagabat Sahoo" instead of "Paramananda Sahoo" was the one and Same Person. D-2044

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

## LEGAL NOTICE

ମାନ୍ୟବର ଅତିରିକ୍ତ କମିଶନର ରିଭିଜିନାଲ୍ କୋର୍ଟ ନଂ.-୩ ରାଜଶ୍ରୀ ମହାନ୍ତି, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଙ୍ଗ୍, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା। ଓ.ଏସ୍.ଏସ୍.କେଶ୍ ନଂ.-୧୪୭୩/୨୦୧୯

କ୍ରିଷ୍ଣା ଦେବୀ ....ବାଦୀ

ବନାମ

ତହସିଲଦାର, ଭୁବନେଶ୍ୱର ଓ ଓଗେର ....ପ୍ରତିବାଦୀମାନେ

ଦେୱାନୀ ଆଇନ ନୋଟିସ୍ ଅର୍ଡର-୫ ରୁଲ୍-୨୦ ସି.ପି.ସି. ମୁତାବକ

ପ୍ରାପ୍ତେଷୁ, ......ପ୍ରତିବାଦୀ ନଂ.-୩

ପରମେଶ୍ୱର କର, ପିତା- କୃଷ୍ଣ ଚନ୍ଦ୍ର କର, ସା- ଶକ୍ତିବାଗ, ପୋ- ମଙ୍ଗଳପୁର, ଜିଲ୍ଲା- କଟକ, ଓଡ଼ିଶା।

ଏତଦ୍ଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ରିଭିଜନ୍ କେସ୍ ଶୁଣାଣି ଅତିରିକ୍ତ କମିଶନର ରିଭିଜିନାଲ୍ କୋର୍ଟ ନଂ.-୩ ରାଜଶ୍ରୀ ମହାନ୍ତି, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଙ୍ଗ୍, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା କାର୍ଯ୍ୟାଳୟରେ ଆସନ୍ତା ତା୦୧।୦୨।୨୦୨୪ରିଖ ଦିବା ୦୩.୦୦ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ଅନ୍ଧାରୁଆ। ସାବକ ଖାତା ନଂ.-୧୭୯, ସାବକ ପ୍ଲଟ୍ ନଂ.-୧୮୩୭, ରକବା- ଏ୦.୦୬୫, ସ୍ୱତ୍ୱ- ସ୍ଥିତିବାନ୍, କିସମ, ମିଉଟେସନ୍ ଖାତା- ୬୨୧/୪୧୭, ମିଉଟେସନ୍ ପ୍ଲଟ୍ ନଂ.-୧୮୩୭/୩୫୯୯, ରକବା- ଏ୦.୦୬୫, ସ୍ୱତ୍ୱ- ସ୍ଥିତିବାନ୍, କିସମ। ହାଲ୍ ଖାତା ନଂ.- ୧୦୮୯, ହାଲ୍ ପ୍ଲଟ୍ ନଂ.-୪୦୭୪, ରକବା- ଏ୦.୦୮୦ଡି. ସ୍ୱଧରୁ ଏ୦.୦୬୫ଡି., ସ୍ୱତ୍ୱ- ସ୍ଥିତିବାନ୍, କିସମ

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ ବା ଉତ୍ତରାଧିକାରୀ ୱାଲି ୱାରଷମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଏସଲା କରାଯିବ।

ତା.୧୩।୧୨।୨୦୨୩
ଭୁବନେଶ୍ୱର

ମାନ୍ୟବର ଅତିରିକ୍ତ କମିଶନରଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଧିକାରୀ
ଧ-୨୦୪୦

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଡିସେମ୍ବର ୧୮/୨୦୨୩ Bhubaneswar, Monday, December 18/ 2023

# ୨ ବିଭାଗରେ ଭାରତକୁ ଟାଇଟଲ



ପଦକ ସହ ମିକ୍ସଡ ଡବଲ୍ସ ଚାମ୍ପିୟନ ଭାରତର ଧ୍ରୁବ କପିଳା ଓ ତନୀଷା କ୍ରାଷ୍ଟୋ, ମହିଳା ଡବଲ୍ସ ରନରଅପ୍ ତନୀଷା କ୍ରାଷ୍ଟୋ ଓ ଅଶ୍ୱିନୀ ପୋନ୍ନାପା। ମହିଳା ସିଙ୍ଗଲ୍ସ ଚାମ୍ପିୟନ ଜାପାନର ନୋଜୋମି ଓକୁହାରାଙ୍କ ସହ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା। (ଫଟୋ: ରାଜକିଶୋର ମହାନ୍ତି)

## ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ

କଟକ,୧୭।୧୨
(ସୁପ୍ରିୟା ପ୍ରିୟଦର୍ଶିନୀ)

ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ତଥା ବିଡବ୍ଲ୍ୟୁଏଫ ଟୁର୍ ସୁପର-୧୦୦ ରବିବାର ଉଦ୍‌ଯାପିତ ହୋଇଛି। ମୋଟ ୫ ଇଭେଣ୍ଟରୁ ଭାରତୀୟ ପ୍ରତିଯୋଗୀ ୨ଟିରେ ଟାଇଟଲ ହାସଲ କରିଛନ୍ତି। ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମରେ ଏହି ଟୁର୍ନାମେଣ୍ଟ ୬ଦିନ ଧରି ଚାଲିଥିଲା। ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ(ବିଡବ୍ଲ୍ୟୁଏଫ) ଦ୍ୱାରା ଅନୁଷ୍ଠିତ ପ୍ରତିଯୋଗିତାରେ ୨୭ ଦେଶର ୩୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତିଯୋଗିତାର ପୁରୁଷ ସିଙ୍ଗଲ୍ସରେ ଭାରତର ସତୀଶ କୁମାର ଚାମ୍ପିୟନ ହୋଇଛନ୍ତି । ଅନ୍ୟତମ ଭାରତୀୟ ପ୍ରତିଦ୍ୱନ୍ଦୀ ଆୟୁଷ ଶେଟ୍ଟୀଙ୍କ ସହ ୧ ଘଣ୍ଟା ୬ ମିନିଟ ଧରି ହୋଇଥିବା ଫାଇନାଲ ମୁକାବିଲା ରୋମାଞ୍ଚକ ହୋଇଥିଲା। ପ୍ରଥମ ସେଟ୍‌କୁ ୨୧-୧୮ ଗେମ୍‌ରେ ଜିତି ଅଗ୍ରଣୀ ହାସଲ କରିଥିଲେ ସତୀଶ। ଦ୍ୱିତୀୟ ସେଟ୍‌ରେ ଆୟୁଷ ୨୧-୧୯ ଗେମ୍‌ରେ ବିଜୟୀ ହୋଇ ସ୍ଥିତିବରାବର କରିଥିଲେ। ୨୨ବର୍ଷୀୟ ସତୀଶ ୩ୟ ସେଟ୍‌ରେ ସହଜରେ ବିଜୟ ପଏଣ୍ଟ ହାତେଇଥିଲେ। ଏହି ସେଟ୍‌ଟି ୨୧-୧୪ ଗେମ୍‌ରେ ଶେଷ ହୋଇଥିଲା। ଏଠାରେ ଚାମ୍ପିୟନ ହୋଇଥିବା ସତୀଶଙ୍କର ଏହା ହେଉଛି ୬ଷ୍ଠ ବିଡବ୍ଲ୍ୟୁଏଫ ଟାଇଟଲ୍। ସେହିପରି ମହିଳା ସିଙ୍ଗଲ୍ସରେ ଜାପାନର ନୋଜୋମି ଓକୁହାରା ଚାମ୍ପିୟନ ହୋଇଛନ୍ତି। ହଂକଂର ଲୋ ସିନ ୟାନ ହାପିଙ୍କୁ ସେ ୨୧-୭, ୨୧-୨୩, ୨୨-୨୦ ଗେମ୍‌ରେ ପରାସ୍ତ କରି ଟାଇଟଲ୍ ଜିତିଛନ୍ତି। ପୁରୁଷ ଡବଲ୍ସ ଇଭେଣ୍ଟରେ ଭାରତକୁ ନିରାଶ ହେବାକୁ ପଡ଼ିଛି। ଚାଇନିଜ ତାଇପେ ଯୋଡ଼ି ଲିନ ବିଙ୍ଗ ୱି ଏବଂ ସୁ ଚିଙ୍ଗ ହେଙ୍ଗ ୨-୧ ସେଟ୍‌ରେ ଭାରତୀୟ ଯୋଡ଼ି କ୍ରିଷ୍ଣା ପ୍ରସାଦ ଓ ସାଇ ପ୍ରତୀକଙ୍କୁ ହରାଇଥିଲେ। ମିକ୍ସଡ ଡବଲ୍ସରେ ଭାରତର ଧ୍ରୁବ କପିଳା ଓ ତନୀଷା କ୍ରାଷ୍ଟୋ ଚାମ୍ପିୟନ ହୋଇଛନ୍ତି । ସିଙ୍ଗାପୁରର ହି ୟଙ୍ଗ କାଇ ଏବଂ ତାନ ୱିନ ହାନ୍ ଜେସିକାଙ୍କଠାରୁ ପ୍ରଥମ ସେଟ୍‌ରେ ୨୧-୧୭ ଗେମରେ ପରାସ୍ତ ହୋଇଥିଲେ। ମାତ୍ର ପରବର୍ତ୍ତୀ ଦୁଇଟି ଯାକ ସେଟ୍‌ରେ କପିଳା ଓ ତନୀଷା ୨୧-୧୯, ୨୩-୨୧ ଗେମ୍‌ରେ ବିଜୟୀ ହୋଇ ଟାଇଟଲ୍ ଜିତିଥିଲେ । ମହିଳା ଡବଲ୍ସ ଇଭେଣ୍ଟରେ ଭାରତ ଚାମ୍ପିୟନ ହେବାରୁ ବଞ୍ଚିତ ହୋଇଛି। ଫାଇନାଲ ମୁକାବିଲାରେ ଭାରତର ତନୀଷା କ୍ରାଷ୍ଟୋ ଏବଂ ଅଶ୍ୱିନୀ ପୋନ୍ନାପାଙ୍କ ଯୋଡ଼ି ଭେଟିଥିଲା ଇଣ୍ଡୋନେସିଆର ମେଲିସା ଟ୍ରିଆସ ଏବଂ ରାଚେଲ ଆଲିସିଆଙ୍କ ଯୋଡ଼ିକୁ। ଏଥିରେ ଇଣ୍ଡୋନେସିଆ ପ୍ରତିଯୋଗୀ ଦ୍ୱୟ ୨୧-୧୪, ୨୧-୧୭ ଗେମ୍‌ରେ ବିଜୟୀ ହୋଇଥିଲେ। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ କଟକ ମେୟର ସୁବାସ ଚନ୍ଦ୍ର ସିଂ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ଟେଷ୍ଟ ସିରିଜରୁ ଓହରିଲେ ଇଶାନ କିଶନ

ସେଞ୍ଚୁରିଅନ୍, ୧୭।୧୨(ପି.ଟି.)

ଭାରତୀୟ ଦଳର ପ୍ରମୁଖ ଉଇକେଟକିପର-ବ୍ୟାଟର ଇଶାନ କିଶନ ଦକ୍ଷିଣ ଆଫ୍ରିକା ବିପକ୍ଷ ଆଗାମୀ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରୁ ଓହରିଯାଇଛନ୍ତି। ବ୍ୟକ୍ତିଗତ କାରଣରୁ ସେ ଘରବାହୁଡ଼ା କରିଛନ୍ତି। ତାଙ୍କ ସ୍ଥାନରେ ବର୍ତ୍ତମାନ ଦକ୍ଷିଣ ଆଫ୍ରିକାରେ ଭାରତ ଏ'ର ଅଧିନାୟକ ଦାୟିତ୍ୱ ତୁଲାଉଥିବା କେ.ଏସ୍. ଭରତଙ୍କୁ ଦଳରେ ସାମିଲ କରାଯାଇଛି। ଇଶାନ କିଶନ ବ୍ୟକ୍ତିଗତ କାରଣ ଦର୍ଶାଇ ଆଗାମୀ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜରୁ ତାଙ୍କୁ ବାଦ୍ ଦେବା ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଅନୁରୋଧ କରିଥିଲେ। ସିଲେକ୍ସନ କମିଟି ତାଙ୍କ ଅନୁରୋଧକୁ ରକ୍ଷା କରିବା ସହ ବଦଳ ଖେଳାଳି ହିସାବରେ କେ.ଏସ୍. ଭରତଙ୍କୁ ମନୋନୀତ କରିଥିଲା। ସୂଚନାଯୋଗ୍ୟ, ଅତୀତରେ ଭରତଙ୍କୁ ୫ ଟେଷ୍ଟ ମ୍ୟାଚରେ ସୁଯୋଗ ଦିଆଯାଇଥିଲା। ମାତ୍ର ସେ ଥରେ ହେଲେ ଅର୍ଦ୍ଧଶତକ ହାସଲ କରିବାରେ ସମର୍ଥ ହୋଇ ନ ଥିଲେ। ଏଥିପାଇଁ କିଶନଙ୍କୁ ୱେଷ୍ଟଇଣ୍ଡିଜରେ ଟେଷ୍ଟ ପଦାର୍ପଣର ସୁଯୋଗ ମିଳିଥିଲା। କେ.ଏଲ୍. ରାହୁଲ ଉଇକେଟ କିପିଙ୍ଗ କରିବେ ବୋଲି ଆଶା କରାଯାଉଛି। **ଭାରତୀୟ ଟେଷ୍ଟ ଦଳ:** ରୋହିତ ଶର୍ମା(ଅଧିନାୟକ), ଶୁବମନ ଗିଲ୍, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ଶ୍ରେୟସ ଆୟର, ଋତୁରାଜ ଗାଏକ୍ୱାଡ, କେ.ଏଲ୍. ରାହୁଲ, ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଶାର୍ଦ୍ଦୁଳ ଠାକୁର, ମହମ୍ମଦ ସିରାଜ, ମୁକେଶ କୁମାର, ଯଶପ୍ରୀତ ବୁମ୍‌ରା (ଉପଅଧିନାୟକ), ପ୍ରସିଦ୍ଧ କ୍ରିଷ୍ଣା, କେ.ଏସ୍. ଭରତ (ଉଇକେଟକିପର)।

## ରାଜ୍ୟ ଜୁ-ଜିତ୍ସୁ: ଖୋର୍ଦ୍ଧା ଦଳଗତ ଚାମ୍ପିୟନ

ଭୁବନେଶ୍ୱର, ୧୭।୧୨
(ବିଜୟ ରଣା)

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ରାଜ୍ୟ ଜୁ-ଜିତ୍ସୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲାରୁ ୧୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଖୋର୍ଦ୍ଧା ଦଳଗତ ଚାମ୍ପିୟନ ହୋଇଥିବା ବେଳେ କଟକ ଦ୍ୱିତୀୟ ଏବଂ ପୁରୀ ତୃତୀୟ ହୋଇଛି। ରବିବାର ସକାଳେ ପ୍ରତିଯୋଗିତାକୁ ଜାତୀୟ ଜୁ ଜିତ୍ସୁ କୋଚ୍ ତଥା ରେଫରି ଏମ୍. ଆର. ଶହିଦ ଓ ବିଶ୍ୱ ଜୁ ଜିତ୍ସୁ ବ୍ରୋଞ୍ଜ ବିଜେତା ଅନୁପମା ସ୍ୱାଇଁ ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାର ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ଓଏସ୍‌ଡି ସନାତନ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଜୁ ଜିତ୍ସୁ ସଂଘର ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ମୀର ଅଜମତ ଅଲି, ହିମାଂଶୁ ଶେଖର ଦାସ, ଅବିନାଶ ପୁନ୍ଦର, ଖାରବେଳ ମଲିକ, ଏନ୍.ବି. ପଟ୍ଟନାୟକ, ଉମାକାନ୍ତ ବେହେରା, ରାଜୀବ ସିଂ, ମନ୍ମଥ ମିଶ୍ର, ରାକେଶ ମହାନ୍ତି, ସୁସମିନୀ ପାଲ୍‌ଟାସିଂ ପ୍ରମୁଖ ଉପସ୍ଥିତ ଥିଲେ।


ରାଜ୍ୟ ଜୁ-ଜିତ୍ସୁ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

## ନନ୍ଦକିଶୋର ମହିଳା ଫୁଟ୍‌ବଲ: ବିଡ଼ାନାସୀ ଚାମ୍ପିୟନ

ଭୁବନେଶ୍ୱର, ୧୭।୧୨ (ବିଜୟ ରଣା)

ସିଟି କ୍ଲବ ଏବଂ ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ୟୁନିଟ୍-୧ ଖେଳପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ନନ୍ଦକିଶୋର ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ବିଡ଼ାନାସୀ, କଟକ ଦଳ ୧-୦ ଗୋଲ୍‌ରେ କିଟ୍-କିସ୍‌କୁ ହରାଇ ଚଳିତବର୍ଷର ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ରୁଚି ମସଲାର ଏମ୍.ଡି. ଶରତ କୁମାର ସାହୁ, ପୂର୍ବତନ ଭାରତୀୟ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ପାଇକ ସଂଘର ସଭାପତି ପ୍ରକାଶ ଶ୍ରୀଚନ୍ଦନ, ମୁକ୍ତିକାନ୍ତ ଦାସ, ସହଦେବ ରାଉତ, ରଘୁ ପଣ୍ଡା, ଭାଗ୍ୟଧର ପଣ୍ଡା ଓ ସିଟି କ୍ଲବର ସମ୍ପାଦକ ପ୍ରଦୀପ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ରହି ବିଜେତା ଦଳକୁ ୫୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ।


ଅତିଥିଙ୍କ ସହ ଚାମ୍ପିୟନ ଓ ରନରଅପ୍ ଦଳର ଖେଳାଳିମାନେ।

## ସ୍କୁଲ୍ସ ଓପନ ଚେସ୍: ଲଳିତ ଚାମ୍ପିୟନ

**ଭୁବନେଶ୍ୱର, ୧୭।୧୨ (ତପନ ସ୍ୱାଇଁ):** ରାଜ୍ୟ ଚେସ୍ ଆସୋସିଏଶନ ଓ କେଶୁରା ରୟାଲ ପବ୍ଲିକ୍ ସ୍କୁଲର ମିଳିତ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟ ସ୍କୁଲ୍ସ ଓପନ ଚେସ୍‌ରେ କଟକ ଓଲ୍ଡ ଷ୍ଟିୱାର୍ଟ ସ୍କୁଲର ଲଳିତ ରଞ୍ଜନ ସାହୁ ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ପୂରା ୫ ପଏଣ୍ଟ ହାସଲ କରିଛନ୍ତି। ଭୁବନେଶ୍ୱର କେଭି-୧ର ଆଦର୍ଶ କୁମାର ବେରିହା ଓ ୟୁନିଟ-୧ ମଦର୍ସ ପବ୍ଲିକ୍ ସ୍କୁଲର ଆଦିତ୍ୟ ଶଙ୍କର ବେହେରା ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଞ୍ଜଳି ମିଶ୍ର, ସାତ୍ତ୍ୱିକ ପଟ୍ଟନାୟକ, ସତ୍ୟମ୍ ସ୍ୱରୂପ ସାହୁ, ଆୟାଭନ୍ତ ମହାନ୍ତି, ମିତ୍ରଭାନୁ ଖଟୁଆ, ସତ୍ୟମ ଓଝା ଓ ସୌମ୍ୟ ରଞ୍ଜନ ସାହୁ ଟପ୍-୧୦ ଫିନିଶ୍ କରିଛନ୍ତି। ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ, ଖୋର୍ଦ୍ଧା ଜିଲା ଭିଜିଲାନ୍ସ ଡିଏସ୍‌ପି ବ୍ରଜ କିଶୋର ସାହୁ, ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ପ୍ରମୋଦଙ୍କୁ ୨ ରୌପ୍ୟ ପଦକ

ଭୁବନେଶ୍ୱର, ୧୭।୧୨
(ତପନ ସ୍ୱାଇଁ)

ଦୁବାଇରେ ରବିବାର ଉଦ୍‌ଯାପିତ ୫ମ ଫାଜା ଦୁବାଇ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶାର ପ୍ରମୋଦ ଭଗତ ୨ଟି ରୌପ୍ୟ ପଦକ ହାସଲ କରିଛନ୍ତି। ପ୍ରମୋଦ ଏସ୍‌ଏଲ୍-୩ ସିଙ୍ଗଲ୍ସ ଫାଇନାଲରେ ଇଂଲଣ୍ଡର ଡାନିଏଲ ବେଥେଲଙ୍କଠାରୁ ୧୭-୨୧,୮-୨୧ରେ ପରାସ୍ତ ହୋଇଥିଲେ। ସେହିପରି ମିକ୍ସଡ ଡବଲ୍ସରେ ଅନ୍ୟତମ ଭାରତୀୟ ଖେଳାଳି ମନୀଷା ରାମଦାସଙ୍କୁ ସାଥିକରି ଖେଳିଥିବା ପ୍ରମୋଦ ଫାଇନାଲରେ ଇଣ୍ଡୋନେସିଆ ଯୋଡ଼ି ହିକମତ ରାମଦାନି ଓ ଲିଆନି ରାତ୍ରି ଓକ୍‌ତିଲାଙ୍କଠାରୁ ୧୪-୨୧, ୧୧-୨୧ରେ ହାରି ଯାଇଥିଲେ। ପ୍ରମୋଦଙ୍କ ସହ କୋଚ୍ ଶିବ ପ୍ରସାଦ ଦାସ ଦୁବାଇ ଯାତ୍ରା କରିଥିଲେ।

## ପାକିସ୍ତାନକୁ ୩୬୦ ରନରେ ହରାଇଲା ଅଷ୍ଟ୍ରେଲିଆ

**ପର୍ଥ, ୧୭।୧୨(ଏପି):** ସ୍ଥାନୀୟ ନ୍ୟୁ ୱାଣ୍ଡରର୍ସ ଷ୍ଟାଡିୟମରେ ଅଷ୍ଟ୍ରେଲିଆ ବନାମ ପାକିସ୍ତାନ ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚ ୪ ଦିନରେ ଶେଷ ହୋଇଛି। ଘରୋଇ ଦଳ ଏଥିରେ ୩୬୦ରନରେ ବିଜୟ ହାସଲ କରିଛି। ନାଥାନ ଲିଅନ୍ ଏଥିରେ ତାଙ୍କର ୫୦୦ ଉଇକେଟ ପୂରଣ କରିପାରିଛନ୍ତି। ରବିବାର ଚତୁର୍ଥ ଦିବସ ଖେଳ ମଧ୍ୟାହ୍ନ ଭୋଜନ ବିରତିର ଅଧଘଣ୍ଟା ପରେ ଅଷ୍ଟ୍ରେଲିଆ ଏହାର ଦ୍ୱିତୀୟ ଇନିଂସ ୨୩୩/୫ ସ୍କୋରରେ ଘୋଷଣା କରିଥିଲା। ଫଳରେ ପାକିସ୍ତାନ ପାଇଁ ୪୫୦ରନର କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଫାଇନାଲ ସେସନରେ ପାକିସ୍ତାନ ୩୦.୨ ଓଭରରେ ୮୯ ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ଏହାଥିଲା କ୍ରମାଗତ ୧୫ତମ ଟେଷ୍ଟ ପରାଜୟ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ